# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୧/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, September 21 / 2019 ★★

୧୫ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




### ଫାଇନାଲରେ ଅମିତ୍

ପ୍ରଥମ ଭାରତୀୟ ବକ୍ସର ଭାବେ ହରିୟାଣାର ଅମିତ୍ ପଙ୍ଘାଲ ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

୧୯

୧୨

### ଦୀପିକା ଆଉଟ୍ ଶ୍ରଦ୍ଧା ଇନ୍

ନିର୍ଦ୍ଦେଶକ ଲଭ୍ ରଞ୍ଜନଙ୍କ ଆଗାମୀ ଚଳଚ୍ଚିତ୍ରରେ ଶ୍ରଦ୍ଧା କପୁର ନଜରକୁ ଆସିବେ । ପୂର୍ବରୁ ଏଥିରେ ରଣବୀର ସିଂହଙ୍କ ସହ ଦୀପିକା ପାଦୁକୋନ ଆସିବେ ବୋଲି ଚର୍ଚ୍ଚା ହେଉଥିଲା।



## ୨୪ ଜିଲାରେ ହେବ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ): ରାଜ୍ୟର ୨୪ଟି ଜିଲାରେ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସିଭିଲ୍ କୋର୍ଟ ଆଇନ-୧୯୮୪ ଅନୁଯାୟୀ ଉପରୋକ୍ତ କୋର୍ଟଗୁଡ଼ିକ ଜଣେ ଜଣେ ଅତିରିକ୍ତ ଜିଲାଜଜ୍‌ଙ୍କ ଅଧୀନରେ କାର୍ଯ୍ୟ କରିବ ବୋଲି ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏହି କୋର୍ଟଗୁଡ଼ିକ ପୋକ୍ସୋ ଆକ୍ଟ-୨୦୧୨ (ପ୍ରୋଟେକସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍ ଆକ୍ଟ) ସମ୍ବନ୍ଧିତ ଅପରାଧ ମାମଲାଗୁଡ଼ିକର ବିଚାର କରିବ। ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, କଟକ, ଢେଙ୍କାନାଳ, ବ୍ରହ୍ମପୁର, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, ଭବାନୀପାଟଣା, କେନ୍ଦ୍ରାପଡ଼ା, କେଉଁଝର, ଖୋର୍ଦ୍ଧା, ଜୟପୁର, ବାରିପଦା, ନବରଙ୍ଗପୁର, ନୟାଗଡ଼, ଫୁଲବାଣୀ, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ମୋଟ ୨୪ଟି ସ୍ଥାନରେ ଏହି କୋର୍ଟ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

■ ମାନ୍ଦାବସ୍ଥା ଦୂରେଇବାକୁ ସୀତାରାମନ୍‌ଙ୍କ ପ୍ରୟାସ

# କର୍ପୋରେଟ ଟିକସ ହ୍ରାସ ଘୋଷଣା



■ ୩୦ରୁ ୨୫.୧୭%କୁ ଖସିଲା କର୍ପୋରେଟ ଟିକସ

■ ଅନ୍ୟକୌଣସି ଛାଡ଼ ନେଉ ନଥିଲେ ଘରୋଇ କମ୍ପାନୀ ଦେବେ ୨୨% ଟିକସ

■ ଅକ୍ଟୋବର ପହିଲା ପରେ ମାନୁଫାକ୍‌ଚରିଂ କମ୍ପାନୀ ଦେବେ ୧୫% ଟିକସ

ପାନାଜୀ,୨୦।୯

ଦେଶ ଏବେ ଘୋର ମାନ୍ଦାବସ୍ଥା ଦେଇ ଗତିକରୁଛି। ଏହାକୁ ଦୂରେଇବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପୂର୍ବରୁ ୩ ଥର ବିଭିନ୍ନ କ୍ଷେତ୍ର ଲାଗି ପ୍ରୋତ୍ସାହନ ଘୋଷଣା କରିସାରିଛନ୍ତି। ଏଠାରେ ଜିଏସ୍‌ଟି କାଉନସିଲର ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ପୂର୍ବରୁ ସମସ୍ତଙ୍କୁ ଚମକାଇ ଦେଇ ସେ କର୍ପୋରେଟ ଜଗତ ପାଇଁ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏଣିକି କମ୍ପାନୀଗୁଡିକ ୨୫.୧୭% ଦେବେ ବୋଲି ସେ କହିଛନ୍ତି। ସେହିପରି ସେ ମିନିମମ୍ ଅଲ୍ଟରନେଟ ଟିକସ, କ୍ୟାପିଟାଲ ଗେନ୍ସ ଟିକସ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରାଯିବ ବୋଲି ଘୋଷଣା କରିଛନ୍ତି। ଏହାଛଡ଼ା ସେ ନୂଆକରି ଗଢ଼ି ଉଠିବାକୁ ଥିବା ମାନୁଫାକ୍‌ଚରିଂ କମ୍ପାନୀ ପାଇଁ ମଧ୍ୟ ଟିକସ ହ୍ରାସ କରାଯିବ ବୋଲି କହିଛନ୍ତି।

ଶୁକ୍ରବାର ଏଠାରେ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଘରୋଇ କମ୍ପାନୀଗୁଡ଼ିକ କର୍ପୋରେଟ ଟିକସ ବାବଦରେ ୩୦% ଟିକସ ଦେଉଥିବା ବେଳେ ଏହାକୁ ହ୍ରାସ କରାଯାଇଛି। ସେମାନେ ଅନ୍ୟକୌଣସି ଟିକସ ଛାଡ଼ ନେଉ ନଥିଲେ ୨୨% ଟିକସ ଆଦାୟ କରାଯିବ। ତେବେ ସରଚାର୍ଜ ଓ ସେସ୍ ଆଦିକୁ ମିଶାଇଲେ ଏହି ଟିକସ ପରିମାଣ ୨୫.୧୭% ହେବ। ଏହା ଦକ୍ଷିଣ-ପୂର୍ବ ଏସିଆର ଅନ୍ୟ ଦେଶ ସହ ସମାନ ହୋଇଛି। ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱ ବଜାରରେ ଚାଇନା, ଦକ୍ଷିଣ କୋରିଆ ଓ ଇଣ୍ଡୋନେସିଆ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ସେହିପରି ଅକ୍ଟୋବର ପହିଲା ପରେ ପ୍ରତିଷ୍ଠିତ ଘରୋଇ ମାନୁଫାକ୍‌ଚରିଂ କମ୍ପାନୀଙ୍କ ଠାରୁ ଏଣିକି ୧୫% ଟିକସ ଆଦାୟ କରାଯିବ। ସରଚାର୍ଜ ଓ ସେସ୍ ମିଶାଇଲେ ଏହା ୧୭.୦୧% ହେବ। ପୂର୍ବରୁ ସେମାନଙ୍କ ଠାରୁ ୨୫% ଟିକସ ଆଦାୟ କରାଯାଉଥିଲା। ସୀତାରାମନ୍ କହିଛନ୍ତି ଯେ, ଷ୍ଟକ୍ ବଜାରରେ ନିବେଶ ବୃଦ୍ଧି ଉଦ୍ଦେଶ୍ୟରେ ସରକାର କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଛଡ଼ା ଜୁଲାଇ ୫ ପୂର୍ବରୁ ବାଏବ୍ୟାକ କରିବାକୁ ଘୋଷଣା କରିଥିବା କମ୍ପାନୀଙ୍କ ଠାରୁ ସରଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିଭଳି ସିଏସ୍‌ଆର୍ ବାବଦରେ ଖର୍ଚ୍ଚ ହେଉଥିବା ୨% ଅର୍ଥରାଶି ପରିଧିକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଓ ଉଦ୍ୟୋଗ ଜଗତ ସ୍ୱାଗତ କରିଛନ୍ତି।

### ସେନ୍‌ସେକ୍ସ ୧୦ବର୍ଷରେ ସର୍ବବୃହତ ବୃଦ୍ଧି

**ମୁମ୍ବାଇ,୨୦।୯:** ଅର୍ଥନୀତି ଅଭିବୃଦ୍ଧି ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ପକ୍ଷରୁ ଶୁକ୍ରବାର କର୍ପୋରେଟ ଟିକସ ହ୍ରାସ ସମେତ ନିବେଶ ବୃଦ୍ଧି ଲାଗି କେତେକ ଘୋଷଣା କରାଯାଇଛି। ଏହାକୁ ଷ୍ଟକ୍ ମାର୍କେଟ ସକାରାତ୍ମକ ଭାବେ ଗ୍ରହଣ କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ଗୋଟିଏ ଦିନରେ ୧୯୨୧.୧୫ ପଏଣ୍ଟ ବୃଦ୍ଧି ପାଇଛି, ଯାହା କି ୧୦ ବର୍ଷରେ ସର୍ବବୃହତ ବୃଦ୍ଧି କୁହାଯାଉଛି। ଶୁକ୍ରବାର କାରବାର ଶେଷ ବେଳକୁ ସେନ୍‌ସେକ୍ସ ୩୮,୦୧୪.୬୨ରେ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୫୬୯.୪୦ ପଏଣ୍ଟ ବୃଦ୍ଧି ପାଇ ୧୧,୨୭୪ରେ ବନ୍ଦ ହୋଇଛି।

ଜିଏସ୍‌ଟି କାଉନସିଲ୍‌ର ବଡ଼ ନିଷ୍ପତ୍ତି

# ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ

ପଣଜୀ,୨୦।୯

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଏସ୍‌ଟି କାଉନସିଲର ୩୭ତମ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମାନ୍ଦାବସ୍ଥା ଘେରରେ ଥିବା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାଉନସିଲ କେତେକ ନିଷ୍ପତ୍ତି ନେଇଥିବା ବେଳେ ଅଟୋ ସେକ୍ଟର ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

ବୈଠକ ଶେଷରେ ଅର୍ଥମନ୍ତ୍ରୀ ସୀତାରାମନ୍ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଟିକସର ଅଧିକ ସରଳୀକରଣ ଏବଂ ନିୟମକୁ ଯୁକ୍ତିସଙ୍ଗତ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ପର୍ଯ୍ୟଟନ ଶିଳ୍ପର ଅଙ୍ଗ ଭାବେ ପରିଗଣିତ ହୋଟେଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଣିକି ୧ ହଜାର ଟଙ୍କା ପର୍ଯ୍ୟନ୍ତ ହୋଟେଲ ରୁମ୍ ପାଇଁ କୌଣସି ଜିଏସ୍‌ଟି ଲାଗୁ କରାଯିବ ନାହିଁ। ସେହିପରି ୧୦୦୧ରୁ ୭୫୦୦ ଟଙ୍କା ପର୍ଯ୍ୟନ୍ତ ରୁମ୍ ପାଇଁ ୧୨% ଏବଂ ୭୫୦୦ ଟଙ୍କାରୁ ଊର୍ଦ୍ଧ୍ୱର ରୁମ୍ ପାଇଁ ୧୮% ଜିଏସ୍‌ଟି ଆଦାୟ କରାଯିବ। ପୂର୍ବରୁ ସମସ୍ତ ପ୍ରକାର ହୋଟେଲ ରୁମ୍ ପାଇଁ ୨୮% ଜିଏସ୍‌ଟି ଆଦାୟ କରାଯାଉଥିଲା। ତେବେ ମୃଦୁ ପାନୀୟ ମହଙ୍ଗା ହେବାକୁ ଯାଉଛି। ସୀତାରାମନ୍ କହିଛନ୍ତି ଯେ, କାଉନସିଲ୍ ମୃଦୁ ପାନୀୟ ଉପରେ ଜିଏସ୍‌ଟି ହାରକୁ ୧୮ରୁ ୨୮%କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ଏହା ଉପରେ ଅତିରିକ୍ତ ୧୨% କ୍ଷତିପୂରଣ ସେସ୍ ଆଦାୟ କରାଯିବ। ଏଣିକି ମୃଦୁ ପାନୀୟ କ୍ଷତିପୂରଣ ଯୋଜନା ଅଧୀନରେ ରହିବ ନାହିଁ। ସୀତାରାମନ୍ କହିଛନ୍ତି ଯେ, ଫୁଲ, ପତ୍ର ଏବଂ ବାୟୋଫ୍ରେଣ୍ଡଲି ସାମଗ୍ରୀରେ ତିଆରି କପ୍,ପ୍ଲେଟ୍ ଉପରେ କୌଣସି ଜିଏସ୍‌ଟି ଆଦାୟ କରାଯିବ ନାହିଁ। ବର୍ତ୍ତମାନ ଏଭଳି ସାମଗ୍ରୀ ଉପରେ ୫% ଜିଏସ୍‌ଟି ଆଦାୟ କରାଯାଉଛି। ସେହିଭଳି ରେଳ କୋଚ୍ ଓ ୱାଗନ ଉପରେ ଜିଏସ୍‌ଟିକୁ ୫ରୁ ୧୨%କୁ ବୃଦ୍ଧି କରାଯାଇଛି। ଏହାଛଡ଼ା ଏହା ଉପରେ ସଞ୍ଚିତ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ରିଫଣ୍ଡ ପ୍ରଦାନ କରାଯିବ ନାହିଁ। ସେହିଭଳି ଜାହାଜରେ ବ୍ୟବହୃତ ତେଲ ଉପରେ ଜିଏସ୍‌ଟିକୁ ୧୮ରୁ ୫%କୁ ହ୍ରାସ କରାଯାଇଛି। ଉଭେନ/ନନ୍ ଉଭେନ ପଲିଥିନ ବ୍ୟାଗ ଉପରେ ଏକପ୍ରକାର ୧୨% ଜିଏସ୍‌ଟି ଆଦାୟ କରାଯିବ। ଏହାଛଡା ବିଦେଶୀ ନିର୍ମିତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ଉପରେ ଜିଏସ୍‌ଟି/ଆଇଜିଏସ୍‌ଟି ଛାଡ଼କୁ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


■ ଜିଲାପାଳ-ଓକିଲ ସଂଘ ମଧ୍ୟରେ ବିବାଦ

# ଜିଲାକାର୍ଯ୍ୟାଳୟଘେରାଉ, ଉତ୍ତେଜନା



ଅତିରିକ୍ତ ଜିଲାପାଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

■ ଜିଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ

■ ଅତିରିକ୍ତ ଜିଲାପାଳଙ୍କୁ ଠେଲାପେଲା

■ ନିଃସର୍ତ୍ତ କ୍ଷମା ଦାବି କଲା ଓକିଲ ସଂଘ

ଢେଙ୍କାନାଳ ଅଫିସ, ୨୦।୯

ଢେଙ୍କାନାଳ ଜିଲାପାଳ ଏବଂ ଓକିଲ ସଂଘ ମଧ୍ୟରେ ଶୁକ୍ରବାର ଦେଖାଦେଇଛି ବିବାଦ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଓକିଲ ସଂଘ ପକ୍ଷରୁ ଅପରାହ୍ନରେ ଜିଲା କାର୍ଯ୍ୟାଳୟ ଘେରାଉ କରାଯାଇଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କୁ ଠେଲାପେଲା ଏବଂ କାର୍ଯ୍ୟାଳୟର ଫୁଲକୁଣ୍ଡ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଜିଲାପାଳ ନିଃସର୍ତ୍ତ କ୍ଷମା ନ ମାଗିବା ଯାଏ ତାଙ୍କୁ କାର୍ଯ୍ୟାଳୟରେ ପୂରାଇ ଦିଆଯିବ ନାହିଁ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହା ଏକ ଛୋଟିଆ ଭୁଲ ବୁଝାମଣା। ଏ ସମ୍ପର୍କରେ ବାର ଆସୋସିଏଶନ ସଦସ୍ୟଙ୍କ ସହ ଆଲୋଚନା କରାଯିବ। ନିଶ୍ଚିତ ଭାବେ ସମାଧାନର ବାଟ ବାହାରିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

ଘଟଣାରୁ ଜଣାପଡ଼ିଛି, ଜମି ଅଧିଗ୍ରହଣ ସଂକ୍ରାନ୍ତରେ ମାମଲାର ଶୁଣାଣି ପାଇଁ ଜିଲାପାଳଙ୍କ ପକ୍ଷରୁ ଶୁକ୍ରବାରକୁ ଦିନ ଧାର୍ଯ୍ୟ କରାଯାଇଥିଲା। ତଦନୁଯାୟୀ କେତେଜଣ ଆଇନଜୀବୀ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ପ୍ରକୋଷ୍ଠରେ ପହଞ୍ଚିଥିଲେ। ଏହି ସମୟରେ ଜିଲାପାଳ ସେଠୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ବୈଠକରେ ବସିଥିଲେ। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବ ହେବାରୁ ଅପେକ୍ଷାରତ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ସମୟରେ ଜିଲାପାଳଙ୍କ ପ୍ରକୋଷ୍ଠରୁ ଅବକାରୀ ବିଭାଗର ଜଣେ ଅଧିକାରୀ ଆସି ବୈଠକ ଚାଲୁଥିବାରୁ ଓକିଲଙ୍କୁ ଚୁପ୍ ରହିବାକୁ କହିଥିଲେ। ଏହାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

☞ପୃଷ୍ଠା-୪

ଆଇନ ଛାତ୍ରୀ ବଳାତ୍କାର ମାମଲା

# ଜେଲ ଗଲେ ଚିନ୍ମୟାନନ୍ଦ

ଶାହଜାହାନପୁର,୨୦।୯(ଆଇଏଏନ୍‌ଏସ୍)

ଆଇନ ଛାତ୍ରୀ ବଳାତ୍କାର ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଭାବଶାଳୀ ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦ ଓରଫ କୃଷ୍ଣପାଲ୍ ସିଂ ଗିରଫ ହୋଇଛନ୍ତି। ପୀଡିତାଙ୍କ ପରିବାର ସହ ବୁଝାମଣା ପାଇଁ ସହଯୋଗୀମାନଙ୍କ ଉଦ୍ୟମ ଏବଂ ତାଙ୍କ କୌଶଳ ଭାଜପା ନେତାଙ୍କୁ ଗିରଫଦାରିରୁ ରକ୍ଷା କରିପାରି ନାହିଁ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଶୁକ୍ରବାର ସକାଳେ ଚିନ୍ମୟାନନ୍ଦଙ୍କୁ ତାଙ୍କ ମୁମୁକ୍ଷୁ ଆଶ୍ରମରୁ ଗିରଫ କରିଛି। କୋର୍ଟରେ ହାଜର ପରେ ତାଙ୍କୁ ୧୪ ଦିନ ପାଇଁ ଶାହଜାହାନପୁର

☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ବାବୁଙ୍କ ବିଦ୍ରୋହ

### ଆଜିର ମନ୍ତବ୍ୟ

" ପାକିସ୍ତାନ ସବୁବେଳେ ଭାରତର ଜାତୀୟ ନେତୃତ୍ୱକୁ ନ୍ୟୂନ ମନେକରିଆସିଛି।

-ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ


NECC NATIONAL EGG CO-ORDINATION COMMITTEE 20.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers



ଧରିତ୍ରୀ DHARITRI

ଆସନ୍ତୁ ଗଢିବା ଏକ
#PlasticFreeOdisha
#MyPaperBagChallenge



ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।


■ ଗ୍ରାହମ ଷ୍ଟେନ୍ସ ପୋଡ଼ି ଘଟଣା

# ଦାରା ସିଂଙ୍କ ସହଯୋଗୀଙ୍କୁ ଗିରଫ କଲା ସିବିଆଇ

ଠାକୁରମୁଣ୍ଡା,୨୦।୯(ଡି.ଏନ୍.ଏ.)

ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କୁ ପୋଡ଼ି ହତ୍ୟା କରିଥିବା ଘଟଣାରେ ଫେରାର ଥିବା ଦାରା ସିଂଙ୍କ ଜଣେ ସହଯୋଗୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ କୋଲ୍‌କାତାର ସି.ବି.ଆଇ. ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଦ୍ଧଦେବ ନାୟକ। ଠାକୁରମୁଣ୍ଡା ଥାନା ଭରାଣ୍ଡିହା ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମସ୍ଥିତ ଘରୁ ତାଙ୍କୁ ଗିରଫ କରି ଭୁବନେଶ୍ୱର ନିଆଯାଇଥିବା ଠାକୁରମୁଣ୍ଡା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୯୯ ଜାନୁୟାରୀ ୨୨ ତାରିଖରେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ଚର୍ଚ୍ଚ ସମ୍ମୁଖରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କୁ ଦାରା ସିଂ ଓ ତାଙ୍କ ସହଯୋଗୀମାନେ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା।





ବୈଦ୍ୟନାଥ
ଚ୍ୟବନପ୍ରାଶ ପରିବାର

ଚ୍ୟବନ-ଭିଟ୍ ସୁଗର ଫ୍ରୀ ଚ୍ୟବନପ୍ରାଶ : ମଧୁମେହ ରୋଗୀଙ୍କ ପାଇଁ ଅତ୍ୟୁତ୍ତମ ସ୍ୱାସ୍ଥ୍ୟ ବର୍ଦ୍ଧକ।
ଚ୍ୟବନପ୍ରାଶ ସ୍ପେଶାଲ : ପୂରା ପରିବାର ପାଇଁ ରୋଗ-ନିରୋଧକ ଶକ୍ତି ଯୋଗାଇବା ଏବଂ ସୁସ୍ୱାସ୍ଥ୍ୟ, ଓ ସବଳତା ପାଇଁ ଏଥିରେ ରହିଛି ୫୨ଟି ଚେରମୂଳି ଓ ଖନିଜ
କେଶରୀ କଳ୍ପ ରୟାଲ ଚ୍ୟବନପ୍ରାଶ : ବୟୋବୃଦ୍ଧି ଦୂରକରିବା ସହିତ ଗୋଲ୍ଡ, ସିଲଭର ଓ ସାଫ୍ରନ ସମୃଦ୍ଧ ବାର୍ଦ୍ଧକ୍ୟ ପ୍ରତିରୋଧୀ ତାରୁଣ୍ୟ ସୃଷ୍ଟିକାରୀ ସପ୍ଲିମେଣ୍ଟ

Shop online at www.baidyanath.com Customer Care: 1800 102 1855 (10 am to 6 pm)



“ ୧୯୬୨ ତୁଳନାରେ ୨୦୧୯ରେ ରାଜନୀତିରେ ଅସନ୍ତୋଷ ବ୍ୟକ୍ତ କରିବାର ସ୍ଥାନ ନାଟକୀୟ ଭାବେ ସଙ୍କୁଚିତ ହୋଇଯାଇଛି।

–ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା



# ଜଳବାୟୁ ପରିବର୍ତ୍ତନ ମୁକାବିଲା ଜରୁରୀ

ନୂଆଦିଲ୍ଲୀ/ନ୍ୟୁୟର୍କ,୨୦।୯

ଜଳବାୟୁ ପରିବର୍ତ୍ତନ ସଙ୍କଟ ମୁକାବିଲାରେ ବିଫଳତାକୁ ନେଇ ଚିନ୍ତିତ ଓ ଭବିଷ୍ୟତକୁ ନେଇ ଉତ୍କଣ୍ଠିତ ଅଗଣିତ ସ୍ୱଳ୍ପବୟସ୍କ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ଏଭଳି ଭାବେ ବିଶ୍ୱ ଜଳବାୟୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି, ଯାହାର ନାମ ରଖାଯାଇଛି 'ଫ୍ରାଇଡେ ଫର୍ ଫ୍ୟୁଚର'। ଆମେରିକାର ନ୍ୟୁୟର୍କରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ପୂର୍ବରୁ ବିଶ୍ୱବ୍ୟାପୀ ଏଭଳି ବିକ୍ଷୋଭ କାର୍ଯ୍ୟକ୍ରମ ଚାଲିଛି। ବିକ୍ଷୋଭ ବେଳର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଅଙ୍ଗାରକାମ୍ଳ ଉତ୍ସର୍ଜନ ବୃଦ୍ଧି ବିରୋଧରେ ମୁଣ୍ଡ ଟେକିଥିବା ଏହି ଆନ୍ଦୋଳନ କେବଳ ୟୁରୋପୀୟ ଦେଶରେ ସୀମିତ ହୋଇ ରହିନାହିଁ। ଏଥିରେ ପ୍ରାୟ ସବୁ ମହାଦେଶର ଲକ୍ଷ ଲକ୍ଷ ଜନତା ବିଶେଷକରି କିଶୋରୀକିଶୋର ଓ ଯୁବତୀଯୁବକ ଯୋଡ଼ିହୋଇ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ଏହିକ୍ରମରେ ଆମେରିକାରେ ୮୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଜର୍ମାନୀରେ ୪୦୦ ରାଲିର ଆୟୋଜନ କରାଯାଇଛି। ଅଷ୍ଟ୍ରେଲିଆର ମେଲବୋର୍ନ ସହରରେ ଆୟୋଜିତ ରାଲିରେ ଲକ୍ଷାଧିକ ବିକ୍ଷୋଭକାରୀ ସାମିଲ ହୋଇଛନ୍ତି, ଯାହାକି ଦେଶର ଇତିହାସରେ ଜଳବାୟୁ ପରିବର୍ତ୍ତନ ବିରୋଧୀ ସବୁଠୁ ବଡ଼ ଆୟୋଜନ। ୧୭ ବର୍ଷୀୟ ନିଆମ୍ ଓ'କୋନୋର ସ୍ମିଥ୍ ମେଲବୋର୍ନ ସଭାକୁ ସମ୍ବୋଧିତ କରି କହିଛନ୍ତି, ସମସ୍ତେ ଏକ ନିରାପଦ ଭବିଷ୍ୟତ ଚାହାନ୍ତି, ଯାହାକୁ ଆମ ସରକାର ଅଦ୍ୟାବଧି ସମର୍ଥନ କରିନାହିଁ। ଆମେ ସମସ୍ତେ ଏକଜୁଟ ହୋଇ ଏଥିରେ ପରିବର୍ତ୍ତନ ଆଣିପାରିବା। ଅଷ୍ଟ୍ରେଲିଆ ଉପପ୍ରଧାନମନ୍ତ୍ରୀ ମାଇକେଲ ମ୍ୟାକ୍ କୋରମାକ୍ ଏହି ବିକ୍ଷୋଭକୁ ଏକ ବ୍ୟାଘାତ ଭାବେ ଅଭିହିତ କରି ଛାତ୍ରୀଛାତ୍ର ଆନ୍ଦୋଳନସ୍ଥଳ ଅପେକ୍ଷା ସ୍କୁଲରେ ଅଧିକ ଶିଖିପାରିବେ ବୋଲି କହିଛନ୍ତି। ଫିଲିପାଇନ୍ସର କ୍ୱେଜନ ସହରରେ ବିକ୍ଷୋଭକାରୀମାନେ ବିଶାଳ ଶୋଭାଯାତ୍ରା କରିଛନ୍ତି। ଜଣକ ହାତରେ ଥିବା ପ୍ଲାକାର୍ଡରେ ଲେଖାଅଛି, 'ପୃଥିବୀର ମୃତ୍ୟୁ ଆସନ୍ନ। ଏବେ କାର୍ଯ୍ୟାନୁଷ୍ଠାନର ବେଳ।' କେନିଆ ରାଜଧାନୀ ନାଇରୋବିରେ ବ୍ୟାନର ପୋଷ୍ଟର ଛାଇଦେଇଛନ୍ତି ବିକ୍ଷୋଭକାରୀ। 'ଏବେ ଜଳବାୟୁ ଜରୁରିକାଳୀନ ପରିସ୍ଥିତି' ବୋଲି ଏକ ପୋଷ୍ଟରରେ ଲେଖାଥିବାବେଳେ ଜଣେ ଯୁବତୀ ବ୍ୟଙ୍ଗ କରି କହୁଥିଲେ, ବିଶ୍ୱ ଦିନକୁ ଦିନ ଉତ୍ତପ୍ତ ହେବାରେ ଲାଗିଛି। ଏହାର ଉତ୍ତାପ ମୋ କାଳ୍ପନିକ ପୁରୁଷବନ୍ଧୁଙ୍କଠାରୁ ମଧ୍ୟ ଅଧିକ। ଜର୍ମାନୀର ବର୍ଲିନରେ ମଧ୍ୟ ଲକ୍ଷାଧିକ ବିକ୍ଷୋଭକାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ବ୍ରିଟେନର ବ୍ରାଇଟନ୍‌ରୁ ନେଇ ଏଡିନ୍‌ବର୍ଗ ପର୍ଯ୍ୟନ୍ତ ଏବଂ ରାଜଧାନୀ ଲଣ୍ଡନରେ ଜଳବାୟୁ ପରିବର୍ତ୍ତନକୁ ନେଇ ସଚେତନତା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମୁମ୍ବାଇରେ ଛୋଟଛୋଟ ପିଲାମାନେ ସେମାନଙ୍କଠାରୁ ବଡ଼ ରେନିକୋଟ୍ ପିନ୍ଧି ବର୍ଷାରେ ଶୋଭାଯାତ୍ରା କରିଥିଲେ। ବିଶ୍ୱର ସବୁଠୁ ପ୍ରଦୂଷିତ ସହର ନୂଆଦିଲ୍ଲୀରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଜଣେ ବିକ୍ଷୋଭକାରୀ ସ୍ଲୋଗାନ ଦେଉଥିଲେ, 'ମୁଁ ସ୍ୱଚ୍ଛବାୟୁ ଗ୍ରହଣ କରିବାକୁ ଚାହେଁ।' ପଡ଼ୋଶୀ ପାକିସ୍ତାନର 'କ୍ଲାଇମେଟ ଆକ୍ସନ ନାଓ' ସଙ୍ଗଠନ ପକ୍ଷରୁ ୨୫ ସହରରେ ଜଳବାୟୁ ପରିବର୍ତ୍ତନ ନେଇ ଶୋଭାଯାତ୍ରା କରାଯାଇଛି। ତେବେ ବିଶ୍ୱର ସବୁଠୁ ଅଧିକ ସବୁଜଗୃହ ଉତ୍ସର୍ଜନକାରୀ ଚାଇନାରେ ବିକ୍ଷୋଭକୁ ଅନୁମତି ମିଳୁ ନ ଥିବାରୁ ଏହି ଦେଶରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

## ବିଶ୍ୱବ୍ୟାପୀ ବିକ୍ଷୋଭ ଶୋଭାଯାତ୍ରା



ବର୍ଲିନସ୍ଥିତ ବ୍ରାଣ୍ଡେନ୍‌ବର୍ଗ ଗେଟ୍ ସାମ୍ନାରେ ଜଳବାୟୁ ପରିବର୍ତ୍ତନ ବିକ୍ଷୋଭରେ ସାମିଲ ହୋଇଥିବା ୩ ବ୍ୟକ୍ତି ବେକରେ ଫାଶୀ ଲଗାଇ ବରଫ ଖଣ୍ଡ ଉପରେ ଛିଡ଼ା ହୋଇଛନ୍ତି।

## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର




ସିଡ୍‌ନୀରେ ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି 'ଗ୍ଲୋବାଲ୍ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍' ରାଲିରେ ଭାଗନେଇଛନ୍ତି।

## ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀ

## ଭାରତର ପକ୍ଷ ରଖିବେ ମୋଦି

**ନୂଆଦିଲ୍ଲୀ/ନ୍ୟୁୟର୍କ,୨୦।୯:** ଆମେରିକାର ନ୍ୟୁୟର୍କରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସୋମବାର ହେବ। ଏଥିରେ ଯୋଗଦେବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିଶ୍ୱନେତାଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନେଇ ପକ୍ଷ ରଖିବେ। ମୋଦିଙ୍କ ଭାଷଣରେ ଏହି କ୍ଷେତ୍ରରେ ଭାରତର ସଫଳତା ଓ ଯୋଜନା ମୁଖ୍ୟ ବିଷୟ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି।

ଜଳବାୟୁ ପରିବର୍ତ୍ତନଜନିତ ସବୁଜଗୃହ ବାଷ୍ପ ଉତ୍ସର୍ଜନକୁ ଆସନ୍ତା ଦଶନ୍ଧି ମଧ୍ୟରେ ୪୫% ହ୍ରାସ ଓ ୨୦୫୦ ସୁଦ୍ଧା ଶୂନ୍ୟ ନିର୍ଗମନ ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ୨୦୨୦ ସୁଦ୍ଧା ଏହି କ୍ଷେତ୍ରରେ କେଉଁ ଦେଶର କ'ଣ ଅବଦାନ ରହିବ ତାକୁ ନେଇ ନିର୍ଦ୍ଦିଷ୍ଟ ଓ ବାସ୍ତବବାଦୀ ଯୋଜନା ସମ୍ପର୍କରେ ବିଶ୍ୱନେତାମାନେ ନିଜ ନିଜ ବକ୍ତବ୍ୟ ରଖିବେ। ଏହି ସମ୍ମିଳନୀ ସରକାର, ଘରୋଇ କ୍ଷେତ୍ର, ସିଭିଲ ସୋସାଇଟି, ସ୍ଥାନୀୟ କର୍ତ୍ତୃପକ୍ଷ ଓ ଅନ୍ୟ ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଏକାଠି କରିବ। ଏହି ସମ୍ମିଳନୀର ବିଷୟବସ୍ତୁ ରଖାଯାଇଛି, 'ଏ ରେସ୍ ଓ୍ୱି କ୍ୟାନ୍ ଓ୍ୱିନ୍, ଏ ରେସ୍ ଓ୍ୱି ମଷ୍ଟ ଓ୍ୱିନ୍'। ଏଥିରେ ଯୋଗଦେବା ପାଇଁ ଶତାଧିକ ଦେଶ ପକ୍ଷରୁ ଆବେଦନ କରାଯାଇଥିବାବେଳେ ସେଥିମଧ୍ୟରୁ ଅଧା ରାଷ୍ଟ୍ରର ଆବେଦନ ଖାରଜ ହୋଇଯାଇଛି। ପ୍ରାୟ ୬୦ ରାଷ୍ଟ୍ରମୁଖ୍ୟଙ୍କୁ ଏଥିରେ ସାମିଲ ହେବା ପାଇଁ ସୁଯୋଗ ଦିଆଯାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଶନିବାର ନ୍ୟୁୟର୍କରେ ଜାତିସଂଘ ପକ୍ଷରୁ ଯୁବ ଜଳବାୟୁ ସମ୍ମିଳନୀର ଅୟୋଜନ କରାଯିବ।

**ଯୋଗଦେବେ ୬୦ ରାଷ୍ଟ୍ରମୁଖ୍ୟ**

# ଜାମିନ ଆବେଦନର ଶୁଣାଣି କରିବେ ଜଣିକିଆ ଖଣ୍ଡପୀଠ

ନୂଆଦିଲ୍ଲୀ,୨୦।୯(ଆଇଏଏନ୍‌ଏସ୍)



ନ୍ୟାୟପାଳିକାରେ ମାମଲା ବୋଝ କମାଇବା ପାଇଁ ଜଣିକିଆ ଖଣ୍ଡପୀଠ ଗଠନ ଲାଗି ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏହି ଖଣ୍ଡପୀଠଗୁଡ଼ିକରେ ଜାମିନ, ମାମଲା ସ୍ଥାନାନ୍ତର ଏବଂ ଅନ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରାଯିବ। ରିପୋର୍ଟ ଅନୁଯାୟୀ ଜୁନ୍ ୧ ସୁଦ୍ଧା ସର୍ବୋଚ୍ଚ ଅଦାଲତରେ ୫୮,୬୬୯ଟି ମାମଲା ବିଚାର ଅପେକ୍ଷାରେ ଥିଲା। ସୁପ୍ରିମକୋର୍ଟ (ସଂଶୋଧନ) ନିୟମାବଳୀ, ୨୦୧୯ରେ ଅଦାଲତ କେତେକ ପରିବର୍ତ୍ତନ ଆଣିବା ପରେ ସିଙ୍ଗଲ୍ ଜଜ୍ ବେଞ୍ଚ୍ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କୌଣସି ମାମଲାର ଶୁଣାଣି ୨ରୁ କମ୍ ବିଚାରପତି ଥିବା ଖଣ୍ଡପୀଠରେ ହେଉ ନ ଥିଲା। ଏବେ ଜଣିକିଆ ଖଣ୍ଡପୀଠରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍, ୭ ବର୍ଷରୁ କମ୍ ଦଣ୍ଡବିଧାନ ହେବାକୁ ଥିବା ଜାମିନ ଆବେଦନ ଖାରଜ କିମ୍ବା ଆଗୁଆ ଜାମିନ ଆବେଦନର ଶୁଣାଣି ହୋଇପାରିବ। ଏହା ବ୍ୟତୀତ ମାମଲା ସ୍ଥାନାନ୍ତର, ଜରୁରୀ ସ୍ଥାନାନ୍ତର ଏବଂ ପ୍ରଧାନ ବିଚାରପତିଙ୍କ ଦ୍ୱାରା ବିଜ୍ଞାପିତ ଅନ୍ୟ ମାମଲାର ମଧ୍ୟ ଉକ୍ତ ଖଣ୍ଡପୀଠରେ ଶୁଣାଣି ହେବ।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ରୋହିତ ଭେମୁଲା



ପାୟଲ ତଡ୍‌ଭି

ନୂଆଦିଲ୍ଲୀ,୨୦।୯(ପି.ଟି.)

ଜାତିଗତ ପକ୍ଷପାତିତାରୁ ବିଶ୍ୱବିଦ୍ୟାଳୟ ଛାତ୍ର ରୋହିତ ଭେମୁଲା ଓ ପାୟଲ ତଡ୍‌ଭି ଆତ୍ମହତ୍ୟା କରିଥିବା ସେମାନଙ୍କ ମାଆ ଅଭିଯୋଗ କରିଛନ୍ତି। ଦେଶର ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରୁ ଜାତିଗତ ପକ୍ଷପାତିତାର ଅନ୍ତ ଘଟାଇବା ପାଇଁ ସେମାନେ ପିଟିଶନ୍‌ରେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଜଷ୍ଟିସ୍ ଏନ.ଭି. ରମାନା ଏବଂ ଅଜୟ ରାସ୍ତୋଗିଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି।

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ର ରୋହିତ ଜାତିଗତ ଭେଦଭାବକୁ ନେଇ ୨୦୧୬ ଜାନୁୟାରୀ ୧୭ରେ ଆତ୍ମହତ୍ୟା କରିଥିଲେ।

**କ୍ୟାମ୍ପସ୍‌ରୁ ଜାତିଗତ ବୈଷମ୍ୟ ଦୂର ପାଇଁ ରୋହିତ, ପାୟଲଙ୍କ ମା' କରିଥିଲେ ଆବେଦନ**

ସେହିବର୍ଷ ମେ ୨୨ରେ ଅନୁରୂପ କାରଣରୁ ଟିଏନ୍ ଟୋପିଓ୍ୱାଲା ନ୍ୟାଶନାଲ ମେଡିକାଲ କଲେଜର ଆଦିବାସୀ ଛାତ୍ରୀ ପାୟଲ ଆତ୍ମହତ୍ୟା କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ୟୁଜିସି ନିୟମାବଳୀ କାର୍ଯ୍ୟକାରୀ ହେଉ ନ ଥିବା ଉଭୟ ଆବେଦନକାରିଣୀ ମାଆଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ କୋର୍ଟଙ୍କୁ କହିଥିଲେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସେମାନେ ଆତ୍ମହତ୍ୟା କରିଥିବାର ପ୍ରମାଣ ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାନତା, ଜୀବନ ଧାରଣ ଭଳି ମୌଳିକ ଅଧିକାର କାର୍ଯ୍ୟକାରୀ କରିବା ଏବଂ ଜାତିଗତ ପକ୍ଷପାତିତା ଦୂର କରିବା ପାଇଁ ଆବେଦନକାରୀ ଅନୁରୋଧ କରିଛନ୍ତି।

# ଏନ୍‌ଆର୍‌ସିକୁ ବିରୋଧ, ଆସାମ ବନ୍ଦ

ଗୁଆହାଟୀ,୨୦।୯(ପି.ଟି.)

ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଚୂଡ଼ାନ୍ତ ତାଲିକାରୁ ବହୁ ମୂଳବାସିନ୍ଦା ବାଦ୍ ପଡିଥିବାରୁ ଏହା ବିରୋଧରେ ଶୁକ୍ରବାର ଆସାମରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଅଗଷ୍ଟ ୩୧ରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ଅନେକ ତ୍ରୁଟି ରହିଥିବା ଅଲ୍ କୋଚ୍ ରାଜବୋଙ୍ଗଶି ଷ୍ଟୁଡେଣ୍ଟସ୍ ୟୁନିଅନ (ଏକେଆର୍‌ଏସ୍‌ୟୁ) ଅଭିଯୋଗ କରିବା ସହ ବାଦ୍ ପଡିଥିବା ଉକ୍ତ ସମ୍ପ୍ରଦାୟର ଲୋକମାନଙ୍କୁ ସାମିଲ କରିବା ପାଇଁ ଦାବି କରିଛି। ଚୂଡ଼ାନ୍ତ ତାଲିକାରେ ହଜାର ହଜାର କୋଚ୍ ରାଜବୋଙ୍ଗଶି ସମ୍ପ୍ରଦାୟର ବ୍ୟକ୍ତି ବାଦ୍ ପଡିଥିବାରୁ ଏହି ତାଲିକା ଗ୍ରହଣୀୟ ନୁହେଁ ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି। ବନ୍ଦକୁ ନେଇ କୌଣସି ହିଂସାକାଣ୍ଡ ଘଟି ନ ଥିବାବେଳେ ବିକ୍ଷୋଭକାରୀ ଏନ୍‌ଆର୍‌ସି କୋର୍ଡିନେଟର ପ୍ରତୀକ ହାଜେଲାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କୋଚ ରାଜବୋଙ୍ଗଶି ବହୁଳ ଜିଲା ମୋରିଗାଓଁ, କୋକ୍ରାଝର, ଚିରାଙ୍ଗ, ବକ୍ସ, ନାଲବାରି, ନାଗାଓଁ ଏବଂ ଶିବସାଗରରେ ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।



**ଚୂଡାନ୍ତ ତାଲିକାକୁ ପ୍ରତ୍ୟାଖାନ କଲେ ବିକ୍ଷୋଭକାରୀ**

## 'ୟୁପିରେ ଲାଗୁହେଲେ ବିଦା ହେବେ ଯୋଗୀ'

ଲକ୍ଷ୍ନୌ, ୨୦।୯(ପି.ଟି.)

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଶୁକ୍ରବାର ଏନ୍‌ଆର୍‌ସିକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପରେ ବର୍ଷିଛନ୍ତି। ଲୋକଙ୍କ ମନରେ ଭୟ ସଂଚାର କରି ରାଜନୀତି କରାଯିବା ଅନୁଚିତ ବୋଲି ସେ ସମାଲୋଚନା କରିଛନ୍ତି। ୟୁପିରେ ଏନ୍‌ଆର୍‌ସି ଲାଗୁ କରାଗଲେ ରାଜ୍ୟରୁ ଯୋଗୀ ବିଦା ହୋଇଯିବେ। କାରଣ ସେ ଉତ୍ତରାଖଣ୍ଡର ମୂଳନିବାସୀ ବୋଲି ଅଖିଳେଶ କହିଛନ୍ତି। ଏନ୍‌ଆର୍‌ସିକୁ ମାଧ୍ୟମ କରି ରାଜନୈତିକ ଭୟ ସୃଷ୍ଟି କରାଯିବା ଠିକ୍ ନୁହେଁ। ଏଭଳି ରାଜନୀତି କରୁଥିବା ନେତାଙ୍କୁ କ୍ଷମତାରୁ ଦୂରେଇ ରଖିବା ଲାଗି ସେ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ମୁକ୍ତ ହେଲେ ୩ କଶ୍ମୀରୀ ନେତା

ଶ୍ରୀନଗର,୨୦।୯(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଅଟକ ଥିବା ୩ ଜଣ କଶ୍ମୀରୀ ନେତାଙ୍କୁ ଶୁକ୍ରବାର ମୁକ୍ତ କରାଯାଇଛି। ସେମାନେ ହେଲେ ପୂର୍ବତନ ପିଡିପି ନେତା ଇମ୍ରାନ ଅନସାରୀ, ପିଡିପି ନେତା ଖୁର୍ଶିଦ ଆଲମ ଏବଂ ନ୍ୟାଶନାଲ କନଫରେନ୍ସ ନେତା ସୟେଦ ଆଖୁନ୍। ଏମାନେ ଅନ୍ୟ ନେତାମାନଙ୍କ ସହ ସେଣ୍ଟାଉର୍ ହୋଟେଲରେ ଅଟକ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଆଖୁନ୍‌ଙ୍କୁ ମୁକ୍ତ କରାଯାଇଥିବାବେଳେ ଭାଇ ମୃତ୍ୟୁ କାରଣରୁ ଆଲମଙ୍କୁ ସାମୟିକ ଭାବେ ମୁକ୍ତ କରାଯାଇଛି। ପିଡିପି ଅଧକ୍ଷା ମେହବୁବା ମୁଫ୍‌ତିଙ୍କ ବିରୋଧରେ ବିଦ୍ରୋହ କରିଥିବା ଅନ୍‌ସାରୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ମୁକ୍ତ କରାଯିବା ପରେ ସେ ଚିକିତ୍ସା ପାଇଁ ନୂଆଦିଲ୍ଲୀ ଯାଇଛନ୍ତି। ମହରମ ପୂର୍ବରୁ ତାଙ୍କୁ ହୋଟେଲରୁ ଘରକୁ ସ୍ଥାନାନ୍ତର କରାଯାଇ ସେଠାରେ ଅଟକ ରଖାଯାଇଥିଲା।

# ସୋମବାରରୁ ଅଯୋଧ୍ୟା ଶୁଣାଣି ଅଧିକ ଘଣ୍ଟାଏ

**ନୂଆଦିଲ୍ଲୀ,୨୦।୯(ପି.ଟି.)** ସୁପ୍ରିମକୋର୍ଟରେ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଜାରି ରହିଥିବାବେଳେ ଆସନ୍ତା ସୋମବାରରୁ ସାମ୍ବିଧାନିକ ପୀଠ ଅଧିକ ଏକଘଣ୍ଟା ବସିବ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ଶୁଣାଣି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ବେଞ୍ଚ୍‌ରେ ଅଗଷ୍ଟ ୬ରୁ ଚାଲିଛି। ୨୩ ତାରିଖରୁ ଶୁଣାଣି ଅପରାହ୍ନ ୪ଟା ପରିବର୍ତ୍ତେ ୫ଟା ପର୍ଯ୍ୟନ୍ତ ଚାଲିବ ବୋଲି ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷଙ୍କୁ ଅଦାଲତ ଜଣାଇଦେଇଛନ୍ତି। ଉକ୍ତ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି।

ସୁପ୍ରିମକୋର୍ଟରେ ନବନିଯୁକ୍ତ ୪ ବିଚାରପତି କ୍ରିଷ୍ଣା ମୁରାରି, ଏସ୍.ଆର୍. ଭଟ୍ଟ, ଭି. ରାମସୁବ୍ରମଣ୍ୟନ୍ ଏବଂ ହୃଷୀକେଶ ରାୟ ସୋମବାର ଶପଥ ନେବା ଆଶା କରାଯାଉଛି। ଅଯୋଧ୍ୟା ମାମଲାର ଶୁଣାଣି ଅକ୍ଟୋବର ୧୮ରେ ଶେଷ କରିବା ପାଇଁ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ମଧ୍ୟଭାଗରେ ରାୟ ପ୍ରକାଶ ପାଇବା ସମ୍ଭାବନା ରହିଛି।

## କଶ୍ମୀରରେ ଶିଶୁ ଅଟକ ଅଭିଯୋଗ
## ହାଇକୋର୍ଟଙ୍କୁ ରିପୋର୍ଟ ତଲବ

ନୂଆଦିଲ୍ଲୀ,୨୦।୯(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଅଗଷ୍ଟ ୫ରୁ ସେଠାରେ ବେଆଇନ ଭାବେ ପିଲାମାନଙ୍କୁ ଅଟକ ରଖାଯାଇଥିବା ଅଭିଯୋଗ ହୋଇଛି। ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ଜମ୍ମୁ-କଶ୍ମୀର ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ୍ କମିଟିକୁ ରିପୋର୍ଟ ମାଗିଛନ୍ତି। ରିଟ୍ ପିଟିଶନରେ ଥିବା ତଥ୍ୟର ଅନୁଧ୍ୟାନ କରି ସପ୍ତାହେ ମଧ୍ୟରେ ଜଣାଇବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଅଧିକାର କର୍ମୀ ଏନାକ୍ଷୀ ଗାଙ୍ଗୁଲି ଓ ପ୍ରଫେସର ଶାନ୍ତା ସହ୍ନାଙ୍କ ପକ୍ଷରୁ ପିଟିଶନ୍ ଦାଏର ହୋଇଥିଲା। ପିଲାଙ୍କୁ ଅଟକ ରଖାଯିବା ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପ୍ରଧାନ ବିଚାରପତି କହିଥିଲେ।



[ଇତିହାସର ଆଇନାରେ] **ସେପ୍ଟେମ୍ବର ୨୧ର ପ୍ରମୁଖ ଘଟଣା**

୧୯୯୯ ସେପ୍ଟେମ୍ବର ୨୧ରେ ତାଇଓ୍ୱାନ୍‌ରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୨,୪୧୫ ଜଣ ପ୍ରାଣ ହରାଇଥିବାବେଳେ ୧୧,୩୦୫ ଆହତ ହୋଇଥିଲେ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୬ ଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ କୋଠାଘର ଧୂଳିସାତ୍ ହୋଇଯାଇଥିଲା। ରିଲିଫ କାର୍ଯ୍ୟରେ ବହୁଦେଶ ସହଯୋଗର ହାତ ବଢ଼ାଇଥିଲେ।

୨୦୧୩ ସେପ୍ଟେମ୍ବର ୨୧ରେ କେନିଆର ନାଇରୋବିସ୍ଥିତ ଓ୍ୱେଷ୍ଟଗେଟ୍ ଶପିଙ୍ଗ୍ ମଲ୍‌ରେ ଆତଙ୍କବାଦୀ ସଙ୍ଗଠନ ଅଲ୍ ଶବାବ୍ ଆକ୍ରମଣ କରିଥିଲା। ଏଥିରେ ୭୧ ଜଣ ପ୍ରାଣ ହରାଇଥିଲେ। ୬୨ ସାଧାରଣ ଜନତା, ୫ ପୋଲିସ କର୍ମୀ ଓ ୪ ଆତଙ୍କବାଦୀ ନିହତ ହୋଇଥିବାବେଳେ ୨୦୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

# ପୀଡ଼ିତାଙ୍କୁ ୨୦୦ ଥର ଫୋନ କରିଥିଲେ ଚିନ୍ମୟାନନ୍ଦ

ଶାହଜାହାନପୁର,୨୦।୯

ଆଇନ ଛାତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଥିବା ଓ ଚାଟିଂ କରିଥିବା ଭାଜପା ନେତା ଚିନ୍ମୟାନନ୍ଦ ଗିରଫ ହେବା ପରେ ସ୍ୱୀକାର କରିଛନ୍ତି। ଏଭଳି କାର୍ଯ୍ୟ ଲାଗି ସେ ଲଜ୍ଜିତ ବୋଲି କହିଛନ୍ତି। ତେବେ ବଳାତ୍କାର ଅଭିଯୋଗକୁ ସେ ଖଣ୍ଡନ କରିଥିବା ଏସ୍‌ଆଇଟି ମୁଖ୍ୟ ନବୀନ ଆରୋରା କହିଛନ୍ତି। ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଚିନ୍ମୟାନନ୍ଦ ଓ ପୀଡ଼ିତା ଛାତ୍ରୀଙ୍କ ମଧ୍ୟରେ ପାଖାପାଖି ୨୦୦ ଥର ଫୋନ୍‌ରେ କଥାବାର୍ତ୍ତା ହୋଇଛି। ଏସ୍‌ଆଇଟି ଟିମ୍ ଅଭିଯୁକ୍ତଙ୍କ ଫୋନ୍‌କୁ ଫୋରେନ୍‌ସିକ ସାଇନ୍ସ ଲାବରେଟୋରିକୁ ପଠାଇଛି। ତଥାକଥିତ ସ୍ୱାମୀଙ୍କ ବିରୋଧରେ ଆଇପିସିର ଧାରା ୩୭୬ସି, ୩୫୪ଡି, ୩୪୨ ଏବଂ ୫୦୬ରେ ମାମଲା ରୁଜୁ ହୋଇଛି।

ଗତ ସପ୍ତାହରେ ସିଆର୍‌ପିସିର ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ଦିନଠାରୁ ଚିନ୍ମୟାନନ୍ଦ ଗିରଫଦାରିରୁ ବର୍ତ୍ତିବା ପାଇଁ ନିଜକୁ ଅସୁସ୍ଥ ଦର୍ଶାଇବାର ନାଟକ ଆରମ୍ଭ କରିଦେଲେ। ସେ ସ୍ଥାନୀୟ ହସ୍ପିଟାଲରେ ନିଜକୁ ଭର୍ତ୍ତି କରାଇଥିଲେ। ଲକ୍ଷ୍ନୌର କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟି (କେଜିଏମ୍‌ୟୁ)ରେ ଭର୍ତ୍ତି ହେବା ଲାଗି ଉଦ୍ୟମ ଚଳାଇଥିଲେ। ଗୁରୁବାର ରାତିରେ ଏସ୍‌ଆଇଟି ତାଙ୍କ ଆଶ୍ରମରେ ପହଞ୍ଚିଥିଲା। ତେବେ ଆତ୍ମଘୋଷିତ ଗଡ୍‌ମ୍ୟାନଙ୍କ ସମର୍ଥକମାନେ ଉକ୍ତ ଟିମ୍‌କୁ ଆଶ୍ରମ ଭିତରେ ପୂରାଇ ନ ଦେବାରୁ ସେମାନଙ୍କୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ପୀଡିତାଙ୍କ ଦୁଇ ସମ୍ପର୍କୀୟ ଭାଇ ସଞ୍ଜୟ ସିଂ ଏବଂ ବିକ୍ରମ ଓରଫ ବ୍ରଜେଶଙ୍କ ସମେତ ପୁରୁଷ ବନ୍ଧୁ ସଚିନ ସେନ୍‌ଗାର ଓରଫ ସୋନୁଙ୍କୁ ଗିରଫ କରାଯାଇଛି। ପ୍ରମାଣ ନଷ୍ଟ କରିବା ଏବଂ ଧମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିବା ୟୁପି ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ କହିଛନ୍ତି। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସେମାନେ ଭାଜପା ନେତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ଉଦ୍ୟମ କରୁଥିଲେ ବୋଲି ଚିନ୍ମୟାନନ୍ଦଙ୍କ କର୍ମଚାରୀମାନେ ଅଭିଯୋଗ କରିଥିଲେ।

ବଳାତ୍କାର ମାମଲାକୁ ଲୋକଲୋଚନକୁ ଆଣିବାରେ ଚିନ୍ମୟାନନ୍ଦଙ୍କୁ ଶ୍ରେୟ ଦିଆଯାଇପାରେ। କାରଣ ପୀଡିତା ଅଗଷ୍ଟ ୨୩ରେ ସୋସିଆଲ ମିଡିଆରେ ଅଭିଯୋଗ କରିବା ପୂର୍ବରୁ ୨୨ ତାରିଖରେ ଚିନ୍ମୟାନନ୍ଦଙ୍କ ହ୍ୱାଟ୍ସଆପ୍‌କୁ ଏକ ବାର୍ତ୍ତା ଆସିଥିବା ନେଇ ତାଙ୍କ କଲେଜ ପ୍ରଶାସନ ପକ୍ଷରୁ ପୋଲିସ୍‌ରେ ଏତଲା ଦିଆଯାଇଥିଲା। ଭାଜପା ନେତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ପାଇଁ ଉଦ୍ଦିଷ୍ଟ କେତେକ ଭିଡିଓ ବଦଳରେ ଉକ୍ତ ବାର୍ତ୍ତାରେ ୫ କୋଟି ଟଙ୍କା ଦାବି କରାଯାଇଥିବା କଲେଜ କର୍ତ୍ତୃପକ୍ଷ ଜଣାଇଥିଲେ। ପରେ ଝିଅ ନିଖୋଜ ହେବା ନେଇ ପୀଡ଼ିତାଙ୍କ ବାପା ଥାନାରେ ଏତଲା ଦେବା ସହ ଏଥିପାଇଁ ଚିନ୍ମୟାନନ୍ଦଙ୍କୁ ଦାୟୀ କରିଥିଲେ। ଅନ୍ୟପକ୍ଷରେ ଚିନ୍ମୟାନନ୍ଦଙ୍କଠାରୁ ଅର୍ଥ ଆଦାୟ କରିବା ପାଇଁ ଧମକ ଦିଆଯିବା ନେଇ ତାଙ୍କ ଓକିଲ କୋର୍ଟରେ ମାମଲା ଦାଏର କରିଥିଲେ। ପୀଡ଼ିତା ନୂଆଦିଲ୍ଲୀ ଥାନାରେ ଏତଲା ଦେବା ପରେ ଏହାକୁ ଏସ୍‌ଆଇଟିକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଡାକ୍ତରୀ ମାଇନା କରାଯିବା ପରେ ଗତ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଥିଲା। ୮ ତାରିଖରୁ ଏସ୍‌ଆଇଟି ଟିମ୍ ଚିନ୍ମୟାନନ୍ଦଙ୍କ ସମେତ ୩୦ ଜଣଙ୍କୁ ପଚରାଉଚରା କରିଥିଲା।

## ଏସ୍‌ଆଇଟି ଆଗରେ ମାନିଲେ



## ସଂକ୍ଷେପରେ

## ୨୬ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ ଘୂର୍ଣ୍ଣିବଳୟ ଯୋଗୁ କେତେକ ସ୍ଥାନରେ ଅସରାଏ କିମ୍ବା ଦି ଅସରା ବର୍ଷା ହୋଇଯାଉଛି। ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ହାଲୁକା ବର୍ଷା ରହିବ। ପାଗରେ ସେଭଳି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଏଭଳି ପାଗ ସପ୍ତାହେ ଯାଏ ରହିବ। ୨୭ ତାରିଖରୁ ପାଗରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୪୬ ମିଲିମିଟର ବର୍ଷା ହୋଇଥିବା ବେଳେ ବାରିପଦା ୨୫.୨, ହୀରାକୁଦ ୨୧, ଭବାନୀପାଟଣା ୧୧.୬, ବାଲେଶ୍ୱର ୦.୯, ଭୁବନେଶ୍ୱର ୨.୪, ଅନୁଗୋଳ ୬, ଝାରସୁଗୁଡା ୩.୨, ବଲାଙ୍ଗୀର ୮, ପୁରୀ ୦.୮, ଦାରିଙ୍ଗବାଡି ୮, କୋରାପୁଟ ୧.୪, ମାଲକାନଗିରି ୨.୮ ଏବଂ ସୋନପୁରରେ ୧.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




## ୨୫ରୁ ବନ୍ଦ ହେବ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନସେବା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)




### ବିଧିବଦ୍ଧ ଘୋଷଣା କଲା ଏୟାର ଏସିଆ

ଆସନ୍ତା ୨୫ତାରିଖରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ବନ୍ଦ ହେବ। ଏ ନେଇ ଏୟାର ଏସିଆ କର୍ତ୍ତୃପକ୍ଷ ବିଧିବଦ୍ଧ ଭାବେ ଚିଠି ଲେଖି ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ଏହା ସାମୟିକ ବୋଲି ଚିଠିରେ ଉଲ୍ଲେଖ ରହିଥିବା ଏୟାରପୋର୍ଟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ତେବେ ସାମୟିକର ସମୟସୀମା ବିଷୟରେ କିଛି ଜଣାପଡ଼ିନାହିଁ। ଏହି ବିମାନଟି ବନ୍ଦ ହୋଇଯିବା ପରେ ଭୁବନେଶ୍ୱରରୁ କେବଳ ଗୋଟିଏ ଅନ୍ତର୍ଜାତୀୟ ବିମାନ ଉଡ଼ିବ। ଆଗରୁ ଏୟାର ଇଣ୍ଡିଆ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ବନ୍ଦ କରିଦେଇଛି। ଏବେ କେବଳ ଏୟାର ଏସିଆର ଗୋଟିଏ ବିମାନ କୁଆଲାଲାମ୍ପୁରକୁ ଚଳାଚଳ କରୁଛି। ଏୟାର ଏସିଆ ବିମାନ ପ୍ରତ୍ୟାହାରକୁ ସାମୟିକ କହିଥିବାବେଳେ ବିଶେଷଜ୍ଞ ଏହାକୁ ଗ୍ରହଣ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ବିମାନରେ ୭୦ ପ୍ରତିଶତ ସିଟ୍ ବି ପୂରଣ ହେଉ ନ ଥିଲା। ବାଧ୍ୟ ହୋଇ ବିମାନ କମ୍ପାନୀ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏଥିଯୋଗୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ଏୟାର ଏସିଆ ସହ ଆଲୋଚନା କଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଯାତ୍ରୀମହଲରେ ମତ ପ୍ରକାଶ ପାଇଛି। ଗତ କିଛି ମାସ ଭିତରେ ଏୟାର ଏସିଆ ତିନୋଟି ସହରକୁ ଘରୋଇ ବିମାନ ସେବା ବନ୍ଦ କରିଛି। ଚେନ୍ନାଇ, ରାଞ୍ଚି ଓ ହାଇଦ୍ରାବାଦକୁ ସେବା ବନ୍ଦ କରିଥିବା ବେଳେ ବେଙ୍ଗାଲୁରୁ ଓ କୋଲକାତା ରୁଟ୍‌ରେ ବିମାନ ସଂଖ୍ୟା ହ୍ରାସ କରାଯାଇଛି। ଗତବର୍ଷ ଡିସେମ୍ବରରୁ ଆରମ୍ଭ କରିଥିବା ସେବା ଏତେ ଶୀଘ୍ର ବନ୍ଦ ହୋଇଯିବାର କାରଣ ସ୍ପଷ୍ଟ ନ କରିଥିଲେ ବି ଯାତ୍ରୀଙ୍କ ସଂଖ୍ୟା କମ୍ ଏକ ପ୍ରମୁଖ କାରଣ ବୋଲି ଶୁଣିବାକୁ ମିଳୁଛି।

## ନବ ନିଯୁକ୍ତ ଉପଦେଷ୍ଟାଙ୍କ ଦାୟିତ୍ୱ ସ୍ପଷ୍ଟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟ ସରକାର ନିକଟ ଅତୀତରେ ଏକାଧିକ ବିଭାଗ ଏବଂ ସଂସ୍ଥାରେ ଉପଦେଷ୍ଟାମାନଙ୍କୁ ନିଯୁକ୍ତ କରିଥିଲେ। ହେଲେ ସେମାନଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କ'ଣ ରହିବ, ସେ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଏହାକୁ ଦୃଷ୍ଟିରେ ରଖାଯାଇ ବିଭାଗଗୁଡ଼ିକ ସହ ପରାମର୍ଶ କରି ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ବିଭିନ୍ନ ସରକାରୀ ଯୋଜନା ତୃଣମୂଳସ୍ତରରେ ରୂପାୟନ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଉପଦେଷ୍ଟାମାନେ ମତାମତ (ଫିଡ୍‌ବ୍ୟାକ) ସଂଗ୍ରହ କରିବେ। ସଂପୃକ୍ତ ମତାମତ ବିଭାଗୀୟ ମନ୍ତ୍ରୀଙ୍କ ଜରିଆରେ ଉପଦେଷ୍ଟାମାନେ ବିଭାଗକୁ ଜଣାଇବେ। ରାଜ୍ୟ ସରକାରଙ୍କ ଫ୍ଲାଗଶିପ୍ ଜରିଆରେ କାର୍ଯ୍ୟକାରୀ ହେଉଥିବା ଯୋଜନାକୁ ଅଧିକ ଗୁରୁତ୍ୱର ସହ ସମୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ଉପଦେଷ୍ଟାଙ୍କ ଗଠନଧର୍ମୀ ପରାମର୍ଶକୁ ପରବର୍ତ୍ତୀ ସମୟରେ ବିଚାରବିମର୍ଶ କରାଯିବ। ଏଥିସହିତ ଆବଶ୍ୟକ ହେଲେ ଯୋଜନାରେ ପରିବର୍ତ୍ତନ ହେବ। ବିଭାଗ ଦ୍ୱାରା ଆୟୋଜନ କରାଯାଉଥିବା ବିଭିନ୍ନ ଉତ୍ସବ ଏବଂ କାର୍ଯ୍ୟକ୍ରମରେ ଉପଦେଷ୍ଟାମାନେ ଯୋଗ ଦେଇପାରିବେ। ହେଲେ ଏହା ସଂପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ସମ୍ମତି ଦ୍ୱାରା ହେବା ଆବଶ୍ୟକ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଉପଦେଷ୍ଟାମାନେ ମଧ୍ୟ ଦାୟିତ୍ୱ ନେଇପାରିବେ।

## ୬୩୦ ଫୁଟ୍ ଛୁଇଁଲା ହୀରାକୁଦ ଡ୍ୟାମ୍ ଜଳସ୍ତର

ସମ୍ବଲପୁର,୨୦।୯ (ବ୍ୟୁରୋ)



ହୀରାକୁଦ ଡ୍ୟାମ୍‌ରେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୩୦ ଫୁଟକୁ ଛୁଇଁଛି। ପ୍ରତି ସେକେଣ୍ଡରେ ଡ୍ୟାମ୍ ଭିତରକୁ ୫୯, ୯୦୩ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଛି। ବିଭିନ୍ନ କେନାଲ ଓ ଶିଳ୍ପକୁ ମୋଟ ୨୧ ହଜାର ୭୮୬ କ୍ୟୁସେକ ପାଣି ଛଡା ଯାଉଛି।

ବିଳମ୍ବରେ ଓ କମ୍ ପରିମାଣର ବର୍ଷା ହୋଇଥିଲେ ମଧ୍ୟ ଏବେ ଡ୍ୟାମ୍‌ରେ ଆବଶ୍ୟକ ପାଣି ଭର୍ତ୍ତି ହୋଇ ରହିଛି । ଉପର ମୁଣ୍ଡରେ କମ୍ ପରିମାଣର ବର୍ଷା ହେବାରୁ ଡ୍ୟାମ୍‌କୁ କମ୍ ପରିମାଣର ଜଳ ପ୍ରବେଶ କରିଥିଲା । ତଥାପି ଡ୍ୟାମରେ ଜଳସ୍ତର କ୍ଷମତା ପୂରା ହୋଇଛି। କମ୍ ପରିମାଣର ଜଳ ପ୍ରବେଶ କରିଥିଲେ ମଧ୍ୟ ଜଳସ୍ତର ଠିକ୍ ରହିଛି । ହେଲେ ଜଳ ସଂରକ୍ଷଣ ହୋଇ ପାରୁନି। ଡ୍ୟାମ୍ ପାଇଁ କୌଣସି ବିପଦ ନାହିଁ । ଏବେ ମଧ୍ୟ ବନ୍ୟାଜଳ ପ୍ରବେଶ କରୁଛି । ଯେତେ ପରିମାଣର ଜଳ ରହିଛି ତାହା ଚାଷ, ବିଦ୍ୟୁତ ଉତ୍ପାଦନ ପାଇଁ ଯଥେଷ୍ଟ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ବୁର୍ଲାରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବା, ତଳ ମୁଣ୍ଡରେ ଡ୍ୟାମ୍ ନ ଥିବାରୁ ଜଳ ଅପଚୟ ହେଉଛି । ଜିଲାରେ ଥିବା ନଦୀଗୁଡିକରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଞ୍ଚୟ କରାଗଲେ ଜଳ ଅପଚୟ ରୋକାଯାଇ ପାରନ୍ତା। ଫଳରେ ଆଗକୁ ଜଳ ସଙ୍କଟ ଦେଖା ଯାଆନ୍ତା ନାହିଁ ବୋଲି ପରିବେଶବିତ୍‌ମାନେ କହିଛନ୍ତି ।

ସୂଚନାଯୋଗ୍ୟ, ପ୍ରତିବର୍ଷ ଜୁନ୍ ପହିଲାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ମନସୁନ ସିଜନରେ ଡ୍ୟାମ୍‌କୁ ୨୪ ମିଲିୟମ ଏକର ଫୁଟ ଜଳ ପ୍ରବେଶର ଲକ୍ଷ୍ୟ ଧାର୍ଯ୍ୟ ହୋଇଥାଏ। ହେଲେ ଚଳିତ ବର୍ଷ ଅର୍ଥାତ୍ ଗତ ୫ ମାସରେ ମାତ୍ର ୩ .୯ ମିଲିୟେମ ଏକର ଫୁଟ ଜଳ ଡ୍ୟାମକୁ ପ୍ରବେଶ କରିଛି । ଜୁନ୍‌ରେ ମାତ୍ର ୧୧ ପ୍ରତିଶତ, ଜୁଲାଇରେ ୧୫ ପ୍ରତିଶତ, ଅଗଷ୍ଟରେ ୬୬ ପ୍ରତିଶତ ଜଳ ଡ୍ୟାମକୁ ପ୍ରବେଶ କରିଛି। ସେପ୍ଟେମ୍ବର ୧ରୁ ଆଜି ପର୍ଯ୍ୟନ୍ତ ଡ୍ୟାମକୁ ମାତ୍ର ୯୨ ପ୍ରତିଶତ ଜଳ ପ୍ରବେଶ କରିଥିବା ରେକର୍ଡ କରାଯାଇଛି।

## ମୁରିବାହାଲ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

### ■ ୧୮ ଜଣ ସମିତି ସଭ୍ୟ, ସରପଞ୍ଚଙ୍କ ଅଜ୍ଞାତବାସ

ମୁରିବାହାଲ,୨୦।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ବିରୋଧରେ ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଜଣାଇ ୧୮ଜଣ ସମିତି ସଭ୍ୟ ଓ ସରପଞ୍ଚ ଅଜ୍ଞାତବାସରେ ଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ମୁରିବାହାଲ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନ୍ଦରମତୀ ବାଗଙ୍କ ସଭାପତିତ୍ୱରେ ଗତ ୧୬ ତାରିଖ ମାଲିସୀରା ପଞ୍ଚାୟତ ସୁରୁମା ଖୋଦାନ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ଜୈନଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୧୫ଜଣ ସମିତି ସଭ୍ୟ, ୩ଜଣ ସରପଞ୍ଚଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକଙ୍କୁ ପ୍ରଦାନ କରାଯାଇଛି। ମୁରିବାହାଲ ବ୍ଲକ ଉପାଧ୍ୟକ୍ଷ ବାଗଙ୍କ ଅଭିଯୋଗ ଅନୁଯାୟୀ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକଙ୍କ ପତ୍ର ସଂଖ୍ୟା.୩୬୪୪ ଅନୁଯାୟୀ ନିର୍ବାଚିତ ପ୍ରତିନିଧିମାନଙ୍କ ଦସ୍ତଖତ ତର୍ଜମା ପରେ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ କହିଛନ୍ତି ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଆରାଧ୍ୟା
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ


ରୁଦ୍ର ନାରାୟଣ
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରତିଭା ରାୟଙ୍କ ସ୍ୱାମୀ ବିୟୋଗ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ପ୍ରଖ୍ୟାତ ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ପ୍ରତିଭା ରାୟଙ୍କ ସ୍ୱାମୀ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଅକ୍ଷୟ ଚନ୍ଦ୍ର ରାୟ(୭୭)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ପୂର୍ବରୁ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଆସିବାରୁ ଘରକୁ ଫେରିଯାଇଥିଲେ। କିନ୍ତୁ ଶୁକ୍ରବାର ମଧ୍ୟାହ୍ନରେ ସେ ପୁଣିଥରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲା କାଦୁଆପଡ଼ା ଗ୍ରାମରେ ଜନ୍ମିତ ସ୍ୱର୍ଗତ ରାୟ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଉତ୍ତୀର୍ଣ୍ଣ ହେବା ପରେ ଯନ୍ତ୍ରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ସେ ନିଜର ପାରଦର୍ଶିତା ଦେଖାଇ ପ୍ରଶଂସାଭାଜନ ହେବା ସହିତ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ ଚାକିରିରୁ ଅବସର ନେଇଥିଲେ। ରୋଟାରୀର ଜଣେ ସକ୍ରିୟ ସଦସ୍ୟ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ। ସେ 'ଆଦ୍ୟା' ପ୍ରକାଶନୀର ପ୍ରକାଶକ ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଲେଖିକା ରାୟଙ୍କ ପ୍ରିୟ ପାଠିକାପାଠକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ପ୍ରତିଭା ରାୟ, ଝିଅ ଆଦ୍ୟାଶା ଦାସ ଓ ଜ୍ୱାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀ ଲଳିତ ଦାସଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତେବେ ଦୁଇପୁଅ ଅନ୍ୱେଷ ଓ ଅୟସକାନ୍ତ କାନାଡା ଓ ବେଙ୍ଗାଲୁରୁରୁ ଆସିବା ପରେ ଶନିବାର ସ୍ୱର୍ଗତ ରାୟଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହେବ ବୋଲି ଝିଅ ଆଦ୍ୟାଶା ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜିଲା କାର୍ଯ୍ୟାଳୟ...

ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ ଜିଲାପାଳଙ୍କୁ ଭେଟି ଏହାର ପ୍ରତିବାଦ କରିଥିଲେ। ହେଲେ ଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଆଇନଜୀବୀମାନେ ଏ ନେଇ ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରିବା ପରେ ସଂଘ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସିଥିଲା। ଜିଲାପାଳଙ୍କ କାର୍ଯ୍ୟାବଳୀକୁ ନିନ୍ଦା କରାଯିବା ସହ ଏହାର ତୀବ୍ର ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଅପରାହ୍ନ ୩ଟାରେ ବହୁସଂଖ୍ୟାରେ ଆଇନଜୀବୀ ଶୋଭାଯାତ୍ରାରେ ଆସି ଜିଲା କାର୍ଯ୍ୟାଳୟ ଘେରିବା ସହ ଧାରଣାରେ ବସିଥିଲେ। ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ପୂର୍ବତନ ସଭାପତି ନବକିଶୋର ଗୁରୁ, ସମ୍ପାଦକ ଟଙ୍କଧର ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରତାପ ନାରାୟଣ ତ୍ରିପାଠୀ, ପତିତପାବନ ମିଶ୍ର ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ସହରରେ ଆଇନଶୃଙ୍ଖଳା, ଜିଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ସମାଧାନ ଲାଗି ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ତଥାପି ଏହାର ସମାଧାନ ହେଉ ନ ଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏସବୁର ପ୍ରତିବାଦରେ ଓକିଲମାନେ ଧାରଣାରେ ବସି ନାରାବାଜି କରିଥିଲେ।

ସୂଚନା ପାଇ ୪୫ ମିନିଟ୍ ବିଳମ୍ବରେ ପୋଲିସ ପହଞ୍ଚିଥିଲା। ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ଆଲୋଚନା କରିଥିଲେ। ଏହାପରେ ଧାରଣାରତ ଆଇନଜୀବଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ଜିଲାପାଳ ନିଃସର୍ତ୍ତ କ୍ଷମା ନ ମାଗିବା ଯାଏ ତାଙ୍କୁ କାର୍ଯ୍ୟାଳୟରେ ପୂରାଇ ଦିଆଯିବନାହିଁ ବୋଲି ସଦସ୍ୟମାନେ ଜିଦ୍‌ରେ ଅଡ଼ି ରହିଛନ୍ତି। ଅପରାହ୍ନରେ ସଂଘର ସଦସ୍ୟମାନେ ଜିଲା କାର୍ଯ୍ୟାଳୟରୁ ଫେରିଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ କୁହନ୍ତି, ଆମ ମତ ସବୁବେଳେ ଖୋଲା। କେହି ଉଦ୍ଦେଶ୍ୟମୂଳକ ଭାବେ ଆଇନର ବାହାରକୁ ଯାଆନ୍ତି ନାହିଁ। ନିଶ୍ଚିତ ଭାବେ ଏହାର ସମାଧାନର ବାଟ ବାହାରିବ।

### ଜେଲ ଗଲେ ...

ଜିଲା ଜେଲକୁ ପଠାଇଦିଆଯାଇଛି। ୨୩ ବର୍ଷୀୟା ଆଇନ ଛାତ୍ରୀଙ୍କୁ ବ୍ଲାକ୍‌ମେଲ କରାଯାଇ ବଳାତ୍କାର କରାଯାଇଥିବା ସେ ଅଗଷ୍ଟ ୨୩ରେ ସୋସିଆଲ ମିଡିଆରେ ଭିଡ଼ିଓ ବାର୍ତ୍ତା ପୋଷ୍ଟ କରି ଅଭିଯୋଗ ଆଣିଥିଲେ। ତା' ପରଦିନ ଉକ୍ତ ଛାତ୍ରୀ ନିଖୋଜ ହୋଇଯାଇଥିଲେ ଓ ରାଜସ୍ଥାନର ଦୌସା ଅଞ୍ଚଳରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ସୁପ୍ରିମକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଛାତ୍ରୀଙ୍କୁ ରୁଦ୍ଧଦ୍ୱାର ଶୁଣାଣି ପାଇଁ ଡାକିଥିଲେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ସହ ପୀଡିତା ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ନୁହେଁ ଯୌନ ସମ୍ପର୍କ ପାଇଁ କର୍ତ୍ତୃତ୍ୱର ଅପବ୍ୟବହାର ମାମଲା ଦାଏର ହୋଇଛି। ବଳାତ୍କାର ମାମଲାରେ ଦଣ୍ଡ ପରିମାଣ ୭ ବର୍ଷରୁ ଆଜୀବନ ଥିଲାବେଳେ ଉପରୋକ୍ତ ମାମଲାରେ ଦୋଷୀସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍‌ଦଣ୍ଡ ଏବଂ ଜରିମାନା ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ପୀଡ଼ିତା ଛାତ୍ରୀ ଓ ତାଙ୍କ ୩ ସହଯୋଗୀଙ୍କ ବିରୋଧରେ ଜବରଦସ୍ତ ଟଙ୍କା ଆଦାୟ ନେଇ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ଘଟଣା: ତିଗିରିଆ ବନପାଳ, ବନରକ୍ଷୀ ନିଲମ୍ବିତ

ତିଗିରିଆ,୨୦।୯(ଡି.ଏନ.ଏ.)

କଟକ ଜିଲା ତିଗିରିଆ ବନାଞ୍ଚଳ ଅନ୍ତର୍ଗତ ନିଜିଗଡ଼ ସଂରକ୍ଷିତ ଜଙ୍ଗଲର ହରିଡ଼ାପଶି ଗ୍ରାମ ନିକଟ ପାହାଡ଼ରୁ ଏକ କଲରାପତରିଆ ବାଘୁଣୀର ମୃତଦେହ ରବିବାର ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କା ତିଗିରିଆ ବନପାଳ ସୁଚରିତ ସାମନ୍ତରାୟ ଓ ବନରକ୍ଷୀ ଚନ୍ଦନ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏନେଇ ଏସସିଏଫ ରାଜେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ବାଘୁଣୀର ମୃତଦେହ ମିଳିବା ପରେ ତାକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଖବର ପାଇ ଆଠଗଡ଼ ଡିଏଫଓ ଲେଙ୍କା ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବାଘଣୀକୁ ୧୦ ବର୍ଷ ହୋଇଥିବା ଜଣାପଡ଼ିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ପରିବାରରେ ବିଭିନ୍ନ ସମସ୍ୟା ବିଜଡ଼ିତ ହେବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ତାହାହିଁ ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟାଇବେ।

**ବୃଷ** - ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ କଥାରେ ମନୋମାଳିନ୍ୟ ଘଟିପାରେ। ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସନ୍ତାନହେତୁକ ପୀଡ଼ା କିମ୍ବା ଅନୁପସ୍ଥିତିରେ ଅଭାବ ଅନୁଭବ କରିବେ।

**ମିଥୁନ** - କୌଣସି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ବିଶେଷଭାବେ ପ୍ରଶାସନ,ପ୍ରକାଶନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** - ଘଟିଯାଇଥିବା ବିଷୟକୁ ଚିନ୍ତାକରି ମନରେ ଅସ୍ଥିରତା ସୃଷ୍ଟି ହେବ। ନିଜ ଭାଇ, ବନ୍ଧୁ ଓ କୁଟୁମ୍ବର ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅପରାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ଜୟଲାଭ କରିବା ଆଶା କ୍ରମଶଃ ବୃଦ୍ଧି ପାଇପାରେ।

**ସିଂହ** - ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କାର୍ଯ୍ୟରେ ବିଘ୍ନ ଯୋଗୁ ମାନସିକ ସ୍ଥିରତା ହରାଇବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା** - କଥା ପ୍ରସଙ୍ଗରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଯୋଜନାବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ଅତି ପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** - ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧହେବେ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡ଼ିରହି ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** - ଆଜିଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ନିଜ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** - ପରୋକ୍ଷ ଶତ୍ରୁତା କରୁଥିବା କୌଣସି ବ୍ୟକ୍ତିମାନଙ୍କ ଦ୍ୱାରା ଆଜିର କର୍ମକ୍ଷେତ୍ର ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** - ଅଫିସରୁ ହଠାତ୍ କୌଣସି ଖବର ପାଇ ବିଚଳିତବୋଧ କରିବେ। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବାଣିଜ୍ୟ, ବ୍ୟବସାୟ,ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ପାରିବାରିକ ସ୍ତରରେ ବିଶୃଙ୍ଖଳା ଲାଗି ରହିବା କାରଣରୁ ମହିଳାମାନଙ୍କ ମନ ସ୍ଥିର ରହିବ ନାହିଁ।

**କୁମ୍ଭ** - ପରିବାରରେ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା,ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** - କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରିଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶକରି ସମାଲୋଚିତ ହେବେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସକରି ଖାଲରେ ପଡ଼ିପାରନ୍ତି। ଯାତ୍ରା, ବ୍ୟବସାୟ, ଆଲୋଚନା କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ଶନିବାର, ଦେବ୍ୟୁତ୍‌ଥାପନ, ସହସ୍ରକୁମ୍ଭାଭିଷେକ, ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତି ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨।୧୦ମି. ପର୍ଯ୍ୟନ୍ତ ରୋହିଣୀ/ବୃଷ, ସପ୍ତମୀର ଶ୍ରାଦ୍ଧ। ଦିବା ଘ୬।୨୭ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୩୮ମି. ମଧ୍ୟେ ଘ୧୨।୦୧ମି. ଗତେ, ଘ୩।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୯ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Eicher tractor, IndicaVista, Bolero 7 seater, Swift Dzire, Passenger Auto, Leyland Bus, 9938424739/ 7077132568 D-14419

Capital Ford, resale of assuredcar excellent condition Freestyle Titanium, 2018 model, Ecosport's Titanium(O) 2017 model, Aspire Titanium 2018 model, Figo Titanium 2012 model, Indigo ecs 2011 model, Chevrolet SAIL 2014 model, Capital Ford, Mancheswar, Bhubaneswar, Contact No:9337331191/ 7809925131/ 9556155045. D-14421




**SALE**

2400 sqft GA plot sale at Bharatpur (Sum Hospital), Bhubaneswar, Contact- Deepak-9937329999(Broker excuse). D-68006

Gharabari boundary plot Infocity-2 near 200ft. road side. Direct owner-8144391451. D-66786

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

ଘରବାରି ପ୍ଲଟ୍ ହଂସପାଳ ଅଟଳା 15,00,000/-, ବାଲିଅନ୍ତା 10,50,000/-, Conversion, Mutation, boundarywall free. Contact: 7008351926. D-67068

Flats for sale at DHPL Crystal Raghunathpur. Contact: 9937059891, 8908292617. D-14330

Ready to move 2BHK flats near BJEM School-II, Tankapani road, Bhubaneswar. 9776080988 / 9437493502 D-63958

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-14331

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

BDA Plot 30' road, Electric ସହିତ ମାତ୍ର 7,00,000/- ରେ NH-16ରୁ 200 Mtr. Distanceରେ ମିଳୁଅଛି। 9556730254/ 6371719107 D-14390

5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999. D-68004

4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999. D-68005

9230 sqft yellowzone, Gharabari sthitiban plot connecting 60ft road, close to 200ft wideroad, Mouza- Sundarpur, Bhubaneswar.Contact Owner: 9338342502. D-67394

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392




Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-14424




Cold store size 15x12x10 near Rasulgarh Chhaka, Bhubaneswar 9337793377 / 8917525377 D- 14411

3BHK semifurnished modern flat at main road Unit-8, Soubhagya nagar. 9000004523. D-67706

**ACCOMMODATION**

ଭୁବନେଶ୍ୱରରେ Sweet Stall କରିବା ପାଇଁ ଦୋକାନଘର ଆବଶ୍ୟକ। Contact- 9937105075/ 6370745985. D-66967

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

Ayurvedic full body massage ladies/gents smart experts therapist: 8480939300. D-66966

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787




India's No.1 Packers-Leo Packers & Movers since 1975, Nationwide Network- 9438133699. D-14426




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଖବରଦାର କଳାଇଲମ, ଶୁଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

**AFFIDAVIT**

By virtue of an affidavit in the Court of the Executive Magistrate, Jajpur I, Arati Jena W/o- Satrughna Das of Jayantara, Mangalpur, Jajpur, hereby declared that I have changed my name from Aratee Das to Arati Jena. Henceforth, I shall be known as Arati Jena for all future purposes. D-14420

ଏତଦ୍ୱାରା ଆମେ ସତ୍ୟଭାମା କୁମାରୀ ଦେବୀ ଏବଂ ଜୟଜିତ ସିଂଦେଓ ନିବାସୀ ଦେଓଭବନ, ଟାଉନ୍ ଥାନା ସାମନା, ତହସିଲ/ଜିଲ୍ଲା- ସମ୍ବଲପୁର, ଘୋଷଣା କରୁଅଛୁ ଯେ, ସତ୍ୟନାରାୟଣ ଚନ୍ଦ୍ର ଦେଓ କରିଥିବା ଉଇଲ୍‌ନାମା ରେଜିଷ୍ଟ୍ରର୍ ନଂ.୧୦, ତାରିଖ ୨୨।୦୧।୨୦୦୯ ଅନୁସାରେ ଆମ୍ଭେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଏହି ସମ୍ପତ୍ତିରେ ଅନ୍ୟ କାହାର ଅଧିକାର ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି କ୍ରୟ କିମ୍ବା ବିକ୍ରୟ କଲେ ଆମ୍ଭେ ଦାୟୀ ରହିବୁ ନାହିଁ। ସମ୍ପତ୍ତିର ବିବରଣୀ- ଏମ୍. ଏସ୍ ହୋଲ୍ଡିଂ ନଂ. ୭୪୪- ରାମପୁର ଏବଂ ଖାତା ନଂ. ୮୯୬, ଗ୍ରାମ- ରାମପୁର, ଖାତା ନଂ. ୧୧୫ ,ଏବଂ ୯୬, ଗ୍ରାମ- ପଣ୍ଡକିମାଲ ଏବଂ ଖାତା ନଂ. ୫୬ ଗ୍ରାମ- ତନ୍ତଗାଡ଼ ଇତ୍ୟାଦି। D-14409

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବୁଢ଼ାରଜା ବନସଂରକ୍ଷଣ ସମିତି ପକ୍ଷରୁ ବୃକ୍ଷକୁ ପୁଅ ଜିଉନ୍ତିଆ, ଲମ୍ବଡୁଙ୍ଗୁରି, ପୂର୍ବାହ୍ନ ୧୦ଟା ।
- ସ୍ୱଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା ।
- ମାନବସମ୍ବଳ ନେତୃତ୍ୱ ସମ୍ମିଳନୀ, ଆଇଆଇଏମ ସମ୍ବଲପୁର ପରିସର, ପୂର୍ବାହ୍ନ ୧୦ଟା ।
- କୁଲତା ସମାଜର କାର୍ଯ୍ୟକାରୀ କମିଟି ବୈଠକ, ଦାନୀପାଲି ରାମଚଣ୍ଡି ସେବାସଦନ, ସନ୍ଧ୍ୟା ୫ଟା ।
- ଆଇନ ସଚେତନତା ଶିବିର, ସିଭିଲ କୋର୍ଟ ପରିସର, ଅପରାହ୍ନ ୩ଟା ।
- ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ସମ୍ମାନ ସମାରୋହ, ସମଲେଶ୍ୱରୀ ମଣ୍ଡପ, ସନ୍ଧ୍ୟା ୫ଟା ।

**ଭବାନୀପାଟଣା**

- ପ୍ରତିଭା ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭବାନୀପାଟଣା, ସନ୍ଧ୍ୟା ୬ଟା।

**ବରଗଡ଼**

- ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା (ମ୍ୟାଚ୍-ରୋହିନିଆ ବନାମ୍ କେ.ତୁରଙ୍ଗା, ବରଗଡ଼ ବନାମ୍ କନବାର), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା

■ ଉଚ୍ଛେଦ ବିରୋଧରେ ରାସ୍ତାରେ ବସିଲେ ମହିଳା

# ମରିବୁ ପଛେ, ଭିଟାମାଟି ଛାଡ଼ିବୁ ନାହିଁ

■ ଜିଲାପାଳଙ୍କୁ ଫେରାଦ ହେଲେ

■ ଆମ ଉପରେ ବୁଲ୍‌ଡୋଜର ଚଢ଼ାଅ ତା'ପରେ ଉଚ୍ଛେଦ କର

**ପୁରୀ ଅଫିସ, ୨୦।୯**

ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ ମିଟର ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ ଜାରି ରହିଛି। ଡିଜିପିଏସ୍ (ଡିଫରେନ୍‌ସିଆଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ପଦ୍ଧତିରେ ସର୍ଭେ କରାଯାଉଛି। ତେବେ ଏହି ଉଚ୍ଛେଦକୁ ବିରୋଧ କରି ପ୍ରଭାବିତ ହେବାକୁ ଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗୁରୁବାର ସର୍ଭେକୁ ବିରୋଧ କରିବାରୁ ଅଧାରୁ ମାପଚୁପ ବନ୍ଦ ରହିଥିଲା। ଶୁକ୍ରବାର ବି ସମାନ ସ୍ଥିତି ଦେଖିବାକୁ ମିଳିଛି। ଉଚ୍ଛେଦକୁ ବିରୋଧ କରି ବାସେଳିସାହି, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହିର ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ଉଚ୍ଛେଦ ବନ୍ଦ ଦାବିରେ ପଶ୍ଚିମ ପାର୍ଶ୍ୱ ଗାଣ୍ଟୁଆ ଚଉରା ଛକରେ ଧାରଣା ଦେଇଥିଲେ। ସରକାର ଯଦି ଚାହୁଁଛନ୍ତି ତେବେ ପ୍ରଥମେ ଆମ ଉପରେ ବୁଲ୍‌ଡୋଜର ଚଢାଇ ଆମକୁ ମାରିଦେବା ପରେ ଉଚ୍ଛେଦ କରନ୍ତୁ ବୋଲି ମହିଳାମାନେ କହିଥିଲେ। ଫଳରେ ଉଚ୍ଛେଦକୁ ନେଇ ପୁଣି ଅଡୁଆରେ ପଡିଛନ୍ତି ସରକାର।

ଶୁକ୍ରବାର ଗାଣ୍ଟୁଆ ଚଉରା ଛକରେ ମହିଳାମାନେ ଧାରଣ ଦେଇଥିବା ଖବର ପାଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ମହିଳାମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଏହାପରେ ବିଧାୟକ ଷଡ଼ଙ୍ଗୀ ଧାରଣା ଦେଇଥିବା ମହିଳାମାନଙ୍କୁ ସାଙ୍ଗରେ ଧରି ଜିଲାପାଳଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ଧରି ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ବାସେଳିସାହିର ମିନତି ପଣ୍ଡା କହିଥିଲେ, ପୂର୍ବରୁ ୪ଥର ଜିଲା ପ୍ରଶାସନକୁ ଆମେ ଦୁଃଖ ଜଣାଇଛୁ। ଏଥର ଶେଷଥର ପାଇଁ ଆସିଥିଲୁ। ଏହାର ପୁନର୍ବିଚାର କରିବା ପାଇଁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛୁ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସ୍ଥାୟୀ ଭାବେ ବସବାସ କରୁଥିବା ଲୋକଙ୍କ ବାସଗୃହ ଉଚ୍ଛେଦ ନ କରିବା ପାଇଁ ଗୁହାରି କରିଛୁ। ପୁରୁଷ ପୁରୁଷ ଧରି ଆମେ ଘର କରି ରହିଆସିଛୁ। ମରିଯିବୁ ପଛେ, କେବେହେଲେ ଭିଟାମାଟିକୁ ଛାଡିପାରିବୁ ନାହିଁ ପଣ୍ଡା କହିଥିଲେ। ଅନ୍ୟ ଜଣେ ମହିଳା କହିଥିଲେ, ପଶ୍ଚିମ ପାର୍ଶ୍ୱକୁ ନ ଭାଙ୍ଗିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛୁ। ବର୍ତ୍ତମାନ ଯେଉଁ ମାପଚୁପ ଚାଲିଛି ତାହା ବନ୍ଦ କରାଯାଉ। ରାଜ୍ୟ ସରକାରଙ୍କୁ ଏହାର ପୁନର୍ବିଚାର ପାଇଁ ଆମେ ଜିଲାପାଳଙ୍କୁ ଗୁହାରି ଜଣାଇଛୁ। ଆମ ଅନୁରୋଧକୁ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଧାରଣାରେ ମହିଳାମାନେ ବସିଥିବା ଖବର ପାଇ ସେମାନଙ୍କ ପାଖରେ ପହଞ୍ଚିଥିଲି। ଲୋକମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ସହମତିରେ ଯାହା ବିକାଶ ହେଉ। କାହା ଆଖିରେ ଲୁହ ବା କାହା ମନରେ ଦୁଃଖ ଦିଆ ନ ଯାଉ। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ। କିନ୍ତୁ ଏଥିପାଇଁ ଲୋକମାନଙ୍କ ସହ ଥରେ ନୁହେଁ, ଆବଶ୍ୟକ ପଡିଲେ ଚାରିଥର ଆଲୋଚନା କରି ସହମତି ଭିତ୍ତିରେ କାର୍ଯ୍ୟ କରାଯିବ।



ପଶ୍ଚିମ ପାର୍ଶ୍ୱ ଗାଣ୍ଟୁଆ ଚଉରା ଛକରେ ଧାରଣାରେ ବସିଥିବା ମହିଳାମାନେ।



## ଜିଲା ଚିଠି କଳାହାଣ୍ଡି

## କ୍ୱାକ୍‌ଙ୍କ ହାତରେ ସ୍ୱାସ୍ଥ୍ୟସେବା

ସରକାର ସ୍ୱାସ୍ଥ୍ୟସେବା ନାଁ ରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସରକାର କହୁଛନ୍ତି। ହେଲେ କଳାହାଣ୍ଡି ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲିଛି। ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗମନାଗମନର ସୁବିଧା ନ ଥିବା ଯୋଗୁ ଜିଲାର ବହୁ ଅଞ୍ଚଳବାସୀ କ୍ୱାକ୍‌ମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବହୁ ରୋଗୀଙ୍କ ଅକାଳରେ ମୃତ୍ୟୁ ଘଟୁଛି। ଏହାପରେ ବି ସମ୍ପୃକ୍ତ କ୍ୱାକ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇଛନ୍ତି। ଆବଶ୍ୟକ ଔଷଧ ପ୍ରତି ଗାଁର ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ତଥା ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ଜିଲାର ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ଉପରେ ରୋଗୀମାନେ ନିର୍ଭର କରୁଥିବା ନଜିର ରହିଛି। ବିଶେଷ କରି ଜିଲାର ଥୁ.ରାମପୁର, ଲାଞ୍ଜିଗଡ, ମ.ରାମପୁର, ଭବାନୀପାଟଣା, କୋକସରା, ଗୋଲାମୁଣ୍ଡା, ଜୁନାଗଡ, ଧର୍ମଗଡ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା ଗ୍ରାମରେ କ୍ୱାକ୍‌ମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଅତିଷ୍ଠ ହେଉଛନ୍ତି। କ୍ୱାକ୍‌ମାନଙ୍କ ଏହି କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ସେମାନେ ରୋଗୀମାନଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। କେତେଜଣ କ୍ୱାକ୍ କଲିକତା, ମୁମ୍ବାଇରୁ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଆଣି ଗ୍ରାମାଞ୍ଚଳରେ ସାଇନ ବୋର୍ଡ ଲଗାଇ ରୋଗୀ ଚିକିତ୍ସା କରୁଛନ୍ତି। ହେଲେ ସେହି ପ୍ରମାଣପତ୍ର ସତ୍ୟତାକୁ ପରଖିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଏ ଯାଏ ଗ୍ରହଣ କରାଯାଉନାହିଁ। ଫଳରେ ସେମାନେ ନିରୀହ ରୋଗୀଙ୍କଠାରୁ ଚିକିତ୍ସା ନାଁରେ ଟଙ୍କା ଲୁଟି ଚାଲିଛନ୍ତି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା, କ୍ୱାକମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଆଣି ରୋଗୀମାନଙ୍କୁ ଦେଉଛନ୍ତି। ସେହି ଔଷଧ ସଂକ୍ରାନ୍ତରେ ପ୍ରଶାସନିକ ତଦନ୍ତର ଆବଶ୍ୟକତା ରହିଛି। ଏପରି କି କେତେଜଣ କ୍ୱାକ୍ ନିଜ ଘରେ ମିନି ଡାକ୍ତରଖାନା ଖୋଲି ରୋଗୀମାନଙ୍କୁ ଔଷଧ ସାଙ୍ଗକୁ ସାଲାଇନ୍ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। କ୍ୱାକ୍‌ମାନେ ବେଆଇନ ଗର୍ଭପାତ କରାଇବା ସହ ଗର୍ଭବତୀ ଓ ଶିଶୁମାନଙ୍କୁ ଚିକିତ୍ସା କରିବାକୁ ବି ପଛାଉ ନାହାନ୍ତି। ସରକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ଗ୍ରାମରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି, ସ୍ୱାସ୍ଥ୍ୟ କର୍ମୀ ଆଦି ନିଯୁକ୍ତି କରିଛନ୍ତି। ହେଲେ ଏସବୁ କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ୱାକ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

– ସଞ୍ଜୀବ କୁମାର ଜୋଷୀ

### ଅଟୋ-ଟ୍ରକ୍ ମୁହାଁମୁହିଁ ଧକ୍କା

## ୨ ମହିଳା ମୃତ, ଜଣେ ଗୁରୁତର

**ପବିତ୍ରନଗର, ୨୦।୯(ଡି.ଏନ.ଏ.):** ଅନୁଗୋଳ ଜିଲା ୧୪୯ ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ନାଇକାନାଳୀ ଛକଠାରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋରେ ଥିବା ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ଆଉ ୪ ଜଣ ଆହତ ହୋଇଛନ୍ତି। ମୃତା ମହିଳା ଦ୍ୱୟ ହେଲେ ପରଜଙ୍ଗ ଥାନା ଅଞ୍ଚଳର ଶାନ୍ତି ବେହେରା ଓ ଗୋଲାପ ବେହେରା। ଆହତମାନଙ୍କୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଓ ଅନୁଗୋଳ ଡାକ୍ତରଖାନାକୁ ପଠାଯାଇଛି। ଅପରାହ୍ନ ପ୍ରାୟ ୪ଟାରେ ଅଟୋଟି (ନଂ. ଓଡି ୩୫ ଏ ୯୮୪୧) ଶରଧାପୁର ଆଡୁ ପିଟିରି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ ଓଆର ୦୪ ଏଚ ୯୩୯୩) ସହ ଧକ୍କା ହୋଇଥିଲା। ସମଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଟ୍ରକ୍ ହେଲପର ଅଟକ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ମୃତଦେହ ରାସ୍ତାରେ ପଡି ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

# ଅନ୍ୟ ଭାଷା ଉପରେ ହିନ୍ଦୀକୁ ଲଦି ଦିଆଯିବା ଠିକ୍ ନୁହେଁ

■ଓଡ଼ିଆ ଭାଷା ବିକାଶ ମଞ୍ଚର ବିରୋଧ, କଳାପତାକା ପ୍ରଦର୍ଶନ

**ରାଉରକେଲା ଅଫିସ, ୨୦।୯**

ଏକ ରାଷ୍ଟ୍ର ଓ ଏକ ଭାଷାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଇଥିବା ମନ୍ତବ୍ୟକୁ ରାଉରକେଲା ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି । ହିନ୍ଦୀ ଭାଷାକୁ ସମସ୍ତଙ୍କ ଉପରେ ଲଦି ଦେବା ଠିକ୍ ନୁହେଁ । ମଞ୍ଚ ଏହାକୁ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ଉକ୍ତ ସଙ୍ଗଠନ ପକ୍ଷରୁ କୁହାଯାଇଛି । ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ସ୍ଥାନୀୟ ବିଶ୍ରା ଛକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ମନ୍ତବ୍ୟକୁ ବିରୋଧ କରାଯିବା ସହ କଳାପତାକା ପ୍ରଦର୍ଶନ କରାଯାଇଥିଲା । ଦେଶରେ ୨୨ଟି ରାଷ୍ଟ୍ର ସ୍ୱୀକୃତ ଭାଷା ରହିଛି। ସଂଘୀୟ ବ୍ୟବସ୍ଥାରେ ସବୁ ଚାଲିଛି। ସେଥିମଧ୍ୟରୁ ୭ଟି ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଥିବା ବେଳେ ସେଥିରୁ ଓଡ଼ିଆ ଭାଷା ଅନ୍ୟତମ। ବର୍ତ୍ତମାନ ଯାଏ ହିନ୍ଦୀ ଭାଷା ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇନାହିଁ। ଏପରି ସ୍ଥଳରେ ଅନ୍ୟ ଭାଷା ଉପରେ ହିନ୍ଦୀ ଭାଷାକୁ ଲଦି ଦେବା କେବେବି ଗ୍ରହଣୀୟ ହେବ ନାହିଁ ବୋଲି ମହାପାତ୍ର କହିଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ କଳାପତାକା ପ୍ରଦର୍ଶନ କରାଯାଇଥିଲା । ଏଥିରେ ବିଚିତ୍ରାନନ୍ଦ ସାହୁ, କେଦାର ପ୍ରଧାନ, ମୀନକେତନ ଦାସ, ଅଭିରାମ ପ୍ରଧାନ, ରମେଶ ମାଝୀ, ଅକ୍ଷୟ ପଣ୍ଡା, ଲଳିତ ଜେନା, କୁଞ୍ଜବିହାରୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।




ଶୁକ୍ରବାର ଓଡ଼ିଆ ଭାଷା ବିକାଶ ମଞ୍ଚର କର୍ମକର୍ତ୍ତାମାନେ ବିଶ୍ରା ଛକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ 'ଗୋଟିଏ ରାଷ୍ଟ୍ର ଗୋଟିଏ ଭାଷା' ମନ୍ତବ୍ୟକୁ ନିନ୍ଦା କରିବା ସହ କଳାପତାକା ପ୍ରଦର୍ଶନ କରୁଛନ୍ତି।

# ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା

**ଭୁବନେଶ୍ୱର,୨୦।୯ (ବ୍ୟୁରୋ)**

ପ୍ରତିବର୍ଷ ପରି ଚଳିତ ଥର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରି ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୱାର୍ଡସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ବିଜେଡି ନେତୃବୃନ୍ଦଙ୍କୁ ଚିଠି ଲେଖି ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି ଚଳିତ ମାସ ୨ରୁ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସଭ୍ୟ ସଂଗ୍ରହ ସହ ଜନସମ୍ପର୍କ ପଦଯାତ୍ରାକୁ ଆହୁରି ବ୍ୟାପକ କରିବାକୁ କୁହାଯାଇଛି। ନୂତନ ସଦସ୍ୟତା ଅଭିଯାନରେ ମହିଳା ଏବଂ ଯୁବବର୍ଗଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଏବଂ ଲୋକକୈନ୍ଦ୍ରିକ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫'ଟି ମନ୍ତ୍ର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ତୃଣମୂଳଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମର ସମୀକ୍ଷା କରାଯିବ। ସେହିପରି ଦଳୀୟ ସମସ୍ତ କାର୍ଯ୍ୟକ୍ରମ ବିବରଣୀ ସଭାପତିଙ୍କୁ ପଠାଇବା ପାଇଁ ବିଜେଡି ନେତୃବର୍ଗଙ୍କୁ କୁହାଯାଇଛି।


ଓଡ଼ିଶା ସରକାର

ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

ଆଧାର ସେବା ପାଇଁ ନିର୍ଦ୍ଧାରିତ ଶୁଳ୍କ

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନୂତନ କରି ଆଧାର ପଞ୍ଜୀକରଣ ଏବଂ ଆଧାର କାର୍ଡରେ ସଂଶୋଧନ ନିମନ୍ତେ ରାଜ୍ୟ ସାରା ବିଭିନ୍ନ ସ୍ଥାନରେ ପଞ୍ଜୀକରଣ କେନ୍ଦ୍ର ମାନ ଖୋଲାଯାଇଅଛି । ସରକାରଙ୍କ ଦ୍ୱାରା ବିଭିନ୍ନ ଆଧାର ସେବା ପାଇଁ ନିମ୍ନଲିଖିତ ମତେ ଶୁଳ୍କ ଧାର୍ଯ୍ୟ କରାଯାଇଛି ।

୧. ନୂତନ କରି ଆଧାର ପଞ୍ଜୀକରଣ ଓ ୫/ ୧୫ ବର୍ଷ ପରେ ଅନିର୍ବାଯ୍ୟ ବାୟୋମେଟ୍ରିକ୍ସ ନବୀକରଣ – ନିଃଶୁଳ୍କ

୨. ଆଧାର କାର୍ଡରେ ଯେକୌଣସି ପ୍ରକାର ସଂଶୋଧନ – ୫୦ ଟଙ୍କା

୩. ଆଧାର ୱେବସାଇଟ୍‌ରୁ A4 ଆକାରର ରଂଗୀନ ଆଧାରକାର୍ଡ ପ୍ରିଣ୍ଟ – ୩୦ ଟଙ୍କା

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେତେକ ପଞ୍ଜୀକରଣ କେନ୍ଦ୍ରରେ ଉପରୋକ୍ତ ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଅର୍ଥ ଦାବି କରୁଥିବାର ସୂଚନା ସରକାରଙ୍କ ନଜରକୁ ଆସିଅଛି । ଏଣୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି ଯଦି କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଅର୍ଥ ଦାବି କରୁଥାନ୍ତି, ତେବେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡି.ଓ) କିମ୍ବା ସହରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରନ୍ତୁ । "ଜନ ହିତରେ ଜାରୀ"



airtel

ନିରପେକ୍ଷ ବିଜ୍ଞପ୍ତି

ଭାରତୀ ଏୟାରଟେଲ ଲିମିଟେଡ

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ମାର୍ଚ୍ଚ, 2018 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2019 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2019 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2019 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2019 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341801000500500 ରୁ 1341805001999144।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024



NATIONAL INSURANCE COMPANY LIMITED
(A GOVT. OF INDIA UNDERTAKING)
Bhubaneswar Regional Office, 6th Floor, IDCO Tower, Janpath, Bhubaneswar-751022

Trusted since 1906

**Requires Office Premises at Kamakhyanagar** Dt. 21.09.2019

Two bid sealed (Technical & Financial bid) offers are invited for office premises for our KAMAKHYANAGAR Business Centre admeasuring 200 to 250 Sqft carpet area preferably in Ground floor or First floor with one common toilet on lease basis for 06 years with suitable enhancement of rent in every 03 years. Tender forms along with guidelines will be available at Bhubaneswar Regional Office, Angul DO and Dhenkanal BO during office hours. Last date of submission/receipt of tender is 04.10.2019 by 4 PM through registered post/ speed post/ courier service or directly drop in the tender box of the Regional Office, at IDCO Towers, 6th Floor, Bhubaneswar. For details contact Manager, Estate Dept. of the Regional Office/ Angul Divisional Offie, Hanuman Bazar, Angul-759122/ Dhenkanal Branch Office, Madhukunj, South Madhuban, Dhenkanal-759001 or over phone No: 06764-230602/ 06762-224522 or visit our website (www.nationalinsuranceindia.com).

Brokers need not apply.

(Sd./- Abhiram Sethy)
Chief Regional Manager



NOTICE

IN THE DEBTS RECOVERY TRIBUNAL: CUTTACK
C-71, Sector-7, CDA, Cuttack-753014
O.A. No. 102 of 2019

State Bank of India, Bhanjanagar Branch ... Applicant
- Versus -
Smt. Rajani Palo and another ... Defendants

To
1. **Smt. Rajani Palo**, W/o Mr. Bata Krushna Palo, At/P.O: Netenga, Via: Gobara, Dist. Ganjam - 761124.
2. **Mr. Bata Krushna Palo**, S/o Late Basudeba Palo, At/P.O: Netenga, Via: Gobara, Dist. Ganjam - 761124.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted a suit in **O.A. No.102 of 2019** in the court of Debts Recovery Tribunal at Cuttack for recovery of **Rs.19,61,396/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on **Dt. 08.11.2019** at **10.30 AM** as to why the reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the 16th day of September 2019.

Sd/- Registrar
Debts Recovery Tribunal, Cuttack



NOTICE

IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK - 753014
O.A. No. 158 OF 2019

Syndicate Bank
Paradeep Port Branch
Paradeep, Dist.: Jagatsinghpur .....Applicant
- Versus -
Mr. Gourahari Palai and others .....Defendants

To,
1. **Mr. Gourahari Palai,** S/o.: Late Mayadhar Palai, At/P.O.- Paradeepgarh, PS.: Paradeep Lock, Dist.: Jagatsinghpur, PIN - 754141
2. **Mr. Balgopal Palai,** S/o.: Late Mayadhar Palai, At/P.O.- Paradeepgarh, PS.- Paradeep Lock, Dist.: Jagatsinghpur, PIN - 754141
3. **Mr. Pradeep Palai,** S/o.: Late Mayadhar Palai, At/P.O.- Paradeepgarh, PS.- Paradeep Lock, Dist.: Jagatsinghpur, PIN - 754141
4. **Mr. Nirmal Chandra Biswal,** S/o.: Late Kashinath Biswal, At- Atharbanki Lockpada, P.O.- Atharbanki, P.S.- Paradeep, Dist.: Jagatsinghpur - 754142

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in **O.A. No. 158 of 2019** in the court of Debts Recovery Tribunal at Cuttack for a recovery of **Rs.44,13,388.51** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **11th day of Nov. 2019 at 10.30A.M.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **17th day of September, 2019.**

Sd/- M.K. Patnaik
REGISTRAR
Debts Recovery Tribunal

ଯେତେଦିନ ପର୍ଯ୍ୟନ୍ତ ଦୁଃଖ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ଜୁହି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃଖ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ

# ବାବୁଙ୍କ ବିଦ୍ରୋହ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୋଟିଏ ମାସ ଭିତରେ ତିନିଜଣ ଆଇଏଏସ୍ ଅଫିସର ଇସ୍ତଫା ଦେବା ଘଟଣା ସରକାରୀ ମହଲରେ ଏକ ପ୍ରକାର ଗୋପନ ଭୟର ବାତାବରଣ ସୃଷ୍ଟି କରିଛି। ତାହାକୁ ନେଇ ମୋଦି ସରକାର ଚିନ୍ତାରେ ଅଛନ୍ତି। ଏଜିଏମ୍ୟୁଟି କ୍ୟାଡର ଅଫିସର କନ୍ନନ ଗୋପୀନାଥନ୍ ଏବଂ କର୍ନାଟକ କ୍ୟାଡର ଅଫିସର ଶଶିକାନ୍ତ ସେନ୍ଥିଲ ଭିନ୍ନମତ ପାଇଁ ଏ ଦେଶରେ ସ୍ଥାନର ଅଭାବ ଥିବା ଦର୍ଶାଇ ଚାକିରିରୁ ଇସ୍ତଫା ଦେଇଛନ୍ତି। ଉଭୟ ଘଟଣାରେ ଅଫିସରଦ୍ୱୟଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଗୋପୀନାଥନ୍ ତାଙ୍କ ସରକାରୀ ଚାକିରି ଛାଡ଼ିବାର କାରଣ ଭାବେ କଶ୍ମୀରରେ ଚାଲିଥିବା ଦମନଲୀଳାକୁ କାରଣ ଭାବେ ଦର୍ଶାଇଥିବା ବେଳେ ତାଙ୍କୁ ପ୍ରଶାସନିକ ଅବହେଳା ଅଭିଯୋଗ ଉପରେ କାରଣ ଦର୍ଶାଇବାକୁ ନୋଟିସ ଜାରି କରି ଚାକିରିରେ ପୁଣି ଯୋଗଦେବାକୁ କୁହାଯାଇଛି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ସେ ମାମୁଲି ବୋଲି ଦର୍ଶାଇବା ସହ କହିଛନ୍ତି ଯେ ଏକ ଜବାବୀ କଥନିକା (କାଉଣ୍ଟର ନ୍ୟାରେଟିଭ୍) ସୃଷ୍ଟି କରିବା ପାଇଁ ପୁରୁଣା ପ୍ରସଙ୍ଗ ଉଠାଯାଇଛି। ତୃତୀୟ ଅଫିସର ଜଣକ ହେଉଛନ୍ତି ଏଜିଏମ୍ୟୁଟି କ୍ୟାଡରର କାଶୀନାଥ ମିଟ୍ଟଲ, ଯିଏ କି ନୀତି ଆୟୋଗରେ ନିଯୁକ୍ତି ପାଇଥିଲେ। ତାଙ୍କୁ ଅରୁଣାଚଳ ପ୍ରଦେଶକୁ ବଦଳି କରାଯିବା ପରେ ସେ ଇସ୍ତଫା ଦେଇଛନ୍ତି।

ରାଜନୈତିକ ପାଣିପାଗ ଗରମ ଥିଲାବେଳେ ଏହି ଇସ୍ତଫାଗୁଡ଼ିକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ବାବୁରୁ ନେତା ହୋଇଥିବା ଶାହ ଫୈଜଲଙ୍କ ପ୍ରସଙ୍ଗ ଏବେ ଚର୍ଚ୍ଚାକୁ ଆସିଛି। ଗତ ଜାନୁୟାରୀ ମାସରେ ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇଥିବା ଫୈଜଲ ସରକାରଙ୍କ କଶ୍ମୀର ନୀତିକୁ ସମାଲୋଚନା କରିଛନ୍ତି। ଭାରତ ଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ରୋକାଯାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଟକ ରଖାଯାଇଛି। ସରକାର ଚାକିରିଆମାନଙ୍କ ଉପରେ ଚାପ ପକାଉଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ସରକାର ଏହାକୁ ଅସ୍ୱୀକାର କରିଛନ୍ତି।

ତଥାପି ବାହାରେ ଶାନ୍ତଭାବ ଥିବାବେଳେ ମୋଦି ସରକାର ଇସ୍ତଫାଗୁଡ଼ିକୁ ଗୁରୁତ୍ୱର ସହ ନେଇଛନ୍ତି। କେନ୍ଦ୍ର ସରକାର ଏବେ ପ୍ରଶାସନିକ ଚାକିରି ଛାଡ଼ିବାର ସର୍ତ୍ତାବଳୀକୁ ସଂଶୋଧନ କରିବା କଥା ଚିନ୍ତା କରୁଥିବା ଜଣାପଡ଼ିଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଉକ୍ତ ଇସ୍ତଫାଗୁଡ଼ିକ ଉପରେ ଆଲୋଚନା କରି ସମସ୍ୟା ସମାଧାନର ସୂତ୍ର ବାହାର କରିବାକୁ ଯୋଜନା କରୁଛି। ବାବୁମାନେ ଯେପରି ସହଜରେ ଚାକିରି ଛାଡ଼ି ନ ପାରିବେ ସେଥିପାଇଁ ଏକ ନୀତି ପ୍ରଣୟନ କରିବାକୁ ସରକାର ଯୋଜନା କରୁଥିବା ବିଶ୍ୱାସ କରାଯାଉଛି। ଏ ଲେଖା ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସରକାର ଉକ୍ତ ବାବୁମାନଙ୍କର ଇସ୍ତଫା ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଆଇଏଏସ୍, ଆଇପିଏସ୍, ଆଇଏଫ୍ଓଏସ୍ ପ୍ରଭୃତି ସର୍ବଭାରତୀୟ ସେବା କ୍ଷେତ୍ରରେ ଏବେ ବହୁ ପଦବୀ ଖାଲି ପଡ଼ିଥିବା ନେଇ ସରକାର ସଚେତନ ଅଛନ୍ତି। ତେଣୁ ବାବୁମାନେ ଚାକିରିରୁ ଇସ୍ତଫା ଦେବା ଲାଗି ସରକାର ଅଧିକ ସର୍ତ୍ତ ରଖିବାକୁ ଚାହୁଁଥିବା ଜଣାପଡ଼ିଛି।

ବାବୁମାନଙ୍କ ପିଛା ସରକାର ତାଲିମ ବାବଦକୁ ବିପୁଳ ଟଙ୍କା ଖର୍ଚ୍ଚ କରୁଥିବାରୁ ସେହି ବାବୁମାନେ ଯେକୌଣସି କାରଣରୁ ଅଧାରୁ ଚାକିରି ଛାଡ଼ିଦେଲେ ଏହାଦ୍ୱାରା ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ଘଟୁଛି। ତେଣୁ ତାଲିମ ପରେ ବାବୁମାନେ ଯେପରି ସହଜରେ ଚାକିରି ଛାଡ଼ି ନ ପାରିବେ ସେଥିପାଇଁ ସରକାର ଚାକିରି ସର୍ତ୍ତାବଳୀକୁ କଡ଼ା କରିବା ପାଇଁ ଚାହୁଁଛନ୍ତି। ସେହି ଅନୁଯାୟୀ ତାଲିମ ପରେ କିଛିବର୍ଷ ଚାକିରି କରିବାକୁ ସରକାର ବାଧ୍ୟତାମୂଳକ କରିବେ ଏବଂ ତା' ପୂର୍ବରୁ ଚାକିରି ଛାଡ଼ିବାକୁ ଚାହିଁଲେ ଉକ୍ତ ତାଲିମ ବାବଦରେ ଖର୍ଚ୍ଚ ହୋଇଥିବା ବିପୁଳ ପରିମାଣର ଅର୍ଥ ସମ୍ପୃକ୍ତ ବାବୁମାନଙ୍କୁ ଫେରସ୍ତ ଦେବାକୁ ହେବ– ଏପରି ନିୟମ କରିବା ନିଶ୍ଚୟ ଯୁକ୍ତିଯୁକ୍ତ ହେବ।

ବର୍ତ୍ତମାନର ନିୟମ ଅନୁସାରେ ଚାକିରିରୁ ଇସ୍ତଫା ଦେଉଥିବା ଜଣେ ବାବୁଙ୍କ ପିଛା ତାଙ୍କୁ ବିଦେଶରେ ତାଲିମ ଦେବା ପାଇଁ ସରକାର ଯେଉଁ ଖର୍ଚ୍ଚ କରିଛନ୍ତି, ତାହା ଫେରସ୍ତ ଦେବାକୁ ହେବ। ଯେଉଁ ବାବୁ ପ୍ରୋବେଶନ ସମୟରେ ଚାକିରି ଛାଡ଼ିବାକୁ ଚାହିଁବେ ତାଙ୍କୁ ସମ୍ପୂର୍ଣ୍ଣ ତାଲିମ ଅର୍ଥ ଫେରସ୍ତ ଦେବାକୁ ହେବ। କିନ୍ତୁ ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ଅନିଚ୍ଛୁକ ବାବୁମାନଙ୍କ ଇସ୍ତଫା ବନ୍ଦକରିବା ଦୀର୍ଘକାଳୀନ ଭିତ୍ତିରେ ଉପଯୋଗୀ ହୋଇ ନ ପାରେ। ଏଥିପାଇଁ ସରକାରଙ୍କୁ ଆଇନଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହି ଚିନ୍ତାଧାରା ପୋଷଣ କରୁଥିବା ଲୋକମାନଙ୍କ ବିଶ୍ୱାସ ଅନୁସାରେ ଜବରଦସ୍ତ ଅନିଚ୍ଛୁକ ବାବୁମାନଙ୍କୁ ଅଟକେଇ ରଖିବା ସରକାରଙ୍କ ସ୍ୱାର୍ଥର ଅନୁକୂଳ ହୋଇ ନ ପାରେ। ତେବେ ଏହି ସମସ୍ୟାର ସମାଧାନ ପାଇଁ ସରକାର କ'ଣ ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୪

- ଆଣବିକ ନିରାପତ୍ତା ସଂକ୍ରାନ୍ତ ଆନ୍ତର୍ଜାତିକ ସମ୍ମିଳନୀର ଅନ୍ୟତମ ସଦସ୍ୟ ଭାବେ ଭାରତର ଯୋଗଦାନ।
- ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ଶାନ୍ତିଦେବୀ ଯମୁନାଲାଲ ବଜାଜ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | D | 0 | 9 | | 7 | A | | | | | |
| | C | | | | | | | | | | | | | |
| 5 | 9 | | 6 | | E | B | 8 | | | 2 | 3 | | | |
| | | | | | 8 | 5 | | | | D | | 6 | 7 | |
| | | | C | | 3 | | | | | | | 5 | 4 | B |
| D | 4 | 5 | | | | | | | | 6 | | | | |
| 1 | | 0 | B | | | D | | | | | | 4 | | |
| | A | C | 5 | 3 | | 4 | | | | B | E | | 2 | 6 |
| 9 | | | | | | | | | 1 | 5 | | | | |
| | 7 | | 2 | 4 | | | 1 | | | | | | E | A |
| | 3 | | 4 | 6 | | | | | | | D | | | 8 |
| | | D | | | 1 | 2 | A | | | | 9 | | | 0 |
| | | | | | | | 5 | 8 | | | | | B | 9 |
| 6 | | | | | 9 | | | D | | E | A | C | | 2 |
| | 5 | A | | 8 | | | | | 0 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | 5 | 3 | 7 | C | 2 | D | B | 1 | E | 8 | 6 | A | 0 |
| 7 | 3 | 6 | B | E | A | 5 | 1 | 8 | C | 0 | 9 | 2 | D | 4 |
| A | D | E | 5 | 1 | 2 | C | 0 | 7 | 6 | 4 | 3 | 8 | B | 9 |
| 1 | 0 | 2 | 6 | 8 | D | 4 | 9 | 3 | B | 7 | A | 5 | C | E |
| B | 8 | C | 4 | 0 | 9 | E | 6 | A | D | 2 | 5 | 3 | 1 | 7 |
| 3 | 4 | D | 1 | B | 7 | A | C | 0 | 9 | 6 | 2 | E | 8 | 5 |
| 6 | E | 0 | 9 | 5 | 8 | D | 2 | 4 | A | 3 | B | 1 | 7 | C |
| 2 | C | 9 | D | A | E | 8 | 3 | 5 | 0 | 1 | 7 | 4 | 6 | B |
| 8 | B | A | C | 6 | 3 | 7 | E | 1 | 5 | D | 4 | 0 | 9 | 2 |
| 5 | 7 | 1 | 0 | 2 | 4 | 6 | B | 9 | E | 8 | C | D | 3 | A |
| E | 1 | 4 | 8 | 3 | 5 | B | A | 2 | 7 | 9 | D | C | 0 | 6 |
| C | 2 | 7 | E | D | B | 1 | 4 | 6 | 3 | A | 0 | 9 | 5 | 8 |
| 0 | 5 | B | 7 | 9 | 1 | 3 | 8 | E | 4 | C | 6 | A | 2 | D |
| D | 6 | 8 | A | 4 | 0 | 9 | 7 | C | 2 | 5 | 1 | B | E | 3 |
| 9 | A | 3 | 2 | C | 6 | 0 | 5 | D | 8 | B | E | 7 | 4 | 1 |

ଗତକାଲିର ଉତ୍ତର

# ନୈରାଶ୍ୟରେ ସରେନାହିଁ ବାର୍ଦ୍ଧକ୍ୟ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଏକ ସହରର ଘଟଣା। ସେଠାରେ ଜଗଦୀଶ ନାମକ ଜଣେ ପଚାଶ ବର୍ଷ ବୟସ୍କ ବ୍ୟକ୍ତି ରହୁଥାନ୍ତି। ସେ ଉଚ୍ଚଶିକ୍ଷିତ। ରସାୟନଶାସ୍ତ୍ରରେ ଏମ୍ଏସ୍‌ସି ଡିଗ୍ରୀପ୍ରାପ୍ତ। କୌଣସି ଏକ କଲେଜର ପରୀକ୍ଷାଗାରରେ ଦୀର୍ଘ ପଚିଶବର୍ଷ ଧରି ଡେମୋନଷ୍ଟ୍ରେଟର ଚାକିରି କରୁଥିଲେ। ଜଗଦୀଶ ଅବିବାହିତ। ଘରେ ବୃଦ୍ଧା ମା' ସହିତ ସେ ରହୁଥିଲେ। ମା' ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ତେବେ ଜଗଦୀଶ ମାତୃସେବାରେ ଅବହେଳା କରୁ ନ ଥିଲେ। ଜନନୀର ଦୁଃଖକଷ୍ଟ ତାଙ୍କୁ ମର୍ମନ୍ତୁଦ ପୀଡ଼ା ଦେଉଥିଲା। ତାଙ୍କ ମନରେ ଏଥିପାଇଁ ଲେଶମାତ୍ର ଶାନ୍ତି ନ ଥିଲା।

କିଛିମାସ ପରେ ମା'ଙ୍କର ମୃତ୍ୟୁ ଘଟିଲା। ଅନେକେ ଭାବୁଥିବେ ଯେ, ତାଙ୍କ ଦେହାନ୍ତ ପରେ ଜଗଦୀଶ ଜଞ୍ଜାଳମୁକ୍ତ ହୋଇ ସୁଖରେ କାଳାତିପାତ କରିବେ। କିନ୍ତୁ ତାଙ୍କ ମାନସିକ ସ୍ଥିତିରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଲାନାହିଁ। ଦିନ ପରେ ଦିନ, ମାସ ପରେ ମାସ, ସେଇ ଏକାପ୍ରକାର ଅବସାଦରେ ସେ ସମୟ କାଟିଲେ। ଅତି ଉଦାସ, ସର୍ବଦା ଅନ୍ୟମନସ୍କ। ବର୍ଷକ ପରେ ଯାହା ଘଟିଲା, ତାହା ଥିଲା ଅତ୍ୟନ୍ତ ମର୍ମନ୍ତୁଦ। ନିଜ ଫେସ୍‌ବୁକ୍ ଆକାଉଣ୍ଟରୁ ଦିନେ ପାହାନ୍ତିଆ ପହରରେ ତାଙ୍କର କେତେକ ସାଥୀ ଓ ସମ୍ପର୍କୀୟମାନେ ଏକ ଚାଞ୍ଚଲ୍ୟକର ଖବର ଦେଖିବାକୁ ପାଇଲେ। ସେଥିରେ ଜଗଦୀଶ ସୂଚାଇଥିଲେ ଯେ, ତାଙ୍କ ମା'ଙ୍କ ଜୀବନର ଅନ୍ତିମ କେତେ ବର୍ଷ ତାଙ୍କ ମାନସିକସ୍ତରକୁ ଦାରୁଣ ଭାବେ ଦୋହଲାଇଥିଲା। ଜୀବନ ଯେ ଏତେ ପୀଡ଼ାଦାୟକ, ତାହା ସେ ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରିଛନ୍ତି। କିଛିବର୍ଷ ପରେ ସେ ମଧ୍ୟ ଏମିତି ବାର୍ଦ୍ଧକ୍ୟ ଭୋଗ କରିବେ। ତାଙ୍କୁ ମଧ୍ୟ ସେମିତି ଅସରନ୍ତି ରୋଗ ମାଡ଼ିବସିବ। ଜୀବନର ଚରିତ୍ର ଓ ସ୍ୱଭାବ ଯଦି ଏଇ ପ୍ରକାର, ତେବେ ଏହା କଦାପି ସ୍ୱାଗତଯୋଗ୍ୟ ନୁହେଁ। ତେଣୁ ଏମିତି ଭୟଙ୍କର ଦୁର୍ଦ୍ଦଶା ମାଡ଼ିଆସିବା ଆଗରୁ ସଂସାରରୁ ବିଦାୟ ନେଇଯିବା ଭଲ।

ଏଇ ମର୍ମରେ ସେ ଗୋଟିଏ ସୁଇସାଇଡ୍ ନୋଟ୍ ମଧ୍ୟ ଲେଖିଲେ। ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ, ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି। ସକାଳୁ ଘର ଭିତରୁ କବାଟ କିଳିଦେଇ ସେ ପୋଲିସକୁ ଖବର ଦେଲେ। ଗେଟ୍ ପାଖରେ ଗୋଟିଏ ନୋଟିସ ଝୁଲାଇଥିଲେ, 'ଘର ଭିତରକୁ ଆସନ୍ତୁ ନାହିଁ। ପୋଲିସକୁ ଅପେକ୍ଷା କରନ୍ତୁ'। ସୁଇସାଇଡ୍ ନୋଟ୍‌ରେ ଅତିରିକ୍ତ ଭାବେ ସେ ଉଲ୍ଲେଖ କରିଥିଲେ, ଆସନ୍ତାକାଲିଠାରୁ ମୋତେ କେହି ଦେଖିପାରିବେ ନାହିଁ। ପୁନଃ ଜନ୍ମଚକ୍ର ପ୍ରକ୍ରିୟାରୁ ମୋର ମୁକ୍ତି ପାଇଁ ସମସ୍ତେ ପ୍ରାର୍ଥନା କରନ୍ତୁ। ପୋଲିସ ଯଥାଶୀଘ୍ର ସେଇ ଘରେ ପହଞ୍ଚି ଜଗଦୀଶଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କଲା।

ଅବସାଦଗ୍ରସ୍ତ ଜଗଦୀଶ ଯେଉଁ ଚରମ ପନ୍ଥା ଗ୍ରହଣ କଲେ, ଏହା ଏକ ବ୍ୟକ୍ତିଗତ ମାମଲା ବୋଲି ଅଭିହିତ କରି ପ୍ରସଙ୍ଗଟି ଏଡ଼ାଇଯିବା ଠିକ୍ ନୁହେଁ। ବରିଷ୍ଠମାନଙ୍କ ସମସ୍ୟା ଯେ ଦିନକୁ ଦିନ ଉତ୍କଟ ଓ ଉଗ୍ରରୂପ ନେବ, ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଯୁକ୍ତରାଷ୍ଟ୍ରସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ କର୍ମରତ ପ୍ରଫେସର ଶ୍ରୀପଦ ତୁଲଜାପୁରକରଙ୍କ ନେତୃତ୍ୱରେ ଗବେଷକ ଦଳ ୧୯୬୦ରୁ ୨୦୧୦ ମସିହା ପର୍ଯ୍ୟନ୍ତ ୬୫ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କର ଜନ୍ମ-ମୃତ୍ୟୁ ତଥ୍ୟ ସଂଗ୍ରହ କରିଥିଲେ। ଏହାର ବିଶ୍ଳେଷଣରୁ ନିଷ୍କର୍ଷ ବାହାରିଲା ଯେ, ପ୍ରତି ପିଢ଼ି (୨୫ ବର୍ଷ ବ୍ୟବଧାନରେ) ମଣିଷର ଆୟୁ-କାଳ ତିନିବର୍ଷ ହିସାବରେ ବୃଦ୍ଧି ପାଉଛି। ଏହା ପଛରେ ମୁଖ୍ୟ କାରଣ ହେଉଛି ଉତ୍ତମ ଓ ଫଳପ୍ରଦ ସ୍ୱାସ୍ଥ୍ୟସେବା। ପରିଣାମସ୍ୱରୂପ ଆମେ ଜେଜେବାପା ଓ ଜେଜେମା'ଙ୍କ ଅପେକ୍ଷା ଅଧିକ ଛଅ ବର୍ଷ ବଞ୍ଚିବା ସମ୍ଭବପର (ରିପୋର୍ଟ ୧୫ ନଭେମ୍ବର ୨୦୧୮)। ତେଣୁ ସମାଜରେ ବୟସ୍କଙ୍କ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାକୁ ସ୍ୱୀକାର କରିବାକୁ ପଡ଼ିବ। ଏହିପରି ଜୀବନ ପ୍ରତି ବୀତସ୍ପୃହ ହୋଇ ଜଗଦୀଶମାନେ ଶେଷନିଃଶ୍ୱାସ ତ୍ୟାଗ କରିବା ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ବୟସ୍କମାନେ ସମାଜଠାରୁ ଆଶା କରନ୍ତି ସମ୍ବେଦନଶୀଳତା ଓ ସହାୟତା। ଅବଶ୍ୟ ଏଥିପ୍ରତି କେତେଜଣ ବ୍ୟକ୍ତି ସଚେତନ। ଏପରିକି ଅନେକ ମାନ୍ୟଗଣ୍ୟ କ୍ଷମତାସମ୍ପନ୍ନ ମହାମାନବଙ୍କ ଦୃଷ୍ଟାନ୍ତ ଜଗତ ଭୁଲି ପାରିନାହିଁ।

ମୌର୍ଯ୍ୟ ସମ୍ରାଟ ଅଶୋକ (ଜନ୍ମ ୩୦୪ ଖ୍ରୀଷ୍ଟପୂର୍ବ, ପାଟଳିପୁତ୍ର) ଖ୍ରୀ.ପୂ. ୨୬୮ରୁ ୨୩୨ ଯାଏ ଆମ ଦେଶର ଏକ ବିଶାଳ ଭୂଖଣ୍ଡରେ ଶାସନ କରୁଥିଲେ। ଏକଦା ତାଙ୍କ ସାମ୍ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଲା। ପ୍ରଜାବତ୍ସଳ ଅଶୋକ ବିଭିନ୍ନ ସ୍ଥାନରେ ଅନ୍ନଛତ୍ରମାନ ଖୋଲିଲେ। ଦିନକର ଘଟଣା। ଜଣେ ଭୋକିଲା ବୃଦ୍ଧ ଅନ୍ନଛତ୍ର ଧାଡ଼ିରେ ଆଗରେ ପହଞ୍ଚିବା ବେଳକୁ ସମୟ ଗଡ଼ି ଯାଇଥିଲା। କର୍ମଚାରୀ ଜଣକ ତାଙ୍କୁ ଅନ୍ନଛତ୍ର ବନ୍ଦ ହୋଇଯାଇଥିବା କହି ନିରାଶ କଲେ। ବୃଦ୍ଧଙ୍କ ମୁଣ୍ଡରେ ଗୋଟିଏ ଭାରି ଗଣ୍ଠିଲି ଥିଲା। ଏହି ବରିଷ୍ଠ ଜଣକ ବହୁ ପୂର୍ବରୁ ସେଠାକୁ ଘରୁ ବାହାରିଥିଲେ ସୁଦ୍ଧା ଶାରୀରିକ ଦୁର୍ବଳତାରୁ ଧାଡ଼ିରେ ଯଥାସମୟରେ ଛିଡ଼ାହୋଇ ଅନ୍ନ ଗ୍ରହଣ କରିବାରେ ଅକ୍ଷମ ହୋଇଥିଲେ। ହଠାତ୍ ସେଠାରେ ଜଣେ ବ୍ୟକ୍ତି ଦେବଦୂତ ପରି ପହଞ୍ଚିଲେ। ସେ ଉକ୍ତ ବୃଦ୍ଧଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ।

ସେ କର୍ମଚାରୀଙ୍କୁ ଆଦେଶ ଦେଲେ– ତୁରନ୍ତ ଅକ୍ଷମ ବୃଦ୍ଧଙ୍କୁ ଖାଦ୍ୟ ବିତରଣ କରିବା ପାଇଁ। କେବଳ ସେତିକି ନୁହେଁ। ବୃଦ୍ଧଙ୍କ ଗଣ୍ଠିଲିପତ୍ର ନିଜେ ଧରି ବଳହୀନ ବୃଦ୍ଧଙ୍କୁ ତାଙ୍କ ରହୁଥିବା ସ୍ଥାନରେ ପହଞ୍ଚାଇଲେ। ବୃଦ୍ଧ ଜଣକ ଏହି ଘଟଣାରେ କୃତଜ୍ଞ ଓ ବିସ୍ମିତ ହୋଇ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କ ପରିଚୟ ଜାଣିବାକୁ ଆଗ୍ରହୀ ହେଲେ। କିନ୍ତୁ ଦାତାଜଣକ ନିଜ ପରିଚୟ ଲୁଚାଇଥିଲେ।

ପରେ ଦୈବାତ୍ ଯେତେବେଳେ ଦଳେ ସୈନିକ ଉକ୍ତ ଦାତାଙ୍କୁ ଆକସ୍ମିକ ଭାବେ ଦେଖି ଅଭିବାଦନ ଜଣାଇଲେ, ବୃଦ୍ଧ ଜଣକ ଠିକ୍ ଅନୁମାନ କଲେ ଯେ, ସେ ହେଉଛନ୍ତି ସମ୍ରାଟ ଅଶୋକ। ତାଙ୍କ ପାଦତଳେ ପଡ଼ି ସେ କ୍ଷମା ଭିକ୍ଷା କରିବା ବେଳେ ସମ୍ରାଟ ଅଭୟବାଣୀ ଦେଲେ, "ତୁମେ ଏଭଳି କିଛି କରିନାହଁ ଯେ କ୍ଷମାଯୋଗ୍ୟ ହେବ। ମୁଁ ମୋର କର୍ତ୍ତବ୍ୟ ମାତ୍ର କରିଛି।"

ପ୍ରକାଶ ଥାଉ କି ଏତାଦୃଶ ଉଚ୍ଚମାନର ମାନବିକତା ଆମେ ଏମିତି ଜଣକଠାରେ ଦେଖିବାକୁ ପାଇଲେ, ଯିଏ କି ଦିନେ ଚଣ୍ଡାଶୋକ ଭାବେ କୁଖ୍ୟାତ ଥିଲେ ଏବଂ ପରେ କଳିଙ୍ଗ ଯୁଦ୍ଧରେ ହୃଦୟ ପରିବର୍ତ୍ତନ ଘଟି ଧର୍ମାଶୋକରେ ଜଗତ୍‌ବନ୍ଦ୍ୟ ହେଲେ। ଉଚ୍ଚାସନରେ ଅଧିଷ୍ଠିତ ବ୍ୟକ୍ତିଙ୍କ ଆଦର୍ଶ, ଆଚରଣ ଆମ ଅଧଃପତିତ ସମାଜ ସକାଶେ ଆଲୋକବର୍ତ୍ତିକା ସଦୃଶ ହେବ। ସେମାନଙ୍କ କାର୍ଯ୍ୟବିଧି ସାଧାରଣ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିଥାଏ। ସାଧାରଣ ଭାବେ ମାଛ ମୁଣ୍ଡ ଆଡୁ ପଚିଥିବା ପରି ସମାଜର ଅଧୋଗତି ତୁଙ୍ଗସ୍ଥାନୀୟ ବ୍ୟକ୍ତିଙ୍କଠାରୁ ଆରମ୍ଭହୋଇ ତଳସ୍ତର ପର୍ଯ୍ୟନ୍ତ ସଂକ୍ରମିତ ହୋଇଥାଏ। ତେଣୁ ସର୍ବୋଚ୍ଚ ଶାସନ ଆଦର୍ଶର ଅବତାର ହୁଅନ୍ତୁ।

ଅନ୍ୟ ଏକ ଘଟଣା ଏଠାରେ ଅବତାରଣା କରାଯାଇପାରେ। ଫ୍ରାଙ୍କ୍‌ଲିନ ରୁଜ୍‌ଭେଲ୍ଟ (୧୮୮୨ରେ ନ୍ୟୁୟର୍କରେ ଜନ୍ମ) ଦୀର୍ଘକାଳ (୧୯୨୯-୧୯୩୨) ଆମେରିକାର ରାଷ୍ଟ୍ରପତି ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ଏକଦା ସେ ସସ୍ତ୍ରୀକ ଗୋଟିଏ ଘରୋଇ ସମାରୋହରେ ଯୋଗଦେବା ପାଇଁ ଯାଇଥିଲେ। ସେତେବେଳେ ଜଣେ ବୃଦ୍ଧ ଶ୍ରୀମତୀ ରୁଜ୍‌ଭେଲ୍ଟଙ୍କୁ ଜଣାଇଲେ ଯେ, ତାଙ୍କ ସ୍ତ୍ରୀ ତାଙ୍କୁ ସାକ୍ଷାତ କରିବାକୁ ଆତୁର ଏବଂ ପଚାରିଲେ, ଆପଣ କ'ଣ ଏଥିପାଇଁ ଅନୁମତି ଦେବେନି?

ଶ୍ରୀମତୀ ରୁଜ୍‌ଭେଲ୍ଟ ଅନୁମାନ କରିପାରିଲେ ଯେ, ଆଗ୍ରହୀ ମହିଳା ଜଣକ ନିଶ୍ଚୟ ବୟସ୍କା ହୋଇଥିବେ। ସେ ଉକ୍ତ ବୃଦ୍ଧଙ୍କୁ ପଚାରିଲେ, ଆପଣଙ୍କ ସ୍ତ୍ରୀଙ୍କ ବୟସ କେତେ? ଉତ୍ତର ଜାଣିବା ପରେ ସେ ମନ୍ତବ୍ୟ ଦେଲେ ଯେ, ସେ ମୋଠାରୁ ବୟସରେ ବଡ଼। ତେଣୁ ସମ୍ମାନନୀୟା। ସେ ତୁରନ୍ତ ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ ମଞ୍ଚର ଚୌକିରୁ ଓହ୍ଲାଇ ଆଗନ୍ତୁକ ବୃଦ୍ଧାଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ପେଣ୍ଡାଲ ଉପରକୁ ପାଛୋଟି ଆଣିଥିଲେ। ଏହି ଘଟଣାରେ ରାଷ୍ଟ୍ରପତି ମଧ୍ୟ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ। ବଡ଼ ଲୋକଙ୍କ ଏମିତି ବ୍ୟବହାର ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିଥାଏ। ସମାଜରେ ଏହାର ପ୍ରଭାବ ସୁଦୂରପ୍ରସାରୀ।

ଆମେ ଏଠାରେ କିଛି ସ୍ମରଣୀୟ ଓ ଅନୁକରଣୀୟ ଉଦାହରଣ ଉପସ୍ଥାପନ କଲୁ। ଉଦ୍ଦେଶ୍ୟ ହେଉଛି, ନୈରାଶ୍ୟଭରା ଜଗଦୀଶମାନେ ହୃଦୟଙ୍ଗମ କରନ୍ତୁ ଯେ, ଏଇ ସଂସାରରେ ସେମାନେ ଏକା ଓ ନିରାଶ୍ରୟ ନୁହନ୍ତି। ସେମାନଙ୍କୁ ସହାୟତାର ହାତ ବଢ଼ାଇବାକୁ କ୍ଷମତାଶାଳୀ ବ୍ୟକ୍ତିମାନେ ମଧ୍ୟ କେବେକେବେ ପ୍ରସ୍ତୁତ।

ମୋ–୯୪୩୭୦୨୬୬୫୧

# ମରିଯାଉଥିବା ନଦୀ

ରୁଦ୍ର ପ୍ରସନ୍ନ ରଥ

କାହିଁ କେଉଁ ଅନାଦି କାଳରେ ନଦୀକୂଳରେ ରୂପ ନେଇଥିଲା ମଣିଷ ସଭ୍ୟତା। ବାରଆଡେ ବୁଲୁଥିବା ମଣିଷ ନଦୀକୁ ହିଁ ସାଥିକରି ନେଇଥିଲା ନିଜେ ବଞ୍ଚିବା ଓ ବଢ଼ିବା ପାଇଁ। ଆଉ ସେବେଠୁ ନଦୀ ଯେ ମଣିଷ ସଭ୍ୟତାର ସାବଲୀଳ ଜୟଯାତ୍ରାର ସାକ୍ଷୀ ରହିଛି ତାହା ନୁହେଁ ବରଂ ସେ କ୍ରମବର୍ଦ୍ଧିଷ୍ଣୁ ସଭ୍ୟତାର ମେରୁଦଣ୍ଡ ପାଲଟିଛି। ନଦୀର ଦକ୍ଷତାକୁ ଭରସା କରି ଆଉ କ୍ଷମତାକୁ ଆୟୁଧ କରି ମଣିଷ ନିଜର ପ୍ରଭୂତ ଉନ୍ନତି କରିଛି। ଏଇଠି ମଣିଷ ହାତଗୋଡ ଧୋଇଛି, ଗାଧୋଇଛି ଆଉ ପାଣି ନେଇ ବିଲରେ ମଡାଇ ଚାଷ କରିଛି। ତା'ର କଳକାରଖାନାର ଗର୍ଜନ ହେଉ ବା ସବୁଜ କ୍ଷେତରେ ଲହଡି ଭାଙ୍ଗୁଥିବା ଫସଲ ଏ ସବୁ ସମ୍ଭବ ହୋଇଛି କେବଳ ନଦୀ ଯୋଗୁ। ନଦୀ ଆଉ ମଣିଷର ଏହି ପାରମ୍ପରିକ ସମ୍ପର୍କକୁ ମନେ ପକାଇବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୨୨ ତାରିଖରେ ଅନ୍ତର୍ଜାତୀୟ ନଦୀ ଦିବସ ପାଳନ କରାଯାଉଛି। ବିଶ୍ୱର ନଦୀଗୁଡ଼ିକ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ଏବଂ ଏଥିନେଇ ସମାଧାନର ବାଟ କାଢ଼ିବା ହେଉଛି ବିଶ୍ୱ ନଦୀ ଦିବସର ଉଦ୍ଦେଶ୍ୟ।

ନଦୀ ସହ ମଣିଷର ସମ୍ପର୍କ ବେଶ୍ ପୁରୁଣା। ସମୟ ସହ ତାଳ ଦେଇ ମଣିଷ ଆଗକୁ ଚାଲିଲା ବେଳେ ନଦୀ ସହ ଏହି ସମ୍ପର୍କର ସଂଜ୍ଞା ଏବଂ ସୀମା ବଦଳିଯାଇଛି। ଯାହାକୁ ଦିନେ ମଣିଷ ମା' ବୋଲି ଡାକି ପୂଜା କରୁଥିଲା ସେହି ନଦୀ ଆଜି ପାଲଟିଯାଇଛି ସମ୍ବଳ। ନଦୀକୁ ଆଉ ନଦୀ ହୋଇ ରହିବାକୁ ଦିଆଯାଇନାହିଁ ବରଂ ଏହାକୁ ପରିଣତ କରିଦିଆଯାଇଛି ଗୋଟିଏ ପ୍ରବହମାନ ଗତିଶୀଳ ଯାନରେ। ଯାହାର କାମ ହେଉଛି ମଇଳା ବୋହିବ। ଆଜି ଦୁନିଆର ଅର୍ଦ୍ଧାଧିକ ନଦୀ ପ୍ରଦୂଷଣର ଶିକାର। କେଉଁଠାରେ ନଦୀରେ ମଣିଷ ଭସେଇ ଦେଉଛି ମୂର୍ତ୍ତି କିମ୍ବା ଶବ ତ ଆଉ କେଉଁଠି କଳକାରଖାନାର ପାଣି। ଗଙ୍ଗାଠାରୁ ଗୋଦାବରୀ ଯାଏ ସବୁ ପ୍ରମୁଖ ନଦୀର ପାଣି ଏବେ ପ୍ରଦୂଷିତ। କୁଢ଼କୁଢ଼ ମାତ୍ର ଥରଟିଏ ବ୍ୟବହୃତ ହୋଇପାରୁଥିବା ପ୍ଲାଷ୍ଟିକ୍ ଆଉ କଳକାରଖାନାର କଳାପାଣିରେ ନଦୀ ଆଉ ନଦୀ ହୋଇ ନାହିଁ। ଅନେକ ଜାଗାରେ ଏହା ନାଳର ଭ୍ରମ ସୃଷ୍ଟି କରୁଛି।

ଆମ ଦେଶର ନଦୀଗୁଡ଼ିକୁ ଉଦାହରଣ ରୂପେ ନିଆଯାଉ। ଦକ୍ଷିଣଭାରତର ଅନ୍ୟତମ ପ୍ରମୁଖ ନଦୀ କାବେରୀ ନିଜ ପ୍ରବାହର ୪୦% ହରାଇ ସାରିଥିବା ବେଳେ କୃଷ୍ଣା ଓ ନର୍ମଦାର ଏହି ହାର ୬୦%। ଓଡ଼ିଶାର ମହାନଦୀ ନିଜ ପ୍ରବାହର ୯% ପାଖାପାଖି ହରାଇ ସାରିଲାଣି। ଗୋଦାବରୀ ଓ କୃଷ୍ଣା ନଦୀ ଯେଉଁ ସ୍ଥାନରୁ ବାହାରିଥିଲେ ସେହି ସ୍ଥାନରେ ୨୦୧୬ ମସିହାରେ ଶୁଷ୍କ ହୋଇଗଲେ। ୨୦୧୬ରେ ବିହାରରେ ଗଙ୍ଗା ଏପରି ଶୁଷ୍କ ହୋଇଗଲା ଯେ ଲୋକ ପାଦରେ ଚାଲି ଚାଲି ପାରି ହୋଇଗଲେ। ନର୍ମଦା ଗୁଜରାଟରେ ଏପରି ସ୍ଥିତିକୁ ଆସିଗଲାଣି ଯେ ସେ ସମୁଦ୍ରଠିଁ ପହଞ୍ଚିପାରୁନି। ଦେଶର ପବିତ୍ରତମ ନଦୀ କୁହାଯାଉଥିବା ଗଙ୍ଗା ସଂପୂର୍ଣ୍ଣ ପ୍ରଦୂଷିତ। ଯମୁନାର ଅବସ୍ଥା ବି ସେହିପରି। ମହାନଦୀ ଆଉ କାଠଯୋଡ଼ିରେ ମଧ୍ୟ ବର୍ଷସାରା ପାଣି ରହୁନାହିଁ। ନଦୀ ପ୍ରଦୂଷିତ ହେବାର ସିଧାସଳଖ ପ୍ରଭାବ ମଣିଷ ଉପରେ ପଡୁଛି। ପ୍ରଦୂଷିତ ନଦୀ ଜଳ ଯୋଗୁ ମାଛ ମରିଯାଉଛନ୍ତି ବା ମାଛ ରୋଗାକ୍ରାନ୍ତ ହେଉଛନ୍ତି, ଯାହାକୁ ଖାଇ ମଣିଷ ରୋଗଗ୍ରସ୍ତ ହେଉଛି। ମଣିଷ ନଦୀକୁ ଗୋଟିଏ ନିର୍ଜୀବ ଜଳଭାଗ ଭାବୁଥିବାରୁ ଏପରି ଘଟୁଛି। ଏହା ଭିତରେ ଯେ ଅନେକ ଜଳଚର ଜୀବ ଏବଂ ଉଦ୍ଭିଦଙ୍କର ଗୋଟିଏ ବିରାଟ ଦୁନିଆ ଅଛି, ମଣିଷ ତାହା ଜାଣି ମଧ୍ୟ ଅଜଣା ରହୁଛି।

### ଅନ୍ତର୍ଜାତୀୟ ନଦୀ ଦିବସ ୨୨।୯ ଉପଲକ୍ଷେ

ଅନେକ ଜାଗାରେ ମଣିଷ ନିଜର ଆବଶ୍ୟକତା ପାଇଁ ନଦୀ ଜଳକୁ ବିଭିନ୍ନ ସ୍ଥାନରେ ବାନ୍ଧି ରଖୁଛି, କେଉଁଠି ଡ୍ୟାମ୍ ତିଆରି କରି ତ ଆଉ କେଉଁଠି ନଦୀର ଦିଗ ବଦଳାଇ ଦେଇ। ଏସବୁ ଦ୍ୱାରା ନଦୀ ତା'ର ନିଜ ସ୍ୱରୂପ ହରାଇ ବସୁଛି। କେତେବେଳେ ଅସମୟରେ ବନ୍ୟା ଆସୁଛି ତ ଆଉ କେତେବେଳେ ବର୍ଷସାରା ନଦୀ ଶୁଖିଲା ପଡୁଛି। ଇଟାଲୀର ସାରନୋ କୁହନ୍ତୁ କିମ୍ବା ନାଇଜେରିଆର ନାଇଜର ନଦୀ ଏ ସବୁ ଏବେ ପ୍ରଦୂଷିତ। ନଦୀ କେବଳ ପ୍ରଦୂଷିତ ହେଉନାହିଁ, ବିଷାକ୍ତ ବି ହେଉଛି। ଜମିରୁ କୀଟନାଶକ ନେଇ ଜଳଧାର ନଦୀକୁ ଆସୁଛି। ବୃକ୍ଷ ହ୍ରାସ ଦ୍ୱାରା ମାଟି ପଶିଆସି ନଦୀଗର୍ଭ ପୋତିହୋଇ ପଡୁଛି।

ନଦୀ ପୁଣି ବେଳେ ବେଳେ ପଶିଆସୁଛି ରାଜନୀତି ଭିତରକୁ। ନଦୀ ବନ୍ଧର ଉଚ୍ଚତା ବଢ଼ାଇବା ନେଇ ରାଜନୀତି ଚାଲୁଛି। ପାଣି ଛାଡିବାକୁ ନେଇ ହେଉଛି ହରତାଳ। ଅନେକ ସମୟରେ ରାଜ୍ୟ ରାଜ୍ୟ ଆଉ ଦେଶ ଦେଶ ମଧ୍ୟରେ ନଦୀକୁ ନେଇ ସମ୍ପର୍କ ତିକ୍ତ ହେଉଛି। ଏ ତିକ୍ତତାର ପରିଣାମ ଏତେ ଅଧିକ ଯେ କୁହାଯାଉଛି ତୃତୀୟ ବିଶ୍ୱଯୁଦ୍ଧ କେବଳ ପାଣି ପାଇଁ ହେବ। ଯେତେ ହରତାଳ, ଧର୍ମଘଟ କିମ୍ବା ନଦୀ ପାଇଁ କଳସୀ ଯାତ୍ରା କଲେ ମଧ୍ୟ ନଦୀକୁ ବଞ୍ଚାଇ ହେଉନାହିଁ। ନଦୀକୁ ଜୀବନ୍ତ ବୋଲି ଦେଖାଯାଉ ନ ଥିବାରୁ ସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲିଛି। ପରିସ୍ଥିତି ଏପରି ହେଲାଣି ଯେ ନଦୀମାତୃକାର ଦେଶ ଭାରତ ଏବେ ପାଣି କିଣି ପିଉଛି।

ନଦୀ ଦିବସ ପରିପ୍ରେକ୍ଷୀରେ ନଦୀଗୁଡ଼ିକ ପ୍ରଦୂଷଣ, ଜଳଧାରଣ କ୍ଷମତା ହ୍ରାସ ଏବଂ ନଦୀ ଶୁଖିଯିବା ପରି ଯେଉଁ ଘଟଣା ଘଟୁଛି, ତାହା ଉପରେ ଗମ୍ଭୀର ହେବାର ଆବଶ୍ୟକତା ରହିଛି। ନଦୀକୁ କେବଳ ଜଳ ପାଇଁ ସମ୍ବଳ ବୋଲି ଭାବିବା କିମ୍ବା ନଦୀକୁ ପ୍ରବହମାନ ଡ୍ରେନ ବୋଲି ଭାବିବାର ଭୁଲ୍ ନ କରି ଏହାକୁ ମା' ପରି ସମ୍ମାନ ଦିଆଯାଉ। ନଦୀକୂଳରେ ରହୁଥିବା ଲୋକଙ୍କୁ ଏହାର ରକ୍ଷଣାବେକ୍ଷଣରେ ସାମିଲ କରାଯାଉ। ନଦୀକୁ ପ୍ରଦୂଷିତ କରୁଥିବା ସଂସ୍ଥା ଏବଂ ଅନୁଷ୍ଠାନଗୁଡ଼ିକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏହା ଆଖ ପାଖରେ ଗଛ ଲଗାଯାଉ। ନଦୀର ସୁରକ୍ଷା ନିଶ୍ଚିତ କରିପାରିଲେ ହିଁ ମାନବ ସଭ୍ୟତାର ବିକାଶ ହୋଇପାରିବ ଅନ୍ୟଥା ଆଜି ମରିଯାଉଥିବା ନଦୀସବୁ ଆସନ୍ତାକାଲି ମାନବ ସଭ୍ୟତା ଧ୍ୱଂସର କାରଣ ହେବ।

ଧବଳଗିରି, ଯାଜପୁର ରୋଡ,
ମୋ– ୭୯୭୮୬୭୧୭୭୬

## ଏଇ ଭାରତରେ

ଗୁଜରାଟର ପାଳନପୁର ତହସିଲ ଅନ୍ତର୍ଗତ ବାଘଣା ଗାଁର ଲୋକଙ୍କ ସହ ଯୋଡିହୋଇ ରହିଛି ଏକ ଅଜବ ପରମ୍ପରା। ଆଷାଢ଼ ଚତୁର୍ଦ୍ଦଶୀରୁ ଦଶହରା ଯାଏ ଓଟଗାଡି, ବଳଦଗାଡି, ରଥ, ଦୁଇଚକିଆ ଓ ଚାରିଚକିଆ ଯାନ ଏହି ଗାଁ ଭିତରକୁ ଯିବା ମନା। ଅନ୍ୟ ଗାଁର ଲୋକମାନେ ଆସିଲେ ଗାଁ ବାହାରେ ଗାଡି ରଖିଥାନ୍ତି। ଗୁରୁ ମହାରାଜାଙ୍କ ଆଦେଶକ୍ରମେ ରୋଗରୁ ମୁକ୍ତି ପାଇବା ସକାଶେ ଏଭଳି ପରମ୍ପରା ଆରମ୍ଭ କରାଯାଇଥିଲା। ଏହି ଗାଁରେ ଗୁରୁ ମହାରାଜାଙ୍କର ଏକ ପୁରୁଣା ମନ୍ଦିର ରହିଛି। ତାଙ୍କ ଆଶୀର୍ବାଦରୁ ଗାଁରେ କୌଣସି ବଡ଼ ରୋଗର ପ୍ରକୋପ ଦେଖାଯାଏ ନାହିଁ ବୋଲି ଲୋକେ ବିଶ୍ୱାସ କରନ୍ତି। ୩୫୦ ବର୍ଷ ତଳର ଏହି ପରମ୍ପରା ଆଜି ବି ଶ୍ରଦ୍ଧା ଓ ବିଶ୍ୱାସର ସହ ପାଳନ କରାଯାଉଛି। ବହୁବର୍ଷ ପୂର୍ବେ ଗାଁରେ ମହାମାରୀ ବ୍ୟାପିବା ଦ୍ୱାରା ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲା ଓ ଏହା ବି ପ୍ରତିବର୍ଷ ଲାଗି ରହୁଥିଲା। ଏଥିରୁ ରକ୍ଷା ପାଇବା ପାଇଁ ଗୁରୁ ମହାରାଜା ଆଷାଢ଼ ଚତୁର୍ଦ୍ଦଶୀଠାରୁ ଦଶହରା ଯାଏ କୌଣସି ଗାଡି ଗାଁ ଭିତରେ ପ୍ରବେଶ କରିବାକୁ ମନା କରିଥିଲେ। ଏହା ପାଳନ କରିବା ପରେ ରୋଗର ପ୍ରକୋପ ଆଉ ଦେଖିବାକୁ ମିଳି ନ ଥିଲା।

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମା' କନ୍ଧୁଣୀ ଦେବୀଙ୍କ କଣ୍ଟାପିଢ଼ା ଯାତ୍ରା

ଗଞ୍ଜାମ ଜିଲାର ବ୍ରହ୍ମପୁର ସହରଠାରୁ ଉତ୍ତରପଶ୍ଚିମ କୋଣରେ ୭୫ କିମି ଯିବାପରେ ପଡ଼େ ନଦୀ, ପାହାଡ଼ ଘେରା ସୋରଡ଼ା ସହର। ଏହା ଦକ୍ଷିଣ ଓଡ଼ିଶାର ପ୍ରାଚୀନ ଖିଡ଼ିସିଙ୍ଗି ଚାରିଗଡ଼ ମଧ୍ୟରୁ ସର୍ବପୁରାତନ। ସହରକୁ ଲାଗି ଉତ୍ତର ଦିଗରେ ଋଷିକୁଲ୍ୟା ନଦୀ ଏବଂ ପୂର୍ବ ଦିଗରେ ଜରଉ ନଦୀ ବହିଯାଉଛି। ଦକ୍ଷିଣପଶ୍ଚିମ ଦିଗରେ ସୋରଡ଼ା ଜଳଭଣ୍ଡାର ବ୍ରିଟିଶ୍ ଶାସନ ସମୟରେ ନିର୍ମାଣ ହୋଇଛି। ଏଠାକାର ସର୍ବପ୍ରାଚୀନ ମନ୍ଦିର ମଧ୍ୟରୁ ଶ୍ରୀଜଗନ୍ନାଥ ମନ୍ଦିର ଅନ୍ୟତମ। ସହରର ମଧ୍ୟଭାଗରେ ବିରାଜମାନ କରିଛନ୍ତି ମା' କନ୍ଧୁଣୀ ଦେବୀ ବା ବାରାହୀ। ସେ ଇଷ୍ଟଦେବୀ ରୂପେ ସୋରଡ଼ା ରାଜାଙ୍କ ପାଟଅଗଣାରେ ଥିଲେ। ଏବେ ରାଜାଙ୍କର ଗଡ଼ ନାହିଁ। ତାହା ବହୁ ବର୍ଷ ତଳୁ ଧ୍ୱଂସପାଇଛି। କିନ୍ତୁ ମା' କନ୍ଧୁଣୀ ଦେବୀଙ୍କ ପୂଜା ଓ ରୀତିନୀତି ଜାରିରହିଛି। ବିଶେଷ କରି ମା'ଙ୍କ ପ୍ରସିଦ୍ଧ କଣ୍ଟାପିଢ଼ା ଯାତ୍ରା କେଉଁ ପ୍ରାଚୀନ ସମୟରୁ ହୋଇ ଆସୁଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀରୁ ଆରମ୍ଭ ହୁଏ ୧୨ ଦିନିଆ ଯାତ୍ରା (ତିଥି ଅନୁଯାୟୀ ବେଳେ ବେଳେ ୧୩ ଦିନ। ଚଳିତବର୍ଷର ଯାତ୍ରା ୧୩ ଦିନିଆ)। ଆରମ୍ଭ ଦିନ ରାତ୍ରି ସମୟରେ ଋଷିକୁଲ୍ୟା ଓ ଜରଉ ନଦୀର ସଙ୍ଗମ ସ୍ଥଳରୁ ବାଲି ଆସେ ମା'ଙ୍କ ପୀଠକୁ। ଅର୍ଦ୍ଧରାତ୍ର ସମୟରେ ମୁଗ, ବିରି ଆଦି ପଞ୍ଚ ବ୍ରୀହିକୁ ଏକ ମାଟି ହାଣ୍ଡିରେ ଭଜାଯାଏ। ଏହାପରେ ସଙ୍ଗମ ସ୍ଥଳରୁ ଆସିଥିବା ବାଲିରେ ଉକ୍ତ ଭଜା ପଞ୍ଚବ୍ରୀହିକୁ ବୁଣାଯାଏ, ଯାହା ମା'ଙ୍କ ମହିମାରୁ ୧୦ ଦିନରେ ଗଜା ହୋଇଯାଏ। ପୂର୍ବରେ ଛାଗ ବଳି ପଡୁଥିଲା, ପରେ ତାହା ବନ୍ଦ ହୋଇ ହାଣ୍ଡିଭୋଗ ଚାଲିଛି। ମୂଳାଷ୍ଟମୀ ହେଉଛି ଯାତ୍ରାର ଶେଷ ଦିନ। ଏହିଦିନ ସନ୍ଧ୍ୟା ସମୟରେ ମା' (ଜଣେ ମହିଳା ବା ପୁରୁଷ ଯାହାଙ୍କ ଭିତରେ ମା' ସବାର ହୋଇଥିବା ବିଶ୍ୱାସ କରାଯାଏ) ଟଭାଗଛର କଣ୍ଟାରେ ପ୍ରସ୍ତୁତ ପିଢାରେ ବସି ବେଲକାଠର ଖୁଣ୍ଟିରେ ନିର୍ମିତ ଦୋଳିରେ ଝୁଲିଥାନ୍ତି। କଣ୍ଟା ଦୋଳିରେ ଝୁଲିବା ପରେ ମା'ଙ୍କୁ ଗଜା ହୋଇଥିବା ପଞ୍ଚବ୍ରୀହି ସମର୍ପଣ କରାଯାଏ।

–ଶିଶିର କୁମାର ଦାଶ, ରଥପଦା, ସୋରଡ଼ା

## ପାଠକ ଶ୍ରେଷ୍ଠ ବିଚାରକ

### ଗାନ୍ଧୀପ୍ରେମୀ ଆମ ମୁଖ୍ୟମନ୍ତ୍ରୀ

ମହାଶୟ,

ପୂର୍ବରୁ ସ୍ୱଚ୍ଛତାର ମନ୍ତ୍ର ଫୁଙ୍କୁଥିବା ପ୍ରଧାନମନ୍ତ୍ରୀ ମୋଦି ଚଳିତବର୍ଷ ଅକ୍ଟୋବର ୨ରୁ ଦେଶରେ ଗୋଟିଏଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗାନ୍ଧୀଙ୍କ ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ରଖିବା ପାଇଁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଦୁଃଖର କଥା ନିଶାମୁକ୍ତ ଭାରତ ଗାନ୍ଧିଜୀଙ୍କର ସ୍ୱପ୍ନ ଥିଲାବେଳେ, ଆମ ରାଜ୍ୟରେ ମଦ ବେପାରକୁ ଉତ୍ସାହିତ କରାଯାଉଛି। ଓଡ଼ିଶା ଭଳି ଗରିବ ରାଜ୍ୟରେ ଅନେକ ଲୋକ ନିଶା ଖାଇ ଯେଉଁଭଳି ଭାବରେ ନିଜ ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରୁଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ନିଶା ରାକ୍ଷସର ବିନାଶ ପାଇଁ ଚିନ୍ତା କରିବା ଦରକାର। ବିହାର ଓ ଗୁଜରାଟ ପରି ଓଡ଼ିଶାକୁ ମଦମୁକ୍ତ କରିବାକୁ ଆମ ମୁଖ୍ୟମନ୍ତ୍ରୀ ଯଦି ନିଷ୍ପତ୍ତି ନିଅନ୍ତି, ତେବେ ଚିରଦିନ ପାଇଁ ତାଙ୍କ ନାଁ ଇତିହାସରେ ଲିପିବଦ୍ଧ ହୋଇରହିବ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଗାଡ଼ି କାଗଜପତ୍ର ଠିକ୍ କରିନିଅନ୍ତୁ

ନୂଆ ଯାନବାହନ ନିୟମକୁ ହଠାତ୍ କଡ଼ାକଡ଼ି ପାଳନ କରିବାରୁ ନାନା ଅସୁବିଧା ସୃଷ୍ଟି ହେଲା। ପୋଲିସ ଓ ଲୋକଙ୍କ ମଧ୍ୟରେ ରାଜମହଲ ଛକରେ ଧସ୍ତାଧସ୍ତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କଲା। ମୁଖ୍ୟମନ୍ତ୍ରୀ ତିନିମାସ କୋହଳ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏହି ତିନିମାସ ମଧ୍ୟରେ ଲୋକେ ନିଜ କାଗଜପତ୍ର ଠିକ୍ କରିନେବା ଉଚିତ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



■ କ୍ୟାନ୍ସର ପୀଡିତା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା

# ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ମାମଲା

**ବଲାଙ୍ଗୀର ଅଫିସ, ୨୦।୯**



ପୀଡିତା ମହିଳା ଜଣକ ଶୁକ୍ରବାର ଟାଉନ୍ ଥାନାକୁ ଆସି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି।

ଜଣେ କ୍ୟାନ୍ସର ପୀଡିତା ଅସ୍ଥାୟୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ନାରାୟଣ ଆଚାର୍ଯ୍ୟଙ୍କ ବିରୋଧରେ ଶୁକ୍ରବାର ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି । ଦୁର୍ବ୍ୟବହାରର ଶିକାର ହୋଇଥିବା ଅସ୍ଥାୟୀ ସଫେଇ କର୍ମଚାରୀ ସାରଥି ନାଗ ଓ ସାମାଜିକ କର୍ମୀ ସାଗରିକା ଗୁରୁ ଟାଉନ ଥାନାକୁ ଆସି ଶୁକ୍ରବାର ସୁପରିଣ୍ଟେଣ୍ଡେଣ୍ଟ ଡା.ଆଚାର୍ଯ୍ୟଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଟାଉନ ଥାନାରେ ଆଇପିସି ଧାରା ୨୯୪, ୨୩୨, ୩୫୪ ଓ ୩ ଏସ୍‌ଟି, ଏସ୍‌ସି ଆଟ୍ରୋସିଟି ଆକ୍ଟରେ ଏକ ମାମଲା (ନଂ.୫୦୦/୨୦୧୯) ରୁଜୁ ହୋଇଥିବା ଟାଉନ ଥାନା ଅଧିକାରୀ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଦୀର୍ଘ ୧୨ ବର୍ଷ ଧରି ଅସ୍ଥାୟୀ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ସାରଥି ନାଗ ଗତ ବର୍ଷ କ୍ୟାନସର ରୋଗରେ ପୀଡିତ ହୋଇଥିଲେ । ରୋଗ ଯୋଗୁ ସେ ଛୁଟିରେ ରହି ଚିକିତ୍ସିତ ହେଉଥିଲେ । ଚିକିତ୍ସା ପରେ ଗତ ୧ ତାରିଖ ସେ କାମରେ ଯୋଗ ଦେଇଥିଲେ। ଗତ ୬ ତାରିଖ ପ୍ରବଳ ବର୍ଷା ଯୋଗୁ ତାଙ୍କ ଘରେ ପାଣି ପଶିଯିବାରୁ ସେ ହସ୍ପିଟାଲକୁ ଯାଇପାରି ନ ଥିଲେ। ଏନେଇ ସୁପରିଣ୍ଟେଣ୍ଡେଣ୍ଟ ଡା. ଆଚାର୍ଯ୍ୟ ତାଙ୍କୁ ଚାକିରିରୁ ବହିଷ୍କାର କରିଦେଇଥିଲେ। ତେବେ ଚାକିରିରେ ପୁଣି ଅବସ୍ଥାପିତ କରିବାକୁ ମହିଳା କର୍ମଚାରୀ ଜଣକ ଗୁହାରୀ କରିଥିଲେ । ସୁପରିଟେଣ୍ଡେଣ୍ଟ ଡା ଆଚାର୍ଯ୍ୟ କିଛି ନ ଶୁଣି କ୍ୟାନ୍ସର ରୋଗୀଙ୍କୁ ଚାକିରିରେ ରଖାଯିବ ନାହିଁ ବୋଲି କହିଥିବା ସାରଥି ଅଭିଯୋଗ କରିଥିଲେ। ଗତ ୧୨ ତାରିଖରେ

### ବିଭାଗୀୟ ତଦନ୍ତ ଆରମ୍ଭ

ଜଣେ ସମ୍ପର୍କୀୟ ପଡୋଶୀଙ୍କ ସହ ମହିଳା ଜଣକ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଯାଇ ତାଙ୍କ ଦୁର୍ଦ୍ଦଶା କହିବା ସହ ଚାକିରିରେ ପୁନଃ ଅବସ୍ଥାପିତ କରିବାକୁ ନିବେଦନ କରିଥିଲେ। ତେବେ ସୁପରିଣ୍ଟେଣ୍ଡେଣ୍ଟ ଆଚାର୍ଯ୍ୟ ରାଗିଯାଇ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଇଂଲିଶ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ସାଙ୍ଗରେ ଯାଇଥିବା ପଡୋଶୀ ଯୁବକଙ୍କୁ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟ ଦୁର୍ବ୍ୟବହାର କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଛି। ସୁପରିଟେଣ୍ଡେଣ୍ଟଙ୍କ ଦୁର୍ବ୍ୟବହାର କରୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏଭଳି ଅଭିଯୋଗ ପରେ ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଥିବା ଜଣାପଡିଛି। ଶୁକ୍ରବାର ଭୁବନେଶ୍ୱରରୁ ଡିଏମ୍ଇଟି ନିର୍ଦ୍ଦେଶକ ସୁନାମାଳି ବାଗ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଆସି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିଥିବା ଜଣାପଡିଛି। ଏହି ସମ୍ପର୍କିତ ରିପୋର୍ଟ ସେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ପୂର୍ବରୁ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ହୋଇଥିଲା।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଯୁବକ ଗିରଫ

**ରେଢାଖୋଲ,୨୦।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢାଖୋଲ ଥାନା ପୋଲିସ ଶୁକ୍ରବାର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସହରର ଅମ୍ବପାଳ ଗ୍ରାମର ଲକ୍ଷଣ ଗିଲୁଆ। ନାବାଳିକାଙ୍କ ପରିବାର ପକ୍ଷରୁ ରେଢାଖୋଲ ଥାନାରେ ଅଭିଯୋଗ ପରେ ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଏକ ମାମଲା (ନଂ.୧୯୮/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡିଛି। ଗତ ୧୩ ତାରିଖରେ ନାବାଳିକା ଛାତ୍ରୀ ଜଣକ କଲେଜରୁ ଘରକୁ ଫେରି ନ ଥିଲେ। ଏଣୁ ପରିବାର ପକ୍ଷରୁ ୧୪ ତାରିଖ ରେଢାଖୋଲ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଗୁରୁବାର ଉଭୟଙ୍କୁ ଠାବ କରିଥିଲା। ରେଢାଖୋଲ ଡାକ୍ତରଖାନାରେ ଡାକ୍ତରୀମାଇନା ପରେ ଯୁବକଙ୍କୁ ଗିରଫ କରି ନାବାଳିକାଙ୍କୁ ପୋଲିସ ପରିବାରକୁ ହସ୍ତାନ୍ତର କରିଛି।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ମୁଖ୍ୟ କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ, ୨୦।୯–** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ବଲାଙ୍ଗୀର ଅବକାରୀ ଅଧୀକ୍ଷକଙ୍କ ଅଫିସ ମୁଖ୍ୟ କିରାଣି ତ୍ରିନାଥ ସେଠୀଙ୍କ ଘର ଉପରେ ଚଢ଼ାଉ କରିଛି । ଏଥିସହିତ ତାଙ୍କ ସ୍ତ୍ରୀ ତଥା ବଲାଙ୍ଗୀର ୱେସ୍କୋ ଅଫିସ ଆକାଉଣ୍ଟାଣ୍ଟ ସୀତାରାଣୀ ସେଠୀଙ୍କ ବଲାଙ୍ଗୀର ପ୍ୟାଲେସ ଲାଇନ୍ ଘର ସମେତ ୪ଟି ସ୍ଥାନରେ ଚଢ଼ାଉ କରିଥିଲା। ଭିଜିଲାନ୍ସ ଟିମ୍ ଶୁକ୍ରବାର ସକାଳୁ ପ୍ୟାଲେସ ଲାଇନ୍ ଘର, ଅବକାରୀ ଅଫିସ, ୱେସ୍କୋ ଅଫିସ ଓ ନୂଆପଡାସ୍ଥିତ ସେଠୀଙ୍କ ଶ୍ୱଶୁର ଘରେ ଏକକାଳୀନ ଚଢ଼ାଉ କରିଛି। ବଲାଙ୍ଗୀର ଭିଜିଲାନ୍ସ କାଦମ୍ବିନୀ ସାମଲ, ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର, ବରଗଡ଼ ଡିଏସ୍‌ପି ପରମେଶ୍ୱର କିଷାନ, ସୋନପୁର ଭିଜିଲାନ୍ସ ଇନ୍ସପେକ୍ଟର ଅଭୟ ପଧାନଙ୍କ ସହ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ । ଯାଞ୍ଚ ବେଳେ ସେଠୀଙ୍କ ୮୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଥିବା ଜଣାପଡିଛି। ପ୍ୟାଲେସ ଲାଇନ୍‌ରେ ୩ଟି ପ୍ଲଟ୍‌ରେ ସେଠୀଙ୍କ ଏକ ଦ୍ୱିତଳ କୋଠା ରହିଛି।



ଅବକାରୀ ମୁଖ୍ୟ କିରାଣି ତ୍ରିନାଥ ସେଠୀଙ୍କ ପ୍ୟାଲେସ ଲାଇନ୍ ସ୍ଥିତ ଦ୍ୱିତଳ କୋଠା।

■ ଆବାସିକ ସ୍କୁଲ ଛାତ୍ର ମୃତ୍ୟୁ ଘଟଣା

# ୨ ନିଲମ୍ବିତ ଶିକ୍ଷକଙ୍କୁ ଗିରଫ କଲା ପୋଲିସ

**ଭବାନୀପାଟଣା, ୨୦।୯ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଅଧମୁଣ୍ଡା ସରକାରୀ ଆବାସିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳା ଯୋଗୁ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତି କରି ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଦର ଥାନା ପୋଲିସ ୨ ନିଲମ୍ବିତ ଶିକ୍ଷକଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଧାନଶିକ୍ଷକ ଅଗସ୍ତି ସାହୁ ଓ ସୁପରିଣ୍ଟେଣ୍ଡେଣ୍ଟ ନବୀନ ମହାନନ୍ଦ । କେସିଙ୍ଗା ବ୍ଲକ ଅନ୍ତର୍ଗତ ଅଧମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ଥୁ.ରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ଖୁଲାଣ୍ଡି ଗ୍ରାମର କୀର୍ତ୍ତି ଚନ୍ଦ୍ର ମାଝିଙ୍କ ପୁଅ ଆଶିଷ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଆଶିଷଙ୍କୁ ଗତ ଜୁଲାଇ ୧୮ ତାରିଖରେ ଜ୍ୱର ହୋଇଥିଲା। ସେ ଗୁରୁତର ହୋଇଥିଲେ ବି ତାଙ୍କୁ ମେଡିକାଲକୁ ନିଆଯାଇ ନ ଥିଲା। ସେହି ସମୟରେ ଆଶିଷଙ୍କ ଆଇ ମା’ ତାଙ୍କୁ ଭେଟିବାକୁ ସ୍କୁଲକୁ ଆସିଥିଲେ। ଏତିକି ବେଳେ ଆଶିଷଙ୍କୁ ପ୍ରବଳ ଜ୍ୱର ହୋଇଥିବା ଜାଣିଥିଲେ। ପ୍ରଧାନ ଶିକ୍ଷକଙ୍କୁ ଆଇ ମା ଚିକିତ୍ସା ପାଇଁ କହିଥିଲେ ବି ସେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଫଳରେ ସେ ଆଶିଷଙ୍କୁ ନେଇ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଅତି ଗୁରୁତର ଥିବାରୁ ଆଶିଷଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଆଶିଷଙ୍କ ମୃତ୍ୟୁ ପାଇଁ ଉପରୋକ୍ତ ୨ ଶିକ୍ଷକ ଦାୟୀ ବୋଲି ଅଭିଯୋଗ କରି ପରିବାର ସଦସ୍ୟମାନେ ଭବାନୀପାଟଣା ସଦର ଥାନାରେ ଏତଲା ଦେଇଥିଲେ । ପରେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରି ପ୍ରଧାନଶିକ୍ଷକ ଅଗସ୍ତି ସାହୁ ଓ ସୁପରିଣ୍ଟେଣ୍ଡେଣ୍ଟ ନବୀନ ମହାନନ୍ଦଙ୍କୁ ନିଲମ୍ବନ କରିଥିଲେ। ଶୁକ୍ରବାର ଉଭୟଙ୍କୁ ସଦର ଥାନା ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି।

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Opposite KIIT School of Management, Chandaka Industrial Estate, Patia, Bhubaneswar-751024,
Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for "Subscription renewal of existing UTM-Cyberoam, Model No-CR750iNG-XP, last date of receipt of e-tender is **14.10.2019 till 2 PM**. Details available in e-tender portal and NIFT website https://niftetenders.eproc.in/http://www.nift.ac.in

Director

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
e-procurement notice no. : VI-23(06)/SERIFED/2019-20/1111/Dt.19.09.2019

**INVITATION FOR BIDS (IFB)**

The MANAGING DIRECTOR (SERIFED), Odisha, Bhubaneswar invites percentage rate bids in double cover system in ONLINE MODE only, for work "Renovation, Interior & Exterior decoration of Boyanika showroom" at Western Market Building, Bhubaneswar as follows. **(1) Nature of the work :** Construction, Interior & Exterior decoration of Handloom Showroom (Civil, Electrical, Water Supply Fire fighting) etc. **(2) Value of Tender : Rs.1,62,19,695/-** (Excluding GST), **(3) Cost of bid document :** Rs.10,000/- + 1800 (GST @18%), **(4) Class of Contractor :** "B" & "A" Class, **(5) Availability of Bid Documents in the website - www.tendersodisha.gov.in :** Dt.27.09.2019 to 16.10.2019 up to 5.00 PM, **(6) Pre bid meeting for clarification of bidders :** Dt.03.10.2019 at 3.00 P.M. in the office of SERIFED, **(7) Last date / time of receipt of Bids in the Portal :** Dt.16.10.2019 up to 5.00 PM, **(8) Date of Opening of Bid :** 11.30 A.M. on Dt.17.10.2019. The Bidders have to participate in ONLINE bidding only. Further details can be seen from e procurement portal www.tendersodisha.gov.in. Any addendum/corrigendum / cancellation of tender can also be seen in the said website.

Sd/- Managing Director

**ସିଣ୍ଡିକେଟ୍ ବ୍ୟାଙ୍କ**
ସିଣ୍ଡିକେଟବୈଂକ SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ: ଧର୍ମ ନଗର, ହିମାନୀ ଟାୱାର, ପ୍ରଥମ ମହଲା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୦୦୦୨, ମୋ.: ୮୭୬୩୭୯୩୪୬୯, ଇମେଲ: ro.berhampur@syndicatebank.co.in

**ଦଖଲ ବିଜ୍ଞପ୍ତି କୁ ସଂଶୋଧନ**

ଦୈନିକ ଖବର କାଗଜ "ଧରିତ୍ରୀ" ରେ ତା୩୧.୦୮.୨୦୧୮ରିଖ ରେ ପ୍ରକାଶିତ ଆମ୍ଭର ଦଖଲ ବିଜ୍ଞପ୍ତିରେ ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍ ଶାଖା, ଗଞ୍ଜାମର **ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥିଙ୍କ** ସମ୍ପତ୍ତି ବିବରଣୀରେ କ୍ଷେତ୍ର: ଏକର ୦.୦୩୩ ଡିସିମିଲି ପରେ **ପ୍ଲଟ୍ ନଂ.: ୮୦୧/୨୭୫୮, କ୍ଷେତ୍ର: ଏକର୦.୦୨୭ଡିସିମିଲି, (ଜମି ଏବଂ ଗୃହ) ପରିମିତ କ୍ଷେତ୍ର: ୧୨୬୯ ବର୍ଗଫୁଟ** ପଢିବାକୁ ଅନୁରୋଧ ଏବଂ ବ୍ରହ୍ମପୁର ମୁଖ୍ୟ ଶାଖାର **ଋଣଗ୍ରହୀତା: ସାହୁ କେମିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ବିଜୟ ଚନ୍ଦ୍ର ସାହୁଙ୍କ** ସମ୍ପତ୍ତି ବିବରଣୀରେ କ୍ଷେତ୍ର: ଏକର୦.୦୩୦ ଡିସିମିଲି ପରେ **ପ୍ଲଟ୍ ନଂ.: ୫୭୩, ବର୍ଦ୍ଧିତ କ୍ଷେତ୍ର: ଏକର୦.୦୧୯ଡିସିମିଲି, ମୋଟ ବର୍ଦ୍ଧିତ କ୍ଷେତ୍ର: ଏକର୦.୦୪୯** ଡିସିମିଲି ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।

ସ୍ଥାନ: ବ୍ରହ୍ମପୁର
ତାରିଖ.: ୨୦.୦୯.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ

**Central University of Odisha**
(Established Under the Act of Parliament, 2009)
Sunabeda, Dist. Koraput, Odisha. PIN-763004

Ref.:CUO/Admn/MPC/93 Dt. 12/09/2019

**NOTICE INVITING TENDER**

Sealed quotations are invited from the agencies for Annual Maintenance for providing Manpower Services at Central University of Odisha, Sunabeda, Dist.Koraput, Odisha. The sealed quotations are to be submitted on or before dt.11/10/2019 by 15.00Hrs. as per the prescribed terms and conditions. For further details please log on to University website: www.cuo.ac.in.

Sd/- Registrar

**Central University of Odisha**
(Established Under the Act of Parliament, 2009)
Sunabeda, Dist. Koraput, Odisha. PIN-763004

Ref.:CUO/Admn./ASH/115 Dt.11/09/2019

**NOTICE INVITING TENDER**

Sealed Tenders are invited for Annual Maintenance Contract for providing Housekeeping and Sanitation Services at Central University of Odisha, Koraput. The last date for submission of Tender will be 1500Hrs on 10/10/2019. For further details please log on to our website www.cuo.ac.in.

Sd/- Registrar

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921, Fax: 0674-2541543
Email: ophwc.od@nic.in, Website: www.ophwc.nic.in
e-procurement notice No.- 15/SE/09/OPHWC/2019-20.

**INVITATION FOR BIDS (IFB)**

| | | | |
|---|---|---|---|
| 1. | The **Superintending Engineer** (OSPH&WC), Odisha, Bhubaneswar invites **Percentage rate** bids in **double cover** system in **ONLINE MODE** only, for works as detailed below:- | | |
| 2. | Nature of work | : | Building works |
| 3. | No. of Works | : | 15 Nos. |
| 4. | Bid Cost | : | Rs. 11,800/- (To be paid online) |
| 5. | Value of Tender | : | Rs.51,00,000.00 to Rs.1,99,00,000.00 |
| 6. | Class of Contractor | : | B class to A Class |
| 7. | Availability of Bid Documents in the website | : | Dt.24.09.2019 to Dt.14.10.2019 up to 5:00 P.M. |
| 8. | Last date /time of Receipt of Bids in the Portal | : | Dt.14.10.2019 up to 5:00P.M |
| 9. | Date of Opening Bid | : | Dt.15.10.2019 at 11:30 A.M |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Superintending Engineer(OSPH&WC),Odisha

N.B. - The quoted rate should be all inclusive but excluding G.S.T.as applicable Under works contract.
12025/11/0025/1920 CAD-405

## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.: 08/2018/825 Dated: 24.07.2019

No.: V-70: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଦୋବେଇପେଣ୍ଠ, ଥାନା- ପାଟଣା, ତହସିଲ- ସାହାରାପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟେଲ୍ ମାଇନର କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୭୭, ତା୨୫।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଦୋବେଇପେଣ୍ଠ, ଥାନା- ପାଟଣା, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - ''କ''
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋବେଇପେଣ୍ଠ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୩.୪୩ | ଏ.୦୩.୬୬ | ଏଥି ସହିତ ସଂଲଗ୍ନ |

### ତଫସିଲ - ''ଖ''
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.- ୧୧୭୭, ତା୨୫।୦୭।୨୦୧୮ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନା ବୈଧ ତାରିଖ ୨୮।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

### LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY - MINOR, SUB-MINOR IN DEO IRRIGATION PROJECT

ଗ୍ରାମ: ଦୋବେଇପେଣ୍ଠ, କ୍ରମିକ ସଂଖ୍ୟା - ୧୯୪, ଥାନା - ପାଟଣା, ତହସିଲ - ପାଟଣା, ଜିଲ୍ଲା - କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୨ | ୩୦୮ | ୧.୨୦ | ୦.୩୨ | ଶାରଦ ଏକ | କୀର୍ତ୍ତନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୨ | ୨୧ | ୩୩୯ | ୦.୭୪ | ୦.୨୫ | ତଇଲା ଏକ | ଖଡ଼ିକା ନାଏକ, ସ୍ୱା.- ବଂଶୀ ନାଏକ, ପୁନ ନାଏକ, କୁନା ନାଏକ, ପି.- ସୁନା ନାଏକ, ଧନୁ ନାଏକ, ରଥୁ ନାଏକ, ପି.- ସମ୍ଭ ନାଏକ, ଶୁକୁରା ନାଏକ, ଉମା ନାଏକ, ଗହ୍ଲା ନାଏକ, ଭାମା ନାଏକ, ଜେମା ନାଏକ, ପି.- ନାଥ ନାଏକ, ଜା: ଖଣ୍ଡୁଆଳ, ବା: ନିଜଗାଁ | |
| ୩ | ୩୧ | ୩୦୮/୧୦୭୫ | ୦.୩୪ | ୦.୧୭ | ଶାରଦ ଦୁଇ | ଗୋବର୍ଦ୍ଧନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୪ | ୩୭ | ୩୧୮/୧୨୦୫ | ୧.୩୬ | ୦.୩୯ | ତଇଲା ଦୁଇ | ଚରଣ ନାଏକ, ପି.- ପିତ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୫ | ୫୨ | ୩୧୧<br>୩୧୨<br>୩୩୭ | ୦.୯୪<br>୦.୬୫<br>୧.୨୫ | ୦.୦୩<br>୦.୦୧<br>୦.୩୪ | ଶାରଦ ଏକ<br>ଶାରଦ ଦୁଇ<br>ତଇଲା ଏକ | ନବଘନ ନାଏକ, ତାରା ନାଏକ, ପି.- ଦ୍ୱାରି ନାଏକ, ଶୁକୁରା ନାଏକ, ପାଣ୍ଡୁ ନାଏକ, ଅବଲା ନାଏକ, ପି.- ନୀଳ ନାଏକ, ଚମ୍ପା ନାଏକ, ସ୍ୱା.- ନୀଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬ | ୫୮ | ୩୪୦ | ୦.୭୪ | ୦.୨୦ | ତଇଲା ଦୁଇ | ନୀଳମଣି ନାଏକ, ପି.- ବେନୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୭ | ୭୩ | ୩୨୦ | ୦.୯୩ | ୦.୦୩ | ତଇଲା ଏକ | ପୂର୍ଣ୍ଣ ନାଏକ, ପି.- ଶ୍ରୀଧର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୮ | ୬୨ | ୩୦୦/୧୧୪୭ | ୦.୧୦ | ୦.୦୧ | ତଇଲା ଏକ | ପରମା ନାଏକ, ପି.- ଦୁଃଖୀ ନାଏକ, ହାଡ଼ିଆ ନାଏକ, ଶୈଳ ନାଏକ, ଫକୀର ନାଏକ, ପି.- ଇନ୍ଦ୍ର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୯ | ୭୭ | ୩୧୮/୧୪୦୨ | ୧.୬୬ | ୦.୦୭ | ତଇଲା ଦୁଇ | ବନମାଳୀ ନାଏକ, ସୁନିଆ ନାଏକ, ପି.- ଦିଗା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୦ | ୮୧ | ୩୧୮ | ୧.୬୦ | ୦.୦୩ | ତଇଲା ଦୁଇ | ବିଦ୍ୟାଧର ନାଏକ, ମନ୍ତ୍ରୀବର ନାଏକ, ପି.- ଚିନ୍ତାମଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୧ | ୯୦ | ୨୯୯ | ୧.୩୫ | ୦.୩୬ | ତଇଲା ଏକ | ଭାଗବତ ନାଏକ, ରାଜ ନାଏକ, ଟିକୁଲୁ ନାଏକ, ପି.- ଦୁତି ନାଏକ, ପାନ ନାଏକ, ସ୍ୱା.- ଦୁତି ନାଏକ, କଣ୍ଠ ନାଏକ, ପି.- ନୁଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୯୫ | ୨୯୮ | ୧.୦୭ | ୦.୧୦ | ତଇଲା ଏକ | ମକୁରୁ ନାଏକ, ଶଙ୍କୁରୁ ନାଏକ, ପି.- ପ୍ରହ୍ଲାଦ ନାଏକ, ରମେଶ ଚନ୍ଦ୍ର ନାଏକ, ରମାକାନ୍ତ ନାଏକ, କାବୁର ନାଏକ, ଦୁତିଆ ନାଏକ, ପି.- ଗୌରାଙ୍ଗ ନାଏକ, ଜା: ଭୂୟାଁ, ବା: ନିଜଗାଁ | |
| ୧୩ | ୧୧୫ | ୩୧୫ | ୧୫.୦୦ | ୦.୬୦ | ତଇଲା ଏକ | ରବିନ୍ଦ୍ର ନାଥ ନାଏକ, ପୂର୍ଣ୍ଣ ଚନ୍ଦ୍ର ନାଏକ, ପି.- ଅଧିକାରୀ ନାଏକ, ଅଭି ନାଏକ, ଜଗନ୍ନାଥ ନାଏକ, ପି.- ସଦାନନ୍ଦ ନାଏକ, ଜା: ବଥୁଡ଼ି, ବା: ନିଜଗାଁ | |
| ୧୪ | ୧୧୯ | ୩୦୭ | ୧.୯୭ | ୦.୩୯ | ଶାରଦ ଦୁଇ | ରମେଶ ଚନ୍ଦ୍ର ନାଏକ, ପି.- ଭୀମ ନାଏକ, ମୋତି ନାଏକ, ସ୍ୱା.- ମଧୁ ନାଏକ, ଭଦ୍ରୁ ନାଏକ, ପି.- ଦେବ ନାଏକ, ଦୋଳ ନାଏକ, ଦକ୍ଷିଣ ନାଏକ, ପି.- ଅର୍ଜୁନ ନାଏକ, ସୁଦ୍ର ନାଏକ, ପି.- ସିର ନାଏକ, ନାଲୁ ନାଏକ, ଲକ୍ଷ୍ମୀଧର ନାଏକ, ପି.- ସୁବର୍ଣ୍ଣ ନାଏକ, ଅଇବନ ନାଏକ, ପି.- କହ୍ନେଇ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୫ | ୧୨୦ | ୩୧୯ | ୦.୮୦ | ୦.୧୩ | ଘରବାରି | ରସା ନାଏକ, ଦୁଃଶା ନାଏକ, ଶୈଳ ନାଏକ, ପି.- ସଦା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୬ | ୧୩୦ | ୩୩୮/୧୧୫୪<br>୩୦୫<br>୩୩୮ | ୦.୫୬<br>୦.୫୫<br>୦.୬୨ | ୦.୦୨<br>୦.୦୧<br>୦.୨୦ | ତଇଲା ଏକ<br>ଶାରଦ ଏକ<br>ତଇଲା ଏକ | ସାରତ ନାଏକ, ଗଣ ନାଏକ, ପି.- ସୁଦ୍ର ନାଏକ, ରୁକ୍ମଣୀ ନାଏକ, ସ୍ୱା.- ସୁଦ୍ର ନାଏକ, ବେଙ୍ଗ ନାଏକ, ସ୍ୱା.- ରୁଦ୍ର ନାଏକ, ଉଦ୍ଧବ ନାଏକ, ପି.- ଝଟା ନାଏକ, ବା: ବାଥୁଡ଼ି, ବା: ନିଜଗାଁ | |
| | | ୨୦ | ୩୩.୪୩ | ୩.୬୬ | | | |

**ସରକାରୀ ଖାତା**

| | | | | | | | |
|---|---|---|---|---|---|---|---|
| ୧ | ୧୪୭ | ୩୩୮/୧୧୫୩<br>୩୩୯/୧୧୫୫ | ୦.୨୪<br>୦.୧୦ | ୦.୦୭<br>୦.୦୩ | ରାସ୍ତା<br>ରାସ୍ତା | ରକ୍ଷିତ | |
| ୨ | ୧୫୦ | ୩୧୬<br>୩ | ୧.୬୮<br>୨.୦୨ | ୦.୧୦<br>୦.୨୦ | ପଥରବଣି | ଆବଦ ଅଯୋଗ୍ୟ ଅନାବାଦୀ | |

24045/14/0006/1920



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
-ଆରିଷ୍ଟଟଲ୍

## ସଂକ୍ଷେପରେ

### ଆଶୀର୍ବାଦଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୦।୯ (ବ୍ୟୁରୋ): ଅର୍ଥତତ୍ତ୍ୱ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ତେଣୁ ଜେଲ୍ ପରିସରସ୍ଥ ଡାକ୍ତରଖାନାରେ ତାଙ୍କୁ ରଖାଯାଇ ଚିକିତ୍ସା କରାଯାଉଛି। ଡାକ୍ତରମାନେ ନିୟମିତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆଗାମି ଦିନରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇପାରେ ବୋଲି କୁହାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟାୟରେ ତାହାକୁ ବାତିଲ କରାଯାଇଥିଲା। ସକାଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଶୀର୍ବାଦ ଚା' ପିଇବା ସହ ଉପମା ଖାଇଥିଲେ। ଗୁରୁବାର ରାତିରେ ତାଙ୍କୁ ରୁଟି, ଶନ୍ତୁଳା ଦିଆଯାଇଥିଲା। ସେହିଭଳି କମଳାକାନ୍ତ ଦାସଙ୍କୁ ଝାରପଡ଼ା ଜେଲର ୱାର୍ଡ ନଂ-୧୮ରେ ରଖାଯାଇଛି।

### ଗାୟକ ରତ୍ନ ନରୋତ୍ତମ ମହାପାତ୍ରଙ୍କ ପରଲୋକ



ଖୋର୍ଦ୍ଧା ଅଫିସ/ ବେଗୁନିଆ,୨୦।୯ (ଡି.ଏନ.ଏ.): ରାଜ୍ୟସ୍ତରୀୟ ପାଲା ଗାୟକ ଜ୍ଞାନ ସାଗର ନରୋତ୍ତମ ମହାପାତ୍ରଙ୍କର ବେଗୁନିଆ ବ୍ଲକର କଣ୍ଟାବାଡ ଗାଁରେ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ଖୋର୍ଦ୍ଧା ଓ ନୟାଗଡ ଜିଲାରେ ଶୋକର ଛାୟା ଖେଳିଯାଇଛି। ଲୋକକଳା ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର କରାଯାଇଛି। ଆକାଶବାଣୀ, ଦୂରଦର୍ଶନରେ ତାଙ୍କ ପାଲା ପରିବେଷଣ ହୋଇଛି। ସେ ଇଣ୍ଟରମିଡିଏଟ ପାସ କରିବା ପରେ ୧୮ ବର୍ଷ ବୟସରୁ ପାଲାକୁ ଆଦରି ନେଇଥିଲେ। ପକ୍ଷାଘାତ ରୋଗରେ ଆକ୍ରାନ୍ତ ପରେ ୮୦ ବର୍ଷରେ ପାଲା ପରିବେଷଣ ବନ୍ଦ ହୋଇଥିଲା। ରାଜ୍ୟର ପ୍ରତିଷ୍ଠିତ ମଞ୍ଚ ସହ ଆନ୍ଧ୍ରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ୭୦୦ରୁ ଊର୍ଦ୍ଧ୍ୱ ମଞ୍ଚରେ ସେ ପାଲା ପରିବେଷଣ କରିଥିଲେ। ତାଙ୍କ ରଚିତ ନରୋତ୍ତମ ଗ୍ରନ୍ଥାବାଳୀରେ ପାଲା, ଚଉପଦି, ଛାନ୍ଦ ଓ ପୁରାଣର ବିଭିନ୍ନ ଉପାଦେୟତା ବିଷୟ ରହିଛି। ଖଲ୍ଲିକୋଟର ରାଜା ରାମଚନ୍ଦ୍ର ଦେବଙ୍କଠାରୁ ଗାୟକ ରତ୍ନ ଉପାଧି ମିଳିଥିଲା। ଏହାଛଡା ବାଣୀ ରତ୍ନ, ଗାୟକ ସମ୍ରାଟ ଅନୁରୂପ ଉପାଧି ମଧ୍ୟ ମିଳିଛି। ତତ୍‌କାଳୀନ ପ୍ରସିଦ୍ଧ ପାଲାକାର ଗାୟକ ରତ୍ନ ହରି ନାଥ, ଗାୟକ ଶିରୋମଣି ନିରଞ୍ଜନ କର, ଗାୟକ ସମ୍ରାଟ ବୈଷ୍ଣବ ପ୍ରଧାନ, ଗାୟକ ବିଶାରଦ ମାର୍କଣ୍ଡେୟ ବାହିନୀପତିଙ୍କ ବିପକ୍ଷରେ ପାଲା ପରିବେଷଣ କରିଥିଲେ। ଅବିଭକ୍ତ ପୁରୀ, ଖୋର୍ଦ୍ଧା ଓ ନୟାଗଡ, ଢେଙ୍କାନାଳ, କେନ୍ଦୁଝରରେ ୫୦ରୁ ଊର୍ଦ୍ଧ୍ୱ ଶିଷ୍ୟ ଅଛନ୍ତି। ତାଙ୍କ ମୃତ୍ୟୁରେ ଶିଷ୍ୟ ତଥା ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ମନୋଜ ମିଶ୍ର, ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ବଳଭଦ୍ର ପଣ୍ଡା, ପ୍ରହ୍ଲାଦ ସାହୁ, ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନର ସନ୍ଦୀପ ମିଶ୍ର, ବିପ୍ଳବ ସମ୍ବିତ କୁମାର, ଅନ୍ନଦା ଶଙ୍କର ଦାଶ, ଚକ୍ରଧର ବାରିକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ବଡପୁଅ ମନୋରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାସୁଦେବପୁର, ୨୦।୯ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ହାଇସ୍କୁଲ ଛକ ନିକଟ ଏକ ଉଠାଦୋକାନରେ ଫଳ ବ୍ୟବସାୟ କରୁଥିବା ପ୍ରଫୁଲ୍ଲ ଓରଫ୍ ବାପି ବେହେରା(୨୪)ଙ୍କର ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକଙ୍କ ଘର ଜାମୁଝାଡ଼ି ବାଟି ଗ୍ରାମରେ। ଦୋକାନରେ ବସି ବାପି ଏକ ବିଦ୍ୟୁତ୍ ପ୍ଲଗ ସଜାଡୁଥିବା ବେଳେ ଅସାବଧାନତାବଶତଃ ତାଙ୍କ ଦେହରେ ବିଦ୍ୟୁତ୍ ତାର ଲାଗିଯାଇଥିଲା। ତୁରନ୍ତ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗୋଟିଏ ଦେଶ, ଗୋଟିଏ ଭାଷା ସମ୍ଭବ ନୁହେଁ

ସୁନୀତ୍ ମିଶ୍ର
ଭୁବନେଶ୍ୱର,୨୦।୯

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଗତ ୧୪ ତାରିଖ ହିନ୍ଦୀ ଦିବସ ପାଳନ ଅବସରରେ 'ଗୋଟିଏ ଦେଶ, ଗୋଟିଏ ଭାଷା' ସପକ୍ଷରେ ମତ ଦେଇଥିଲେ। ଦେଶରେ ହିନ୍ଦୀକୁ ଜାତୀୟ ଭାଷା କରିବାକୁ ଶାହ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବିଭିନ୍ନ ରାଜ୍ୟରୁ ବିରୋଧ ହେବାରେ ଲାଗିଛି। ବହୁ ରାଜନୈତିକ ବ୍ୟକ୍ତି ଏବଂ ବିଶେଷଜ୍ଞ ୬୦ ଦଶନ୍ଧିରୁ ହିନ୍ଦୀକୁ ଜୋର ଜବରଦସ୍ତ ଲଦି ଦେବାକୁ କରାଯାଉଥିବା ଚେଷ୍ଟା ବିରୋଧରେ ମୁହଁ ଖୋଲିଥିଲେ। ବହୁ ବିଶେଷଜ୍ଞଙ୍କ କହିବା କଥା ହେଲା, ଗୋଟିଏ ଦେଶ, ଗୋଟିଏ ଭାଷା ପାଇଁ ଯଦି ହିନ୍ଦୀକୁ ଜାତୀୟ ଭାଷା କରାଯାଏ ତେବେ ବିଭିନ୍ନ ଆଞ୍ଚଳିକ ଭାଷା ଲୋପ ପାଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପଟେ ଯଦି ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏହାକୁ ଲାଗୁ କରାଯାଏ ତେବେ କ'ଣ ପରିସ୍ଥିତି ସୃଷ୍ଟି ହେବ ତାହାକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ସାକ୍ଷାତ୍‌କାର।

***କେନ୍ଦ୍ର ସରକାର ହିନ୍ଦୀକୁ ଜାତୀୟ ଭାଷା କରିବା ଲାଗି ଚାହୁଁଛନ୍ତି। ଯଦି ତାହାକୁ ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଲାଗୁ କରାଯାଏ, ତେବେ କେଉଁ ପ୍ରକାର ପରିସ୍ଥିତି ଉପୁଜିବ ବୋଲି ଆପଣ ଭାବୁଛନ୍ତି?***

– ୱାନ ନେଶନ-ୱାନ ଲାଙ୍ଗୁଏଜ କଥା ଯାହା କେନ୍ଦ୍ରମନ୍ତ୍ରୀ କହିଛନ୍ତି, ତାହା ଭାରତବର୍ଷରେ ସମ୍ଭବ ନୁହେଁ। କର୍ନାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି. ଏସ୍. ୟେଦୁରପ୍ପା ମଧ୍ୟ ଏହାକୁ ମନା କରିସାରିଛନ୍ତି। କୌଣସି ପରିସ୍ଥିତିରେ ସେମାନେ କନ୍ନଡ ଭାଷା ସହ ବୁଝାମଣା କରିବୁନାହୁଁ ବୋଲି ୟେଦୁରପ୍ପା କହିଛନ୍ତି। ତାମିଲନାଡୁ, କେରଳ ତଥା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ରାଜି ହେବେନାହିଁ। ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଯାହା ଗୁରୁତ୍ୱ ରହିଛି, ତାହା ରହିବ। ରାଜ୍ୟ ସରକାର ସମସ୍ତ ନଥିପତ୍ରରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ହିନ୍ଦୀ ପ୍ରତି ଆମର ବିଦ୍ୱେଷଭାବ ନାହିଁ। ଭାରତ ଭଳି ଦେଶ ବହୁ ସଂସ୍କୃତି, ବହୁ ଭାଷାକୁ ନେଇ ଗଠିତ ହୋଇଛି।

***ହିନ୍ଦୀକୁ ଜାତୀୟ ଭାଷା କରାଗଲେ ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ପିଲାମାନେ ପଢୁଥିବା ଇତିହାସ, ଭୂଗୋଳ, ସାହିତ୍ୟ ସବୁ ହିନ୍ଦୀରେ ପଢ଼ାଯିବ। ଓଡ଼ିଆ ଏବଂ ଇଂଲିଶ୍ ଭଳି ବିଷୟ କେବଳ ଏକ ବିଷୟ ହୋଇ ରହିଯିବ। ଏପରି ହେଲେ ଦୁଇ, ତିନି ପିଢିର ପିଲାମାନେ ଓଡ଼ିଆ କହିବା ଭୁଲିଯିବେ ବୋଲି ଅନେକ କହୁଛନ୍ତି। ଏନେଇ ଆପଣ ମତ କ'ଣ?***

– ଏହା ସମ୍ଭବ ନୁହେଁ। ଏପରି କି କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ ମଧ୍ୟ ତାହା ଗ୍ରହଣ କରାଯିବ ନାହିଁ। ନିଶ୍ଚିତ ଭାବେ ଯେଉଁ ରାଜ୍ୟରେ ଯାହା ମାତୃଭାଷା ରହିଛି, ତାହାକୁ ବ୍ୟବହାର କରାଯିବା ଉଚିତ୍। ତାହାକୁ ଆଧାର କରି ରାଜ୍ୟ ସରକାର ନୂଆ ବ୍ୟବସ୍ଥା କରିଛନ୍ତି। ମାତୃଭାଷା ଓଡ଼ିଆ ଏବଂ ଇଂଲିଶ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହିନ୍ଦୀ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଯେଉଁ ପ୍ରକ୍ରିୟା କରୁଛନ୍ତି ତାହା କରନ୍ତୁ, ସେଥିରେ ମନାନାହିଁ। ଏହାକୁ ଆଇନ କରି ଯଦି କେବେ ଲୋକଙ୍କ ମୁଣ୍ଡରେ ଲଦି ଦେବାକୁ ଚେଷ୍ଟା କରାଯାଏ ତେବେ ସ୍ୱାଧୀନତା ପରେ ଭାଷା ଆନ୍ଦୋଳନକୁ ଆଧାର କରି ଯେଉଁ ଘଟଣା ଘଟିଥିଲା ସେହିଭଳି ପରିସ୍ଥିତି ଉପୁଜିବ। ମତେ ଲାଗୁନି, କେନ୍ଦ୍ର ସରକାର ଏହାକୁ ଏମିତି ଲଦି ଦେବେ, ଯଦି ସେମାନେ ତାହା ଚିନ୍ତା କରୁଛନ୍ତି ତେବେ ତାହା ଦେଶ ପାଇଁ ଶୁଭଙ୍କର ନୁହେଁ।



ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ସୁନୀତ୍ ମିଶ୍ର।

ସମ୍ପୂର୍ଣ୍ଣ ସାକ୍ଷାତ୍‌କାର ପାଇଁ ଦେଖନ୍ତୁ–
https://www.youtube.com/watch?v=RoG0FcW_lUU&t=247s

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧରେ ଧୋଇଲେ ଖଣ୍ଡରେ ମୋହିଲେ**
**ନିମ୍ବ କି ମଧୁର ହୋଇବ**
**ଯେତେ ପରକାରେ ବୁଝାଇ କହିଲେ**
**ପର କି ଆପଣା ହୋଇବ ?**

ନିମ୍ବକାଠି ପାଟିକୁ ପିତା ଲାଗିଥାଏ। ଏହାକୁ ଯେତେ କ୍ଷୀରରେ ଧୋଇଲେ କିମ୍ବା କନ୍ଦ ବା ଗୁଡ଼ରେ ଘଷିଲେ ଏହାର ପିତା ଅଂଶ କଟିପାରି ନ ଥାଏ। ସେହିପରି ପର ବ୍ୟକ୍ତିଙ୍କୁ ଯେତେ ପ୍ରକାରର ଆଦର ଅଭ୍ୟର୍ଥନା ଦେଖାଇବା ସହ ମୁଣ୍ଡରେ ବସାଇଲେ ମଧ୍ୟ ସେ କେବେ ଆପଣାର ହୋଇପାରି ନ ଥାନ୍ତି। ପର ବା ଅଜଣା ଅଚିହ୍ନା ବ୍ୟକ୍ତି କେବେ ବି ଆପଣାର କି ଭରସାଯୋଗ୍ୟ ହୋଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେହକୁ ସୋରିଷ ମୁଣ୍ଡକୁ ରାଶି**
**ପାଦେ ଜଡ଼ାତେଲ ଦେଉଥା ଘଷି।**

ଦେହରେ ସୋରିଷ ତେଲ ଲଗାଇଲେ ସହଜରେ ଥଣ୍ଡା ଧରି ନ ଥାଏ। ମୁଣ୍ଡରେ ରାଶି ତେଲ ଲଗାଇଲେ କେଶ ଅପେକ୍ଷାକୃତ କଳା ହେବାର ସମ୍ଭାବନା ରହିଥାଏ। ସେହିପରି ପାଦରେ ଜଡ଼ାତେଲ ଲଗାଇବା ଦ୍ୱାରା ପାଦଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ଏପରି ଅଭ୍ୟାସ ବ୍ୟକ୍ତିକୁ ସୁସ୍ୱାସ୍ଥ୍ୟ ତଥା ନୀରୋଗ ରଖିବାରେ ବିଶେଷ ଫଳପ୍ରଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ହତ୍ୟାକାରୀଙ୍କୁ ଫାଶୀ ଦିଅ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ନର୍ସ ନୀହାରିକା ପାତ୍ର ଗତ ୮ ତାରିଖରେ ନିଖୋଜ ହୋଇଯାଇଥିଲେ। ଏହାର ୯ଦିନ ପରେ ବିଡ଼ିଡ଼ି ଥାନା ବିଲୁଆଖାଇ ନଦୀପଠାରୁ ତାଙ୍କ ଗଳିତ ମୃତଦେହ ମିଳିଥିଲା। ମୃତଦେହରୁ ମାଂସ ଝଡ଼ିଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ପରିବାର ଲୋକେ ପୋଷାକରୁ ମୃତଦେହ ଚିହ୍ନଟ କରିଥିଲେ। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ଼ ଉଦ୍ଦେଶ୍ୟରେ ଡିଏନ୍‌ଏ ଟେଷ୍ଟ ପାଇଁ ପୋଲିସ ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ, ନୀହାରିକାଙ୍କ ମା' ପ୍ରତିମା ପାତ୍ର ଓ ବାପା ଗଗନ ପାତ୍ରଙ୍କୁ ଶୁକ୍ରବାର ଅପରାହ୍ନରେ ତାଙ୍କ ଗ୍ରାମ ଭିଙ୍ଗାରପୁରରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ଏହି ଅବସରରେ ଗଣମାଧ୍ୟମକୁ ନୀହାରିକାଙ୍କ ମା' କାନ୍ଦି କାନ୍ଦି କହିଛନ୍ତି, ମୋ ଝିଅକୁ ଯିଏ ଏମିତି ମାରିଛି ତାକୁ ସେମିତି ମରାଯାଉ। ମୋ ଝିଅକୁ ନ୍ୟାୟ ମିଳୁ। ନୀହାରିକା ଆମ ପରିବାରକୁ ପୋଷୁଥିଲା। ତାକୁ ହରାଇ ଆମେ କେମିତି ରହିବୁ। ସେହିପରି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦେବାକୁ ନୀହାରିକାଙ୍କ ବାପା ଦାବି କରିଛନ୍ତି। ତାଙ୍କ ଝିଅକୁ କିଶୋର ଗତ ୮ ତାରିଖରେ ନେଇଯାଇ ହତ୍ୟା କରିଥିବା ସେ କହିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଧରାଯାଉ ବୋଲି ସେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।



ନୀହାରିକାଙ୍କ ମାତାପିତା।

ଆଇଆଇଟି ଅଷ୍ଟମ ସମାବର୍ତ୍ତନ ଉତ୍ସବ ସମାରୋହ ଆଜି

# ଅତିଥି ଭାବେ ଯୋଗ ଦେବେ ଇସ୍ରୋ ଅଧ୍ୟକ୍ଷ

କଟଣୀ,୨୦।୯(ଡି.ଏନ.ଏ.)

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି (ଆଇଆଇଟି)ର ଅଷ୍ଟମ ସମାବର୍ତ୍ତନ ସମାରୋହ ଶନିବାର କଟଣୀସ୍ଥିତ ଏହାର ସ୍ଥାୟୀ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ଅଧ୍ୟକ୍ଷ ଡ. କେ. ଶିବନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ ବୋଲି ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର କହିଛନ୍ତି। ଏହି ସମାରୋହରେ ୩୨ ପିଏଚ୍‌ଡି, ୧୦୫ ଏମ୍‌ଟେକ୍, ୬୭ ଏମ୍‌ଏସି ଓ ୧୫୨ ଜଣ ବି.ଟେକ୍ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂର ସ୍ରୋହନ୍ ମହାପାତ୍ରଙ୍କୁ ପ୍ରେସିଡେଣ୍ଟ ସ୍ୱର୍ଣ୍ଣପଦକ ଉପାଧିରେ ସମ୍ମାନିତ କରାଯିବ। ସେହିପରି ଏମ୍‌ଟେକ୍ ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ରାହୁଲ ଦାସ ଓ ଏମ୍‌ଏସି ବେସିକ୍ ସାଇନ୍ସର ଅନୁଭବ ନାଥ ଡାଇରେକ୍ଟର ସ୍ୱର୍ଣ୍ଣପଦକରେ ସମ୍ମାନିତ ହେବେ। ଏହାଛଡା ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ବିଟେକ୍ ବ୍ୟାଚର ୫ ଜଣ, ଏମ୍‌ଟେକ୍‌ରେ ୬ ଓ ଏମ୍‌ଏସିରେ ୪ ଜଣ ବିଦ୍ୟାର୍ଥୀଙ୍କୁ ଇନ୍‌ଷ୍ଟିଚ୍ୟୁଟ ରୌପ୍ୟ ପଦକ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ରାଜାକୁମାର ସୂଚନା ଦେଇଥିଲେ।



ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ। ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

EDUCATION

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP





**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

# ସଚେତନ ହେଲେ ଦୁର୍ଘଟଣା ଘଟିବନି



ନାକଟିଦେଉଳ ମହାବିଦ୍ୟାଳୟରେ ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା ଶିବିରରେ ଅତିଥିମାନେ।

**ନାକଟିଦେଉଳ,୨୦୧୯(ଡି.ଏନ.ଏ.)**

ନାକଟିଦେଉଳ ମହାବିଦ୍ୟାଳୟରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ଟ୍ରାଫିକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ଅଭିଯାନର ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ନିୟମ ଉପରେ ଆଲୋଚନା କରିଥିଲେ। ଯେଉଁ କାରଣରୁ ଦୁର୍ଘଟଣା ଘଟୁଛି ସେ ଦିଗରେ ଆଲୋକପାତ କରିଥିଲେ। ହେଲମେଟ ବ୍ୟବହାର କରିବା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ନ ଚଳାଇବା, ମୋବାଇଲରେ କଥା ହୋଇ ଗାଡ଼ି ଚାଳନାରୁ ଦୂରେଇ ରହିବା ଏବଂ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତେ ସଚେତନ ହେଲେ ଦୁର୍ଘଟଣାକୁ ରୋକି ହେବ ବୋଲି କହିଛନ୍ତି। ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ଟ୍ରାଫିକ ନିୟମ ସମ୍ପର୍କରେ ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କନିଷ୍ଠ ମହାବିଦ୍ୟାଳରେ ମଧ୍ୟ ଏହି ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଅଧ୍ୟାପକ ଦୀପେନ କୁମାର ପଟ୍ଟନାୟକ ଏବଂପ୍ରଶାନ୍ତ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପି.କେ. ମିଶ୍ର ଜିଲାସ୍କୁଲର ଗର୍ବଗୌରବ



ଶୁକ୍ରବାର ସମ୍ବଲପୁର ଜିଲାସ୍କୁଲରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ କର୍ମକର୍ତ୍ତା ଓ ଅତିଥିମାନେ (ଉପର)। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୁରାତନ ଛାତ୍ରମାନେ ।

**ସମ୍ବଲପୁର, ୨୦୧୯ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ଡ. ପ୍ରମୋଦ କୁମାର ମିଶ୍ର ନିଯୁକ୍ତି ହେବାପରେ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନ କରାଯାଇଛି । ଏହିକ୍ରମରେ ଶୁକ୍ରବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲା ସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ସୁଶାନ୍ତ ଶେଖର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଡ. ଦିଲୀପ କୁମାର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ, ଡ. ପ୍ରମୋଦ ହେଉଛନ୍ତି ଜିଲା ସ୍କୁଲର ଛାତ୍ର । ତାଙ୍କ ବିଷୟରେ ଛାତ୍ରୀଛାତ୍ର ଜାଣିବା ଜରୁରୀ। ଏହା ସ୍କୁଲ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି । ଉପସଭାପତି ରତ୍ନଭୂଷଣ ପୃଷେଟ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରଧାନଶିକ୍ଷକ ପ୍ରଦୀପ୍ତ ସା ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବରେ ଛାତ୍ରୀଛାତ୍ରଙ୍କ ସମେତ ପୁରାତନ ଛାତ୍ରମାନେ ଯୋଗ ଦେଇଥିଲେ ।

# ମା'ତୋର୍ ସାହାରା ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ୍



ଜମନକିରାରେ ନୂଆଁଖାଇ ଭେଟଘାଟରେ ଅତିଥି, ଆୟୋଜକ, କଳାକାର।

**ଜମନକିରା, ୨୦୧୯ (ଡି.ଏନ୍.ଏ)**

ଜମନକିରା ପୁରୁଣା ଥାନା ପଡ଼ିଆରେ ମା' ତୋର୍ ସାହାରା ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରସିଦ୍ଧ 'ରଙ୍ଗବତୀ'ର ରଚୟିତା ମିତ୍ରଭାନୁ ଗୌନ୍ତିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଥ ନାୟକ, ଭାରତଗୌରବ ଦାଶ, ମଳୟ ବେହେରା, କଞ୍ଚନ ଜୟପୁରିଆ ପ୍ରମୁଖ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗାଁର ଗୌନ୍ତିଆ ହେମନ୍ତ ପଟେଲ, ସନ୍ତୋଷ ପଟ୍ଟନାୟକ, ଗୋକୁଳାନନ୍ଦ ଦାନୀ, ସରୋଜ ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, ସାଲେକରାମ ପଧାନ, ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ, ଆନନ୍ଦ ନାଏକ, ନନ୍ଦଲାଲ ସାହୁ, ଖେଡ଼ା କିସାନ, ଦିଲୀପ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଆକାଶ ପଟ୍ଟନାୟକ, ଅବିନାଶ ଦାନୀ, ଆଶିଷ ଦାନୀ, ପ୍ରିତମ ଦାନୀ, ଜଗନ୍ନାଥ ସାହୁ, ରାଜୀବ ସାହୁ, ତପନ ଦେହୁରୀ, ଲିପୁ ସାହୁ, ଶ୍ରୀକାନ୍ତ ବାଘ, ବୁଲୁ ବାଘ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜମି ନେଇ କ୍ଷତିପୂରଣ ଦେଉନି ଆଦିତ୍ୟ ଆଲୁମିନିୟମ

**ସମ୍ବଲପୁର,୨୦୧୯ (ବ୍ୟୁରୋ)**

ଆଦିତ୍ୟ ଆଲୁମିନିୟମ କମ୍ପାନୀ ୫ ବର୍ଷ ହେଲା ଜମି ଅଧିଗ୍ରହଣ କରି ନେଇଛି। ବିସ୍ଥାପିତମାନଙ୍କୁ ଘର ଜମି ଓ ଚାକିରି ଦେବା ପାଇଁ ନିୟମ ରହିଛି । ଏହି ସୁବିଧା ନ ଦେଲେ ବଦଳରେ ଆର୍ଥିକ ରାଶି ପ୍ରଦାନ କରିବାକୁ ସ୍ଥିର ହୋଇଥିଲା । ହେଲେ କମ୍ପାନୀ ଜାଣିଶୁଣି ଅବହେଳା କରି କ୍ଷତିପୂରଣ ରାଶି ପ୍ରଦାନ କରୁନି। ରେଙ୍ଗାଲି ତହସିଲ ଜମଲା ପଞ୍ଚାୟତ ଲାରିପାଲି ଗ୍ରାମର ଦୁଇ ଭାଇ ମହେନ୍ଦ୍ର ଖମାରୀ ଓ ସୁରଥ ଖମାରୀ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଏଭଳି ଅଭିଯୋଗ କରିଛନ୍ତି । ଜିଲାପାଳ ସକସେନା ଏହାର ତଦନ୍ତ କରି ଶିଘ୍ର କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମହେନ୍ଦ୍ରଙ୍କ ଅଭିଯୋଗ କ୍ରମେ ତାଙ୍କ ମା' ସୌରେନ୍ଦ୍ରୀ ଖମାରୀ (୮୦) ରେଙ୍ଗାଲି ସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ବାପା ମୁକ୍ତେଶ୍ୱର ବଞ୍ଚିଥିବା ସମୟରେ କମ୍ପାନୀ ଜମି ଅଧିଗ୍ରହଣ କରିଥିଲା । ହେଲେ କ୍ଷତିପୂରଣ ବାବଦକୁ ୮ ଲକ୍ଷ ୫୦ ହଜାର ଟଙ୍କା ଦିଆଗଲା ନାହିଁ । ବାପାଙ୍କ ଦେହାନ୍ତ ହୋଇ ଏବେ ମା' ଜୀବନର ଶେଷ ନିଶ୍ୱାସ ଗଣୁଛନ୍ତି । ଏବେ ମଧ୍ୟ ଟଙ୍କା ଦିଆ ଯାଉନାହିଁ।


ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହେନ୍ଦ୍ରଙ୍କ ପରିବାର ସହ ରେଙ୍ଗାଲି ବିଧାୟକ ।

## ଫଟୋରେ ଖବର




ହରିହର ଯୋର ପ୍ରକଳ୍ପରେ ବିସ୍ଥାପିତଙ୍କୁ ବାକିଆ ପାଉଣା ଦେବା ଦାବିରେ ଶୁକ୍ରବାର କଣ୍ଟିବାହାଲ ଗ୍ରାମବାସୀ ସମ୍ବଲପୁର ଜିଲାପାଳଙ୍କ ଅଫିସ ଆସିଛନ୍ତି (ବାମ)। ଯୁଯୁମୁରା ବ୍ଲକ୍ ନିଲଡୁଙ୍ଗୁରୀ ମନ୍ଦିର ନିକଟ ରାସ୍ତା କଡରେ ମାସ ମାସ ହେଲା ବସ୍ତା ବସ୍ତା ଔଷଧ ବୋତଲ, କ୍ୟାପସୁଲ ଓ ବଟିକା ସହିତ କାଗଜପତ୍ର ପଡିଛି।




ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ପକ୍ଷରୁ ପୁରୀଠାରେ ଆୟୋଜିତ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମ୍ବଲପୁରର ସାହାନାଜ ଖାତୁନ ଓ ଦ୍ୱିତୀୟ ସ୍ଥାନରେ ଥିବା ପ୍ରିୟଙ୍କା ମିତ୍ତଲ ଟ୍ରଫି ସହ (ବାମ)। ୨୫ ତାରିଖରେ ହେବାକୁଥିବା ୱାଗାଥନ୍ ସମ୍ପର୍କରେ ଜେସିଆଇ ସମ୍ବଲପୁର ଗ୍ଲୋବାଲ କର୍ମକର୍ତ୍ତାମାନେ ଶୁକ୍ରବାର କ୍ଷେତରାଜପୁର ଅଗ୍ରେସନ ଭବନଠାରେ ସୂଚନା ଦେଉଛନ୍ତି ।

# ଭାଜପା କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର


ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

**ସମ୍ବଲପୁର, ୨୦୧୯ (ବ୍ୟୁରୋ)**

କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଜପା କର୍ମୀ, ନେତାଙ୍କ ସମେତ ଜନସାଧାରଣଙ୍କ ଉଚ୍ଚ ରକ୍ତଚାପ ଓ ମଧୁମେହ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ମଧ୍ୟ ହୋଇଥିଲା । ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଭାଜପା ଯୁବମୋର୍ଚ୍ଚା ମହାନଦୀ ମଣ୍ଡଳ ସଭାପତି ପ୍ରଭୁଦତ୍ତ ପଣ୍ଡାଙ୍କ ପରିଚାଳନା ଓ ଜିଲା ସଂଯୋଜକ ଚନ୍ଦ୍ରଶେଖର ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଡା. ରାଜକୁମାର ବଡପଣ୍ଡା, ଡା. ସଞ୍ଜୀବ ମିଶ୍ର, ଡା. ପ୍ରଭୁ ଦେବତା ସମ୍ମାନୀତ ଅତିଥି ଥିଲେ । ଫଣିଭୂଷଣ ମିଶ୍ର, ସମୀରଞ୍ଜନ ବାବୁ, ଅନୀଲ ବେହେରା, ସୁଶାନ୍ତ ପୁରୋହିତ, ଗିରିଶ ପଟେଲ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଶରତ ଦଲପତ, ରାଜୀବ ସାହୁ, ଅନ୍ନପୂର୍ଣ୍ଣା ବାରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଯୁବମୋର୍ଚ୍ଚାର ଅଭିଷେକ ମିଶ୍ର, ବିକାଶ ପଣ୍ଡା, କାହ୍ନୁରାମ ଶର୍ମା, ଗୋପାଳ ଅଗ୍ରୱାଲ, ଧନଞ୍ଜୟ ପାଣିଗ୍ରାହୀ, ରାଜୀବ ଗଉଡ, ସୌରଭ ଗୁରୁ, ସଞ୍ଜୟ ଠାକୁର, ଲଳିତ ମୁଣ୍ଡା, କୁଲଦୀପ ପଟ୍ଟନାୟକ, ଅଭିଜିତ ପାଣିଗ୍ରାହୀ, ଶୁଭମ ଖମାରୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଭିମ୍‌ସାରରେ ଅଗ୍ନିକାଣ୍ଡ

**ସମ୍ବଲପୁର, ୨୦୧୯(ଡି.ଏନ୍.ଏ.)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଶୁକ୍ରବାର ସକାଳ ୭ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ସମ୍ବଲପୁର, ବୁର୍ଲା ଦମକଳ କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଭିମ୍‌ସାରର ଗୋଟିଏ ଦମକଳ ମଧ୍ୟ ସହଯୋଗ କରିଥିଲା। ନେଫ୍ରୋଲୋଜି ବିଭାଗରେ ସର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ପ୍ରିଣ୍ଟର, ଟେବୁଲ, ଚୌକି, କାଗଜପତ୍ର ଓ ଇନ୍‌ଭର୍ଟର ବ୍ୟାଟେରି ଆଦି ପ୍ରାୟ ୩ଲକ୍ଷ ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର

### ରେଙ୍ଗାଲି ଅତିରିକ୍ତ ତହସିଲଦାର ଗିରଫ

**ସମ୍ବଲପୁର, ୨୦।୯ (ବ୍ୟୁରୋ):** ସମ୍ବଲପୁର ଜିଲା ପ୍ରଶାସନ ଅଧୀନରେ କାର୍ଯ୍ୟରତ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ତାଙ୍କ ଭଡା ଘରେ ପଶି ଗାଳିଗୁଲଜ ସହ ଅଶାଳୀନ ବ୍ୟବହାର କରିବା ରେଙ୍ଗାଲି ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବେହେରାଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ମହିଳା ଅତିରିକ୍ତ ତହସିଲଦାରଙ୍କ ଲିଖିତ ଅଭିଯୋଗ ଆଧାରରେ ଶୁକ୍ରବାର ଧନୁପାଲି ଥାନା ପୋଲିସ ରେଙ୍ଗାଲି ଅତିରିକ୍ତ ତହସିଲଦାର ବେହେରାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୭୫/୧୯) ରୁଜୁ କରିଛି।

### ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୦।୯ (ବ୍ୟୁରୋ):** ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସମ୍ବଲପୁର ଜିଲା କିସିଣ୍ଡା ଉଚ୍ଚତର ମାଧ୍ୟମିକ ସ୍କୁଲ ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସ୍ମୃତି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସନ୍ତୋଷ ଦାଶ, ହୃଷିକେଶ ପୂଜାରୀ, ସୁଶ୍ରୀତା ଭୋଇ ଅଧାପକ କୌଶିକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ନରହନ୍ତା ଦନ୍ତାହାତୀକୁ ସୀମା ପାର୍ କର'

**ରେଢାଖୋଲ,୨୦।୯(ଡି.ଏନ.ଏ)**

- ଡିଏଫଓଙ୍କ ଅଫିସ ଆଗରେ ଆପ୍‌ର ଧାରଣା
- ୧୨ ଜଣଙ୍କ ଜୀବନ ନେଲାଣି
- ଫସଲ ନଷ୍ଟ ହେଉଛି
- ଉଜୁଡି ଯାଉଛି ଫଳ ବଗିଚା
- ଘରଦ୍ୱାର ବି ଛାଡୁନି
- ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି

ରେଢାଖୋଲ ବନଖଣ୍ଡର ଚାରମାଲ ଓ ବଡମାଲ ରେଞ୍ଜର ବିଭିନ୍ନ ଗାଁରେ ଗତ କିଛି ବର୍ଷ ହେବ ଏକ ନରହନ୍ତା ଦନ୍ତାହାତୀର ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଏହି ଦନ୍ତାହାତୀ ଆକ୍ରମଣରେ ୧୨ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ଏହାସହ ହାତୀପଲ ଫସଲ ନଷ୍ଟ କରୁଛନ୍ତି। ଆମ୍ବ, କଦଳୀ, ଅମୃତଭଣ୍ଡା, ଲିଚୁ, ପଣସ ଆଦି ଫଳମୂଳ ବଗିଚା ଉଜୁଡି ଯାଉଛି। ପନିପରିବା ଚାଷ ହାତୀପଲଙ୍କ ପାଦରେ ମାଟିରେ ମିଶି ଯାଉଛି। ଲୋକଙ୍କ ଘରଦ୍ୱାରକୁ ବି ହାତୀପଲ ଛାଡୁ ନାହାନ୍ତି। ଏଣୁ ନରହନ୍ତା ଦନ୍ତା ହାତୀ ସହ ହାତୀପଲ ଚାଷୀ ଓ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ତୁରନ୍ତ ହାତୀପଲଙ୍କୁ ସୀମା ପାର୍ କରିବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରି ଗତ ୬ ତାରିଖ ଆପ୍ ବନ ବିଭାଗକୁ ଏକ ଦାବିପତ୍ର ଦେଇଥିଲା । ହେଲେ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଶୁକ୍ରବାର ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ରେଢାଖୋଲ ଡିଏଫଓଙ୍କ କାର୍ଯ୍ୟାଳୟ ଆଗରେ ଆପ୍‌ର ସମ୍ବଲପୁର ଜିଲା ଆବହକ ଆନନ୍ଦ କୁମାର ସାମଲଙ୍କ ନେତୃତ୍ୱରେ ଅଜୟ ସାହୁ, ଆକାଶ କୁମାର ବିଶ୍ୱାଳ, ଲାଲମଣି ଲୁଗୁନ, ଲକ୍ଷ୍ମୀଧର ବେହେରା, ସନାତନ ଧଳ, ବିନୋଦିନି ସାହୁ, ଶଶିଭୂଷଣ ପ୍ରଧାନ, ହିମାଂଶୁ ଧଳ, ସୁନୀତା ପ୍ରଧାନ, ପ୍ରମିଳା ଡୁଙ୍ଗଡୁଙ୍ଗ ପ୍ରମୁଖ ଧାରଣାରେ ବସିଥିଲେ। ହେଲେ ଆଲୋଚନା କରିବାକୁ ଡିଏଫଓ ପହଞ୍ଚି ନ ଥିଲେ। ରାତି ୮ଟା ବେଳେ ଏସିଏଫ ଟଙ୍କଧର ନାଥ ପହଞ୍ଚି ଏମାନଙ୍କୁ ମନାଇବାକୁ ଚେଷ୍ଟା କରିଥିଲେ। ଶନିବାର ଡିଏଫଓ ଆଲୋଚନା କରିବେ ବୋଲି ସେ କହିଛନ୍ତି। ହେଲେ ଶନିବାର ମଧ୍ୟ ଧାରଣା ଦିଆଯିବ ବୋଲି ଆପ୍ କହିଛି।

ଅଣ ଜଳସେଚିତ ଏହି ଅଞ୍ଚଳର ଚାଷୀ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରୁଛି। ହେଲେ ବର୍ଷାର ଅନିୟମିତତା ଯୋଗୁ ମରୁଡି ପରିସ୍ଥିତିର ସମ୍ମୁଖୀନ ହେଉଛି। ଏମିତିବେଳାରେ ନିୟମିତ ଭାବେ ହାତୀ ଉପଦ୍ରବ ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡୁଛି। ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଦାବି କରି ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଚାଷୀ ନେହୁରା ହେଉଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ନେଇ ବିଧାୟକ ରୋହିତ ପୂଜାରୀ ବିଧାନସଭାରେ ମଧ୍ୟ ପ୍ରସଙ୍ଗ ଉଠାଇଛନ୍ତି। ଏହା ସତ୍ତ୍ୱେ ହାତୀ ଘଉଡାଇବା ନେଇ କୌଣସି ପଦକ୍ଷେପ ନିଆଯାଉନି ବୋଲି ଆପ୍ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଣୁ ବନ ବିଭାଗ ପ୍ରତି ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ବୋଲି ଧାରଣାରେ ବସିଥିବା ଆପ୍ କର୍ମକର୍ତ୍ତା କହିଛନ୍ତି।



ରେଢାଖୋଲ ଅଞ୍ଚଳରେ ହାତୀ ଉପଦ୍ରବକୁ ପଦକ୍ଷେପ ନେବାକୁ ଦାବି କରି ଶୁକ୍ରବାର ଆପ୍ କର୍ମକର୍ତ୍ତା ଡିଏଫ୍‌ଓଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି।

### ୯୨ତମ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ କରାଶାସନ, ଗୟାମାଳ ବିଜୟୀ

**କୁଚିଣ୍ଡା,୨୦।୯(ଡି.ଏନ.ଏ.)**

କୁଚିଣ୍ଡାର ସର୍ବପୁରାତନ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମନ୍ଦିର ଛକ ପୂଜା କମିଟି ପକ୍ଷରୁ ୯୨ତମ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଉଦୟ ପ୍ରତାପ ସିଂ, ଗଗନ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଶଗଡେଶ୍ୱରୀ ଓ କରାଶାସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ କରାଶାସନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଗୟାମାଳ ଓ ଜାଳିବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପେନାଲଟି ସଟ୍ ମାଧ୍ୟମରେ ଗୟାମାଳ ବିଜୟୀ ହୋଇଥିଲା। ଖେଳକୁ ରେଫରି ଉଦିତପ୍ରତାପ ଦେଓ, ସୌଭାଗ୍ୟ ପଟେଲ, ରାଜେଶ ପଟେଲ, ନୀଳ ନାୟକ, ଲୁଟୁ ପଟେଲ ଓ ଦିବ୍ୟରାଜ ପୃଷେଟ ପରିଚାଳନା କରିଥିଲେ। ରାଧେଶ୍ୟାମ କଉଡି, ଗୁନା ମହାନନ୍ଦ, ବାବୁଲାଲ, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଅଞ୍ଚଳର ୩୨ଟି ଫୁଟବଲ୍ ଟିମ୍‌କୁ ନେଇ ଏହା ଆରମ୍ଭ ହୋଇଛି। ଆସନ୍ତା ୬ ତାରିଖ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

**ସମ୍ବଲପୁର, ୨୦।୯ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଡ. ପ୍ରିୟବ୍ରତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ନିବନ୍ଧ ଉପସ୍ଥାପନ କରିଥିଲେ । ଡ. ପ୍ରଦୀପ କୁମାର ହରିପାଲ, ସୁବାସ ଚନ୍ଦ୍ର ଝାଙ୍କର, ମୁକେଶ ଶର୍ମା ଓ ସରୋଜ ମେହେର ଆଲୋଚନାରେ ଭାଗ ନେଇଥିଲେ । ରୋଶନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ସ୍ମୃତିଶିଖା ଗୁରୁ, ସୋଫିଆ ବେଗମ୍, ସ୍ମିତା ସା, ଶ୍ୱେତା ନାୟକ, ସାଇପ୍ରସାଦ ସାହୁ, ଶିଭକ୍ଷ ସୋନି, ବ୍ରଜ କୁମ୍ଭାର ଆଲୋଚନା ଚକ୍ର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ଶୁକ୍ରବାର ସମ୍ବଲପୁର ଜିଏମୟୁଠାରେ ଆୟୋଜିତ ଆଲୋଚନାଚକ୍ରରେ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ନିବନ୍ଧ ଉପସ୍ଥାପନ କରୁଛନ୍ତି ।

ଜିଲାସ୍ତରୀୟ ପୋଷଣ ଅଭିଯାନ ମାସ

## ତ୍ରିରଙ୍ଗ ଖାଦ୍ୟ ଖାଇବା ଉପରେ ଉପଦେଶ

**ସମ୍ବଲପୁର, ୨୦।୯ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ପୋଷଣ ଅଭିଯାନ ମାସ ପାଳନ କରାଯାଇଛି । ଜିଲା ସମାଜ କଲ୍ୟାଣ ଅଧିକାରୀ ଗିତାଞ୍ଜଳି ମହାପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରଭାବତୀ ଗୁରୁ, ସମ୍ମାନିତ ଅତିଥି ଭାବେ ସୁଚିସ୍ମିତା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ ଯୋଗ ଦେଇଥିଲେ । ଏହି ଅବସରରେ ମା' ଓ ଶିଶୁର କିଭଳି ଯତ୍ନ ନିଆଯିବ ସେ ଦିଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଗର୍ଭବତୀ ହେବା ଦିନଠାରୁ ନବ ଜାତକ ଭୂମିଷ୍ଠ ହେବା ପର୍ଯ୍ୟନ୍ତ କିଭଳି ଯତ୍ନ ନିଆଯିବ, ମା' କ'ଣ ଖାଦ୍ୟ ଖାଇବ ସେ ଦିଗରେ ଉପଦେଶ ଦିଆଯାଇଛି। ବିଶେଷ କରି ମା' ତ୍ରିରଙ୍ଗ ଖାଦ୍ୟ ଖାଇବାକୁ କୁହାଯାଇଛି । ଯଥା ଧଳା ରଙ୍ଗରେ କ୍ଷୀର, ଅଣ୍ଡା, ଦହି, ସବୁଜ ରଙ୍ଗରେ ପନିପରିବା, ଶାଗ ଜାତୀୟ ଏବଂ ନାରଙ୍ଗୀ ରଙ୍ଗରେ ଫଳ ମୂଳ, ଗାଜର ଓ ଟମାଟୋ ଭଳି ଖାଦ୍ୟ ଖାଇବାକୁ ମା'ମାନଙ୍କୁ ପରାମର୍ଶ ଦିଆ ଯାଇଛି । ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି ଏବଂ ଆଶା କର୍ମୀମାନେ ଉପସ୍ଥିତ ଥିଲେ ।




ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଞ୍ଚାସୀନ ଅତିଥି, ବକ୍ତା ଓ ଅଧିକାରୀମାନେ ।

## ବୈଦିକ କଲେଜରେ କଂଗ୍ରେସର କର୍ମକର୍ତ୍ତା

**ସମ୍ବଲପୁର,୨୦।୯ (ବ୍ୟୁରୋ)**

ସମ୍ବଲପୁର ବୈଦିକ ଇଣ୍ଟରନ୍ୟାଶନାଲ କଲେଜରେ ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ର ଅଭିଷେକ ମିଶ୍ରଙ୍କୁ ର‌୍ୟାଗିଂ ଘଟଣାରେ ଜିଲା କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛି। ଶୁକ୍ରବାର କଲେଜ ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ରଙ୍କୁ ଭେଟି କର୍ମକର୍ତ୍ତା ଆଲୋଚନା କରିଛନ୍ତି। ହେଲେ କଲେଜ ମାଲିକ ଅନୁପସ୍ଥିତ ଥିବାରୁ ଏମାନେ ଭେଟି ପାରି ନ ଥିଲେ। କଲେଜ ବିରୋଧରେ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଶଫ ଅଲ୍ଲୀଖାନ, ସୁଧୀର କୁମାର ପଣ୍ଡା, ଜିଲା କଂଗ୍ରେସ ଉପସଭାପତି ବିଜୟ କୁମାର ଭୂୟାଁ, ରାମ ମୋହନ ସାଠିଆ, କୃଷ୍ଣ ସୁନାର, ମହମ୍ମଦ ଅଜଗର ଅଲ୍ଲୀ, ମହମ୍ମଦ ଜୁବେର, ମହମ୍ମଦ ଶିଖାୱତ, ବାବୁ ଖାନ ପ୍ରମୁଖ କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ । ସେହିପରି ସମ୍ବଲପୁର ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି । ଏହା ଏକ ଦୁର୍ଭାଗ୍ୟ ଜନକ ଘଟଣା । ଏ ନେଇ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ପ୍ରେସ ବିବୃତିରେ ଦାବି କରିଛନ୍ତି ।



ସମ୍ବଲପୁର ବୈଦିକ କଲେଜ ଅଧ୍ୟକ୍ଷଙ୍କ ସହ କଂଗ୍ରେସ ନେତା ଆଲୋଚନା କରୁଛନ୍ତି ।

ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ବାମରା, ୨୦।୯ (ଡି.ଏନ.ଏ.)**

ବାମରା ବ୍ଲକ ଜରାବଗା ପଞ୍ଚାୟତ ଚାଲିଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ମଧ୍ୟାହ୍ନ ଭୋଜନ ଖାଇ ୨୨ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣି ଦାୟି। ଏଣୁ ତାଙ୍କୁ ତୁରନ୍ତ ସ୍କୁଲରୁ ଅନ୍ୟତ୍ର ବଦଳି କରାଯାଉ। ଏଭଳି ଦାବି ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ଶୁକ୍ରବାର ବାମରା ବିଇଓ ନରେନ୍ଦ୍ର ପଟେଲଙ୍କୁ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ସ୍କୁଲକୁ ଯାଇ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକଙ୍କୁ ନେଇ ଆଲୋଚନା କରିବା ପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଇଓ କହିଛନ୍ତି। ସୁରେଖା ବୁଦୁଲା, ପଦ୍ମିନୀ ଧନୁର୍ଯ୍ୟୟ, ସରସ୍ୱତୀ ଭଇଁସା, ସୁଜାତା ମାଝି, ରଜନୀ ବୁଦୁଲା, ବିଶ୍ୱାମିତ୍ର ଭଇଁସା, ଗଗନ ସନାନୀ, ମହେନ୍ଦ୍ର ମାଝି, ମୁରଲୀ ଭଇଁସା, ସୁକାନ୍ତି ସୋରେଙ୍ଗ, ଆରତି ମାକର ଓ କସ୍ତୁରୀ ବୁଦୁଲା ପ୍ରମୁଖ ବିଇଓଙ୍କୁ ଭେଟିଥିଲେ ।



ପ୍ରଧାନ ଶିକ୍ଷୟିତ୍ରୀ ବଦଳି ଦାବି କରି ବିଇଓଙ୍କ ସହ ଆଲୋଚନା ଚାଲିଛି।

## ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ

**ରେଢାଖୋଲ,୨୦।୯ (ଡି.ଏନ.ଏ)**

ଭାଜପା ପକ୍ଷରୁ ସାରା ଦେଶରେ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ରେଢାଖୋଲ ନଗର କମିଟି ପକ୍ଷରୁ ମଧ୍ୟ ଶୁକ୍ରବାର ସେବା ସପ୍ତାହ ପାଳନ କରାଯାଇଛି। ସରସ୍ୱତୀ ଶିଶୁ ମନ୍ଦିରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଇ ଶିଶୁ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା । ସେହିଭଳି ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭାଜପା କର୍ମକର୍ତ୍ତା ରକ୍ତଦାନ କରିଥିଲେ। ଗୋବିନ୍ଦ ଅଗ୍ରୱାଲ, ଶିବରାମ ସାହୁ, ନରେନ ମଲ୍ଲିକ, ଲଳିତ ଷଣ୍ଢ, ବବଲୁ ଦେବ, ମହେଶ୍ୱର ପ୍ରଦାନ, ଶରତ ପ୍ରଧାନ, ପ୍ରହ୍ଲାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ରକ୍ତଦାନ ଶିବିର।

ବାମରାରେ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

## ଚାନ୍ଦା, ଡିଜେକୁ ପୋଲିସର ନା

**ବାମରା, ୨୦।୯ (ଡି.ଏନ.ଏ)**

ବାମରାଠାରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦୁର୍ଗାପୂଜା ଧୁମଧାମରେ ପାଳନ କରାଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ତେବେ ଗୋବିନ୍ଦପୁର ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଶୁକ୍ରବାର ଥାନାରେ ଅନୁଷ୍ଠିତ ହୋଇଯାଇଛି । ଚାନ୍ଦା ଆଦାୟ ନ କରିବା ଓ ଡିଜେ ସାଉଣ୍ଡ ନ ବାଜାଇବାକୁ ପୋଲିସ ଚେତାଇ ଦେଇଛି।

ଥାନା ଅଧିକାରୀ ପ୍ରତାପ କୁମାର ରଣା ଅଧ୍ୟକ୍ଷତା କରିଥିଲେ। ବାମରାର ୩ ପୂଜା ମଣ୍ଡପ ଗୋବିନ୍ଦପୁର, ଷ୍ଟେସନବସ୍ତି ଓ ମୁଣ୍ଡାଡ଼ିପାର କର୍ମକର୍ତ୍ତା, ଆମ ପୋଲିସ ସମିତି ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ସୁରକ୍ଷା, ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ବିଭିନ୍ନ ପ୍ରକାର ଅନୁମତି ପତ୍ର ଦାଖଲ ଆଦି ଉପରେ ଆଲୋଚନା ହୋଇଥିଲା। ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ବାଲି ଓ ପାଣି ଗଚ୍ଛିତ ରଖିବା, ତୋରଣ ଓ ଗେଟ୍ ନିର୍ମାଣ ସଂକୁଚିତ ନ ରକବା ଓ ବିସର୍ଜନ ବାବଦକୁ ଅନୁମତି ନେବାକୁ କୁହାଯାଇଛି। ବୈଠକରେ ଗୋବିନ୍ଦପୁର ଦୁର୍ଗାପୂଜା କମିଟି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଶତପଥୀ ଓ ସମ୍ପାଦକ ଦାମୋଦର ସାହୁ, ଷ୍ଟେଶନବସ୍ତିପୂଜା କମିଟି ସଭାପତି ଇନ୍ଦ୍ରଦେବ ଚୌଧୁରୀ ଓ ପ୍ରମୋଦ ନାୟକ, ମୁଣ୍ଡାଡ଼ିପା କମିଟିର ସଭାପତି ଦୁର୍ଗା ଚରଣ ସାହୁ ଓ ଉପସଭାପତି ଚକ୍ରଧର ସାହୁଙ୍କ ସହ କମିଟିର ଉପଦେଷ୍ଟା ମଣ୍ଡଳୀ, ସଭ୍ୟମାନେ ଉପସ୍ଥିତ ଥିଲେ । ସବ୍‌ଇନ୍ସପେକ୍ଟର ଥୋମାସ୍ କେର୍କେଟା ପ୍ରସ୍ତାବ ଗୃହୀତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପ୍ରଧାନ, ବୃନ୍ଦାବନ ନାଏକ, ଅଶୋକ ପଣ୍ଡା, ଚନ୍ଦନ ସାହୁ ଓ ହାବିଲଦାର ରମାକାନ୍ତ ସାହୁ ଉପସ୍ଥିତ ଥିଲେ ।



ଗୋବିନ୍ଦପୁର ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ ବସିଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ହେମଗିର, ୨୦୧୯ (ଡି.ଏନ.ଏ)- ହେମଗିର ଥାନା କଳାମେଘା ଗ୍ରାମରେ ଜଣେ ଛାତ୍ରଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଅଲେଖପଡାରେ ଯୋଗେନ୍ଦ୍ର ଧରୁଆଙ୍କ ପୁଅ ରାହୁଲ। ଗୁରୁବାର ନିକଟସ୍ଥ ନାଳର କାଦୋଦର୍ହକୁ ମାଆ ଓ ଅନ୍ୟ ଛାତ୍ରଙ୍କ ସହ ଗାଧୋଇବା ପାଇଁ ଯାଇଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଜ୍ଞାନ ପ୍ରଦର୍ଶନୀ ଓ ମେଳା, ଭୀମ ଭୋଇ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା ।

**ଦେବଗଡ଼**

- ଦିବ୍ୟାଙ୍ଗ ମାନଙ୍କ ପାଇଁ ଶିକ୍ଷକ, ଅଭିଭାବକଙ୍କୁ ନେଇ ତାଲିମ ଶିବିର, ବାଳକ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ଫଳବଣ୍ଟନ, ବ୍ଲଡ଼ ବ୍ୟାଙ୍କ, ହସ୍ପିଟାଲ, ସକାଳ ୯ଟା।

### ପ୍ରେମିକାଙ୍କ ଘରେ ପ୍ରେମିକ ମୃତ୍ୟୁ ଘଟଣା

# ପ୍ରେମିକାଙ୍କ ବାପା, ବଡ଼ବାପା ଗିରଫ

**ଦେବଗଡ଼,୨୦୧୯ (ଡି.ଏନ.ଏ)**

ଗତ ସୋମବାର ରାତିରେ ଦେବଗଡ଼ ଥାନା ଅଧିନ କାଳିଆକଟା ଗ୍ରାମରେ ପ୍ରେମିକାଙ୍କ ଘରେ ଘଟିଥିବା ପ୍ରେମିକଙ୍କ ମୃତ୍ୟୁ ଘଟଣାରେ ନୂଆମୋଡ଼ ନେଇଛି। ଦେବଗଡ ଥାନା ପୋଲିସ ଥାନାରେ ଅଟକ ରଖିଥିବା ପ୍ରେମିକାଙ୍କ ବାପା ଓ ବଡବାପାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଖବର ମୁତାବକ ରିଆମାଳ ଥାନା ଅଧିନ ରଙ୍ଗମାଟିଆ ଗ୍ରାମର ଯୋଗୀନ୍ଦ୍ର ଗରିଆଙ୍କ ପୁଅ ରାକେଶ ଗରିଆ(୨୨) ଦେବଗଡ ଥାନା ଅଧିନ କାଳିଆକଟା ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସେ ଗତ ସୋମବାର କାଳିଆକଟା ସ୍ଥିତ ତାଙ୍କ ପ୍ରେମିକା ଘରକୁ ଆସି ତାଙ୍କ ପିତାମାତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ପ୍ରେମିକାଙ୍କ ପିତାମାତା ଏହି ପ୍ରସ୍ତାବରେ ରାଜି ନ ହେବାରୁ ରାକେଶ ସେମାନଙ୍କ ସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିବାସହ ପ୍ରେମିକାଙ୍କୁ ଯେମିତି ହେଲେ ବିବାହ କରିବାକୁ ଜିଦ ଧରିଥିଲେ । ପ୍ରେମିକାଙ୍କ ବାପା ଓ ବଡବାପା ରାକେଶଙ୍କୁ ବହୁ ବୁଝାଶୁଝା କରି ବିଫଳ ହେବା ପରେ ତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ଘରର ଏକ କୋଠରି ମଧ୍ୟରେ ବନ୍ଦ କରିଦେଇଥିଲେ । ପରେ ପ୍ରେମିକାଙ୍କ ବାପା ଓ ବଡବାପା ରଙ୍ଗମାଟିଆ ଗ୍ରାମକୁ ଯାଇ ରାକେଶଙ୍କ ପିତାମାତାଙ୍କୁ ଏକଥା ଜଣାଇବା ସହ ତାଙ୍କୁ ସେଠାରୁ ବୁଝାଇ ଘରକୁ ଆଣିବାକୁ କହିଥିଲେ । ତେବେ ପ୍ରେମିକାଙ୍କ ବାପା ଓ ବଡବାପା ରାତିରେ ସେଠାରୁ ଫେରିବା ପରେ ସମ୍ପୃକ୍ତ କୋଠରିର କବାଟ ଭିତରପଟୁ ବନ୍ଦଥିବା ଓ ଯେତେ ଡାକପକାଇଲେ ମଧ୍ୟ ସେ ଶୁଣୁ ନ ଥିବା ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ ।

ସୂଚନାପାଇ ଦେବଗଡ ଥାନା ପୋଲିସ ରାତି ପ୍ରାୟ ୧୧ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ବନ୍ଦ କୋଠରି ମଧ୍ୟରେ ରାକେଶଙ୍କ ମୃତଦେହ ଏକ ରଶି ଓ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମଙ୍ଗଳବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବନ୍ଦ କୋଠରି ଖୋଲିବା ସହ ରାକେଶଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ମଙ୍ଗଳବାର ଏ ସମ୍ପର୍କରେ ମୃତ ପ୍ରେମିକ ରାକେଶଙ୍କ ପିତା ଯୋଗୀନ୍ଦ୍ର ଗରିଆ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରି ରାକେଶଙ୍କୁ ପ୍ରେମିକାଙ୍କ ବାପା ଓ ବଡବାପା ହତ୍ୟା କରିବା ପରେ ଫ୍ୟାନରେ ଝୁଲାଇ ଦେଇଥିବା ଦର୍ଶାଇଥିଲେ । ଫଳରେ ପୋଲିସ ପ୍ରେମିକାଙ୍କ ବାପା ଓ ବଡବାପାଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।



ସାଧାରଣ ବୈଠକରେ ଉପସ୍ଥିତ ସଦସ୍ୟମାନେ।

### ଔଷଧ ବ୍ୟବସାୟୀ ସଂଘର ବୈଠକ, କର୍ମକର୍ତ୍ତା ଚୟନ

# ମୋତିଲାଲ୍ ସଭାପତି, ସରୋଜ ସମ୍ପାଦକ

**ଦେବଗଡ,୨୦୧୯ (ଡି.ଏନ.ଏ)**

ଦେବଗଡ ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘର ତ୍ରୟ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ରେସିଡେନ୍ସି କନ୍‌ଫରେନ୍ସ ହଲ ଖପର ସାହି ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ ସାହୁ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁରର ସଂଘ ସଭାପତି ପ୍ରଶାନ୍ତ ରଥ ଓ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା । ଶାଖାର ନୂତନ ସଭାପତି ଭାବେ ମୋତିଲାଲ ଶର୍ମାଙ୍କୁ ମନୋନୀତ କରାଯାଇଥିବାବେଳେ ସମ୍ପାଦକ ଭାବେ ସରୋଜ କୁମାର ପାଢୀ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ବଛାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସୁଶୀଳ କୁମାର କପରଦାର, ମିତ୍ରଭାନୁ ନାୟକ, ସୁନିଲ କୁମାର ଦାଶ, ଅଜୟ କୁମାର ନନ୍ଦ, ପ୍ରଣୟ ଦାଶ, ପ୍ରସନ୍ନ ପ୍ରଧାନ, ପ୍ରଭାକର ପ୍ରଧାନ, ବିଜୟ ପ୍ରଧାନ, ରାଜେଶ ସାହୁ ପ୍ରମୁଖ ସଭା କାର୍ଯ୍ୟରେ ସହଯୋଗ କରିବା ସହ ନିଜର ମତ ବିନିମୟ କରିଥିଲେ ।

# 'ଉତ୍କଳ ଦୁର୍ଗପୂଜା କମିଟି'ର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ, ୨୦୧୯ (ଡି.ଏନ.ଏ)**

ଶୁକ୍ରବାର ଅପରାହ୍ନରେ ଦେବଗଡ ପୌରାଞ୍ଚଳ ଅଧିନ ପୋଷ୍ଟ ଅଫିସ ଛକ (ବାବୁସାହି) ସ୍ଥିତ 'ଉତ୍କଳ ଦୁର୍ଗାପୂଜା କମିଟି'ର ପୋଷ୍ଟଅଫିସ ଛକ ନିକଟରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଉତ୍କଳ ଦୁର୍ଗାପୂଜା କମିଟି'ର ସଭାପତି ଭାବେ ପ୍ରଣବ କୁମାର ସ୍ୱାଇଁ, ସମ୍ପାଦକ ଭାବେ ପ୍ରତାପ ଦେବ ଙ୍କ ସମେତ 'ଉତ୍କଳ ଦୁର୍ଗାପୂଜା କମିଟି'ର ବିଷ୍ଣୁ ପ୍ରସାଦ ଅମାତ୍ୟ, ମହେଶ୍ୱର ମିଶ୍ର, ଉପେନ୍ଦ୍ର ଭଞ୍ଜ, ହିମାଂଶୁ ଶେଖର ବଡପଣ୍ଡା, ଗନି ଦେବ, ମୁନା ପୃଷ୍ଟି, ଭରେନ ଦେଓ, ସୁରଞ୍ଜିତ ମହାପାତ୍ର, ସ୍ୱସ୍ତିକ ମହାପାତ୍ର, ସୌମ୍ୟ ରଞ୍ଜନ ବେହେରା, ଚନ୍ଦନ ଦେବ, ଶ୍ୟାମ ସୁନ୍ଦର ଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ନୃତ୍ୟ ପ୍ରତିଯୋଗିତା ଆୟୋଜନ ଏବଂ ଭସାଣି ଉତ୍ସବକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି


ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନରେ କମିଟିର ସଦସ୍ୟମାନେ ।



ପାନୀୟ ଜଳ ଯୋଗାଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ।

# ପାଉଡିଭୂୟାଁ ଅଧିବାସୀଙ୍କୁ ଜଳ ସମ୍ପର୍କିତ ସଚେତନତା

**ବାରକୋଟ, ୨୦୧୯ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକରେ ପାଉଡିଭୂୟାଁ ଅଧିବାସୀଙ୍କୁ ନେଇ ଜିତା ଅନୁଷ୍ଠାନ ତରଫରୁ ଏକ ପାନୀୟ ଜଳ ଯୋଗାଣ ସମ୍ପର୍କିତ ସଚେତନତା ସଭା ଗୁରୁସଙ୍ଗର ପ୍ରକୃତ ପଲ୍ଲିଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାଉଡିଭୂୟାଁ ଉନ୍ନୟନ ସଂସ୍ଥାର କର୍ମକର୍ତ୍ତା ତଥା କ୍ଷେତ୍ର କର୍ମଚାରୀ, କଦଳିଡିହି, ବାଲିଡିହି, ଗାଡିଆ, ଦେବିଟୁଆ, ଔତଳ ପ୍ରଭୃତି ଗ୍ରାମର ମୁଖିଆମାନେ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ବବିତା ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଉଡିଭୂୟାଁ ବିକାଶ ସଂସ୍ଥାର ସହକାରୀ ଯନ୍ତ୍ରୀ ମନୋଜ ସାହୁ ଯୋଗଦେଇ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ବୁଝାଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ମୁଖିଆମାନେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ସଂସ୍ଥାର କର୍ମକର୍ତ୍ତା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

**ଦେବଗଡ଼, ୨୦୧୯ (ଡି.ଏନ.ଏ)**

ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସହରର ବିଭିନ୍ନ ସରକାରୀ ବେସରକାରୀ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ଭସାଣି ଯାତ୍ରା ଶୁକ୍ରବାର ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି। ସକାଳୁ ଯଥା ରୀତିନୀତି ଅନୁଯାୟୀ ମଙ୍ଗଳ ଆରତୀ, ହୋମଯଜ୍ଞ, ପୁରୋହିତମାନଙ୍କ ମନ୍ତ୍ରପାଠ ମଧ୍ୟରେ ପୂଜା ସମ୍ପନ୍ନ ହୋଇଥିଲା। ପରେ ଅପରାହ୍ନ ସମୟରେ ବିଭିନ୍ନ ସୁସଜ୍ଜିତ ଗାଡିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ବିସର୍ଜନ ଶୋଭାଯାତ୍ରା ବାହାରି ସବୁ ସାହିପଡିଶା ସହ ନଗର ପରିକ୍ରମା କରିଥିଲା। ଏହି ଭସାଣିରେ ସହରର ଘରୋଇ ବସ ମାଲିକ ସଂଘ, ସରକାରୀ ମୁଦ୍ରଣାଳୟ କାର୍ଯ୍ୟାଳୟ, ସରକାରୀ ଡ୍ରାଇଭର କର୍ମଚାରୀ ସଂଘ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ଆରଏଣ୍ଡବି କାର୍ଯ୍ୟାଳୟ, ଟେକ୍ସି ୟୁନିୟନ, ଟେମ୍ପୁ ୟୁନିୟନ, ପି.ଏଚ.ଡି.କାର୍ଯ୍ୟାଳୟ ଅନେକ ବ୍ୟବସାୟୀକ ଅନୁଷ୍ଠାନ ଭିନ୍ନଭିନ୍ନ ଭାବେ ଭସାଣି କରିଥିଲେ। ହାଡି ବାଜା, ଦୁଲଦୁଲି ବାଜା, ସଂକୀର୍ତ୍ତନ ମଣ୍ଡଳୀ, ସାଉଣ୍ଡ୍ ବ୍ୟାଣ୍ଡ ବାଜା ପ୍ରଭୃତି ବିଭିନ୍ନ ସାଂସ୍କୃତିକ ନୃତ୍ୟଗୀତରେ ନିଜକୁ ହଜେଇ ଦେଇଥିଲେ। ବିଭିନ୍ନ ରଙ୍ଗର ଫଗୁ ଖେଳରେ ରଙ୍ଗେଇ ଓ ଆତସବାଜି ଶବ୍ଦ ମଧ୍ୟରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବିଭିନ୍ନ ସାହିବସ୍ତି ବୁଲାଇବା ପରେ ସ୍ଥାନୀୟ କଟା ଏବଂ ଅନ୍ୟାନ୍ୟ ବନ୍ଧ ଠାରେ ବିସର୍ଜନ କରିଥିଲେ । ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା । ଏପରିକି କେତେକ କମିଟି ପକ୍ଷରୁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇ ଭକ୍ତ ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା



ବିଶ୍ୱକର୍ମାଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ବଣିଆଁସାହି ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ଓ କର୍ମକର୍ତ୍ତା ଚୟନ ବୈଠକ

**ଦେବଗଡ, ୨୦୧୯ (ଡି.ଏନ.ଏ)**

ଦେବଗଡ ପୌରାଞ୍ଚଳର ୩ନଂ. ୱାର୍ଡ ଅଧୀନ ବଣିଆଁସାହି ଲାଲବାହାଦୁର ଶାସ୍ତ୍ରୀ କ୍ଲବ ପକ୍ଷରୁ ଆଗାମୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କର୍ମକର୍ତ୍ତା ଚୟନ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗତବର୍ଷର ଆୟବ୍ୟୟ ହିସାବ କିତାବ କରିବାସହ ଚଳିତବର୍ଷ କିପରି ଆହୁରୀ ଜାକଜମକରେ ପୂଜା କରାଯିବ ସେନେଇ ବୈଠକରେ ନିଷ୍ପତି ନିଆଯାଇଥିଲା । ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୂଜା ସଭାପତି ଭାବେ ଜନ୍ମେଜୟ ନାୟକ, ଉପ-ସଭାପତି ଭାବେ ବିଦୁର ବେହେରା, ସମ୍ପାଦକ ଭାବେ ରାଜେଶ ନାୟକ, ଯୁଗ୍ମ ସମ୍ପାଦକ ସତ୍ୟମ ଝାଙ୍କର, କୋଷାଧ୍ୟକ୍ଷ ଭାବେ ଘନଶ୍ୱାମ ସାହୁ ସହ କୋଷାଧ୍ୟକ୍ଷ ସୁମନ ବେହେରାଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଉପଦେଷ୍ଟା ମଣ୍ଡଳୀରେ ସାହିର ବରିଷ୍ଠ ସଦସ୍ୟ ସୁଶୀଳ କୁମାର କପରଦାର, କୁଳମଣୀ ସାହୁ, ସୁଧୀର କୁମାର କପରଦାର, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ଅଶୋକ ନାୟକ, ରାଜପିଆରି ସାହୁ, ଶିବ ସାହୁ, ବିପିନ ବେହେରା, ଚୟନ କରାଯାଇଥିଲା । ସେହିପରି ସକ୍ରିୟ ସଭ୍ୟ ସୁବ୍ରତ କୁମାର ସାହୁ, ସନ୍ତୋଷ ସେନାପତି, ଶ୍ରୀତମ ଝାଙ୍କର, ପପୁନ ସାହୁ, ପ୍ରକାଶ ସାହୁ, ରୋନିତ ବେହେରା, କବୁଲୁ ଜେନା, ସୁବାସ ପୃଷ୍ଟି ସମେତ ବୈଠକରେ କ୍ଲବର ସମସ୍ତ ସିନିୟର ଏବଂ ଜୁନିୟର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ । ଚଳିତବର୍ଷ ପୂଜା ଆସନ୍ତା ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ପୂଜା ଚାଲିବ। ଚଳିତବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସମାରୋହ, ମେଲୋଡି, ନୃତ୍ୟ ପ୍ରତିଯୋଗିତା ତଥା ଦଶହରା ଖେଳ ଆୟୋଜନ ଏବଂ ଭସାଣି ଉତ୍ସବକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି କ୍ଲବ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


କର୍ମକର୍ତ୍ତା ଚୟନ ସହ ଏକ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ ।

### ଦେଶୀ ମଦ କାରବାର ବୃଦ୍ଧି

କୁଆଁରମୁଣ୍ଡା, ୨୦୧୯(ଡି.ଏନ.ଏ.)-କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଅଧିକାଂଶ ଗ୍ରାମରେ ଏବେ ଘରେ ଘରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହେଉଛି। ପଞ୍ଚାୟତର ଜଗଦୀଶପୁର, ଚାନ୍ଦିପୋଷ, ଲାଞ୍ଜିବେର୍ଣ୍ଣା ଗ୍ରାମରେ ଦେଶୀ ମଦ କାରବାର ବହୁଳ ପ୍ରସାର ହୋଇଚାଲିଛି। ଦେଶୀ ମଦ ଅଳ୍ପ ଦାମ୍‌ରେ ଘର ପାଖରେ ସହଜରେ ମିଳିଯାଉଥିବାରୁ ସମସ୍ତେ ଏହାକୁ ପିଉଛନ୍ତି। ଦେଶୀ ମଦ ପିଇବା ଫଳରେ ଯୁବକମାନେ ଅନେକ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ହେଲେ ଏହି ବେଆଇନ ମଦ କାରବାରକୁ ରୋକିବା ଦିଗରେ ଅବକାରୀ ଓ ପୋଲିସ ବିଭାଗର ଅଚାନକ ଚଢାଉର ଜରୁରୀ ଆବଶ୍ୟକତା ରହିଛି। ଅନ୍ୟ ପକ୍ଷରେ ଉକ୍ତ ଗ୍ରାମଗୁଡିକରେ ଦେଶୀ ମଦ ବିକ୍ରେତାଙ୍କୁ ଜନୈକ କୁଜି ନେତା ବୋଲାଉଥିବା ବ୍ୟକ୍ତି ଭିତିରି ସାହାଯ୍ୟ କରୁଥିବାରୁ ମଦ କାରବାର କମିବା ବଦଳରେ ବଢି ଚାଲୁଛି। ପଞ୍ଚାୟତ ଅଞ୍ଚଳରେ ଯଦି କୌଣସି ଦେଶୀ ମଦ ବିକ୍ରେତା ପୋଲିସ ଅବା ଅବକାରୀ ବିଭାଗ ଦ୍ୱାରା ଧରାପଡିଥାଏ, ତେବେ ତାଙ୍କୁ ମୁକୁଳାଇବା ପାଇଁ ସମ୍ପୃକ୍ତ କୁଜି ନେତା ଜଣଙ୍କ ବିଭିନ୍ନ ପ୍ରକାରର ଚେଷ୍ଟା ମଧ୍ୟ କରିଥାଆନ୍ତି। ଏଥିପାଇଁ ସେ କୁଆଡେ ମଦ ବେପାରୀଙ୍କ ଠାରୁ ମାସିକିଆ ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଏକାକୀ ମହିଳାଙ୍କ ସମସ୍ୟା ନେଇ ଆଲୋଚନା

# ସ୍ୱତନ୍ତ୍ର ଯୋଜନା, ନୀତି ପ୍ରଣୟନ ଦାବି

**ସୁନ୍ଦରଗଡ, ୨୦୧୯ (ଡି.ଏନ୍.ଏ)**

ବର୍ତ୍ତମାନ ସମାଜରେ ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଏକାକୀ ମହିଳାମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏଥିସହିତ ଏକାକୀ ମହିଳାମାନଙ୍କ ସମସ୍ୟା ମଧ୍ୟ ବଢିବାରେ ଲାଗିଛି। ତେଣୁ ଏକାକୀ ମହିଳାଙ୍କ ସମସ୍ୟା ଓ ସମାଧାନ ଦିଗରେ ସରକାରୀସ୍ତରରେ ଆଲୋଚନା କରିବା ଓ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ଉଦ୍ଦେଶ୍ୟରେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ତରଫରୁ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ସହିତ ଏକ ଆଲୋଚନା ହୋଇଥିଲା। ଏକାକୀ ମହିଳା ଯଥା ସ୍ୱାମୀ ପରିତ୍ୟକ୍ତା, ୩୦ବର୍ଷରୁ ଊର୍ଦ୍ଧ୍ୱଅବିବାହିତା ମହିଳା, କୁମାରୀ ମା ଓ ବିଧବା ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ବଞ୍ଚିବା କଷ୍ଟକର ହେଉଥିବା ବେଳେ ସରକାରୀ ସ୍ତରରେ ଏ ଦିଗରେ ସ୍ୱତନ୍ତ୍ର ଯୋଜନା କିମ୍ବା ନୀତିନିୟମ ପ୍ରଣୟନ ହେଉ ନାହିଁ । ଏଣୁ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଯୋଜନା ଓ ନିୟମ ପ୍ରଣୟନ ସକାଶେ ଆଠକୋଶିଆ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ବିଧାୟକ ଭୋଇ ଏ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ଜନସଙ୍ଗଠନର ଆବ୍ରାହାମ ଲାକ୍ରା, ଶାସ୍ତ୍ରୀ ଷଣ୍ଡ, ବେର୍ଥା ଯାତାର୍ମା, ରବିଦାନ କେରକେଟା ପ୍ରମୁଖ ୪୦ଜଣ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ବିଧାୟକଙ୍କ ସହିତ ଆଲୋଚନା କରିଥିଲେ।


ଆଦିବାସୀ ଏକତା ମଞ୍ଚ ତରଫରୁ ବିଧାୟକଙ୍କ ସହିତ ଆଲୋଚନା ଚାଲିଛି।

# ଆମେରିକାରେ ପାଳିତ ହେଲା ନୂଆଁଖାଇ

**ସୁନ୍ଦରଗଡ଼, ୨୦୧୯ (ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମହକ ସୁଦୂର ଆମେରିକାର ସିଆଟେଲଠାରେ ପ୍ରବାସୀ ଓଡ଼ିଆ ଅନୁଭବ କରିଛନ୍ତି। ଦୂରରେ ଥିଲେ ମଧ୍ୟ ଏ ମାଟିର ସନ୍ତାନମାନେ ଭୁଲିନାହାନ୍ତି ନିଜର ପ୍ରଥା, ପରମ୍ପରା ଓ ସଂସ୍କୃତିକୁ। ଆମେରିକାର ସିଆଟେଲ ସହରରେ କାର୍ଯ୍ୟରତ ୧୬ ଓଡ଼ିଆ ପରିବାରର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏକାଠି ହୋଇ ସହରର ଟୋଲ୍ଟ ମ୍ୟାକଡୋନାଲାଡ୍ ପାର୍କ ଠାରେ ଏହି ନୂଆଁଖାଇ ପର୍ବକୁ ଧୂମଧାମରେ ପାଳନ କରିଛନ୍ତି। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ନବାନ୍ନ ଲାଗି ପରେ ସମସ୍ତେ ଏକାଠି ବସି ନୂଆଁ ଖାଇଥିଲେ। ଏହି ନୂଆଖାଇ ପର୍ବପାଳନ ଅବସରରେ ପାରମ୍ପାରିକ ପିଠା, ପଣା, ଖିରୀ ତଥା ବିଭିନ୍ନ ବ୍ୟଞ୍ଜନର ପ୍ରସ୍ତୁତ ଖାଦ୍ୟକୁ ସମସ୍ତେ ଏକାଠି ବସି ଖାଇଥିଲେ। ଏହା ପରେ ପରସ୍ପର ମଧ୍ୟରେ ନୂଆଁଖାଇ ଜୁହାରଭେଟ ମାଧ୍ୟମରେ ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଜୁନିୟର ବିଭାଗରେ ଆହାନା ବେହେରା, ସାନଭି ଦାଶ, ସାନଭି ପାତ୍ର, ଆହାନା ମହାପାତ୍ର, ରକ୍ଷିତ ବେହେରା, ରୋନିତ ବେହେରା, ଯଶ ବେହେରା, ଇଶାନ ମେହେର, ଇଶିକା ମେହେର, ସିନିୟର ବିଭାଗରେ ଲିଜା ନାଏକ ଓ ଶ୍ରାବଣୀ ନାଏକ ସମ୍ବଲପୁରୀ ନୃତ୍ୟ ପରିବେଷଣରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ। ଆଲୋକ ମହାପାତ୍ର, ଅମନ ହୋତା, ସନ୍ତୋଷ ଦାଶ, ବିଭାସ ନାଗ, ଈଶ୍ୱର ପଟେଲ, ବିପ୍ଲବ ମେହେର, ରଞ୍ଜିତ ଠାକୁର, ସୁମିତ୍ର କୁମାର ପଟେଲ, ସୁଜିତ ପାତ୍ର, ନଚିକେତା ହୋତା, ଲକ୍ଷ୍ମୀନାରାୟଣ କୋରଡା, ସ୍ୱରାଜ ପଟେଲ, ଗୋପାଳ ପାଢୀ, ସମୀର ସ୍ୱାଇଁ, ସାଇକୁମାର, ବିକାଶ ବେହେରା, ବିକ୍ରମ ମହାନ୍ତି, ବିଶ୍ୱ ବେହେରା ପ୍ରମୁଖଙ୍କ ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହିତ ଓଡିଶାରୁ ଯାଇଥିବା କ୍ରୀଷ୍ଣା ପାତ୍ର, ପ୍ରଶାନ୍ତ ପାଟଯୋଶୀ ଓ ରବିନାରାୟଣ ଦାଶଙ୍କ ପରିବାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୂଆଁଖାଇ ଉତ୍ସବରେ ସାମିଲ ହୋଇ ନିଜ ମାଟିର ନୂଆଁଖାଇକୁ ଅନୁଭବ କରିଥିଲେ। ନିଜ ଗାଁ ମାଟି ଦେଶ ବାହାରେ ପ୍ରବାସ ଆମେରିକାରେ ବସବାସ କରୁଥିବା ଏହି ଓଡିଆମାନେ ଗତ ୭ବର୍ଷ ହେବ ନୂଆଁଖାଇ ପର୍ବକୁ ଧୂମଧାମରେ ପାଳନ କରିଆସୁଛନ୍ତି। କେବଳ ନୂଆଖାଇ ନୁହେଁ, ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ଯଥା ରଜ, ରଥଯାତ୍ରା ଆଦି ଏକାଠି ପାଳନ କରିଆସୁଛନ୍ତି।


ନୂଆଁଖାଇ ପାଳନ ଅବସରରେ ସମସ୍ତେ ଏକାଠି ହୋଇଛନ୍ତି।



ମୁଁ ନିଜକୁ ଜଣେ ଆଉଟ୍‌ସାଇଡର କହିବାକୁ ଗର୍ବ ଅନୁଭବ କରେ।

–ତାପ୍‌ସୀ ପାନ୍ନୁ,
ବଲିଉଡ୍ ଅଭିନେତ୍ରୀ

# ବିଶ୍ୱ ସମ୍ମୁଖରେ ବଡ଼ ସମସ୍ୟା

## ଆଲଜିମର

ବୟସ ବଢ଼ି ଚାଲିଲେ ଶାରୀରିକ ପ୍ରକ୍ରିୟାରେ ମାନ୍ଦାବସ୍ଥା ପରିଲକ୍ଷିତ ହୁଏ। ଅଙ୍ଗପ୍ରତ୍ୟଙ୍ଗ ବି ପ୍ରଭାବିତ ହୁଏ। ବୟସ ବୃଦ୍ଧି ସହ ଆଲ୍‌ଝିମର୍ ସମସ୍ୟା ମଧ୍ୟ ଉଭା ହୁଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା କୋଷଗୁଡ଼ିକର ବିକାଶରେ ବାଧା ଆସେ ଓ ତାହା ନଷ୍ଟ ହେବାରେ ଲାଗେ। ଏହାଯୋଗୁ ବ୍ୟକ୍ତିର ବ୍ୟବହାରିକ,ଭାବନା ତଥା ସାମାଜିକ ସ୍କିଲ୍ ଉପରେ ପ୍ରଭାବ ପଡେ। ଭୁଲାପଣ ବଢିଯାଏ। ଏହି ସମସ୍ୟାକୁ କୁହାଯାଏ ଡିମେନସିଆ। ଆଲଝିମର ଡିମେନ୍‌ସିଆର ମୂଳ କାରଣ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ କ୍ଷମତା କମିଆସେ। ଆଲଝିମର୍‌ର ଚକିତ୍ସା କରା ନ ଗଲେ ତାହା ପୁଣି ପାରାଲିସିସ ଆଡକୁ ନେଇଯାଏ। ଏହିରୋଗକୁ ୧୯୦୬ରେ ପ୍ରଥମେ ଠାବ କରାଯାଇଥିଲା। ଏହାପରେ ବହୁ ବିଳମ୍ବରେ ହେଲେ ମଧ୍ୟ ୧୯୮୪ରେ ଆଲଝିମର ଡିଜିଜ ଇଣ୍ଟରନ୍ୟାଶନାଲ(ଏଡିଆଇ) ଗଠନ କରାଯାଇ ଏହା ବିରୋଧରେ ଲଢେଇ କରିବାର ଉଦ୍ୟମ ଆରମ୍ଭ କରାଯାଇଥିଲା। ଏଡିଆଇର କାର୍ଯ୍ୟାଳୟ ଲଣ୍ଡନରେ ରହିଛି। ଏହି ଅନୁଷ୍ଠାନ ବିଶ୍ୱର ୮୦ଟି ଆଲଝିମର ସଂଘକୁ ନେଇ ଚାଲିଛି। ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ସେମାନଙ୍କ ଅଞ୍ଚଳରେ ଡିମେନସିଆରେ ପୀଡିତ ବ୍ୟକ୍ତି ଓ ତାଙ୍କ ପରିବାରକୁ ସହଯୋଗ କରୁଛନ୍ତି। ସାରା ବିଶ୍ୱରେ ଡିମେନସିଆ ପୀଡିତ ଓ ତାଙ୍କ ପରିବାରର ଲୋକମାନଙ୍କ ଜୀବନଶୈଳୀରେ ସୁଧାର ଆଣିବାକୁ ତା'ର ଲକ୍ଷ୍ୟ ଭାବେ ଗ୍ରହଣ କରିଛି।ଏହି ଅନୁଷ୍ଠାନ ବି ଏକ ଆଲଝିମର ୟୁନିଭର୍ସିଟି ଚଲାଉଛି। କ୍ରମାନ୍ୱୟରେ ପ୍ରାକ୍ଟିକାଲ କର୍ମଶାଳାର ଅୟୋଜନ କରି ସ୍ୱେଚ୍ଛାସେବୀ ସଂଗଠନ ଓ କର୍ମଚାରୀଙ୍କୁ ସାହାଯ୍ୟ କରିବା ସହ ଅନୁଷ୍ଠାନକୁ ମଜଭୁତ କରିପାରିଛି। ଏଡିଆଇ ପ୍ରତିବର୍ଷ ଏକ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରୁଛି। ଡିମେନସିଆ ଉପରେ କରାଯାଉଥିବା ଏହି ସମ୍ମିଳନୀ ସବୁଠାରୁ ବେଶିଦିନ ଧରି ଚାଲିଆସୁଛି। ଆଲଝିମର ଉପରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେପ୍ଟେମ୍ବର ୨୧କୁ ବିଶ୍ୱ ଆଲଝିମର ଦିବସ ଭାବେ ପାଳନ କରାଯାଉଛି।



ବିଶ୍ୱ ଆଲଝିମର ଦିବସ
21

ଏହା ସହ ୨୦୧୨ରୁ ସେପ୍ଟେମ୍ବର ମାସକୁ ଆଲଝିମର ମାସ ଭାବେ ବି ପାଳନ କରାଯାଉଛି। ୨୦୧୯ରେ ୭ମ ଆଲଝିମର ମାସ ପାଳନ କରାଯାଉଛି। ବିଶ୍ୱ ସ୍ତରରେ ମହାମାରୀ ଭଳି ମାଡିଯାଉଥିବା ଡିମେନସିଆ ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ଦେଶର ସରକାରଠାରୁ ଆରମ୍ଭ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯାଏ ବିଭିନ୍ନ ନୀତିରେ ପରିବର୍ତ୍ତନ ଆଣିବା ଲାଗି ପ୍ରଚାର ଓ ସଚେତନ ମଧ୍ୟ କରୁଛି। ଏଡିଆଇର ଏକ ଆକଳନରୁ ଜଣାପଡିଛି ଯେ ୨୦୫୦ ସୁଦ୍ଧା ବିଶ୍ୱରେ ୧୩୫ ମିଲିଅନ ବା ୧୩.୫ କୋଟି ଲୋକ ଡିମେନସିଆରେ ପୀଡିତ ହେବେ । ଦୁଃଖର ବିଷୟ, ବିଶ୍ୱରେ ପ୍ରତି ୩ ଜଣରେ ଜଣେ ବିଶ୍ୱସ କରନ୍ତି ଯେ, ସେମାନଙ୍କ ଦେଶର ଲୋକମାନେ ଆଲଝିମର ବିଷୟରେ କମ୍ ଜାଣନ୍ତି୍ କିମ୍ବା ଆଦୌ ଅବଗତ ନୁହନ୍ତି। ଏଥିରୁ ଆମେମାନେ ଏହି ରୋଗ ଉପରେ କେତେ ସଚେତନ ତାହା ସହଜରେ ଅନୁମେୟ। କିନ୍ତୁ ଆଲଝିମର ଦିବସ ଓ ମାସ ପାଳନ କରାଯିବା ପରେ ଏହି ରୋଗ ସମ୍ବନ୍ଧରେ ସଚେତନତା ବୃଦ୍ଧି ପାଉଥିଲେ ବି ବିଶ୍ୱ ସମ୍ମୁଖରେ ଏହା ଏକ ବଡ ସମସ୍ୟା ହୋଇ ରହିଛି। ଏଣୁ ଏଥିଲାଗି ବିଶ୍ୱସ୍ତରୀୟ ପଦକ୍ଷେପ ଲୋଡା।

# ୮୮ ପୃଷ୍ଠାର ଏଫ୍‌ଆଇଆର୍

**ଡେରାଡୁନ୍:** ଗୋଟିଏ କି ଦୁଇଟି ନୁହେଁ, ପୂରା ୮୮ ପୃଷ୍ଠାର ଏଫ୍‌ଆଇଆର (ଫାଷ୍ଟ ଇନ୍‌ଫର୍ମେଶନ ରିପୋର୍ଟ)। ଆଶ୍ଚର୍ଯ୍ୟ ଲାଗୁଛି ନା! ହଁ, ଦେଶର ସବୁଠାରୁ ଲମ୍ବା ଏଫ୍‌ଆଇଆର୍ ଲେଖାଚାଲିଛି ଉତ୍ତରାଖଣ୍ଡ କାଶୀପୁର ଜିଲା କୋତ୍ୱାଲି ଥାନାରେ। ଇତିମଧ୍ୟରେ ୪ଦିନ ବିତିଗଲାଣି। ଏହାକୁ ଶେଷ କରିବାକୁ ଆହୁରି ୨–୩ ଦିନ ଲାଗିବ। ଉଭୟ ଇଂଲିଶ ଏବଂ ହିନ୍ଦୀରେ ଲେଖାଯାଉଥିବା ଏହି ଏଫ୍‌ଆଇଆର୍ ଏବେ ଥାନା କର୍ମଚାରୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଏତେ ଲମ୍ବା ଏଫ୍‌ଆଇଆର୍ ଲେଖାଯିବା ପଛର କାରଣ ଅଟଳ ଆୟୁଷ୍ମାନ ଯୋଜନାରେ ମହାଦୁର୍ନୀତି। ରାମନଗର ରୋଡ୍‌ସ୍ଥିତ ଏମ୍‌ପି ହସ୍ପିଟାଲ ଏବଂ ତହସିଲ ରୋଡ୍‌ରେ ଥିବା ଦେବକୀନନ୍ଦନ ହସ୍ପିଟାଲ ଏହି ସ୍କାମ୍‌ରେ ଫସିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କ୍ଷମତାସମ୍ପନ୍ନ ଟିମ୍‌ର ଅଡିଟ୍‌ରୁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ କଳାକାରନାମା ଧରାପଡ଼ିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଜାଣତରେ ବଡ଼ଧରଣର ଅର୍ଥ ତୋଷରପାତ ହୋଇଛି। ରୋଗୀଙ୍କ ନାମରେ ମିଥ୍ୟ ବିଲ୍ କରାଯାଇଛି। ରୋଗୀଙ୍କୁ ଡିସ୍‌ଚାର୍ଜ କରି ଦିଆଯିବା ପରେ ବି ସେମାନେ ଚିକିତ୍ସାଧୀନ ଥିବା ଦର୍ଶାଯାଇ ବିଲ୍ କଟାଯାଇଛି। ଡାକ୍ତରଖାନା ଆଇସିୟୁରେ କ୍ଷମତାଠାରୁ ବହୁ ଗୁଣ ଅଧିକ ରୋଗୀ ଚିକିତ୍ସିତ ହୋଇଥିବା ରେଜିଷ୍ଟରରେ ଦର୍ଶାଯାଇଛି। କେବଳ ଏତିକି ନୁହେଁ, ସାଧାରଣ ଡାଏଲିସିସ୍ କାର୍ଯ୍ୟରେ ଏମ୍‌ବିବିଏସ୍ ଡାକ୍ତର ନିୟୋଜିତ ହୋଇଥିବା ରିପୋର୍ଟ ଦିଆଯାଇଛି। ବିନା ଚିକିତ୍ସାରେ ବିଲ୍ ଆବେଦନ କରାଯାଇଛି, ଯାହାର ସୂଚନା ସମ୍ପୃକ୍ତ ରୋଗୀଙ୍କ ପାଖରେ ମଧ୍ୟ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଖୋଳତାଡ଼ରୁ ଏପରି ସାଂଘାତିକ ଦୁର୍ନୀତି ପଦାକୁ ଆସିଛି। ଏହାପରେ ଆୟୁଷ୍ମାନ ଯୋଜନାର ସହାୟକ ନିର୍ବାହୀ ଅଧିକାରୀ ଧନେଶ ଚନ୍ଦ୍ର ଦୁଇ ହସ୍ପିଟାଲ ସଞ୍ଚାଳକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋଟିଏ ହସ୍ପିଟାଲ ବିରୋଧରେ ୬୪ ପୃଷ୍ଠା ଏବଂ ଅନ୍ୟଟି ପାଇଁ ୨୪ ପୃଷ୍ଠାର ଅଭିଯୋଗପତ୍ର ଦାଖଲ କରାଯାଇଛି। ହେଲେ ଏଫ୍‌ଆଇଆର୍ ଟାଇପ୍ କରିବା ଲାଗି ବ୍ୟବହୃତ ସଫ୍ଟୱେର କ୍ଷମତା ୧୦ ହଜାର ଶବ୍ଦ ଭିତରେ ସୀମିତ। ତେଣୁ ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଅତିରିକ୍ତ ଏସ୍‌ପି ଜଗଦୀଶ ଚନ୍ଦ୍ର କୁହନ୍ତି, ଏହା ହେଉଛି ଅଭିଯୋଗପତ୍ରର ମୂଳ କପି ; ଯେଉଁଥିରେ ସମସ୍ତ ତଥ୍ୟ ରହିଛି। ଏଥିରେ ଯେପରି କୌଣସି ପ୍ରକାର ହଟଚମଟ ନ ହୁଏ ସେଥିପାଇଁ ସତର୍କତାର ସହ ଏହାକୁ ହାତରେ ଲେଖାଯାଉଛି। ଏଥିପାଇଁ ନିୟୋଜିତ ହୋଇଛନ୍ତି ଥାନାର ୪ କର୍ମଚାରୀ। ଅନ୍ୟପଟେ ପୋଲିସର ସମସ୍ୟା କେବଳ ଏଫ୍‌ଆଇଆର୍ ଲେଖିବା ଭିତରେ ସୀମିତ ନାହିଁ। ଗୋଟିଏ ପୃଷ୍ଠା ଲିଖିତ ଅଭିଯୋଗର ତଦନ୍ତ ଏବଂ ଚାର୍ଜଶିଟ୍ ଦାଖଲ କରିବାକୁ ହାରାହାରି ୧୫ଦିନ ସମୟ ଲାଗିଥାଏ। ହେଲେ ଏତେ ବଡ଼ ଦୁର୍ନୀତିର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ୩ ମାସ ସମୟ ଦିଆଯାଇଛି, ଯାହା ଅସମ୍ଭବ ମନେହେଉଛି। ଏଫ୍‌ଆଇଆର୍ ଲେଖା ଶେଷ ହେବାପରେ ଏହାର ଚାର୍ଜଶିଟ୍ ଦାଖଲ କରିବା ପୋଲିସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି।



# ମା'ଙ୍କ ପାଇଁ ଅଗାଧୁଆରେ ୪୦ ଦିନ

ଭିଲ୍‌ୱାଡ଼ା, ୧୯।୯: ହିନ୍ଦୁ ସମାଜରେ ଈଶ୍ୱରଙ୍କ ଆରାଧନାକୁ ପବିତ୍ର ମନେକରାଯାଏ। ବେଶ୍ ଶୁଦ୍ଧପୂତ ଭାବେ ଶ୍ରଦ୍ଧାଳୁ ଦେବଦେବୀଙ୍କ ଆବାହନ କରିଥାନ୍ତି। ହେଲେ ରାଜସ୍ଥାନ ଭିଲ ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଉଥିବା ଗୌରଜ୍ୟା ମା'ଙ୍କ ପୂଜା ଉତ୍ସବରେ ଭାଗ ନେଉଥିବା ମାନସିକଧାରୀମାନେ ୪୦ଦିନ ଯାଏ ଅଗାଧୁଆ ରହିଥାନ୍ତି। ରାଜସ୍ଥାନର ଭିଲୱାଡାରେ ମହାଆଡମ୍ବରରେ ସମ୍ପନ୍ନ ହୋଇଛି ଗୌରଜ୍ୟା ଠାକୁରାଣୀଙ୍କ ବାର୍ଷିକ ଯାତ୍ରା। ଏହି ଅବସରରେ ଆୟୋଜିତ ଗୱରୀ ଲୋକନୃତ୍ୟରେ ପ୍ରଚଳିତ ପ୍ରଥା ଅନୁଯାୟୀ ୧୫୦ଜଣ କଳାକାର ଭାଗନେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା, ଗୌରଜ୍ୟା ଠାକୁରାଣୀଙ୍କୁ ସ୍ୱାଗତ ଜଣାଇ ଗୱରୀ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ ୪୦ଦିନ ଯାଏ କଠୋର ବ୍ରତ ଧାରଣ କରିଥାନ୍ତି। ଏହି



ସମୟରେ ସେମାନେ ଜମା ଗାଧୋଇ ନ ଥାନ୍ତି। ସେମାନଙ୍କୁ ସବୁଜ ପରିବା, ଆମିଷ, ମଦ ଆଦି ତ୍ୟାଗ କରିବାକୁ ପଡ଼େ। ସାରାଦିନର କଠୋର ବ୍ରତ ପରେ ମାତ୍ର ଥରେ ସାତ୍ତ୍ୱିକ ଭୋଜନ କରିଥାନ୍ତି ସେମାନେ। କେବଳ ଏତିକି ନୁହେଁ, ଏହି ବ୍ରତ ଏତେ କଠୋର ଯେ, ବ୍ରତଧାରୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରିବା ସହ ଘରେ ପ୍ରବେଶ କରନ୍ତି ନାହିଁ। ସେମାନେ ପାଖାପାଖି ଦେଢ଼ମାସ ଯାଏ ମଠମନ୍ଦିରରେ ରୁହନ୍ତି। ଫୁଙ୍ଗୁଳା ପାଦରେ ଚାଲନ୍ତି। ଚଟାଣରେ ଶୁଅନ୍ତି। ନୃତ୍ୟରେ ଭାଗ ନେଉଥିବା ସମସ୍ତ କଳାକାର ପୁରୁଷ। ସେମାନଙ୍କ ମଧ୍ୟରୁ କେତେଜଣ ମହିଳାଙ୍କ ବେଶ ଧାରଣ କରି ଯାତ୍ରାରେ ଭାଗ ନେଇଥାନ୍ତି। ସମସ୍ତଙ୍କୁ କଡ଼ା ନିୟମ ମଧ୍ୟରେ ଅନ୍ତିମ ଦିନ ପାଇଁ ପ୍ରସ୍ତୁତ ହେବାକୁ ପଡ଼େ। ଅନ୍ତିମ ଦିନରେ ମା'ଙ୍କ ଶୋଭାଯାତ୍ରା ନଗର ପରିକ୍ରମା କରେ। ଏହା ପରେ ମୂର୍ତ୍ତିକୁ ବିସର୍ଜନ କରିଦିଆଯାଏ। ବିଶ୍ୱାସ ରହିଛି ଯେ, ଯାତ୍ରା ସମୟରେ ସେ କୈଳାସ ପର୍ବତକୁ ମା' ପାର୍ବତୀଙ୍କୁ ମିଶିବାକୁ ଆସିଥାନ୍ତି। ଠାକୁରାଣୀଙ୍କୁ ସ୍ୱାଗତ କରିବାକୁ ମେୱାରର ବିଭିନ୍ନ ସ୍ଥାନରେ ଗୱରୀ ନୃତ୍ୟ ଆୟୋଜିତ ହୋଇଥାଏ। ମା' ସନ୍ତୁଷ୍ଟ ହେଲେ ଅଞ୍ଚଳରେ ଶାନ୍ତି ଭାଇଚାରା ପ୍ରତିଷ୍ଠା ହେବ। ଆସନ୍ନ ସଙ୍କଟରୁ ରକ୍ଷାମିଳିବ ବୋଲି ସେ କହିଛନ୍ତି।

# ଲଭ୍‌ଙ୍କ ପାଇଁ ରଣବୀର-ଶ୍ରଦ୍ଧା ଏକାଠି



## ଦୀପିକା ଆଉଟ୍ ଶ୍ରଦ୍ଧା ଇନ୍

ନୂଆଦିଲ୍ଲୀ: ବଲିଉଡ୍ ନାୟିକା ଶ୍ରଦ୍ଧା କପୁର ଆଜି କାଲି ବେଶ୍ ଚର୍ଚ୍ଚାରେ। ଶ୍ରଦ୍ଧା ଓ ବାହୁବଳୀ ଷ୍ଟାର ପ୍ରଭାସଙ୍କ ଫିଲ୍ମ 'ସାହୋ' ବକ୍ସ ଅଫିସରେ ହିଟ୍ ହେବାପରେ ଏବେ 'ଛିଛୋରେ' ମଧ୍ୟ ୧୦୦କୋଟି କ୍ଲବରେ ସାମିଲ ହୋଇସାରିଛି। ବଲିଉଡ୍‌ରେ ବ୍ୟାକ୍ ଟୁ ବ୍ୟାକ୍ ଦୁଇଟି ସୁପରହିଟ୍ ଫିଲ୍ମ ଦେବା ପରେ ଏବେ ଶ୍ରଦ୍ଧାଙ୍କୁ ନେଇ ଆଉ ଏକ ବଡ଼ ଚର୍ଚ୍ଚା ଜୋର ଧରିଛି। ଶୁଣାଯାଉଛି, ଗୋଟିଏ ଫିଲ୍ମରେ ଶ୍ରଦ୍ଧା କାଳେ ପଦ୍ମାବତ୍ କୁଇନ୍ ଦୀପିକା ପାଦୁକୋଣଙ୍କୁ ରିପ୍ଲେସ୍ କରିଛନ୍ତି। ନିର୍ଦ୍ଦେଶକ ଲଭ୍ ରଞ୍ଜନଙ୍କ ଆଗାମୀ ଚଳଚ୍ଚିତ୍ରରେ ଏବେ ଦୀପିକାଙ୍କ ବଦଳରେ ଶ୍ରଦ୍ଧା କପୁର ନଜର ଆସିବେ ବୋଲି ଶୁଣିବାକୁ ମିଳିଛି। ପୂର୍ବରୁ ଏଥିରେ ରଣବୀର ସିଂହଙ୍କ ସହ ଦୀପିକା ନଜର ଆସିବେ ବୋଲି ଚର୍ଚ୍ଚା ହେଉଥିଲା। ଦୀପିକା ଓ ରଣବୀରଙ୍କୁ ନିର୍ଦ୍ଦେଶକ ଲଭ ରଞ୍ଜନଙ୍କ ଘର ବାହାରେ ଦେଖିବାକୁ ମିଳିଥିଲା। ଏହାପରେ ଲଭ୍‌ଙ୍କ ଆଗାମୀ ଚଳଚ୍ଚିତ୍ରରେ ପୁଣି ଏହି ରିୟଲ ଯୋଡ଼ିଙ୍କୁ ଏକାଠି ଦେଖିବାକୁ ମିଳିବ ବୋଲି ଦର୍ଶକ ଆଶା ବାନ୍ଧିଥିଲେ। କିନ୍ତୁ ପରେ ଦୀପିକା କହିଥିଲେ, କୌଣସି ଯୌନ ଉତ୍ପୀଡ଼ନ ଅଭିଯୁକ୍ତଙ୍କ ସହ ସେ କାମ କରିବେ ନାହିଁ। ତେବେ ବର୍ତ୍ତମାନ ଦୀପିକାଙ୍କ ବଦଳରେ ଫିଲ୍ମ ଶ୍ରଦ୍ଧାଙ୍କ ହାତକୁ ଚାଲିଯାଇଥିବା ସୂତ୍ରରୁ ଜଣାପଡ଼ିଛି।



# ନକାରାତ୍ମକ ଭାବନାରୁ ଦୂରେଇ ରଖେ ଆଲିଙ୍ଗନ

ଦାମ୍ପତ୍ୟ ଜୀବନରେ ସମ୍ପର୍କକୁ ସୁଦୃଢ଼ କରିଥାଏ ଆଲିଙ୍ଗନ। ଏହାଦ୍ୱାରା ସ୍ତ୍ରୀ–ସ୍ୱାମୀଙ୍କ ମଧ୍ୟରେ ଭଲ ପାଇବା ବଢ଼ିବା ସହିତ ସମ୍ପର୍କର ସ୍ଥାୟିତ୍ୱ ବୃଦ୍ଧି ପାଏ। ଏ ସମ୍ପର୍କରେ ଭର୍ଜିନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦାମ୍ପତ୍ୟ ଜୀବନରେ ସ୍ତ୍ରୀ–ସ୍ୱାମୀଙ୍କ ମଧ୍ୟରେ ସମ୍ପର୍କ କିପରି ଅଛି ତାହା ଆଲିଙ୍ଗନ ସୂଚିତ କରେ। ପରସ୍ପରକୁ ନିବିଡ଼ ଭାବେ ଆଲିଙ୍ଗନ କଲେ ତାହା ଦୃଢ଼ ସମ୍ପର୍କକୁ ଦର୍ଶାଇଥାଏ। ଆଲିଙ୍ଗନ ମାନସିକ ଚାପ ହ୍ରାସ କରିବା ସହିତ ମନକୁ ଖୁସି କରିଥାଏ। ବେଳେବେଳେ ଆଲିଙ୍ଗନ ସମୟରେ ମନରେ କୋହ ସୃଷ୍ଟି ହୋଇଥାଏ। ଏହା ମନରୁ ନକାରାତ୍ମକ ଭାବନା ଦୂର କରିବାକୁ ସକ୍ଷମ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ମଶାଙ୍କୁ ଆକୃଷ୍ଟ କରେ ଡିଓ

ନୂଆଦିଲ୍ଲୀ: ମଶା କାମୁଡ଼ା ମଣିଷ ମନରେ ବିରକ୍ତି ଭାବ ଜାତ କରିଥାଏ। କେତେକ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ମଶା କାମୁଡ଼ନ୍ତି। ଏହା ସ୍ଥଳ ବିଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ଲଡ୍ ଗ୍ରୁପ୍ ଉପରେ ନିର୍ଭର କରିଥାଏ। ତେବେ ପର୍‌ଫ୍ୟୁମ୍, ଡିଓ ତଥା ଅନ୍ୟ ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ମଶା ଅଧିକ କାମୁଡ଼ିଥାନ୍ତି ବୋଲି ଚିକିତ୍ସା ବିଜ୍ଞାନୀ ପରାମର୍ଶ ଦେଇଛନ୍ତି। କେତେକ ପର୍‌ଫ୍ୟୁମ୍, ଡିଓ ଏବଂ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀରେ ଲାକ୍ଟିକ୍ ଏସିଡ୍ ରହିଥାଏ। ଏଥିପ୍ରତି ମଶା ଆକୃଷ୍ଟ ହୋଇ ସେହି ବ୍ୟକ୍ତିଙ୍କ ପାଖକୁ ଆସିଥାନ୍ତି। ଅପରପକ୍ଷରେ ମଶା ଲାକ୍ଟିକ୍ ଏସିଡ୍‌ର ବାସ୍ନାକୁ ମନେ ରଖି ଖୋଜି ଖୋଜି ଆସି ପର୍‌ଫ୍ୟୁମ୍ ଓ ଡିଓ ବ୍ୟବହାର କରୁଥିବା ଲୋକଙ୍କୁ କାମୁଡ଼ିଥାନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୨ |
| ଚାନ୍ଦବାଲି | ୩୫.୦ | ୨୬.୪ |
| କଟକ | ୩୪.୦ | ୨୩.୮ |
| ପାରାଦ୍ୱୀପ | ୩୩.୪ | ୨୭.୬ |
| ଭୁବନେଶ୍ୱର | ୩୨.୭ | ୨୪.୯ |
| ଗୋପାଳପୁର | ୩୪.୫ | ୨୬.୮ |
| ପୁରୀ | ୩୩.୪ | ୨୭.୪ |
| ଅନୁଗୋଳ | ୩୩.୭ | ୨୧.୦ |
| ବାରିପଦା | ୩୪.୦ | ୨୫.୦ |
| ଝାରସୁଗୁଡ଼ା | ୩୩.୫ | ୨୪.୬ |
| କେନ୍ଦୁଝର | ୩୨.୨ | ୨୩.୨ |
| ସମ୍ବଲପୁର | ୩୫.୪ | ୨୪.୫ |
| ସୁନ୍ଦରଗଡ଼ | ୩୦.୦ | ୨୧.୦ |
| ହୀରାକୁଦ | ୩୩.୯ | ୨୪.୭ |
| ତାଳଚେର | -- | ୨୩.୫ |
| ଭବାନୀପାଟଣା | ୩୩.୦ | ୨୩.୫ |
| ବଲାଙ୍ଗୀର | ୩୩.୭ | ୨୫.୦ |
| କୋରାପୁଟ | ୩୦.୦ | ୧୯.୨ |
| ଫୁଲବାଣୀ | ୩୩.୦ | -- |
| ଟିଟିଲାଗଡ଼ | ୩୫.୦ | ୨୧.୬ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୩୩.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ବିଶ୍ୱକୁ ଶାନ୍ତି ଆଣିଦେବ ଅହିଂସା

ବିଶ୍ୱ ଆଜି ଶାନ୍ତି ସନ୍ଧାନରେ । ଏହି ଶାନ୍ତି କେଉଁଠୁ ଆସିବ ଓ କିଏ ଦେବ ? ଏହା ହିଁ ଆଜିର ପ୍ରଶ୍ନ। ଯଦି ଏହି ପ୍ରଶ୍ନର ଉତ୍ତର ଖୋଜାଯାଏ ତେବେ ପ୍ରଥମ ଉତ୍ତରଟି ହେବ ଅହିଂସା। ଅହିଂସା ଦେବ ବିଶ୍ୱକୁ ଶାନ୍ତି। ବରାଜମାନ କରାଇବ ସଦଭାବନା ଓ ଭାଇଚାରାର ପରିବେଶ। ବିଶ୍ୱରେ ଶାନ୍ତି ଲାଗି ସେପ୍ଟେମ୍ବର ୨୧ରେ ପାଳନ କରାଯାଉଛି ବିଶ୍ୱ ଶାନ୍ତି ଦିବସ। ଏହି ଦିବସ ସବୁ ଦେଶର ଲୋକମାନଙ୍କ ମଧ୍ୟରେ ସ୍ୱତନ୍ତ୍ରତା, ଶାନ୍ତି ଓ ଖୁସି ସ୍ଥାପନ କରିବାରେ ସାହାଯ୍ୟ କରିବାର ବାର୍ତ୍ତା ଦେଉଛି।

ବିଶ୍ୱର ଚାରିଆଡେ ଆତଙ୍କବାଦ, ହିଂସା, ଯୁଦ୍ଧ ,ବିପତ୍ତି ଓ ଅଶାନ୍ତିର ବାତାବରଣ ସୃଷ୍ଟି ହେବାରେ ଲାଗିଛି। ପୃଥିବୀ, ଆକାଶ ଓ ସାଗର ସବୁ ଅଶାନ୍ତ। ସ୍ୱାର୍ଥ ଓ ଘୃଣାରେ ମାନବ ସମାଜକୁ ଖଣ୍ଡ ବିଖଣ୍ଡିତ କରିବାରେ ଲାଗିଛି। ବିଶ୍ୱ ଶାନ୍ତିର ବାର୍ତ୍ତା ସବୁ ଯୁଗରେ ଦିଆଯିବା ନଜିର ରହିଛି, କିନ୍ତୁ ଏହାକୁ ପାଳନ କାରିବା ପାଇଁ ଖୁବ୍ କମ୍ ଲୋକ ବାହାରୁଛନ୍ତି। ୧୯୮୧ରେ ଜାତିସଂଘ ମହାସଭା ବିଶ୍ୱଶାନ୍ତି ଦିବସ ପାଳନ କରିବାର ପ୍ରସ୍ତାବ ଗ୍ରହଣ କରିବା ପରେ ପ୍ରଥମେ ୧୯୮୨ରୁ ଆରମ୍ଭ ହୋଇ ୨୦୦୧ ଯାଏ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରକୁ ଆନ୍ତର୍ଜାତିକ ଶାନ୍ତି ଦିବସ ବା ବିଶ୍ୱଶାନ୍ତି ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା, କିନ୍ତୁ ୨୦୦୧ରୁ ସ୍ଥାୟୀ ଭାବେ ଏହାକୁ ସେପ୍ଟେମ୍ବର ୨୧ରେ ପାଳନ କରାଯିବାର ଘୋଷଣା କରାଗଲା। ବିଶ୍ୱରେ ଶାନ୍ତି ବଜାୟ ରଖିବା ଜାତିସଂଘର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଜାତିସଂଘ, ତା'ର ସବୁ ସଂସ୍ଥା ଓ ସବୁ ଦେଶ ପ୍ରତିବର୍ଷ ସେପ୍ଟେମ୍ବର ୨୧କୁ ବିଶ୍ୱ ଶାନ୍ତି ଦିବସ ଭାବେ ପାଳନ କରୁଛନ୍ତି। ବିଶ୍ୱର କୋଣ ଅନୁକୋଣରେ ଶାନ୍ତି ସନ୍ଦେଶ ପହଞ୍ଚାଇବା ପାଇଁ ଜାତିସଂଘ କଳା, ସାହିତ୍ୟ,ସିନେମା, ସଙ୍ଗୀତ ଓ ଖେଳ ଜଗତରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଶାନ୍ତିଦୂତ ଭାବେ ନିଯୁକ୍ତ କରିଛି। ମାନବର କଲ୍ୟାଣ ଠାରୁ ଆଉ କିଛି ବଡ ନାହିଁ। ଏଣୁ ମନୁଷ୍ୟକୁ ହିଂସା, ବିଦ୍ୱେଷର ମାର୍ଗ ଛାଡି ଅହିଂସା ମାର୍ଗ ହିଁ ଆପଣାଇବା ଉଚିତ। ଅହିଂସା ଓ ସଦଭାବନାର ମାର୍ଗ ଛାତ୍ର ଜୀବନରୁ ପାଳନ କରାଯାଇପାରେ। ଏହି ବୟସରୁ ଅହିଂସାର ବାଟ ଆପଣାଇଲେ ଓ ଅନ୍ୟମାନଙ୍କୁ ଶାନ୍ତି ଲାଗି ପ୍ରୋତ୍ସାହନ ଦେଲେ ବିଶ୍ୱରେ ଶାନ୍ତି ଶୀଘ୍ର ଆସିପାରିବ। ଏଥିପାଇଁ ଯୁବପିଢିର ଭୂମିକା ଢେର ରହିଛି। ମହାତ୍ମା ଗାନ୍ଧୀଙ୍କ ଅହିଂସା ମାର୍ଗ ବି ବିଶ୍ୱରେ ଶାନ୍ତି ଆଣିବା ପାଇଁ ଏକ ଅମୋଘ ଅସ୍ତ୍ର ବୋଲି ଗ୍ରହଣ କରାଯିବା ଉଚିତ। ଧଳା ପାରା ଶାନ୍ତିର ପ୍ରତୀକ। ବିଶ୍ୱ ଶାନ୍ତି ଲକ୍ଷ୍ୟ ନେଇ ପ୍ରତି ଦେଶରେ ଧଳା ପାରା ଉଡାଇଦିଆଯାଏ। ପାରା ଉଡାଇ ଦେଲେ ଲକ୍ଷ୍ୟପ୍ରାପ୍ତିର ଭାବନା ଆସିପାରେ କିନ୍ତୁ ହିଂସାର ପଥ ଛାଡି ଅହିଂସା ମାର୍ଗ ହିଁ ବିଶ୍ୱ ଶାନ୍ତି ଲାଗି ଏକ ପ୍ରଶସ୍ତ ରାସ୍ତା ହୋଇପାରିବ। ୨୦୧୯ରେ ବିଶ୍ୱରେ ଶାନ୍ତି ରକ୍ଷା କରିବା ଓ ତାହାକୁ ଆଗକୁ ନେବା ଲକ୍ଷ୍ୟରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢିବାର ଲକ୍ଷ୍ୟକୁ ବି ନିଆଯାଇଛି।



ବିଶ୍ୱ ଶାନ୍ତି ଦିବସ

## ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No.: 11/2018/713 Dated: 08.07.2019

No. V-75: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR & R Act, 2013)ର ଧାରା ୧୯ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସଙ୍ଖୁଆ, ଥାନା- ପାଟଣା, ତହସିଲ- ସାହାରାପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚୀତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୯୮, ତା୨୫।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସଙ୍ଖୁଆ, ଥାନା- ପାଟଣା, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – ''କ''
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: କେନ୍ଦୁଝର** **ତହସିଲ: ସାହାରପଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସଙ୍ଖୁଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୬୨.୬୬ | ଏ.୩୨.୨୪ | ଏଥି ସହିତ ସଂଲଗ୍ନ |

### ତଫସିଲ – ''ଖ''
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: କେନ୍ଦୁଝର** **ତହସିଲ: ସାହାରପଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.-୧୧୯୮, ତା୨୫।୦୭।୨୦୧୮ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ ୩୦।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

### Land Schedule for Permanent acquisition of land for Left Main Distributor, Bhangabila Minor, Sankhua-Sub-Minor, Pradhanpada-Sub-Minor, Budhabana, Sub-Minor, Bhurupada-Sub-Minor

### ମୌଜା- ସଙ୍ଖୁଆ, କ୍ରମିକ ସଂଖ୍ୟା- ୨୦୬, ଥାନା- ପାଟଣା, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝର

| କ୍ର.ନଂ. | ଖାତା ନମ୍ବର | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨ | ୭୧୦ | ୦.୬୫ | ୦.୦୧ | ତଇଲା ଏକ | ଅଙ୍ଗଦ ବିନ୍ଧାଣୀ, ପି.- ଯଦୁ ବିନ୍ଧାଣୀ, ଜା: କମାର, ବା: ନିଜଗାଁ | |
| ୨ | ୩ | ୩୪୪ | ୧.୧୦ | ୦.୧୮ | ଶାରଦ ଦୁଇ | ଅର୍ଜୁନ ମାଝୀ, ପି.- ଯଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | ଜବର ଦଖଲ: ଧନେଶ୍ୱର ପାତ୍ର, ପି.- ଚୈତନ ପାତ୍ର, ଜା: ପାଣ, ବା: ନିଜଗାଁ |
| ୩ | ୪ | ୪୮୫ | ୦.୨୯ | ୦.୧୦ | ବାଜେ ଫସଲ ଦୁଇ | ଅଧିକାରୀ ନାଏକ, ପି.- ଦୁର୍ଜନ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୪ | ୫ | ୭୦୦ | ୦.୯୫ | ୦.୦୨ | ତଇଲା ଦୁଇ | ଅଭି ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫ | ୧୩ | ୪୩୬ | ୨.୨୮ | ୦.୪୦ | ତଇଲା ଏକ | ଉପେନ୍ଦ୍ର ପାତ୍ର, ପି.- ରଙ୍କିଆ ପାତ୍ର, ବଳରାମ ପାତ୍ର, ପି.- ହନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୬ | ୧୪ | ୪୨୭<br>୪୨୮<br>୪୩୦ | ୦.୬୨<br>୧.୩୭<br>୦.୭୪ | ୦.୦୪<br>୦.୩୮<br>୦.୦୧ | ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ | କଣ୍ଠ ପାତ୍ର, ପି.- ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୭ | ୧୫ | ୫୩୫<br>୫୮୦ | ୧.୨୦<br>୨.୭୦ | ୦.୫୩<br>୦.୧୭ | ତଇଲା ଏକ<br>ତଇଲା ଏକ | କନ୍ଦା ନାୟକ, ପି.- ସଙ୍ଖାଳି ନାୟକ, କୈଶନ ନାୟକ, ମାଗୁଣି ନାୟକ, ପି.- କୃଷ୍ଣ ନାୟକ, ଜା: ସାଉନ୍ତି, ବା: ନିଜଗାଁ | |
| ୮ | ୧୭ | ୩୦୯ | ୦.୮୩ | ୦.୨୬ | ତଇଲା ଏକ | କାନ୍ଦୁ ମହାନ୍ତ, ପି.- ହରି ମହାନ୍ତ, ଅଷାଢୁ ମହାନ୍ତ, ପି.- ଗୋବରା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୯ | ୨୧ | ୪୪୧<br>୪୩୫<br>୧୧୯୮ | ୦.୮୧<br>୦.୪୨ | ୦.୧୪<br>୦.୦୯ | ଶାରଦ ଦୁଇ<br>ତଇଲା ଏକ | କହ୍ନେଇ ପାତ୍ର, ପି.- ମଥୁରା ପାତ୍ର, ଜା- ପାଣ, ବା: ନିଜଗାଁ | |
| ୧୦ | ୨୭ | ୩୫୩<br>୪୦୬<br>୪୦୭<br>୪୪୫ | ୦.୩୦<br>୦.୧୩<br>୦.୩୮<br>୦.୮୪ | ୦.୧୧<br>୦.୦୧<br>୦.୧୦<br>୦.୨୭ | ତଇଲା ଏକ<br>ତଇଲା ଏକ<br>ତଇଲା ଏକ<br>ତଇଲା ଏକ | କିସୁମ ମାଝୀ, ପି.- ସାକିଲା ମାଝୀ, ସାଲଖୋ ମାଝୀ, ପି.- କୁସୁନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୧ | ୩୭ | ୫୯୦ | ୧.୩୫ | ୦.୨୦ | ତଇଲା ଏକ | ଗୋପାଳ ନାଏକ, ପି.- ଗୋକୁଳ ନାଏକ, କୁଞ୍ଜ ନାଏକ, ଉପେନ୍ଦ୍ର ନାଏକ, ପି.- କପିଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୩୮ | ୩୪୧ | ୦.୯୮ | ୦.୧୧ | ତଇଲା ଏକ | ମୋଚି ମାଝୀ, ଭୀମ ମାଝୀ, ପି.- ଯାଦୁ ମାଝୀ, ଗେଣ୍ଡ ମାଝୀ, ପି.- ନିମାଇଁ ମାଝୀ, ଗୋପୀ ମାଝୀ, ଚନ୍ଦ୍ର ମାଝୀ, ପି.- ଭୀମ ମାଝୀ, ଗୋପୀ ମାଝୀ, ପି.- କିସୁନ ମାଝୀ, ସିଙ୍ଗ ରାଏ ମାଝୀ, ପି.- ଚୈତନ୍ୟ ମାଝୀ, ଭୀମ ମାଝୀ, ପି.- ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୩ | ୪୧ | ୩୧୭ | ୨.୦୦ | ୦.୪୫ | ତଇଲା ଏକ | ଗୋବିନ୍ଦ ମାଝୀ, ଅର୍ଜୁନ ମାଝୀ, ପି.- କୃଷ୍ଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୪ | ୪୨ | ୫୭୪<br>୧୦୮୬ | ୧.୪୭<br>୦.୮୬ | ୦.୮୯<br>୦.୧୭ | ତଇଲା ଦୁଇ<br>ଶାରଦ ଦୁଇ | ଗୌରହରି ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୫ | ୪୪ | ୬୯୦<br>୧୦୮୨ | ୪.୩୮<br>୦.୯୧ | ୦.୩୫<br>୦.୨୬ | ବାଜେଫସଲ ଦୁଇ<br>ଶାରଦ ଦୁଇ | ଜଇ ପାତ୍ର, ପି.- ଦୁଃଖିଆ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୬ | ୪୬ | ୧୦୮୧ | ୦.୮୭ | ୦.୨୦ | ଶାରଦ ଦୁଇ | ଜଗନ୍ନାଥ ମହାନ୍ତ, ପି..- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୭ | ୪୮ | ୩୦୨ | ୨.୭୦ | ୦.୩୦ | ତଇଲା ଏକ | ଯଦୁମଣି ମହାନ୍ତ, ପି.- ସିଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୮ | ୫୦ | ୧୦୬୮ | ୦.୪୭ | ୦.୪୭ | ଶାରଦ ଦୁଇ | ଯୁଧିଷ୍ଠିର ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୯ | ୫୩ | ୫୮୭ | ୦.୯୦ | ୦.୧୫ | ଶାରଦ ତିନି | ତୁଳସୀ ନାୟକ, ସ୍ୱା.- ସାଧୁ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୦ | ୫୪ | ୧୦୮୦ | ୦.୪୪ | ୦.୧୭ | ଶାରଦ ଦୁଇ | ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବାନା ପାତ୍ର, ପି.- ବୈଦା ପାତ୍ର, ବିଷ୍ଣୁନ ପାତ୍ର, ପି.- କୁର୍ତି ପାତ୍ର, କନ୍ଦର୍ପ ପାତ୍ର, ନେତ୍ର ପାତ୍ର, ପି.- ଅନାମ ପାତ୍ର, ବଲ ପାତ୍ର, ପି.- ଶିବ ପାତ୍ର, ଶୁସିଲ ପାତ୍ର, ପଦନ ପାତ୍ର, ପି.- ମାଘୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨୧ | ୫୬ | ୧୦୭୭<br>୧୦୯୯/<br>୧୧୫୩ | ୦.୩୮<br>୦.୨୭ | ୦.୨୬<br>୦.୦୧ | ଶାରଦ ଦୁଇ<br>ଶାରଦ ତିନି | ଦ୍ୱାରୀ ବାରିକ, ପି.- ଗଣେଶ୍ୱର ବାରିକ, ଜା: ଭଣ୍ଡାରୀ, ବା: ଶବରଣୀ ବେଡ଼ା | |
| ୨୨ | ୫୫ | ୩୦୪ | ୩.୨୪ | ୦.୪୦ | ତଇଲା ଏକ | ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବାନା ପାତ୍ର, ପି.- ବୈଦା ପାତ୍ର, ବିଶୁନ ପାତ୍ର, ପି.- କୁର୍ତି ପାତ୍ର, କନ୍ଦର୍ପ ପାତ୍ର, ନେତ୍ର ପାତ୍ର, ପି.- ଅନାମ ପାତ୍ର, ବଲ ପାତ୍ର, ପି.- ଶିବ ପାତ୍ର, ଶୁସିଲ ପାତ୍ର, ପଦନ ପାତ୍ର, ପି.- ମାଘୁ ପାତ୍ର, ଜା: ପାଣ, ବା: ନିଜଗାଁ, ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବନା ପାତ୍ର ଅଂଶ ପକ୍ଷେ – ଖରିଦ ସୂତ୍ରେ ଦଖଲ – ବିଷ୍ଣୁନ ପାତ୍ର, ପି.- କୁର୍ତି ପାତ୍ର, ଜା: ପାଣ, ବା: ନିଜଗାଁ, ରେଜିଷ୍ଟାର୍ଡ ଦଲିଲ ନମ୍ବର – ୨୮୨୮, ତାରିଖ ୨୬।୦୬।୭୩ ଜରସମନ ଟଙ୍କା ୧୦୦୦.୦୦ ବା:- | |
| ୨୩ | ୬୩ | ୩୮୭<br>୩୯୬ | ୨.୦୪<br>୦.୧୮ | ୦.୦୪<br>୦.୦୧ | ତଇଲା ଏକ<br>ଘରବାରି | ଭୁଣ୍ଡା କୋହ୍ଲ, ପି.- ଶ୍ୟାମ କୋହ୍ଲ, ବୀର ସିଂ କୋହ୍ଲ, ପି.- ଯଦୁ କୋହ୍ଲ, ଦୁନ୍ଦି କୋହ୍ଲ, ମାନ୍ଧୁ କୋହ୍ଲ, ବଣୁ କୋହ୍ଲ, ପି.- ଶ୍ୟାମ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୨୪ | ୬୪ | ୩୦୭ | ୦.୪୨ | ୦.୧୪ | ତଇଲା ଏକ | ଧନେଶ୍ୱର ପାତ୍ର, ପି.- ଚୈତନ୍ୟ ପାତ୍ର, ଜା: ପାଣ, ବା: କୁଶୁପଦା | |
| ୨୫ | ୬୬ | ୪୮୨ | ୧.୭୪ | ୦.୪୪ | ତଇଲା ଏକ | ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଜା: ପାଣ, ବା: ନିଜଗାଁ | ଜବର ଦଖଲ: ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ନରିଆ ନାଏକ, ପି.- କୃପାସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୪୯୧ | ୪.୪୫ | ୦.୦୧ | ତଇଲା ଏକ | | ଜବର ଦଖଲ: ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ନରିଆ ନାଏକ, ପି.- କୃପା ସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୫୮୯ | ୨.୩୨ | ୦.୪୨ | ତଇଲା ଏକ | | |
| ୨୬ | ୬୭ | ୫୩୯ | ୧.୦୭ | ୧.୦୭ | ତଇଲା ଏକ | ପଦ୍ମିନୀ ପାତ୍ର, ପି.- ନେମୁଁଆ ପାତ୍ର, କ୍ଷେତ୍ର ପାତ୍ର, ହରି ପାତ୍ର, ପି.- ବୈଶାଖୁ ପାତ୍ର, ମହେନ୍ଦ୍ର ପାତ୍ର, ପି.- ଅଭି ପାତ୍ର, ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଝାଡ଼େଶ୍ୱର ପାତ୍ର, ପି.- ମଦନା ପାତ୍ର, ଯୁଧିଷ୍ଠିର ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୩୯<br>୧୧୬୦ | ୦.୪୫ | ୦.୨୫ | ତଇଲା ଏକ | | ହର ପାତ୍ର ଅଂଶ ପକ୍ଷେ ଖ.ସୁ.ଦ. ବିପିନ ପାତ୍ର, ପି.- କୁଶନ ପାତ୍ର, ଜା: ପାଣ, ବା: ନିଜଗାଁ ରେଜିଷ୍ଟ୍ରେସନ ନଂ. ୨୯୪୮, ତା୦୬।୧୦।୮ ଜରସମନ ଟ.୫୦୦/- |
| ୨୭ | ୬୯ | ୫୩୨ | ୧.୫୬ | ୦.୦୧ | ତଇଲା ଏକ | ଧରଣୀଧର ନାୟକ, ପି.- ନାଲୁ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୮ | ୭୦ | ୭୦୧ | ୦.୭୮ | ୦.୦୧ | ତଇଲା ଏକ | ଧରଣୀ ପାତ୍ର, ନେପା ପାତ୍ର, ପି.- ହିନା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨୯ | ୭୪ | ୧୧୧୭ | ୧.୮୯ | ୦.୦୫ | ତଇଲା ଏକ | ନିରଞ୍ଜନ ମହାନ୍ତ, ରଞ୍ଜିତ ମହାନ୍ତ, ଭୁବନ ମହାନ୍ତ, ପି.- ସୁନାରାମ ମହାନ୍ତ, ଜା: କୁଡୁମି, ବା: ପ୍ରଧାନପଡ଼ା | |
| ୩୦ | ୭୯ | ୧୦୬୬<br>୧୦୭୩<br>୧୧୦୧<br>୧୧୦୨<br>୧୧୧୫<br>୧୧୧୬ | ୧.୫୩<br>୦.୬୭<br>୪.୭୮<br>୮.୫୫<br>୧.୩୯<br>୧.୮୪ | ୦.୨୩<br>୦.୧୩<br>୧.୯୦<br>୨.୧୨<br>୦.୪୦<br>୦.୮୮ | ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ତିନି<br>ତଇଲା ଏକ<br>ଘରବାରି<br>ତଇଲା ଏକ | ଗୋବର୍ଦ୍ଧନ ମହାନ୍ତ, ବୈକୁଣ୍ଠ ମହାନ୍ତ, ପି-ମାଣିକ ରାମ ମହାନ୍ତ, ଧବଳି ମହାନ୍ତ, ସ୍ୱା.- ମାଣିକ ରାମ ମହାନ୍ତ, ପ୍ରହ୍ଲାଦ ମହାନ୍ତ, ହରେକୃଷ୍ଣ ମହାନ୍ତ, ନାରଣ ମହାନ୍ତ, ପି.- ମାଣିକ ରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୧ | ୮୧ | ୧୪୭<br>୪୦୮ | ୧.୨୨<br>୦.୬୨ | ୦.୦୫<br>୦.୦୯ | ତଇଲା ଏକ<br>ତଇଲା ଏକ | ପାର୍ବତୀ ପାତ୍ର, ପି.- ବଂଶୀ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୨ | ୮୨ | ୨୯୫<br>୨୯୬ | ୦.୬୨<br>୦.୯୭ | ୦.୧୦<br>୦.୦୧ | ତଇଲା ଏକ<br>ତଇଲା ଏକ | ପୁନ ପାତ୍ର, ସ୍ୱା.- ବୃନ୍ଦା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୩ | ୮୩ | ୩୦୩<br>୪୩୫<br>୪୪୩<br>୪୪୬ | ୧.୪୫<br>୩.୪୫<br>୦.୭୭<br>୦.୧୦ | ୦.୨୩<br>୦.୭୩<br>୦.୧୫<br>୦.୧୦ | ତଇଲା ଏକ<br>ତଇଲା ଏକ<br>ଶାରଦ ଏକ<br>ତଇଲା ଏକ | ପୂର୍ଣ୍ଣ ଚନ୍ଦ୍ର ପାତ୍ର, ପି.- ଶିବ ପାତ୍ର, ଜା: ପାଣ, ବା: ନିଜଗାଁ | ଜବର ଦଖଲ: କଣ୍ଠ ପାତ୍ର, ପି.- ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ |
| ୩୪ | ୮୪ | ୧୦୭୯ | ୦.୫୯ | ୦.୧୧ | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୫ | ୯୦ | ୫୪୪ | ୧.୦୨ | ୦.୫୮ | ଶାରଦ ତିନି | ବିଦନ ମହାନ୍ତ, ପି.- ମନସା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୬ | ୯୨ | ୪୮୩<br>୪୮୬ | ୦.୩୬<br>୦.୭୨ | ୦.୦୯<br>୦.୦୨ | ବାଜେଫସଲ ଦୁଇ<br>ତଇଲା ଏକ | ବିରଞ୍ଚି ସାରିଡ଼ିଆ, ଅନି ସାରିଡ଼ିଆ, ବିପିନ ସାରିଡ଼ିଆ, ପି.- ବିଦା ସାରିଡ଼ିଆ, ଫଗୁଣ ସାରିଡ଼ିଆ, ପି.- ବରୁଣ ସାରିଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ | |
| ୩୭ | ୯୩ | ୨୮୮ | ୦.୪୫ | ୦.୦୫ | ତଇଲା ଏକ | ବିଷ୍ଣୁନୁ ପାତ୍ର, ପି.- କୃତି ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୮ | ୯୪ | ୫୭୩<br>୫୭୮<br>୧୦୭୧ | ୧.୧୨<br>୦.୬୯<br>୦.୪୧ | ୦.୭୭<br>୦.୧୨<br>୦.୧୨ | ତଇଲା ଏକ<br>ତଇଲା ଏକ<br>ଶାରଦ ଦୁଇ | ବିଶ୍ୱନାଥ ନାଏକ, ପି.- ନେତ୍ରା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୩୯ | ୯୬ | ୩୦୧ | ୦.୫୯ | ୦.୧୩ | ତଇଲା ଏକ | ଭକ୍ତ ମହାନ୍ତ, ପି.- ଯଦୁ ମହାନ୍ତ, ସାବିତ୍ରୀ ମହାନ୍ତ, ପି.- ରାଧୁ ମହାନ୍ତ, ସୁଲୋଚନା ମହାନ୍ତ, ସ୍ୱା.- ରାଧୁ ମହାନ୍ତ, ବନା ମହାନ୍ତ, ପି.- ଯଦି ମହାନ୍ତ, ଭଜ ମହାନ୍ତ, ରେଙ୍ଗଟି ମହାନ୍ତ, ସୁଭଦ୍ରା ମହାନ୍ତ, ପି.- ରାଧୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ଜବର ଦଖଲ: କୌତୁକ ପାତ୍ର, ପି.- ମକୁରୁ ପାତ୍ର, ଜା: ପାଣ, ବା: ନିଜଗାଁ, ମୁସ୍ତାକିଲ-/୧ |
| | | ୩୦୬ | ୦.୪୬ | ୦.୧୩ | ତଇଲା ଏକ | | ଜବର ଦଖଲ: ବିଶୁନୁ ପାତ୍ର, ପି.- କୃର୍ତି ପାତ୍ର, ଜା: ପାଣ, ବା: ନିଜଗାଁ |
| ୪୦ | ୯୭ | ୫୨୭<br>୫୭୭ | ୧.୦୦<br>୨.୭୦ | ୦.୩୦<br>୦.୪୫ | ତଇଲା ଏକ<br>ତଇଲା ଏକ | ଭଜନ ନାଏକ, ପି.- ନିତେଇ ନାଏକ, ଜୟଦେବ ନାଏକ, ପି.- ମଧୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୪୧ | ୯୯ | ୨୬୨<br>୨୯୩ | ୨.୧୦<br>୧.୯୨ | ୦.୨୬<br>୦.୦୧ | ତଇଲା ଏକ<br>ତଇଲା ଏକ | ଭରତ ଚନ୍ଦ୍ର ପାତ୍ର, ପି.- ଗୋବରା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୨ | ୧୦୨ | ୨୯୪ | ୦.୯୦ | ୦.୧୯ | ତଇଲା ଏକ | ଭଗଲ ପାତ୍ର, ଅଙ୍କୁର ପାତ୍ର, ପି.- ଜେଠୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୩ | ୧୦୩ | ୧୦୯୪ | ୦.୦୮ | ୦.୦୮ | ଶାରଦ ତିନି | ଭାଗନ ମହାନ୍ତ, କାଞ୍ଚନ ମହାନ୍ତ, ପି.- ହରି ମହାନ୍ତ, ଜା: କୁଡୁମି, ବା: ପ୍ରଧାନ ପଡ଼ା | |
| ୪୪ | ୧୦୬ | ୨୨୪ | ୨.୪୦ | ୦.୫୬ | ତଇଲା ଦୁଇ | ଚନ୍ଦ୍ର ମାଝୀ, ପି.- ଭୀମ ମାଝୀ, ଭୀମ ମାଝୀ, ମୋଚି ମାଝୀ, ପି.- ଜାଦୁ ମାଝୀ, ଗୋପି ମାଝୀ, ପି.- ଭୀମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୪୫ | ୧୦୮ | ୫୭୯<br>୧୦୭୮ | ୧.୫୮<br>୧.୦୧ | ୦.୨୭<br>୦.୨୫ | ତଇଲା ଏକ<br>ଶାରଦ ଦୁଇ | ରାମ ଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ରତନି ମହାନ୍ତ, ସ୍ୱା.- ମଦନ ମହାନ୍ତ, ମକୁନ୍ଦ ମହାନ୍ତ, ଅର୍ଜୁନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୬ | ୧୧୦ | ୭୦୨ | ୦.୭୬ | ୦.୦୩ | ତଇଲା ଏକ | ମହି ପାତ୍ର, ପି.- ବୃଷଭ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୭ | ୧୧୪ | ୧୪୧ | ୦.୬୪ | ୦.୦୧ | ଶାରଦ ତିନି | ମାଛୁଆ କୋହ୍ଲ, ପି.- ମାଧ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ଜବର ଦଖଲ: ଜାଉର କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉରା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| | | ୪୨୧ | ୧.୨୫ | ୦.୩୫ | ତଇଲା ଏକ | | ଜବର ଦଖଲ: ଜାଉରା କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| | | ୪୫୧ | ୨.୬୧ | ୦.୦୧ | ତଇଲା ଦୁଇ | | ଜବର ଦଖଲ: ଜାଉରା କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| ୪୮ | ୧୧୫ | ୫୩୭ | ୧.୮୩ | ୦.୨୨ | ପତିତ | ମୋଗଲ କମାର, ପି.- ବିରବଲ କମାର, ଜା: କମାର, ବା: ନିଜଗାଁ, ପଳାତକ ପକ୍ଷେ ଜବର ଦଖଲ: ଜଗନ୍ନାଥ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଯଦୁମଣି ମହାନ୍ତ, ଗୌରହରି ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୯ | ୧୧୯ | ୫୮୮ | ୦.୮୪ | ୦.୧୮ | ବିଆଳି | ରମ୍ଭା ନାଏକ, ପି.- ବୃଷଭ ନାଏକ, ଜା: | |
| ୫୦ | ୧୨୪ | ୩୩୦<br>୩୩୩<br>୩୩୯<br>୩୪୫<br>୩୯୪<br>୩୯୫<br>୩୯୭<br>୩୯୮<br>୩୯୯ | ୧.୭୨<br>୧.୪୪<br>୧.୯୦<br>୧.୨୮<br>୧.୦୨<br>୧.୧୦<br>୬.୮୦<br>୦.୩୭<br>୧.୦୫ | ୦.୪୨<br>୦.୧୫<br>୦.୦୧<br>୦.୦୪<br>୦.୦୯<br>୦.୧୨<br>୦.୬୭<br>୦.୧୭<br>୦.୦୫ | ତଇଲା ଏକ<br>ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ତିନି<br>ତଇଲା ଏକ<br>ତଇଲା ଏକ<br>ତଇଲା ଏକ<br>ଶାରଦ ଦୁଇ<br>ଶାରଦ ତିନି | ବଡ଼ରାମଦାସ ମାଝୀ, ଦାସ ମାଝୀ, ଉତର ମାଝୀ, ଗୋବିନ୍ଦ ମାଝୀ, ଦୁର୍ଗା ମାଝୀ, ଧନୁ ମାଝୀ, ଠାକୁର ମାଝୀ, ପି.- ସୀତାରାମ ମାଝୀ, ଲକ୍ଷ୍ମଣ ମାଝୀ, ନୁହା ମାଝୀ, ପି.- ହାକିମ ମାଝୀ, ମୋହି ମାଝି, ସ୍ୱା.- ହାକିମ ମାଝୀ, ପାଦୁ ମାଝୀ, ସାନରାମଦାସ ମାଝୀ | |
| ୫୧ | ୧୨୮ | ୨୨୩ | ୧.୦୭ | ୦.୨୨ | ତଇଲା ଦୁଇ | ଲକ୍ଷଣ ମାଝୀ, ପି.- ଧନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | ନିରଂଶ ପକ୍ଷେ ଜବର ଦାଖଲ: ନନୀ ମାଝୀ, ସ୍ୱା.- ରାମଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୨ | ୧୩୧ | ୬୪୩<br>୬୪୪ | ୦.୧୬<br>୦.୧୦ | ୦.୦୫<br>୦.୦୩ | ରାସ୍ତା<br>ତଇଲା ଏକ | ଲକ୍ଷ୍ମୀ ପାତ୍ର, ସ୍ୱା.- ବାଞ୍ଛା ପାତ୍ର, ଜା: ପାଣ, ବା: ଘୁସୁଦା, ଥା: କରଞ୍ଜିଆ, ଜି.- ମୟୂରଭଞ୍ଜ | |
| ୫୩ | ୧୩୨ | ୫୩୩<br>୫୩୮<br>୫୭୨ | ୭.୯୦<br>୨.୨୨<br>୩.୧୨ | ୧.୨୦<br>୧.୨୮<br>୦.୦୮ | ତଇଲା ଏକ<br>ତଇଲା ଏକ<br>ତଇଲା ଏକ | ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ଦରିଆ ନାଏକ, ପି.- କୃପାସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ପଦୁନା ନାଏକ, ପି.- ନୀଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | ଜବର ଦଖଲ: ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଝାଡ଼େଶ୍ୱର ପାତ୍ର, ପି.- ସପନା ପାତ୍ର, ଯୁଧିଷ୍ଠିର ପାତ୍ର, ପି.- ଅଭି ପାତ୍ର, ହରି ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ |
| ୫୪ | ୧୩୬ | ୧୦୮୩ | ୦.୮୨ | ୦.୨୩ | ଶାରଦ ଦୁଇ | ଶତ୍ରୁଘନ ପାତ୍ର, ପି.- ଗୋରା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୫ | ୧୩୩ | ୨୬୦ | ୦.୯୯ | ୦.୩୩ | ତଇଲା ଏକ | ଶଙ୍ଖଇ ମାଝୀ, କିଶୁନୁ ମାଝୀ, ପି.- କାରିଆ ମାଝୀ (ସାନ), ଲେଙ୍ଗା ମାଝୀ, ଚୈତନ ମାଝୀ, ପି.- ଲକ୍ଷ୍ମଣ ମାଝୀ, ଲଖନ ମାଝୀ, ପି.- କାରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୫୬ | ୧୩୭ | ୩୦୦ | ୧.୩୬ | ୦.୦୨ | ତଇଲା ଏକ | ଚୁନ ପାତ୍ର, ସ୍ୱା.- ବୃନ୍ଦାବନ ପାତ୍ର, ଶତ୍ରୁଘନ ପାତ୍ର, ପି.- ଗୁରା ପାତ୍ର, କୈଳାଶ ପାତ୍ର, କପିଳ ପାତ୍ର, ପି.- ବୃନ୍ଦାବନ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୭ | ୧୩୮ | ୫୩୬ | ୦.୪୨ | ୦.୩୮ | ତଇଲା ଦୁଇ | ସଦା ନୂଆ ଗଡ଼ିଆ, ପି.- ଶିବ ନୂଆ ଗଡ଼ିଆ, ଜା: ସାଉନ୍ତି, ବା: ନିଜଗାଁ | ଜବର ଦଖଲ: ଗୋପାଳ ନାଏକ, ପି.- ଗୋକୁଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୫୮ | ୧୫୭/<br>୭୨ | ୧୦୮୫/<br>୧୩୧୬ | ୦.୨୦ | ୦.୧୯ | ଶାରଦ ଦୁଇ | ଭୁବନେଶ୍ୱର ମହାନ୍ତ, ପି.- ମୋହନ ମହାନ୍ତ, ଜା: କୁଡୁମୀ, ବା: ସରଣୀବେଡ଼ା, ଥା- ପାଟଣା, ଜି- କେନ୍ଦୁଝର | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

# ପୂର୍ବତନ ଛାତ୍ରନେତାଙ୍କୁ ସଂଘବଦ୍ଧ ଆକ୍ରମଣ

**ବ୍ରହ୍ମପୁର ଅଫିସ,୨୦।୯**




ଛାତ୍ରମାନେ ବିତ୍ତ ନିୟନ୍ତ୍ରକଙ୍କ ସହ ଆଲୋଚନା କରୁଛନ୍ତି ଓ ଆହତ ପୂର୍ବତନ ଛାତ୍ରନେତା ଦେବାଶିଷ ମିଶ୍ର(ବୁନୁ)।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- ଥମୁନି ଅଣଛାତ୍ରଙ୍କ ଗୁଣ୍ଡାରାଜ
- କାର ଜବତ, ଥାନାରେ ୨ ଛାତ୍ର ଅଟକ
- କ୍ୟାମ୍ପସରେ ଫୋର୍ସ ମୃତୟନ
- କ୍ୟାମ୍ପସରୁ ଅଣଛାତ୍ରଙ୍କ ଅନୁପ୍ରବେଶ ବନ୍ଦ ଦାବି

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଗୁଣ୍ଡାରାଜ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି। କିଛିଦିନ ତଳେ ଦୁଇ ଛାତ୍ର ନବାଗତ ଛାତ୍ରଙ୍କ ହଷ୍ଟେଲକୁ ଯାଇ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଘଟଣା ସପ୍ତାହ ପରେ ଶୁକ୍ରବାର ପୁଣି କେତେକ ଅଣଛାତ୍ରଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଆନନ୍ଦ ବଜାରରେ ଅଣଛାତ୍ରମାନେ ପୂର୍ବତନ ଛାତ୍ରନେତା ଦେବାଶିଷ ମିଶ୍ର(ବୁନୁ)ଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ, ଶୁକ୍ରବାର ପୂର୍ବତନ ଛାତ୍ରନେତା ଦେବାଶିଷ ପିଏଚଡି ନାମଲେଖା ସମ୍ପର୍କରେ ବୁଝିବାକୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। କ୍ୟାମ୍ପସରେ ଥିବା ଆନନ୍ଦ ବଜାର ନିକଟରେ ତାଙ୍କୁ କେତେକ ଛାତ୍ର ଓ ଅଣଛାତ୍ର ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ଦେବାଶିଷଙ୍କ ମୁଣ୍ଡ, ହାତ, ଗୋଡରେ ଗଭୀର ଆଘାତ ଲାଗି ଥିଲା। ସ୍ଥାନୀୟ କେତେକ ଛାତ୍ର ଓ ସହଯୋଗୀ ଦେବାଶିଷଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ଖବର ପାଇ ଗୋପାଳପୁର ପୋଲିସ ଦୁଇ ଛାତ୍ରଙ୍କୁ ଥାନାରେ ଅଟକ ରଖିବା ସହ ପୂର୍ବତନ ଛାତ୍ରନେତାଙ୍କ କାରକୁ ମଧ୍ୟ ନିଜ ହେପାଜତକୁ ନେଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର କ୍ୟାମ୍ପସରେ ଅଣଛାତ୍ରମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରୁଛନ୍ତି। ଏହାସତ୍ତ୍ୱେ ଅଣଛାତ୍ରଙ୍କ ଅନୁପ୍ରବେଶ ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ବିଶ୍ୱବିଦ୍ୟାଳୟର ଗୋଟିଏ ଛାତ୍ରଗୋଷ୍ଠୀ ଅଣଛାତ୍ରଙ୍କ ଅନୁପ୍ରବେଶ ବନ୍ଦ କରିବା ସହ ଥାନାରେ ଅଟକ ରଖିଥିବା ଦୁଇ ଛାତ୍ରଙ୍କୁ ଛଡାଯାଇ ଘଟଣାରେ ସମ୍ପୃକ୍ତ ଥିବା ଅଣଛାତ୍ରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବିପକ୍ଷ ଛାତ୍ରଗୋଷ୍ଠୀ ଅଣଛାତ୍ରଙ୍କ ଅନୁପ୍ରବେଶ ରୋକିବା ସହ କ୍ୟାମ୍ପସରେ ବିଶୃଙ୍ଖଳା, ଛାତ୍ରଙ୍କ ଗୁଣ୍ଡାରାଜ ଉପରେ ଅଙ୍କୁଶ ଲଗାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଉଭୟ ଗୋଷ୍ଠୀ ବିତ୍ତ ନିୟନ୍ତ୍ରକ କେ.କେ. ଖଟୁଆଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ବ୍ରହ୍ମପୁର ଏସ୍‌ପି ଓ ସ୍ଥାନୀୟ ଗୋପାଳପୁର ଥାନାକୁ ପଠାଯାଇଥିବା ବିତ୍ତ ନିୟନ୍ତ୍ରକ ଖଟୁଆ କହିଛନ୍ତି। ଏଥିସହ କିଛିଦିନ ତଳେ ହଷ୍ଟେଲରେ ହୋଇଥିବା ଦୁଇ ସିନିୟର ଛାତ୍ରଙ୍କ ବିଶୃଙ୍ଖଳା ଓ ର୍‌ୟାଗିଂ ଅଭିଯୋଗ ଉପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ପ୍ରକାରେ ରାତିରେ ପିସିଆର ଭ୍ୟାନ ନିୟୋଜିତ କରିବାକୁ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯାଇଥିବା ସେ ସୂଚାଇଛନ୍ତି।

ତେବେ ଖବର ଲେଖାହେବା ସୁଦ୍ଧା ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଥାନାରେ ପହଞ୍ଚି ନାହିଁ। ତଥାପି କ୍ୟାମ୍ପସର ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ୩ ପ୍ଲାଟୁନ୍ ଫୋର୍ସ ମୃତୟନ କରାଯାଇଥିବା ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚାଇଛନ୍ତି।

ଖବରଦାତା-ଆଇନଜୀବୀ ମୁହାଁମୁହିଁ ଭିଡିଓ ଭାଇରାଲ ଘଟଣା

# ଥାନାରେ ମାମଲା ରୁଜୁ

**ନୟାଗଡ଼ ଅଫିସ,୨୦।୯**



ଭାଇରାଲ ହୋଇଥିବା ଭିଡ଼ିଓର ଦୃଶ୍ୟ।

ନୟାଗଡ଼ ଜିଲା ଖଣ୍ଡପଡ଼ା କୋର୍ଟ ପରିସରରେ ଗୁରୁବାର ଜଣେ ଖବରଦାତା ଓ ଜଣେ ଆଇନଜୀବୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିବାର ଭିଡିଓ ଭାଇରାଲ୍ ହୋଇଛି। ଉକ୍ତ ଭିଡିଓରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ଆଇନଜୀବୀ ଓ ଖବରଦାତାଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବାର ଦେଖିବାକୁ ମିଳିଛି। ପରେ ସେମାନେ ଆକ୍ରମଣ ପ୍ରତିଆକ୍ରମଣ କରୁଥିବାର ଦେଖାଯାଇଛି। ସେଠାରେ ଉପସ୍ଥିତ ଥିବା ଲୋକେ ଘଟଣାରେ ହସ୍ତକ୍ଷେପ କରିବାରୁ ଉଭୟ ଏଥିରୁ ନିବୃତ୍ତ ହୋଇଥିଲେ। ଏ ନେଇ ଖଣ୍ଡପଡ଼ା ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଖବରଦାତାଙ୍କ ଅଭିଯୋଗକ୍ରମେ ଥାନାରେ ୧୮୧/୧୯ରେ ମାମଲା ରୁଜୁ ହୋଇଥିବାବେଳେ ଆଇନଜୀବୀଙ୍କ ଅଭିଯୋଗକ୍ରମେ ୧୮୨/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ସମ୍ପୃକ୍ତ ଖବରଦାତାଙ୍କ ସ୍ତ୍ରୀ ଶୁକ୍ରବାର ଆଇନଜୀବୀଙ୍କ ଘର ଆଗରେ ଯାଇ ଗାଳି ଗୁଲଜ କରିଥିବା ସମ୍ପୃକ୍ତ ଆଇନଜୀବୀ ଖଣ୍ଡପଡା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଖବରଦାତାଙ୍କ ସ୍ତ୍ରୀଙ୍କ ବିରୋଧରେ ୧୮୪/୧୯ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ଭାରତ-ମଙ୍ଗୋଲିଆ ବ୍ୟବସାୟିକ ବୈଠକରେ ଧର୍ମେନ୍ଦ୍ର

# ‘ଦ୍ୱିପାକ୍ଷିକ ସହଯୋଗ ଅର୍ଥନୀତିକୁ ମଜଭୁତ କରିବ’




ନୂଆଦିଲୀଠାରେ ଏଫ୍‌ଆଇସିସିଆଇ ପକ୍ଷରୁ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଙ୍ଗୋଲିଆ ଗସ୍ତ ପରେ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହୋଇଛି। ଏହି ସମ୍ପର୍କ ଦୁଇ ଦେଶର ଅର୍ଥନୀତିକୁ ମଧ୍ୟ ଭବିଷ୍ୟତରେ ମଜଭୁତ କରିବ ବୋଲି ନୂଆଦିଲ୍ଲୀଠାରେ ଏଫ୍‌ଆଇସିସିଆଇ ପକ୍ଷରୁ ଆୟୋଜିତ ବ୍ୟବସାୟିକ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉକ୍ତ ବୈଠକରେ ମଙ୍ଗୋଲିଆର ରାଷ୍ଟ୍ରପତି ଏଚ୍.ଇ ଖଲ୍‌ଟମାଜିନ୍ ବାଟ୍ଟୁଲ୍‌ଗା ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଏବଂ ବାଣିଜ୍ୟ ସମ୍ପର୍କ ରହି ଥିଲେ ସୁଦ୍ଧା ମୋଟ ଉପରେ ବ୍ୟବସାୟର ମାତ୍ରା କମ୍ ରହିଛି। ତେଣୁ ପୁଣିଥରେ ଦ୍ୱିପାକ୍ଷିକ ବ୍ୟବସାୟ ବୃଦ୍ଧି ହେବା ପାଇଁ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ରହିଛି। ଉଭୟ ଦେଶକୁ ଆଇଟି, ଯୋଗାଯୋଗ ପ୍ରଯୁକ୍ତି ବିଜ୍ଞାନ, ଫାର୍ମାସ୍ୟୁଟିକାଲ ଏବଂ ସ୍ୱାସ୍ଥ୍ୟସେବା ଉଦ୍ୟୋଗ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବ। ଏହି କ୍ଷେତ୍ରର ଭିତ୍ତିଭୂମି ଉପରେ ମଙ୍ଗୋଲିଆକୁ ଭାରତ ସମର୍ଥନ ଦେଇଥିବା ମତବ୍ୟକ୍ତ ପ୍ରକାଶ କରିଛନ୍ତି। ସେହିପରି ଗୋପାଳନ, ଶିକ୍ଷା ପାଇଁ ଦୁଇ ଦେଶ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଦୁଇ ଦେଶର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି। ପୂର୍ବରୁ ଦୁଇ ଦେଶ ସାଇବର ନିରାପତ୍ତା କ୍ଷେତ୍ରରେ ଏକ ହୋଇ କାମ କରୁଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ସହଯୋଗର ବହୁତ ବଡ ସମ୍ଭାବନା ଅଛି। ଦୁଇ ଦେଶ ବନ୍ଧୁତ୍ୱ ଗଣତନ୍ତ୍ରର ସାମାନ୍ୟ ଆଦର୍ଶର ମୂଳଦୁଆରେ ନିର୍ମିତ ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଜୀ ସାର୍ଥକର ଅଭିନବ ପ୍ରୟାସ

# ଓଡ଼ିଆରେ ‘ବାହୁବଳୀ’




**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ରପ୍ରେମୀଙ୍କ ପାଇଁ ଖୁସି ଖବର। ବହୁଚର୍ଚ୍ଚିତ ‘ବାହୁବଳୀ’ ଫିଲ୍ମକୁ ଓଡ଼ିଆ ଭାଷାରେ ଭେଟି ଦେବାକୁ ଯାଉଛି ଜୀ ସାର୍ଥକ ଚ୍ୟାନେଲ୍। ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଶାରଦୀୟ ସିନେ ଉତ୍ସବ ଅବସରରେ ଜୀ ସାର୍ଥକ ଚ୍ୟାନେଲ୍ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଆ ଭାଷାରେ ବାହୁବଳୀ ପ୍ରସାରିତ ହେବ। ମାହିସ୍ମତି ରାଜଉଆସରୁ ଶୁଭିବ ଓଡ଼ିଆ କଣ୍ଠସ୍ୱର। ପ୍ରଜାମାନଙ୍କ ରକ୍ଷା ପାଇଁ କଟାପ୍ପାଙ୍କୁ ଓଡ଼ିଆରେ ଆଦେଶ ଦେବେ ଶିବ୍‌ଗାମୀ ଦେବୀ। ବାହୁବଳୀ, ଭଲ୍ଲାଳ ଦେବ୍, ଦେବ୍‌ସେନା, ବିଜ୍ଜଳ ଦେବ୍ ଏମାନେ ସମସ୍ତେ ଓଡ଼ିଆରେ କଥା ହେବେ। ଅମରେନ୍ଦ୍ର ବାହୁବଳୀ ଆଉ ଅବନ୍ତିକାଙ୍କ ପ୍ରେମ କାହାଣୀ ଠାରୁ ନେଇ ରାକ୍ଷସ ରାଜା କାଳକେୟର ସଂହାର ଓଡ଼ିଆରେ ଦେଖିବାକୁ ସୁଯୋଗ ପାଇବେ ଦର୍ଶକ। ଆସନ୍ତା ୨୨ତାରିଖ ସନ୍ଧ୍ୟା ୬ଟା ୩୦ରେ କେବଳ ଜୀ ସାର୍ଥକରେ ଦର୍ଶକମାନେ ଓଡ଼ିଆରେ ବାହୁବଳୀ ଦେଖିବାର ସୁଯୋଗ ପାଇପାରିବେ। ଏହି ଫିଲ୍ମ ପୂର୍ବରୁ ତେଲୁଗୁ, ତାମିଲ୍, ହିନ୍ଦୀ ଏବଂ ମାଲାୟାଲମ୍ ଭାଷାରେ ରିଲିଜ୍ ହୋଇ ସାରିଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଥମ ଥର ପାଇଁ ଓଡ଼ିଆରେ ପ୍ରସାରିତ ହେବ। ଅନ୍ୟପକ୍ଷରେ ସୋସିଆଲ୍ ମିଡିଆରେ ଓଡ଼ିଆ ବାହୁବଳୀର ପ୍ରୋମୋ ଆସିବା ପରେ ସିନେପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ସାଉଥ୍ ସୁପରଷ୍ଟାର୍ ପ୍ରଭାସ୍, ରାନା ଡଗୁବତି, ଅନୁଷ୍କା ସେଟ୍ଟି, ତମନ୍ନା ଭାଟିଆଙ୍କ କଣ୍ଠରୁ କିଭଳି ଓଡ଼ିଆ ଡାଏଲଗ୍ ବାହାରୁଛି ଓ କିଏ ସେମାନଙ୍କ ପାଇଁ ଭଏସ୍ ଦେଉଛନ୍ତି ତାହାକୁ ନେଇ ଆଲୋଚନା ଜୋର୍ ଧରିଛି।

# ମହିଳାଙ୍କ ସୁରକ୍ଷା ପାଇଁ କାମ କରୁନି ୫-ଟି: ଭାଜପା

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ତଥା ଟ୍ରାନ୍ସପରେନ୍ସି, ଟିମୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫର୍ମେଶନ ଓ ଟାଇମ୍ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ, ଅଧିକାରୀ ଓ କର୍ମଚାରୀଙ୍କୁ କହୁଛନ୍ତି। ହେଲେ ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କ ୫-ଟି କାମ କରୁନାହିଁ ବୋଲି ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ମହିଳା ସୁରକ୍ଷା ନେଇ ପୋଲିସ ଓ ପ୍ରଶାସନ ଚୁପ ବସିଛନ୍ତି। କୁନ୍ଦୁଲୀ, ପିପିଲି ପୀଡ଼ିତାଙ୍କ ସମେତ ଇତିଶ୍ରୀ, ମାଧବୀଲତାଙ୍କ ଭଳି ଷ୍ଟାଫନର୍ସ ନୀହାରିକା ବଳି ପଡ଼ିଛନ୍ତି। ନୀହାରିକା ନିଖୋଜ ହେବା ପରେ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। କେବଳ ନୀହାରିକାଙ୍କ ପୁରୁଷ ବନ୍ଧୁଙ୍କୁ ଡାକି ପଚରାଉଚରା କରି ଛାଡ଼ି ଦେଇଥିଲା। ହେଲେ ନିଖୋଜ ହେବାର ୯ ଦିନ ପରେ ନୀହାରିକାଙ୍କ ମୃତଦେହ ଏକ ଅଖାରୁ ମିଳିଥିଲା। ଏହି ହତ୍ୟାକାଣ୍ଡରେ ତାଙ୍କ ପୁରୁଷ ବନ୍ଧୁ ମୁଖ୍ୟ ଅଭିଯୁକ୍ତ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ପୋଲିସ କାହିଁକି ଗୁରୁତ୍ୱର ସହ ନେଲା ନାହିଁ ତା’ର ଉତ୍ତର ଗୃହ ବିଭାଗ ଏବଂ ପୋଲିସ ପ୍ରଶାସନ ଦିଅନ୍ତୁ। ସାଧାରଣ ଜନତାଙ୍କ ପାଇଁ ପୋଲିସ କାର୍ଯ୍ୟ କରୁନାହିଁ। ୨୦ ବର୍ଷ ଶାସନ କାଳରେ ମୁଖ୍ୟମନ୍ତ୍ରୀ କ’ଣ ଟ୍ରାନ୍ସପରେନ୍ସି କାର୍ଯ୍ୟ କରିଛନ୍ତି ତାହାର ଉତ୍ତର ଦିଅନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

ନାବାଳିକାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ରାୟଗଡ଼ା ଅଫିସ,୨୦।୯**



ଅଭିଯୁକ୍ତ ମିନା ହିକ୍‌କା।

ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତରେ ଜଜ୍ ଆଶିଷ କୁମାର ତ୍ରିପାଠୀ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ମିନା ହିକ୍‌କାଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ୨୦୧୭ରେ କଲ୍ୟାଣସିଂପୁର ଥାନା ଅନ୍ତର୍ଗତ କୁମ୍ଭିମୁଣ୍ଡା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ମିନା ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ କଲ୍ୟାଣସିଂପୁର ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ମିନାଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିଥିଲେ। ତେବେ ଶୁକ୍ରବାର ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଅକ୍ଟୋବର ୩୧ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସାର

**ଓସାକୁ ଗୃହ ବିଭାଗର ନିର୍ଦ୍ଦେଶ**

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ସଚିବାଳୟ ସେବା ସଂଘ(ଓସା) ନିର୍ବାଚନ ପ୍ରକ୍ରିୟା ସମାପ୍ତ କରାଯାଉ। ଏହି ପ୍ରକ୍ରିୟା ଆରମ୍ଭ ସମ୍ପର୍କିତ ଏବ ସବିଶେଷ ବିବରଣୀ ୧୦ ଦିନ ମଧ୍ୟରେ ପ୍ରଦାନ କରାଯାଉ। ଏହି ମର୍ମରେ ଗୃହ ବିଭାଗ ପକ୍ଷରୁ ଓସା ସମ୍ପାଦକଙ୍କୁ ଶୁକ୍ରବାର ଚିଠି ପଠାଯାଇଛି।

ଗୃହ ବିଭାଗ ଅନୁଶାସନ ସଚିବ ଜି.ଏସ୍. ଦାସଙ୍କ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଶେଷଥର ପାଇଁ ୨୦୧୭ ଜୁଲାଇ ୨୯ରେ ଓସା ନିର୍ବାଚନ ହୋଇଥିଲା। ସେ ସମୟରେ ନିର୍ବାଚିତ ପ୍ରତିନିଧିମାନଙ୍କ ଦାୟିତ୍ୱ ଗତ ଜୁଲାଇ ୨୮ରୁ ସମାପ୍ତ ହୋଇଛି। ତେଣୁ ଓସା ପରିଚାଳିତ ହେଉଥିବା ନିୟମାବଳୀ(ବାଇ’ଲ) ଅନୁଯାୟୀ ନୂତନ କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ହେବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଓସା ନିର୍ବାଚନ ବିଳମ୍ବ ନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହା ପରେ ନିର୍ବାଚନ ପ୍ରକ୍ରିୟା ନେଇ କର୍ମଚାରୀ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା। ପ୍ରାୟ ୧୨୪୨ ଜଣ ସଚିବାଳୟ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଏକ ପତ୍ର ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ସମସ୍ତ ପ୍ରକାର ତର୍ଜମା କରାଯାଇ ବିଭାଗ ପକ୍ଷରୁ ଓସାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରଟ୍, ଗୁଜୁରାଟ
M : 9157312448, 9157012447

**VIGEN INDIA**
Required Smart Boys / Girls Candidates for Office Job. Age - 20 - 30. Education - Matric to Graduate.
Job Location - Ravitalkies Square & Sastrinagar
9348916882

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
WEST COAST DIESELS LLP
odisha@wcdllp.com
Contact: 9438164468, 9337003316

**D.T.P. OPERATOR WANTED**
Having good knowledge in designing and handy with Adobe Photoshop, Adobe Pagemaker and CorelDRAW 5-6 yrs of experience. Salary starts from 10,000/- to above, Plot No.2977, CHELSHHA Ravi Talkies Road, BBSR-2
Mob.- 9040821015, 9437387034

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୦-୨୧ର ଖାଲି ପଦବୀ ନିମନ୍ତେ ସିଆର୍‌ପି କ୍ଲର୍କ-IX)**
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୯ ଏବଂ ଜାନୁୟାରୀ ୨୦୨୦ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୭।୦୯।୨୦୧୯ରିଖରୁ ତା୦୯।୧୦।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୭।୦୯।୨୦୧୯ରିଖରୁ ତା୦୯।୧୦।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୫।୧୧।୨୦୧୯ରିଖରୁ ତା୩୦।୧୧।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ତା୦୭।୧୨।୨୦୧୯ରିଖ, ତା୦୮।୧୨।୨୦୧୯ରିଖ, ତା୧୪।୧୨।୨୦୧୯ରିଖ ଓ ତା୨୧।୧୨।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୯/ ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ତା୧୯।୦୧।୨୦୨୦ରିଖ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୨।୦୯।୨୦୧୯
ନିର୍ଦ୍ଦେଶକ, ଆଇବିପିଏସ୍

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary 27500 to 95700. Sent your resume akashaviationacademy11@gmail.com
9811057388 / 9811135247

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
ଯୋଗାଯୋଗ
7978449443 ଓ 9777605918

Urgent Requirements for Salon Staff and Spa Female Therapist.
Contact Number:
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to HINDUSTAN JEWELLERS, BHUBANESWAR
Good Salary.

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

**CLASSIFIED DISPLAY**
on Every
Tuesday and Friday

**A leading Real Estate Company Urgently Required**
ADVOCATE - 1 No. (Full time) 1 year and above experience in real estate.
DEALING ASST - 2 Nos., Exp- 3 yrs. and above in real estate.
RECEPTIONIST - 1 No., Exp-3 yrs. and above in real estate.
M/s- ODISHA UDYOG INFRAPROJECTS
Plot No- 687/2365, Jaydev Vihar, Next to Andhra Bank, Nayapalli, BBSR-13
7853962524
info@odishaudyog.com

## ସଂକ୍ଷେପରେ

### ୮% ଅଭିବୃଦ୍ଧି ହାସଲ ସମ୍ଭବ: ନୀତି ଆୟୋଗ

**ନୂଆଦିଲ୍ଲୀ,୨୦-୯:** ଜୁନ୍‌ରେ ଜିଡିପି ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ଛୁଇଁବା ପରେ ଦେଶରେ ଅର୍ଥନୀତିକୁ ନେଇ ସୃଷ୍ଟି ହୋଇଥିବା ନକାରାତ୍ମକତା ଭିତରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଶୁକ୍ରବାର କହିଛନ୍ତି ଯେ, ସରକାର ଘରୋଇ ସେକ୍ଟରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ବାର୍ଷିକ ୮% ଅଭିବୃଦ୍ଧି ହାସଲ ସମ୍ଭବ ହୋଇପାରିବ। ସୂଚନାଥାଉ କି, ଦେଶର ଜିଡିପି ଅଭିବୃଦ୍ଧି ହାର ଜୁନ୍‌ରେ ୫%କୁ ହ୍ରାସ ପାଇଛି ଯାହା କି ୨୫ ତ୍ରୈମାସିକ ମଧ୍ୟରେ ସର୍ବନିମ୍ନ। କୁମାର କହିଛନ୍ତି ଯେ, କର୍ପୋରେଟ ଟିକସ ହ୍ରାସ କରିବା ଲାଗି ସରକାରଙ୍କ ଘୋଷଣା ଦ୍ୱାରା ନିବେଶକଙ୍କ ମଧ୍ୟରେ ବିଶ୍ୱାସ ବଢ଼ିବ। ସେମାନେ ଏହାର ଫାଇଦା ଉଠାଇପାରିବେ। ପବ୍ଲିକ ଆଫେୟାର୍ସ ଫୋରମ୍ ଅଫ୍ ଇଣ୍ଡିଆର ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ଆଜି ଏକ ଐତିହାସିକ ଦିନ। ଅର୍ଥମନ୍ତ୍ରୀଙ୍କ ଘୋଷଣାରୁ ଏହା ସ୍ପଷ୍ଟ ହେଉଛି ସରକାର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ବାହାର କରିବା ଲାଗି କେତେ ଜାଗ୍ରତ।

### ରାଜସ୍ୱ ନିଅଣ୍ଟ ୩.୯%କୁ ବୃଦ୍ଧି ପାଇବ

**ନୂଆଦିଲ୍ଲୀ,୨୦-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କର୍ପୋରେଟ ଟିକସ, ମିନିମମ୍ ଅଲ୍ଟରନେଟ୍ ଟିକସ ଓ ନୂଆ ମାନୁଫାକ୍‌ଚରିଂ କମ୍ପାନୀ ପାଇଁ ଟିକସ ହ୍ରାସ ଘୋଷଣା କରିଛନ୍ତି। ମୋଦି ସରକାରଙ୍କ ପ୍ରାୟ ୨୦ ବିଲିୟନ ଡଲାର ଟିକସ ହ୍ରାସ ଦ୍ୱାରା ସରକାରଙ୍କ ରାଜସ୍ୱ ନିଅଣ୍ଟ ପରିମାଣ ୩.୯%କୁ ବୃଦ୍ଧି ପାଇବ ବୋଲି ଏକ ସର୍ଭେରୁ ଜଣାପଡିଛି। ୭ ଜଣ ଅର୍ଥନୀତିଜ୍ଞଙ୍କୁ ନେଇ ସର୍ଭେରେ ହୋଇଛି। ଗୁରଗ୍ରାମସ୍ଥିତ ଟି.ଏସ୍.ଲୋମ୍ବାର୍ଡର ଅର୍ଥନୀତିଜ୍ଞ ସୁମିତା ଶର୍ମା ଦେବେଶ୍ୱର କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ଘୋଷଣା ଯୋଗୁ ରାଜସ୍ୱ ନିଅଣ୍ଟ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି କ୍ଷେତ୍ରରେ ବିପଦ ରହିଛି। ତେବେ ବର୍ତ୍ତମାନ ସମୟରେ ବଡ଼ ଧରଣର ପଦକ୍ଷେପ ନେବା ଛଡ଼ା ସରକାରଙ୍କ ନିକଟରେ ଆଉ କୌଣସି ବିକଳ୍ପ ନାହିଁ।

### ଗବେଷଣା ଉପରେ ଭିଆଇଟିର ପ୍ରାଥମିକତା

**ଭୁବନେଶ୍ୱର,୨୦-୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ ଭେଲୋର ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ ଅଫ୍ ଏମିନେନ୍ସ ମାନ୍ୟତା ସହ ଗବେଷଣା ଉପରେ ଅଧିକ ଫୋକସ କରିବ। ଗୁଣବତ୍ତା ବିଶିଷ୍ଟ ଶିକ୍ଷା ସହ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ଦିଗରେ ଏହା କାର୍ଯ୍ୟ କରିବ। ବିଶ୍ୱ ସ୍ତରରେ ନିଜର ନାମକୁ ପ୍ରତିଷ୍ଠା କରିବା ଦିଗରେ ସରକାରଙ୍କ ଉକ୍ତ ମାନ୍ୟତା ସହାୟତା କରିବ ବୋଲି ଭିଆଇଟି ପକ୍ଷରୁ କୁହାଯାଇଛି। ଆଗାମୀ ୩ ବର୍ଷରେ ବିଶ୍ୱ ବିଦ୍ୟାଳୟକୁ ବିଶ୍ୱର ୫୦୦ ଶୀର୍ଷ ପ୍ରତିଷ୍ଠାନ ମଧ୍ୟରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖାଯାଇଥିବା ଭିଆଇଟି ଚାନ୍‌ସେଲର ଜି.ବିଶ୍ୱନାଥନ କହିଛନ୍ତି। ବିଶ୍ୱବିଦ୍ୟାଳୟର କିଛି ପାଠ୍ୟକ୍ରମରେ ବିଶ୍ୱ ସ୍ତରର ର୍‍ୟାଙ୍କିଙ୍ଗରେ ଭଲ ପ୍ରଦର୍ଶନ କରୁଛି। ଏହାକୁ ଧ୍ୟାନରେ ରଖି ନୂଆ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ବିଶ୍ୱନାଥନ କହିଛନ୍ତି।

---

“ସରକାରଙ୍କ କର୍ପୋରେଟ ଟିକସ ହ୍ରାସ ନିଷ୍ପତ୍ତି ଉଭୟ ଘରୋଇ କମ୍ପାନୀ ଏବଂ ବିଦେଶୀ ନିବେଶକଙ୍କ ଲାଗି ମଙ୍ଗଳକାରୀ ହେବ। ଭାରତ ନିବେଶର ପ୍ରମୁଖ ସ୍ଥଳୀ ହେବା ନେଇ ଆଶାବାଦୀ।
– ଟି.ଭି. ନରେନ୍ଦ୍ରନ, ଟାଟା ଷ୍ଟିଲ ଏମ୍‌ଡି



“ଗତ ୨୮ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ଏହା ସବୁଠାରୁ ବଳିଷ୍ଠ ପଦକ୍ଷେପ। ଏହା କର୍ପୋରେଟଗୁଡ଼ିକର ମନୋବଳ ବଢ଼ିବା ଦିଗରେ ସହାୟତା କରିବ।
– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ



# କର୍ପୋରେଟ ଜଗତକୁ ସୀତାରାମନ୍‌ଙ୍କ ପୂଜା ଭେଟି



## କର୍ପୋରେଟ ଟିକସ ହ୍ରାସ ଐତିହାସିକ: ମୋଦି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଟିକସ, ମିନିମମ୍ ଅଲ୍ଟରନେଟ ଟିକସ ଓ କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନିଆଯାଇଥିବା ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ପଦକ୍ଷେପ ଐତିହାସିକ। ତାଙ୍କ ସରକାର ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚାଇବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। କର୍ପୋରେଟ ଟିକସ ହ୍ରାସ ଦ୍ୱାରା ମେକ୍ ଇନ୍ ଇଣ୍ଡିଆକୁ ଶକ୍ତି ମିଳିବ। ଏହାଦ୍ୱାରା ଘରୋଇ ନିବେଶ ବୃଦ୍ଧି ପାଇବ ଓ ଭାରତୀୟ ସାମଗ୍ରୀ ବିଶ୍ୱରେ ପ୍ରତିଯୋଗିତାରେ ସାମିଲ ହୋଇପାରିବ।

**ପାନାଜୀ,୨୦-୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଜଗତକୁ ପୂଜା ଉପହାର ଭେଟି ଦେବାକୁ ଯାଇ ବଜେଟ ଢାଞ୍ଚାରେ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏହାକୁ ତାଙ୍କର ମିନି ବଜେଟ କୁହାଯାଉଛି। ସେହିପରି ମିନିମମ୍ ଅଲ୍ଟରନେଟିଭ ଟିକସ ହ୍ରାସ କରି ସେ କର୍ପୋରେଟ ଜଗତକୁ ଆଉ ଏକ ବଡ଼ ଉପହାର ଦେଇଛନ୍ତି। ଷ୍ଟକ୍ ମାର୍କେଟ ନିବେଶକଙ୍କ ପାଇଁ ସେ ବଡ଼ଧରଣର ଘୋଷଣା କରିଛନ୍ତି। କର୍ପୋରେଟ ଟିକସକୁ ୧୦ ପ୍ରତିଶତ ହ୍ରାସ କରି ୨୫.୧୭%ରେ ରଖାଯାଇଥିବା ବେଳେ ଏହା ଏସିଆରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ଦେଶ ଚାଇନା,ଦକ୍ଷିଣ କୋରିଆ ଓ ଇଣ୍ଡୋନେସିଆ ସହ ସମକକ୍ଷ ହୋଇଛି ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୀତାରାମନ୍ ଶୁକ୍ରବାର କହିଛନ୍ତି। ଏହାଦ୍ୱାରା ଚାହିଦା ଓ ନିବେଶ ବଢ଼ିବ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଏଥିଯୋଗୁ ସରକାରଙ୍କୁ ବାର୍ଷିକ ୧.୪୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡିବ।

ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ କର୍ପୋରେଟ ଜଗତକୁ ଖୁସି କରିବାକୁ ଯାଇ ସୀତାରାମନ୍ ତାଙ୍କର ଚତୁର୍ଥ ଅଭିବୃଦ୍ଧି ପଦକ୍ଷେପ ଘୋଷଣା କରିଛନ୍ତି। ଘରୋଇ କମ୍ପାନୀ ଓ ନୂଆ ମାନୁଫାକ୍‌ଚରିଂ କମ୍ପାନୀଙ୍କ ଲାଗି ଏକ ଅଧ୍ୟାଦେଶ ଜରିଆରେ କର୍ପୋରେଟ ଟିକସକୁ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଘରୋଇ କମ୍ପାନୀ ଅନ୍ୟ କୌଣସି ଛାଡ଼ ନେଉ ନ ଥିଲେ କେବଳ ୨୨% ଟିକସ ଦେବେ। ତେବେ ସରଚାର୍ଜ ଓ ଅନ୍ୟ ସେସ୍ ମିଶାଇଲେ ପ୍ରଭାବୀ ଟିକସ ପରିମାଣ ୨୫.୧୭% ହେବ। ବର୍ତ୍ତମାନ କମ୍ପାନୀଗୁଡ଼ିକ ୩୦% ହାରରେ କର୍ପୋରେଟ ଟିକସ ଦେଉଛନ୍ତି। ସେସ୍ ଓ ସରଚାର୍ଜ ମିଶାଇଲେ ଏହା ୩୪.୯୪%ରେ ପହଞ୍ଚିଯାଉଛି। ଅର୍ଥାତ୍ ନୂଆ ଟିକସ ହାର ଲାଗୁ ହେବା ପରେ କର୍ପୋରେଟ ଜଗତର ଟିକସ ହାର ୧୦% ହ୍ରାସ ପାଇବ। ସୂଚନାଥାଉ କି, ପ୍ରାଇଭେଟ, ଲିମିଟେଡ, ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ଅଥବା ଅଣ ତାଲିକାଭୁକ୍ତ କମ୍ପାନୀ ସମସ୍ତଙ୍କଠାରୁ କର୍ପୋରେଟ ଟିକସ ଆଦାୟ କରାଯାଇଥାଏ। କର୍ପୋରେଟ ଟିକସକୁ ସରକାରଙ୍କ ମୁଖ୍ୟ ରାଜସ୍ୱ ଆୟ ଭାବେ ଧରାଯାଏ। ସୀତାରାମନ୍ କହିଛନ୍ତି ଯେ, କୌଣସି କମ୍ପାନୀ ଯଦି ବର୍ତ୍ତମାନ ଛାଡ଼ ନେଉଛନ୍ତି, ତେବେ ଏହା ଟିକସ ହଲିଡେ ଶେଷ ହେବା ପରେ କମ୍ ଟିକସ ହାର ବିକଳ୍ପ ବାଛି ପାରିବେ। ନୂଆ ଟିକସ ହାର ଏପ୍ରିଲ ପହିଲାରୁ ଲାଗୁ ହେବ। ଏହା ଦକ୍ଷିଣ-ପୂର୍ବ ଏସିଆରେ ସବୁଠାରୁ କମ୍ ହୋଇଛି।



- ମିନିମମ୍ ଅଲ୍ଟରନେଟ୍ ଟ୍ୟାକ୍ସ ୧୫%କୁ ହ୍ରାସ
- କ୍ୟାପିଟାଲ ଗେନ୍ସ ଟିକସ ଉପରୁ ଅତିରିକ୍ତ ସରଚାର୍ଜ ପ୍ରତ୍ୟାହାର
- ସିଏସ୍‌ଆର୍ ପରିଧି ବୃଦ୍ଧି ପାଇବ

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଅକ୍ଟୋବର ପହିଲା ପରେ ପ୍ରତିଷ୍ଠା ହେବାକୁ ଥିବା ନୂଆ ଘରୋଇ ମାନୁଫାକ୍‌ଚରିଂ କମ୍ପାନୀଙ୍କ ଲାଗି ଟିକସ ହାର ୧୫% ରହିବ। ସରଚାର୍ଜ ଓ ସେସ୍ ମିଶାଇଲେ ଏହା ୧୭.୦୧%ରେ ହେବ। ତେବେ ସେମାନଙ୍କୁ ଅନ୍ୟ କୌଣସି ଇନ୍‌ସେଣ୍ଟିଭ ବା ପ୍ରୋତ୍ସାହନ ମିଳିବ ନାହିଁ। ସୂଚନାଥାଉ କି, ନୂଆ ମାନୁଫାକ୍‌ଚରିଂ କମ୍ପାନୀଙ୍କ ପାଇଁ ପୂର୍ବରୁ ୨୫% ଟିକସ ଆଦାୟ କରାଯାଉଥିଲା। ସେସ୍ ଓ ସରଚାର୍ଜ ମିଶାଇଦେଲେ ଏହା ୨୯.୧୨%ହେଉଥିଲା। ଅର୍ଥାତ୍ ଅକ୍ଟୋବର ପହିଲା ପରେ ନୂଆ ମାନୁଫାକ୍‌ଚରିଂ କମ୍ପାନୀଙ୍କ ଟିକସ ଦେୟ ୧୨% କମିଯିବ। ନୂଆ କମ୍ପାନୀ ଅନ୍ୟ କୌଣସି ପ୍ରୋତ୍ସାହନ ନେଉ ନ ଥିଲେ ତାଙ୍କୁ ଏହି ଫାଇଦା ମିଳିବ। ତେବେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ସେମାନଙ୍କୁ ପ୍ରଡକ୍ସନ ବା ଉତ୍ପାଦନ ଆରମ୍ଭ କରିବାକୁ ହେବ ବୋଲି ସର୍ତ୍ତ ରଖାଯାଇଛି। ଟିକସ ଛାଡ଼ ଦେବା ଦ୍ୱାରା ‘ମେକ୍‌ଇନ୍‌ଇଣ୍ଡିଆ’ ଅଧୀନରେ ନିବେଶ, ରୋଜଗାର ଓ ଆର୍ଥିକ ଗତିବିଧି ବଢ଼ିବ ଏବଂ ରାଜସ୍ୱ ଆୟ ବୃଦ୍ଧି ପାଇବ। ଏହାଦ୍ୱାରା ବ୍ୟବସାୟୀ ନୂଆ ମାନୁଫାକ୍‌ଚରିଂ କମ୍ପାନୀ ଖୋଲିବା ଲାଗି ପ୍ରୋତ୍ସାହିତ ହେବେ ବୋଲି ସୀତାରାମନ୍ କହିଛନ୍ତି।

ସେହିପରି ସରକାର ମିନିମମ୍ ଅଲ୍ଟରନେଟ୍ ଟ୍ୟାକ୍ସ ବା ସର୍ବନିମ୍ନ ବିକଳ୍ପ ଟିକସ(ମ୍ୟାଟ୍)କୁ ହ୍ରାସ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, କମ୍ପାନୀଗୁଡ଼ିକ ଏଣିକି ମ୍ୟାଟ୍ ବାବଦରେ ୧୫% ଟିକସ ଦେବେ। ସୂଚନାଥାଉ କି, ରିହାତି ହାସଲ କରୁଥିବା କମ୍ପାନୀ ବିଭିନ୍ନ ଛାଡ଼ ପାଉଥିବା କାରଣରୁ ଆଦୌ ଟିକସ ଦିଅନ୍ତି ନାହିଁ। ଏଭଳି କମ୍ପାନୀଙ୍କ ଠାରୁ ମ୍ୟାଟ୍ ଆଦାୟ କରାଯାଇଥାଏ। ବର୍ତ୍ତମାନ ସେମାନଙ୍କ ଠାରୁ ୧୮.୫% ଟିକସ ଆଦାୟ କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ବିଦେଶୀ କମ୍ପାନୀ ଅଧିକ ଉତ୍ସାହିତ ହେବେ। କାରଣ ସେମାନେ ଅଧିକ ମ୍ୟାଟ୍ କାରଣରୁ ଭାରତରେ ନିବେଶ କରିବାକୁ ପଛାଉଛନ୍ତି। ସରକାରଙ୍କ ଘୋଷଣା ପରେ ବିଦେଶୀ ନିବେଶକଙ୍କ ଆଗମନ ବୃଦ୍ଧି ପାଇଲେ ମୋଦି ସରକାରଙ୍କ ୨୦୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିବା ସହଜ ହୋଇଯିବ।

ଷ୍ଟକ୍ ମାର୍କେଟ ନିବେଶକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ସରକାର ଶେୟାର ବିକ୍ରି ଉପରେ ଆଦାୟ ହେଉଥିବା କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ହଟାଇ ଦେଇଛନ୍ତି। ଜୁଲାଇ ୫ ପୂର୍ବରୁ ଶେୟାର ବାଏବ୍ୟାକ୍ ପାଇଁ ଘୋଷଣା କରିଥିବା କମ୍ପାନୀଙ୍କ ପାଇଁ ମଧ୍ୟ ଏହି ଅତିରିକ୍ତ ସରଚାର୍ଜ ଲାଗୁ ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସୂଚନାଥାଉ କି, ଜୁଲାଇ ୫ ସାଧାରଣ ବଜେଟରେ ଉଭୟ ଘରୋଇ ଓ ବିଦେଶୀ ନିବେଶକଙ୍କୁ ଝଟକା ଦେଇ ସରକାର ଅତିରିକ୍ତ ସରଚାର୍ଜ ଲାଗୁ କରିଥିଲେ। ଏଥିସହ ଶେୟାର ବଜାରରେ ନିବେଶ ଉପରେ ଲଙ୍ଗ୍ ଟର୍ମ କ୍ୟାପିଟାଲ ଗେନ୍ସ ସରଚାର୍ଜ ବଢ଼ାଇ ଦେଇଥିଲେ। ସରକାରଙ୍କ ନୂଆ ଘୋଷଣା ଦ୍ୱାରା ଷ୍ଟକ୍ ମାର୍କେଟରେ ଶେୟାର କିଣାବିକା କରୁଥିବା, ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହାଦ୍ୱାରା ଫାଇଦା ମିଳିବ।

ସେହିଭଳି କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି (ସିଏସ୍‌ଆର୍) ଅଧୀନରେ ହେଉଥିବା ୨% ଖର୍ଚ୍ଚର ପରିଧିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୨% ସିଏସ୍‌ଆର୍ ଅର୍ଥରାଶିକୁ କେନ୍ଦ୍ର କିମ୍ବା ରାଜ୍ୟ ସରକାର,ଅନ୍ୟ କୌଣସି ଏଜେନ୍ସି କିମ୍ବା କେନ୍ଦ୍ର ଓ ରାଜ୍ୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ଅର୍ଥ ଯୋଗାଣ ହେଉଥିବା ଇନ୍‌କ୍ୟୁବେଟର୍ସ ଉପରେ ମଧ୍ୟ ଖର୍ଚ୍ଚ କରାଯାଇପାରିବ।

## ନିବେଶକଙ୍କୁ ୬.୮୨ ଲକ୍ଷ କୋଟି ଫାଇଦା

**ମୁମ୍ବାଇ,୨୦-୯**

ସରକାରଙ୍କ ଦ୍ୱାରା କର୍ପୋରେଟ ଟିକସ ହ୍ରାସ ଓ ନିବେଶକଙ୍କ ସମ୍ପର୍କିତ ଘୋଷଣା ଦ୍ୱାରା ଶୁକ୍ରବାର ଶେୟାର ବଜାରରେ ରେକର୍ଡ ବୃଦ୍ଧି ଦେଖାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୯୨୧.୧୫ ପଏଣ୍ଟ ବୃଦ୍ଧି ପାଇ ୩୮,୦୧୪.୬୨ରେ ବନ୍ଦ ହୋଇଥିଲା। ଇଣ୍ଟ୍ରା-ଡେ ବା ଦିନର କାରବାର ମଧ୍ୟରେ ଗୋଟିଏ ସମୟରେ ଏହା ୨୨୮୪.୫୫ ପଏଣ୍ଟ ବୃଦ୍ଧି ପାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୫୬୯.୪୦ ପଏଣ୍ଟ ବୃଦ୍ଧି ପାଇ ୧୧,୨୭୪ରେ ବନ୍ଦ ହୋଇଛି। ଇଣ୍ଟ୍ରା-ଡେରେ ଏହା ୬୭୭ ପଏଣ୍ଟ ବୃଦ୍ଧି ପାଇଥିଲା। ୧୦ ବର୍ଷ ଭିତରେ ଗୋଟିଏ ଦିନରେ ସେନ୍‌ସେକ୍ସ ସର୍ବାଧିକ ପଏଣ୍ଟ ବୃଦ୍ଧି ପାଇଛି। ଫଳରେ ନିବେଶକ ଗୋଟିଏ ଦିନରେ ୬.୮୨ ଲକ୍ଷ କୋଟି ଟଙ୍କା ଫାଇଦା ପାଇଛନ୍ତି। ଏଥିପୂର୍ବରୁ ୨୦୦୯ ମେ ୧୮ରେ ବଜାରରେ ଗୋଟିଏ ଦିନରେ ୨୧୧୦ ପଏଣ୍ଟ ବୃଦ୍ଧି ପାଇଥିଲା। ସେତେବେଳେ ତତ୍କାଳୀନ ଉପା ସରକାର ପୁନର୍ବାର କ୍ଷମତାକୁ ଫେରିଥିଲେ। ମାର୍କେଟ ଏହାର ଉତ୍ସବ ପାଳନ କରିଥିଲା। କର୍ପୋରେଟ ସେକ୍ଟର ଓ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ପକ୍ଷରୁ ବ୍ୟାପକ ହାରରେ କିଣାକିଣି କରାଯିବାରୁ ଶୁକ୍ରବାର ସେନ୍‌ସେକ୍ସରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସୀତାରାମନ୍‌ଙ୍କ ଘୋଷଣା ପରେ ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଫଳରେ ବଜାରର ମାର୍କେଟ କ୍ୟାପିଟାଲାଇଜେଶନ ୧୩୮.୫୪ ଲକ୍ଷ କୋଟି ଟଙ୍କାରୁ ଏକାଥରକେ ୧୪୩.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ନିବେଶକ ୫ ଲକ୍ଷ କୋଟି ଟଙ୍କା ଫାଇଦା ହାସଲ କରି ମାଲାମାଲ ହୋଇଥିଲେ। ସେନ୍‌ସେକ୍ସର ୩୦ରୁ ୨୫ ଏବଂ ନିଫ୍ଟିର ୫୦ ମଧ୍ୟରୁ ୪୪ ଶେୟାର ବୃଦ୍ଧି ସହିତ ବନ୍ଦ ହୋଇଥିଲା। ଏନ୍‌ଏସ୍‌ଇରେ ୧୧ରୁ ୧୦ ସେକ୍ଟର ଫାଇଦାରେ ରହିଥିଲା। ଅଟୋ ଇଣ୍ଡେକ୍ସ ସବୁଠାରୁ ଅଧିକ ୯.୯% ବୃଦ୍ଧି ପାଇଥିଲା। ଏହା ୨୦୦୯ ମେ ପରେ ସର୍ବାଧିକ ବୃଦ୍ଧି କୁହାଯାଉଛି। ବଜାର ବିଶ୍ଳେଷକ ସେଣ୍ଟ୍ରାଲ ୱେଲ୍‌ଥ ମ୍ୟାନେଜମେଣ୍ଟ ମୁଖ୍ୟ ଦେବାଙ୍ଗ ମେହଟା କହିଛନ୍ତି ଯେ ସରକାରଙ୍କ ଘୋଷଣା ଯୋଗୁ ଆର୍ଥିକ ବିକାଶ ଗତିଶୀଳ ହେବ। ଏଥିଯୋଗୁ କର୍ପୋରେଟ ଓ କ୍ୟାପିଟାଲ ମାର୍କେଟ ଉତ୍ସାହିତ। ମନୋଭାବରେ ସୁଧାର ହେବା ମୁଖ୍ୟ ପ୍ରସଙ୍ଗ। କାରଣ ମନୋଭାବ ବିଗିଡ଼ିଯିବା କାରଣରୁ ଗତ କିଛି ଦିନ ହେବ ବଜାର ନିମ୍ନଗାମୀ ହୋଇଚାଲିଥିଲା। ସୂଚନାଥାଉ କି, ଗୋଟିଏ ଦିନରେ ବଡ଼ ଧରଣର ବୃଦ୍ଧି ଚଳିତବର୍ଷ ଚତୁର୍ଥ ଥର ଦେଖିବାକୁ ମିଳିଛି। ଏଥିପୂର୍ବରୁ ସର୍ବାଧିକ ବୃଦ୍ଧି ମେ ୨୦ରେ ହୋଇଥିଲା। ମେ ୧୯ରେ ସାଧାରଣ ନିର୍ବାଚନ ଫଳାଫଳ ପୂର୍ବରୁ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଥିଲା। ଫଳରେ ବଜାରରେ ଯଥେଷ୍ଟ ବୃଦ୍ଧି ଦେଖାଯାଇଥିଲା। ସେତେବେଳେ ସେନ୍‌ସେକ୍ସ ୧୪୮୨ ପଏଣ୍ଟ ବୃଦ୍ଧି ପାଇଥିଲା।




## ସାହସିକ ପଦକ୍ଷେପ: ଆର୍‌ବିଆଇ ଗଭର୍ନର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ କର୍ପୋରେଟ ଟିକସ ହ୍ରାସ ଘୋଷଣାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସ୍ୱାଗତ କରିଛନ୍ତି। ସୀତାରାମନ୍ ଏକ ସାହସିକ ପଦକ୍ଷେପ ନେଇଛନ୍ତି। ଏହା ଅର୍ଥନୀତି ପାଇଁ ସକାରାତ୍ମକ ହେବ ଏବଂ ଆଗକୁ ବଢ଼ିବାରେ ସହାୟତା କରିବ। ଏହାଦ୍ୱାରା ବିକାଶଶୀଳ ଦେଶଗୁଡ଼ିକ ସହ ଏଣିକି ଭାରତ ପ୍ରତିଯୋଗିତାରେ ସାମିଲ ହୋଇପାରିବ।



---

# ଭାରତ ପାନାସୋନିକର ଫୋକସ୍ ବଜାର

ଗତ ୩ ବର୍ଷ ହେବ ଅନେକ ପଦକ୍ଷେପ ନେଇଛୁ। ପୂର୍ବରୁ କେବଳ ହାଇଏଣ୍ଡ ପ୍ରଡକ୍ଟଗୁଡ଼ିକ ଆମ ପୋର୍ଟଫୋଲିଓରେ ସାମିଲ ଥିଲା। ଏହି ଧାରାରେ ପରିବର୍ତ୍ତନ ଆଣିଛୁ। ବର୍ତ୍ତମାନ ସବୁ ବର୍ଗକୁ ସୁହାଇଲା ଭଳି ପ୍ରଡକ୍ଟ ସହ ଆମେ ପ୍ରସ୍ତୁତ। ବର୍ତ୍ତମାନ ଡିଲର ଏବଂ ବିତରକ ନେଟୱର୍କକୁ ଆହୁରି ଶକ୍ତିଶାଳୀ କରାଯାଉଛି। ଏହା ଦ୍ୱାରା ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ନେଇ ଆଶାବାଦୀ।

**ମାନ୍ଦାବସ୍ଥା କମ୍ପାନୀର କାରବାରକୁ ପ୍ରଭାବିତ କରୁଛି କି?**

ମୋଟାମୋଟି ଭାବେ କହିବାକୁ ଗଲେ ଆମ କାରବାରକୁ ମାନ୍ଦାବସ୍ଥା ପ୍ରଭାବିତ କରିନାହିଁ। ବଜାରରେ ସେମିତି ବିକ୍ରି ହ୍ରାସ ହୋଇନାହିଁ। ଗ୍ରାହକ ଅଫ୍‌ଲାଇନରୁ କିଛିଟା ଅନଲାଇନ କ୍ରୟକୁ ଚୟନ କରିଛନ୍ତି। ଏହା ଏବେ ନୂଆ ଚ୍ୟାଲେଞ୍ଜ ହୋଇଛି। ଆମର ମୋଟ ବିକ୍ରିରେ ଅନ୍‌ଲାଇନର ଅଂଶ ୧୦% ରହିଛି। ଗତ କିଛି ମାସ ହେବ ବଜାରରେ ସାମାନ୍ୟ ପ୍ରଭାବ ଦେଖାଯାଇଛି। ମାତ୍ର ମାନ୍ଦାବସ୍ଥା ଦ୍ୱାରା ଏହି ବର୍ଗରେ ସମ୍ପୂର୍ଣ୍ଣ ବଜାର ପ୍ରଭାବିତ ହୋଇଥିବା କହି ହେବ ନାହିଁ। ପାନାସୋନିକ ଅଭିବୃଦ୍ଧିଶୀଳ ବ୍ରାଣ୍ଡ ହୋଇଥିବାରୁ ବଜାର ସ୍ଥିତିକୁ ସାମ୍ନା କରିବାକୁ ସକ୍ଷମ ହୋଇଛି। ଏଥି ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି।

**ପରିବର୍ତ୍ତିତ ଗ୍ରାହକ ଚାହିଦା ପୂରଣ ଲାଗି ପାନାସୋନିକ କିଭଳି ପ୍ରସ୍ତୁତ?**

ଗ୍ରାହକଙ୍କ ଚାହିଦାରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ଲୋକମାନେ ଅଧିକ ଫିଚର ଚାହୁଁଛନ୍ତି। ଡିଜିଟାଲ ପ୍ଲାଟଫର୍ମର ଚାହିଦା ବଢ଼ିଛି। ପ୍ରିମିୟମ ପ୍ରଡକ୍ଟକୁ ଗ୍ରାହକ ପସନ୍ଦ କରୁଛନ୍ତି। ଉଚିତ ମୂଲ୍ୟରେ ଭଲ ଫିଚର୍ ପାଇବା ସମସ୍ତଙ୍କ ଲକ୍ଷ୍ୟ। ଏହାକୁ ନଜରରେ ରଖି ପ୍ରଡକ୍ଟ ଅପ୍‌ଗ୍ରେଡ କରାଯାଉଛି। ଆମର ଟିଭିଗୁଡିକ ଅତ୍ୟାଧୁନିକ ଡିଜିଟାଲ ଫିଚର ସହ ଆସୁଛି। ଏହି ବର୍ଗରେ ୪କେ, ଆଣ୍ଡ୍ରଏଡ, ଇନବିଲ୍ଟ ଆପ୍, ପାନାସୋନିକର ନିଜସ୍ୱ ଟେକ୍ନୋଲୋଜି ସିନୋବି ସିରିଜ୍ ସ୍ମାର୍ଟ ସିରିଜ ଟିଭି ଆଣିଛୁ। ହୋମ ଆପ୍ଲାଏନ୍ସ ବର୍ଗରେ କାରବାରକୁ ଦୃଢ଼ୀକରଣ ଲକ୍ଷ୍ୟ ରହିଛି। ହାଇ ଏବଂ ପ୍ରିମିୟମ ପ୍ରଡକ୍ଟ ଉପରେ ମଧ୍ୟ ଫୋକସ ରହିଛି। ଗ୍ରାହକଙ୍କୁ ଇକୋନୋମି, ଭାଲ୍ୟୁ, ନ୍ୟୁଟ୍ରିଶନ ରିଟେନଶନ ଭାଲ୍ୟୁ ପ୍ରଦାନ କରାଯାଉଛି। ଟିଭି, ଏୟାର କଣ୍ଡିଶନର ବାଦ ୱାଶିଂମେଶିନ ବର୍ଗରେ ବିଭିନ୍ନ ରେଞ୍ଜର ଉପଲବ୍ଧ କରାଇଛୁ। ଏହି ବର୍ଗରେ ଟପ୍‌ଲୋଡ, ଇନବିଲ୍‌ଟ ହିଟର ମଡେଲ ରହିଛି। ସଫ୍ଟକ୍ଲୋଜର ମଡେଲ, ସେମି ଅଟୋମେଟିକ ୱାଶିଂ ମଡେଲ ଆଣିଛୁ। ଫ୍ରଣ୍ଟଲୋଡ ୱାଶିଂମେଶିନ ସହ ଗ୍ରାହକଙ୍କ ଲାଗି ବିସ୍ତୃତ ରେଞ୍ଜରେ ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ନଏଡା, ହରିୟାଣାରେ ପ୍ଲାଣ୍ଟ ସହ ବିଭିନ୍ନ ପ୍ରଡକ୍ଟ ଉତ୍ପାଦନ କରୁଛୁ।

**ପାନାସୋନିକ ଲାଗି ଭାରତ ବଜାରକୁ କିଭଳି ଦେଖୁଛନ୍ତି?**

ଭାରତ ବଜାର ପାନାସୋନିକ ଲାଗି ଫୋକସ୍ ବଜାର। ଏଠାରେ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଯୋଗାଣକୁ ଧ୍ୟାନରେ ରଖିଛୁ। ପ୍ରଡକ୍ଟ ଉପରେ ଟୋଟାଲ କଷ୍ଟ ସେଭିଂକୁ ଗୁରୁତ୍ୱ ଦିଆଯାଉଛି। ଏସି ଏବଂ ରେଫ୍ରିଜରେଟର ନିର୍ମାଣରେ କମ୍ପାନୀର ୬୦ ବର୍ଷର ଅଭିଜ୍ଞତା ରହିଛି। ପାୱାର ସେଭିଂକୁ ମଧ୍ୟ ନଜରରେ ରଖିଛୁ।

**ଗ୍ରାମାଞ୍ଚଳ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କିଭଳି କୌଶଳ ଆପଣାଉଛନ୍ତି?**

ସାରା ଦେଶରେ ସେବା ଯୋଗାଣ ହେଉଛି। ଲାଷ୍ଟ ମାଇଲ କଷ୍ଟମରଙ୍କ ନିକଟରେ ପହଞ୍ଚିବା ଆମର ଲକ୍ଷ୍ୟ। ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ପଦକ୍ଷେପ ନେଉଛୁ। ଲୋକଙ୍କ କ୍ରୟ ଶକ୍ତିକୁ ବିଚାର କରି ପ୍ରଡକ୍ଟ ରେଞ୍ଜ ଉପଲବ୍ଧ କରାଉଛୁ। ଚାହିଦା ଏବଂ ପ୍ରୋଫାଇଲ ଆଧାରରେ ପ୍ରଡକ୍ଟ ଡିଜାଇନ କରାଯାଉଛି।

**ଓଡ଼ିଶା ବଜାରରେ କମ୍ପାନୀର କାରବାର କିଭଳି ରହିଛି?**

ଓଡ଼ିଶାରେ ଭଲ କାରବାର କରୁଛୁ। ଗତ ମାସ ଏଠାରେ ଅଭିବୃଦ୍ଧି ଜାତୀୟ ଅଭିବୃଦ୍ଧିଠାରୁ ଉଚ୍ଚରେ ରହି ପ୍ରାୟ ୩୦% ରହିଛି। ଏଠାରେ ଅଧିକ ପ୍ରଡକ୍ଟ ଉପଲବ୍ଧ କରାଇଛୁ। ନୂଆ ନୂଆ ପ୍ରଡକ୍ଟ ଏଠାରେ ଗ୍ରାହକଙ୍କ ଲାଗି ଯୋଡାଯାଉଛି। କେବଳ ଓଡ଼ିଶା ନୁହେଁ ସମଗ୍ର ପୂର୍ବାଞ୍ଚଳରେ କାରବାର ଉଲ୍ଲେଖନୀୟ ରହିଛି। ସାରା ଦେଶରେ ଆମର ଅଭିବୃଦ୍ଧି ୧୦% ରହିଛି। ଏପରି ସ୍ଥିତିରେ ଓଡ଼ିଶା ଏବଂ ଝାଡଖଣ୍ଡ ଭଲ କାରବାର କରୁଛନ୍ତି।

**ଗତ ୩ ବର୍ଷ ମଧ୍ୟରେ ଘରୋଇ ବଜାରରେ ପାନାସୋନିକ କିଭଳି ଚ୍ୟାଲେଞ୍ଜ ସାମ୍ନା କରିଛି?**

**ଭାରତର ଅର୍ଥନୈତିକ ଢାଞ୍ଚା ମଜଭୁତ।** ବିଭିନ୍ନ କାରଣ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି। ମାତ୍ର ଭାରତ ଏକ ଅଭିବୃଦ୍ଧିଶୀଳ ବଜାର। ଘରୋଇ ବଜାରର ଅଭିବୃଦ୍ଧି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପାନାସୋନିକର ଆସୋସିଏଟ ଡାଇରେକ୍ଟର ପି.ଭି. ମୁରାହରି ରାଓ କହିଛନ୍ତି। ଭାରତରେ ପାନାସୋନିକ ଏକ ପ୍ରମୁଖ ବ୍ରାଣ୍ଡ ହୋଇଥିବା ବେଳେ କମ୍ପାନୀର ଯୋଜନା ଏବଂ ଗ୍ରାହକକେନ୍ଦ୍ରିକ ପଦକ୍ଷେପ ସମ୍ପର୍କରେ ସେ ‘ଧରିତ୍ରୀ’କୁ ଦେଇଥିବା ସାକ୍ଷାତକାର...



ପି.ଭି. ମୁରାହରି ରାଓ

## ନୂଆ ଓଏଲ୍‌ଇଡି ଉନ୍ମୋଚିତ

ପାନାସୋନିକ ପକ୍ଷରୁ ସ୍ଥାନୀୟ ବାପୁଜୀ ନଗରସ୍ଥିତ ପାତ୍ର ଇଲେକଟ୍ରୋନିକ୍ସ ଶୋ’ରୁମଠାରେ ନୂଆ ଓଏଲ୍‌ଇଡ଼ିକୁ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ପାନାସୋନିକର ଆସୋସିଏଟ ଡାଇରେକ୍ଟର ପି.ଭି. ମୁରାହରିରାଓ, କମ୍ପାନୀର ଓଡ଼ିଶା, ବିହାର ଏବଂ ଝାଡଖଣ୍ଡ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡ଼ିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେସ ଶୁକ୍ଲା, ପାତ୍ର ଇଲେକଟ୍ରୋନିକ୍ସ ସ୍ୱତ୍ୱାଧିକାରୀ କୈଳାସ ପାତ୍ର ଉପସ୍ଥିତ ରହି ଏହାର ବଜାର ପ୍ରବେଶ କରିଛନ୍ତି। ଏହା ଆଡଭାନ୍ସ ଫିଚରଯୁକ୍ତ ଟିଭି ହୋଇଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



“ୱେଷ୍ଟଇଣ୍ଡିଜ ଗସ୍ତ ସମେତ ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଦଳରୁ ବାଦ୍ ପଡ଼ିବାକୁ ନେଇ ଚିନ୍ତିତ ନୁହେଁ ।

–କୁଲଦୀପ ଯାଦବ, ଭାରତୀୟ କ୍ରିକେଟର୍



“ପାକିସ୍ତାନ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ପଦରୁ ସର୍ଫରାଜ ଅହମ୍ମଦଙ୍କୁ ବାହାର କରିଦିଆଯିବା ଉଚିତ୍ ବୋଲି ଅନୁଭବ କରୁଛି ।

–ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର୍



## ସଂକ୍ଷେପରେ

### ବାହାରିନକୁ ହରାଇଲା ଭାରତ

ତାସକେଣ୍ଟ, ୨୦୧୯ (ପି.ଟି.): ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତୀୟ ଯୁବ ଫୁଟ୍‌ବଲ ଦଳ ୫-୦ ଗୋଲରେ ଏକପାଖିଆ ଭାବେ ବାହାରିନକୁ ପରାସ୍ତ କରିଛି। ଷ୍ଟ୍ରାଇକର ସିଦର୍ଥ ଓ ଶୁଭୋ ପଲ୍ ୨ଟି ଲେଖାଏ ଗୋଲସ୍କୋର କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାହାରିନ ଗୋଲକିପର ପ୍ରଥମାର୍ଦ୍ଧରେ ଏକ ଆତ୍ମଘାତୀ ଗୋଲ କରିଥିଲେ। ପ୍ରତିଯୋଗିତାରେ ଭାରତର ଏହ କ୍ରମାଗତ ୨ୟ ବୃହତ୍ ବିଜୟ। ଏଥିପୂର୍ବରୁ ବୁଧବାର ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ତୁର୍କମେନିସ୍ତାନକୁ ହରାଇଥିଲା। ବିଜୟ ସହ ଭାରତ ୨ ମ୍ୟାଚ୍‌ରୁ ମୋଟ୍ ୬ ପଏଣ୍ଟ ପାଇଛି।

### ଭିନ୍ନକ୍ଷମ ଦଳକୁ ସମ୍ବର୍ଦ୍ଧିତ କରିବ ବିସିସିଆଇ

ମୁମ୍ବାଇ,୨୦୧୯(ପିଟି): ଟି୨୦ ଭିନ୍ନକ୍ଷମ ବିଶ୍ୱ କ୍ରିକେଟ ସିରିଜ୍ ଖେଳାଳିଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଇନା ଇଡୁଲଜି ଶୁକ୍ରବାର କହିଛନ୍ତି। ତେବେ ଏଥିନେଇ ସିଓଏ ଦ୍ୱାରା କେତେ ପରିମାଣ ଟଙ୍କା ମଞ୍ଜୁର କରାଯାଇଛି, ତାହା ଇଡୁଲଜି ସ୍ପଷ୍ଟ କରି ନାହାନ୍ତି। ଫେଭରାଇଟ ଭାରତ ଫାଇନାଲରେ ଆୟୋଜକ ଇଂଲଣ୍ଡକୁ ୩୬ ରନ୍‌ରେ ହରାଇ ପ୍ରଥମ ଭିନ୍ନକ୍ଷମ ବିଶ୍ୱ ଟି୨୦ କ୍ରିକେଟ ସିରିଜ୍ ହାତେଇଥିଲା।

### ପ୍ରଥମଥର ଲାଗି ଇଂଲଣ୍ଡ କେନ୍ଦ୍ରୀୟ ଚୁକ୍ତି ତାଲିକାରେ ଆର୍ଚର



ଲଣ୍ଡନ, ୨୦୧୯ (ଏଏଫ୍‌ପି)- ଗତ ଆଇସିସି ବିଶ୍ୱକପ୍ ଓ ଆଶେସ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ପ୍ରଥମଥର ଲାଗି ଇଂଲଣ୍ଡ କେନ୍ଦ୍ରୀୟ ଖେଳାଳି ଚୁକ୍ତି ତାଲିକାରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ପ୍ରକାଶିତ ଉଭୟ ଟେଷ୍ଟ ଓ ଦିନିକିଆ କେନ୍ଦ୍ରୀୟ ଖେଳାଳି ତାଲିକାରେ ଆର୍ଚରଙ୍କୁ ସ୍ଥାନ ମିଳିଛି। ୨୪ ବର୍ଷୀୟ ଆର୍ଚର ବିଶ୍ୱକପ୍‌ରେ ଇଂଲଣ୍ଡର ସର୍ବାଧିକ ଉଇକେଟ୍ ହାସଲକାରୀ ବୋଲର ରହିଥିଲେ। ସେ ମୋଟ୍ ୨୨ ଉଇକେଟ୍ ନେଇ ଇଂଲଣ୍ଡକୁ ପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାର୍ବାଡସ ଜନ୍ମିତ ୨୪ ବର୍ଷୀୟ ଆର୍ଚର ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ପକ୍ଷରୁ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଆର୍ଚରଙ୍କ ସମେତ ୧୦ଜଣ ଖେଳାଳି ୨୦୧୯/୨୦ ସିଜନ ଲାଗି କେନ୍ଦ୍ରୀୟ ଟେଷ୍ଟ ଚୁକ୍ତିରେ ରହିଛନ୍ତି। ଦୁଇ ସ୍ପିନର ମୋଇନ ଅଲି ଓ ଆଡିଲ ରଶିଦ ସେମାନଙ୍କ ଟେଷ୍ଟ ଚୁକ୍ତି ହରାଇଛନ୍ତି।

# ଭାରତୀୟ ହକି ଦଳରେ ବୀରେନ୍ଦ୍ର, ଅମିତ

**ମନପ୍ରୀତ ଅଧିନାୟକ, ହରମନପ୍ରୀତ ଉପଅଧିନାୟକ**

**ଲଳିତ ଉପାଧ୍ୟାୟ ଓ ରୂପିନ୍ଦର ପାଲ ସିଂଙ୍କ ପ୍ରତ୍ୟାବର୍ତ୍ତନ**

ନୂଆଦିଲ୍ଲୀ, ୨୦୧୯

ବେଲଜିୟମ ଟୁର୍ ପାଇଁ ଶୁକ୍ରବାର ୨୦ ଜଣିଆ ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ଦୁଇ ଅଭିଜ୍ଞ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ମନପ୍ରୀତ ସିଂ ଦଳର ନେତୃତ୍ୱ ନେଉଥିବାବେଳେ ହରମନପ୍ରୀତ ସିଂ ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ଚଳିତମାସ ୨୬ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଭାରତୀୟ ଦଳ ଆଣ୍ଟୱେର୍ପଠାରେ ବେଲଜିୟମ ବିପକ୍ଷରେ ୩ଟି ଏବଂ ସ୍ପେନ ବିପକ୍ଷରେ ୨ଟି ମ୍ୟାଚ ଖେଳିବ।

ଭାରତୀୟ ଦଳକୁ ଲଳିତ କୁମାର ଉପାଧ୍ୟାୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଳିତ ଶେଷଥରପାଇଁ ଭାରତ ପକ୍ଷରୁ ଭୁବନେଶ୍ୱରରେ ହକି ବିଶ୍ୱକପ ଖେଳିଥିଲେ। ସେହିପରି ଅଲିମ୍ପିକ ଟେଷ୍ଟ ଇଭେଣ୍ଟ ମିସ୍ କରିଥିବା ରୂପିନ୍ଦର ପାଲ୍ ସିଂ ମଧ ଦଳକୁ ଫେରିଛନ୍ତି। ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ପାଇଁ ବିଶ୍ରାମ ଦିଆଯାଇଥିବା ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ ମଧ ଦଳରେ ସ୍ଥାନ ପାଇଛନ୍ତି। ଦଳର ଅନ୍ୟ ଗୋଲକିପର ହେଲେ କ୍ରିଷ୍ଣନ ବାହାଦୁର ପାଠକ। “ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ପରସ୍ପରକୁ ଭଲଭାବେ ବୁଝିଛନ୍ତି, ତେଣୁ ଦଳର ପ୍ରଦର୍ଶନ ଭଲ ହେବା ଆଶା ରହିଛି। ଲଳିତ ଉପାଧ୍ୟାୟ ଦଳକୁ ଫେରିଥିବାରୁ ମୁଁ ବହୁତ ଖୁସୀ। ଫରୱାର୍ଡ ଲାଇନ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ରୂପିନ୍ଦର ଫେରିବା ମଧ ଖୁସିର କଥା। ୨୦୧୯ ଏଫଆଇଏଚ ସିରିଜ ଫାଇନାଲ୍ସଠାରୁ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ଦଳରେ ଥିବା ଅଳ୍ପକିଛି ତ୍ରୁଟିକୁ ସୁଧାରି ଆମେ ବେଲଜିୟମ ଗସ୍ତ କରିବୁ” ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ଓଡ଼ିଶାରେ ରୁଷିଆ ବିପକ୍ଷରେ ଏଫଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିବାକୁ ଯାଉଥିବାରୁ ବେଲଜିୟମ ଗସ୍ତରେ ଆମକୁ ଉପଯୁକ୍ତ ଅଭ୍ୟାସ ମିଳିବ। “ବେଲଜିୟମ ଏକ ଶକ୍ତିଶାଳୀ ଦଳ। ଆମେ ଯଦି ସେମାନଙ୍କ ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରିବୁ ତେବେ ଅଲିମ୍ପିକ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିଙ୍କ ମନୋବଳ ଦୃଢ଼ ହେବ। ଆମେ ଉଭୟ ବେଲଜିୟମ ଓ ସ୍ପେନଠାରୁ କଡ଼ା ଚ୍ୟାଲେଞ୍ଜ ଆଶା କରୁଛୁ” ବୋଲି ରିଡ୍ କହିଛନ୍ତି।



ବେଲଜିୟମ ଟୁର୍ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

**ଭାରତୀୟ ଦଳ**

- **ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ।
- **ଡିଫେଣ୍ଡର:** ହରମନପ୍ରୀତ ସିଂ(ଉପଅଧିନାୟକ), ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଖାଡାଙ୍ଗବାମ କୋଥାଜିତ ସିଂ, ରୂପିନ୍ଦର ପାଲ ସିଂ।
- **ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ(ଅଧିନାୟକ), ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା।
- **ଫରୱାର୍ଡ:** ମନଦୀପ ସିଂ, ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ରମଣଦୀପ ସିଂ, ସିମରନଜିତ ସିଂ, ଆକାଶଦୀପ ସିଂ।

■ ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

## ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ବ୍ୟାଙ୍କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସିଙ୍ଗଲ୍ସ ସେମିଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୨୧-୧୮, ୧୫-୨୧, ୨୧-୧୬ ପଏଣ୍ଟରେ ପରାସ୍ତ କରିଛନ୍ତି। ଶନିବାର ସେ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ତଥା ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ଭେଟିବେ। ଡବଲ୍ସ ସେମିଫାଇନାଲରେ ପ୍ରମୋଦ-ମନୋଜ ଯୋଡ଼ି ଥାଇଲାଣ୍ଡର ଚାୱାର୍ଟକିଟ୍‌ଚୋୱାଟ୍‌ନା ଓ ସାଙ୍ଗନିଲ ସିଙ୍ଘା ଯୋଡ଼ିଙ୍କୁ ସିଧାସଳଖ ୨୧-୧୫, ୨୨-୨୦ ପଏଣ୍ଟରେ ହରାଇ ଦେଇଛନ୍ତି। ଭାରତୀୟ ଯୋଡ଼ି ଶନିବାର ଡବଲ୍ସ ଫାଇନାଲରେ ଥାଇଲାଣ୍ଡର ମଙ୍ଗଖୋନ୍ ବୁନ୍‌ସୁନ ଏବଂ ସିରିପଙ୍ଗ ଟିମାରୋମ୍‌ଙ୍କୁ ଭେଟିବେ। ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ଏହାକୁ ମିଶାଇ ପ୍ରମୋଦ ଖେଳିଥିବା ୮ ଟୁର୍ନାମେଣ୍ଟରୁ ୭ଟିରେ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଡବଲ୍ସରେ ୮ ଟୁର୍ନାମେଣ୍ଟରୁ ଏହା ତାଙ୍କର ୬ଷ୍ଠ ଫାଇନାଲ ପ୍ରବେଶ।



ପ୍ରମୋଦ ଭଗତ ରିଟର୍ନ ଶଟ୍ ଖେଳୁଛନ୍ତି।

## ଜାତୀୟ ଜୁନିୟର ଉଶୁରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୧୮ତମ ଜାତୀୟ ଜୁନିୟର ଉଶୁ ପ୍ରତିଯୋଗିତାରେ ଓଡ଼ିଶାକୁ ୪ଟି ପଦକ ମିଳିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ ପଦକ ସାମିଲ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାନ୍‌ସୋଉ ୪୮ କେଜି ବିଭାଗରେ ବବଲୁ ମୁଣ୍ଡା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୂର୍ବରୁ ଜାତୀୟ, ଏସୀୟ ଏବଂ ବିଶ୍ୱ ଉଶୁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବା ବବଲୁ ଏଥର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୨୦୧୮ରେ ବ୍ରାଜିଲରେ ଅନୁଷ୍ଠିତ ବିଶ୍ୱ ଉଶୁ ଏବଂ ଚଳିତବର୍ଷ ବ୍ରୁନେଇରେ ଅନୁଷ୍ଠିତ ଏସୀୟ ଉଶୁ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୌଲୁ ବିଭାଗର ଜିଆନ୍‌ଶୁ ବର୍ଗରେ ସୌଭାଗ୍ୟ ଶ ରନ ଏବଂ ନାନ୍‌ଗୁନ୍ ଓ ନାନ୍‌ଦାଓ ବର୍ଗରେ ସୋନାଲି ବାରିକ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପଙ୍କଜ ମହାନ୍ତ ଏବଂ ଅନୁରାଧା ଦୋରା ଓଡ଼ିଶା ଦଳର ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସଫଳତା ପାଇଁ ଉଶୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ବିଜୟୀ ୩ ଓଡ଼ିଆ ଉଶୁ ଖେଳାଳି।

## ପଞ୍ଚାଲଙ୍କ ଶତକ: ଭାରତ-ଏ ସିରିଜ ବିଜୟୀ

**ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର**

ମହୀଶୂର, ୨୦୧୯ (ପି.ଟି.)

ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ମଧ୍ୟରେ ସ୍ଥାନୀୟ ଶ୍ରୀକାନ୍ତଦତ୍ତ ନରସୀମା ରାଜା ୱାଡିୟର ଗ୍ରାଉଣ୍ଡରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ଫଳରେ ଋଦ୍ଧିମାନ ଶାହଙ୍କ ନେତୃତ୍ୱାଧୀନ ଭାରତ-ଏ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୦ରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା-ଏ ୭ ଉଇକେଟ୍‌ରେ ହାରିଯାଇଥିଲା।

୧୭ ରନରେ ଅଗ୍ରଣୀ ଥାଇ ୨ୟ ଇନିଂସ ଆରମ୍ଭ କରି ଭାରତ-ଏ ଗୁରୁବାର ୩ୟ ଦିବସ ଶେଷ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୧୪ ରନ କରିଥିଲା। ଶୁକ୍ରବାର ଅନ୍ତିମ ତଥା ୪ର୍ଥ ଦିବସରେ ଭାରତ-ଏ ଓପନର୍ ପ୍ରିୟଙ୍କ ପଞ୍ଚାଲଙ୍କ ଶତକ ବଳରେ ୭୦ ଓଭରରେ ୩ ଉଇକେଟ୍ ହରାଇ ୨୦୨ ରନ ସଂଗ୍ରହ କରିବା ସହ ମୋଟ୍ ଉପରେ ୨୧୯ ରନରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଭାରତ-ଏ ୨ୟ ଇନିଂସ ଘୋଷଣା କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା-ଏ ସମ୍ମୁଖରେ ପାଖାପାଖି ୨୬ ଓଭରରେ ୨୨୦ ରନର ଟାର୍ଗେଟ୍ ରହିଥିଲା।

ମ୍ୟାଚ୍‌ରୁ ଫଳାଫଳ ନ ବାହାରିବା ସ୍ପଷ୍ଟ ହୋଇଯିବା ପରେ ଉଭୟ ଦଳର ଅଧିନାୟକ ଡ୍ର' ରଖିବା ପାଇଁ ରାଜି ହୋଇଯାଇଥିଲେ। ଗୁଜରାଟ ବ୍ୟାଟ୍ସମ୍ୟାନ ପଞ୍ଚାଲ ୧୯୨ ବଲରୁ ୧୦୯ ରନ (୯ ଚୌକା, ୪ ଛକା) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ ୩୭, ଋଦ୍ଧିମାନ ଶାହ ୧ ଓ ଶୁବମନ ଗିଲ ଖାତା ଖୋଲିପାରି ନ ଥିବାବେଳେ କରୁଣ ନାୟାର ୫୧ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଡାନ୍ ପିଏଡେଟ୍ ୨ଟି ଉଇକେଟ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା-ଏ'ର ପ୍ରଥମ ଇନିଂସରେ ୧୬୧ ରନର ଇନିଂସ ଖେଳିଥିବା ଅଧିନାୟକ ଏଡେନ ମାରକ୍ରାମଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:**

ଭାରତ-ଏ ପ୍ରଥମ ଇନିଂସ: ୪୧୭ ଅଲ୍‌ଆଉଟ୍

ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ: ୪୦୦ ଅଲ୍‌ଆଉଟ୍

ଭାରତ-ଏ ୨ୟ ଇନିଂସ: ୨୦୨/୩

## ଘୋଷକ ଅମିୟ ଚାନ୍ଦ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ

ଭୁବନେଶ୍ୱର, ୨୦୧୯ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାର ବରିଷ୍ଠ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସମ୍ମାନିତ କରିଛନ୍ତି। ଚଳିତ ବର୍ଷ 'ଇଣ୍ଟରନ୍ୟାଶନାଲ ଏକ୍ସିଲେନ୍ସି ପୁରସ୍କାର'ରେ ସମ୍ମାନିତ କରାଯାଇଛି। କ୍ରୀଡ଼ା ମାଧ୍ୟମରେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହିତ ସୁସ୍ଥ ସମାଜ ଗଠନ କରିହେବ ବୋଲି ଚାନ୍ଦ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ବାର୍ତ୍ତା ଦେଇଥାନ୍ତି। ସେଥିପାଇଁ ତାଙ୍କୁ ଏପ୍ରିଲ ୨୮ରେ ଶ୍ରୀଲଙ୍କାର କଲମ୍ବୋଠାରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଗତବର୍ଷ ଲଣ୍ଡନ ହାଉସ ଅଫ୍ କମନ୍ସ ୱେଷ୍ଟ ମିନିଷ୍ଟରଠାରେ ଥିବା ଷ୍ଟେଞ୍ଜର୍ସ ହଲ୍‌ରେ ଆୟୋଜିତ ଗ୍ଲୋବାଲ କନ୍‌କ୍ଲେଭରେ ଚାନ୍ଦଙ୍କୁ ଇଂଲଣ୍ଡ ପାର୍ଲାମେଣ୍ଟ ମେମ୍ବର ବିରେନ ଶର୍ମା 'ମହାତ୍ମା ଗାନ୍ଧୀ' ସମ୍ମାନରେ ସମ୍ମାନିତ କରିଥିଲେ। ଦେଶର ଏହି ବରିଷ୍ଠ କ୍ରୀଡ଼ା ଘୋଷକ ୨ଟି ଅନ୍ତର୍ଜାତୀୟ ସମ୍ମାନ ପାଇଥିବାରୁ ଏହା ରାଜ୍ୟ ଓ ଦେଶର ଗୌରବ ବୋଲି ରାଜ୍ୟପାଳ ଏହି କାର୍ଯ୍ୟକ୍ରମ ଅବସରରେ କହିଛନ୍ତି।

## ମହିଳା ବାଇକ୍ ରାଲି ପ୍ରତି ଉତ୍ସାହ ବଢ଼ୁଛି



ଖବରଦାତା ସମ୍ମିଳନୀରେ ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ (ଓଡବ୍ଲ୍ୟୁଏସି) ଆନୁକୂଲ୍ୟରେ ଚଳିତମାସ ୨୨ ତାରିଖରେ ଏକ ମହିଳା ବାଇକ୍ ରାଲି ଆୟୋଜନ ହେବାକୁ ଯାଉଛି। ଏହି ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର, ରୂପାଲି, ଆଚାର୍ଯ୍ୟବିହାର ଛକ ଦେଇ ରବୀନ୍ଦ୍ରମଣ୍ଡପଠାରେ ଶେଷ ହେବ। ଏହି ରାଲିରୁ ଜଣେ ଦୁଃସାହସିକ ମହିଳାଙ୍କୁ ଚୟନ କରାଯାଇ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଟ୍ରଫି ଏବଂ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ଏହି ରାଲିରେ ଭାଗନେଇ ପାରିବେ। ପ୍ରତି ପ୍ରତିଯୋଗୀଙ୍କୁ ଟି-ଶାର୍ଟ ଓ କ୍ୟାପ ପ୍ରଦାନ କରାଯିବ। ଅଧିକରୁ ଅଧିକ ମହିଳା ଏହି ବାଇକ୍ ରାଲିରେ ଯୋଗ ଦେବାପାଇଁ ମଧୁସ୍ମିତା ଅନୁରୋଧ କରିଛନ୍ତି। ଏହି ବାଇକ୍ ରାଲି ପ୍ରତି ଅହେତୁକ ଆଗ୍ରହ ପ୍ରକାଶ ପାଉଛି। ବର୍ତ୍ତମାନସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ନାମ ପଞ୍ଜୀକରଣ କରି ସାରିଲେଣି। ଏଥିରେ ଆମେ ବହୁତ ଖୁସି। ପ୍ରତିଯୋଗିତା ଦିନ ସକାଳ ୬ଟା ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଯାଇ ପାରିବ। ତେଣୁ ଏହି ସଂଖ୍ୟା ବହୁତ ବଢ଼ିବା ନେଇ ଆମେ ଆଶାବାଦୀ ବୋଲି ମଧୁସ୍ମିତା କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡବ୍ଲ୍ୟୁଏସିର ପ୍ରତିଷ୍ଠାତା ସଦସ୍ୟା ନମିତା ପଣ୍ଡା, ମିନତି ଚାଟାର୍ଜୀ, ଅନୁରାଧା ମିଶ୍ର, ଅରୁନ୍ଧତି ମିଶ୍ର ପୃଷ୍ଠପୋଷକ ନିବେଦିତା ଆଚାର୍ଯ୍ୟ, ପରାମର୍ଶଦାତା ଦିଲୀପ ଦାସ ଏବଂ ଅନୀତା ପାତ୍ର, ସୁସ୍ମିତା ଧଳ, ସନ୍ଧ୍ୟା ନାୟକ, ମଞ୍ଜୁ ମିଶ୍ର, ବିନୋଦିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ଜାତୀୟ ଜୁନିୟର ଟେନିସ କ୍ରିକେଟ**

## ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ମଥୁରାର ଜିଏଲଏ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଟେନିସ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୯ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ ଓଡ଼ିଶା ୨ୟଥରପାଇଁ ଟାଇଟଲ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୫ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ୯.୧ ଓଭରରେ ୫୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୨ ଓଭରରେ ୮ ରନ ବିନିମୟରେ ୩ ଉଇକେଟ ହାସଲ କରିଥିବା ଓଡ଼ିଶାର ହିତେଶ ରାଉତ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶାର ସ୍ମୃତି ଚନ୍ଦନ ଦାସ ମୋଟ ୧୫୩ ରନ ଏବଂ ୮ ଉଇକେଟ ହାସଲ କରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। କ୍ୱାର୍ଟର ଫାଇନାଲରେ ମୁମ୍ବାଇକୁ ୬୫ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ପ୍ରଥମ ସେମିଫାଇନାଲରେ ୮୬ ରନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ଏହି ସଫଳତା ପାଇଁ ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସଭାପତି ଅବିନାଶ ସାହୁ, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, ରାଜେନ୍ଦ୍ର ମହାରଣା, ଦେବବ୍ରତ ସାହୁ, ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର, ଯୁଗ୍ମ ସମ୍ପାଦକ ସୋଭେନ ମହାରଣା, କୋଷାଧ୍ୟକ୍ଷ ରାଗିଣୀ ମିତ୍ର, ପରାମର୍ଶଦାତା ଅଖିଳେଶ୍ୱର ତିୱାରୀ ଓ ବାରିଜରଞ୍ଜନ ମହାନ୍ତି ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଟେନିସ କ୍ରିକେଟ୍ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ପ୍ରଥମ ମହିଳା ଟି୨୦ ୱାର୍ମ ଅପ୍ ମ୍ୟାଚ୍ ବାତିଲ

ସୁର ଟ,୨୦୧୯(ପିଟି): ଦକ୍ଷିଣ ଆଫ୍ରିକା ଓ ବୋର୍ଡ ଏକାଦଶ ମଧ୍ୟରେ ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ଟି୨୦ ୱାର୍ମ ଅପ୍ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍ ରବିବାର ଲାଲଭାଇ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଏହାପରେ ୩ ଦିନିକିଆ ସିରିଜ୍ ଖେଳାଯିବାର ଅଛି। ଏବେ ସଭିଙ୍କ ନଜର ଦଳରେ ପ୍ରଥମ ଥର ପାଇଁ ସ୍ଥାନ ପାଇଥିବା ୧୫ ବର୍ଷୀୟ ଶେଫାଲି ବର୍ମାଙ୍କ ଉପରେ ରହିଛି।

### ପ୍ରଥମ ରାଉଣ୍ଡରେ ହାରିଲେ ସୁଶୀଲ



ନୁର-ସୁଲତାନ (କାଜାଖସ୍ତାନ),୨୦୧୯: ଦୀର୍ଘ ୮ ବର୍ଷ ପରେ ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଇଥିବା ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି। ୭୪ କିଗ୍ରା ବର୍ଗରେ ସେ ପ୍ରଥମ ରାଉଣ୍ଡ ବାଉଟରେ ଆଜାରବଇଜାନର ଖାଦଜିମୁରାଦ ଗାଡଜିୟେଭଙ୍କଠାରୁ ହାରିଛନ୍ତି। ନିଜର ସମ୍ପୂର୍ଣ୍ଣ ଅଭିଜ୍ଞତା ବଳରେ ସୁଶୀଲ ଏକଦା ୯-୪ ପଏଣ୍ଟରେ ଆଗୁଆ ଥିଲେ। କିନ୍ତୁ କ୍ରମାଗତ ୭ ପଏଣ୍ଟ ହରାଇ ବାଉଟ୍ ହାତଛଡ଼ା କରିଥିଲେ। ବର୍ତ୍ତମାନ ସୁଶୀଲଙ୍କୁ ନିଜ ଭାଗ୍ୟ ଜାଣିବା ପାଇଁ ଗାଡଜିୟେମଙ୍କ ଅଭିଯାନ ଉପରେ ନଜର ରଖିବାକୁ ପଡ଼ିବ। ଗାଡଜିୟେମ ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହେଲେ ସୁଶୀଲଙ୍କୁ ବ୍ରୋଞ୍ଜ ପଦକ ସହ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ। ଏକମାତ୍ର ଭାରତୀୟ ଭାବେ ୨୦୧୦ରେ ମସ୍କୋରେ ବିଶ୍ୱ ଟାଇଟଲ ଜିତିଥିଲେ।

### ଚାଇନା ଓପନରେ ଭାରତର ଅଭିଯାନ ଶେଷ

ଚଙ୍ଗ୍‌ଝୋ,୨୦୧୯(ପିଟି): ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଅନ୍ତିମ ଶଟଲର ଭାବେ ବି. ସାଇ ପ୍ରଣୀଥ ବିଶ୍ୱର ୯ମ ର୍‍ୟାଙ୍କ ଆଣ୍ଟୋନୀ ସିନିସୁକା ଗିଣ୍ଟିଂଙ୍କଠାରୁ ପରାସ୍ତ ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ଠାରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ପ୍ରଣୀଥ ୨୧-୧୬, ୬-୨୧, ୧୬-୨୧ ଗେମ୍‌ରେ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଖେଳାଳି ପରାଜୟ ସହ ବିଦାୟ ନେଇସାରିଛନ୍ତି।

# ଓସିଏ ନିର୍ବାଚନ: ପ୍ରାର୍ଥୀପତ୍ର ଦାଖଲ ଶେଷ

କଟକ ଅଫିସ,୨୦୧୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ୬ ପଦବୀ ପାଇଁ ଆବେଦନ କରିଛନ୍ତି ମୋଟ ୧୨ଜଣ ପ୍ରତିନିଧି। ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ନିମନ୍ତେ ୨ଜଣ ଲେଖାଏଁ ଆଶାୟୀ ପ୍ରାର୍ଥୀ ଥିବା ବେଳେ ଯୁଗ୍ମ ସମ୍ପାଦକ ନିମନ୍ତେ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହାଛଡ଼ା ଆପେକ୍ସ କାଉନସିଲ ପଦବୀ ନିମନ୍ତେ ମାତ୍ର ଜଣେ ଆବେଦନ କରିଛନ୍ତି। ଏହି ଆବେଦନକାରୀ ଜଣଙ୍କ ହେଲେ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ସମର୍ଥିତ କେନ୍ଦ୍ରାପଡ଼ା ଜିଲାର ଶୁଭାଶିଷ ସେନାପତି। ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏହି ପଦବୀ ନିମନ୍ତେ ପ୍ରାର୍ଥୀ ଦିଆଯାଇନାହିଁ। ଶୁଭାଶିଷଙ୍କ ପ୍ରାର୍ଥୀପତ୍ର ନାକଚ ନ ହେଲେ ମୋଟ ୬ ପଦବୀ ଭିତରୁ ଗୋଟିଏ ପଦବୀରେ ଏହି ଗୋଷ୍ଠୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ନିଶ୍ଚିତ। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା କରାଯିବ। ୨୧ ତାରିଖ ଦିନ ୧୨ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯିବ। ସେହିଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ଦିନ ୧ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ଧାର୍ଯ୍ୟ କରାଯାଇଛି।

ଦିନ ପ୍ରାୟ ୨ଟା ସମୟରେ ଆଶୀର୍ବାଦଙ୍କ ଗୋଷ୍ଠୀର ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଓସିଏ କ୍ଲବ ପରିସରରୁ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଏମାନେ ପ୍ରାର୍ଥୀପତ୍ର ଦାଖଲ ସ୍ଥଳକୁ ଆସିଥିଲେ। ୬ଟି ପଦବୀ ନିମନ୍ତେ ଏହି ଗୋଷ୍ଠୀ ପକ୍ଷରୁ ୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ନିମନ୍ତେ ବୌଦ୍ଧ ଜିଲାର ପ୍ରତିନିଧି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ପଦବୀ ନିମନ୍ତେ କଟକ ଜିଲାର ପ୍ରତିନିଧି ତଥା ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ପଦବୀ ନିମନ୍ତେ ଖୋର୍ଦ୍ଧା ଜିଲାର ପ୍ରତିନିଧି ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ, ଉପସଭାପତି ପଦବୀ ନିମନ୍ତେ ଅନୁଗୋଳ ଜିଲାର ପ୍ରତିନିଧି ଅକ୍ଷୟ କୁମାର ସାମନ୍ତ, ଆପେକ୍ସ କାଉନସିଲ ପଦବୀ ନିମନ୍ତେ କେନ୍ଦ୍ରାପଡ଼ା ଜିଲାର ପ୍ରତିନିଧି ଶୁଭାଶିଷ ସେନାପତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କ୍ଲବଗୁଡ଼ିକୁ ଏକାଠି କରି ନିର୍ବାଚନକୁ ଓହ୍ଲାଇଥିବା ବିପକ୍ଷ ଗୋଷ୍ଠୀ ପକ୍ଷରୁ ୬ଟି ପଦବୀ ନିମନ୍ତେ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୟୁନିୟନ ସ୍ପୋର୍ଟିଂ କ୍ଲବର ପ୍ରତିନିଧି ପ୍ରଦୀପ ଚୌହାନ ସଭାପତି, ମଙ୍ଗଳା କ୍ଲବର ପ୍ରତିନିଧି ନବରଞ୍ଜନ ପଟ୍ଟନାୟକ ସମ୍ପାଦକ, ସୋନପୁର ଜିଲାର ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ଉପସଭାପତି, ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ ଯୁଗ୍ମ ସମ୍ପାଦକ ଓ ଜଗତ୍‌ସିଂହପୁର ଜିଲାର ପ୍ରତିନିଧି ଅନିଲ କୁମାର ବିଶ୍ୱାଳ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏମାନେ ଅପରାହ୍ନ ପ୍ରାୟ ୪ଟା ସମୟରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଷ୍ଟାଡିୟମ ପରିସରରେ ପହଞ୍ଚିଥିଲେ। ଓସିଏର ଦୁଇ ମୁଖ୍ୟ ପଦବୀ ସଭାପତି ପଦବୀ ନିମନ୍ତେ ଆଶାୟୀ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହାନ ରହିଥିବା ବେଳେ ସମ୍ପାଦକ ପଦବୀ ପାଇଁ ସଞ୍ଜୟ ବେହେରା ଓ ନବରଞ୍ଜନ ପଟ୍ଟନାୟକ ସାମ୍ନାସାମ୍ନି ହେବେ।



ସଞ୍ଜୟ ବେହେରା



ପଙ୍କଜ ଲୋଚନ ମହାନ୍ତି



ନବରଞ୍ଜନ ପଟ୍ଟନାୟକ



ପ୍ରଦୀପ ଚୌହାନ

**୬ ପଦବୀ ପାଇଁ ୧୨ ଆବେଦନ**
**ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି ଶୁଭାଶିଷ**




### ଆକଳନରେ ଅଟକିଛି ଅଙ୍କକଷା

କେବଳ ଆକଳନ ଚାଲିଛି। କେଉଁ ଗୋଷ୍ଠୀର ପଲା ଭାରି ରହିଛି ତାହାକୁ ନେଇ ଦିନକୁ ଦିନ ନୂଆ କଥା ଶୁଣିବାକୁ ମିଳୁଛି। ସ୍କୁଲ, କଲେଜ ଭୋଟ ଉଭୟ ଗୋଷ୍ଠୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିଲେ ସୁଦ୍ଧା ଏବେବି ଜିଲା ଓ କ୍ଲବର ଭୋଟଗୁଡ଼ିକ କୌଣସି ଗୋଷ୍ଠୀ ପାଇଁ ସ୍ପଷ୍ଟ ହେଉନି। ମିଳିଥିବା ଖବର ଅନୁଯାୟୀ, ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶା ଜିଲାର ଭୋଟଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**୧୧ତମ ଜନ୍ମଦିନ ଶୁଭେଚ୍ଛା**



ଜିଶକ୍ତି ସ୍ୱରୂପ
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ପିତାବଳୀଙ୍କ କୃପାରୁ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ବାପା, ବୋଉ, ବଡବାପା, ବଡବୋଉ, ଦାଦା, ନାନୀ, ମାମୁ, ଅପା, ଭାଇ ଓ ପ୍ରେରିତ
ଧ-୧୪୪୨୭

**ଜନ୍ମଦିନ ଶୁଭେଚ୍ଛା**



ସୁଚିତ୍ରା ରାଏ (ପ୍ରିତୀ)
ଖଣ୍ଡାୟତ ସାହି, ଶିଶୁପାଳଗଡ଼
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ରାଏ ପରିବାର
ଧ-୧୪୪୨୮

### କୋହଲି ରହିବେ ଆରସିବି ଅଧିନାୟକ

ବେଙ୍ଗାଲୁରୁ,୨୦୧୯: ବିରାଟ କୋହଲିଙ୍କ ନେତୃତ୍ୱରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଥରେ ହେଲେ ଆଇପିଏଲ ଟ୍ରଫି ହାସଲ କରିପାରି ନାହିଁ। ହେଲେ ଫ୍ରାଞ୍ଚାଇଜ ଦଳର ନେତୃତ୍ୱରେ କୌଣସି ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହେଁ। ଗୁରୁବାର ଆରସିବି ତା'ର ନୂଆ ସପୋର୍ଟ ଷ୍ଟାଫ ଘୋଷଣା କରିଛି। ଦଳର ନୂଆ ଡିରେକ୍ଟର ମାଇକ ହେସନ ଅଧିନାୟିକତ୍ୱରେ ପରିବର୍ତ୍ତନ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପଙ୍ଘାଲ

**ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍**

ଏକାଟେରିନବର୍ଗ(ରୁଷିଆ), ୨୦୧୯(ପିଟି)

ଏସିଆନ ଚାମ୍ପିୟନ ଅମିତ ପଙ୍ଘାଲ (୫୨ କିଗ୍ରା) ଶୁକ୍ରବାର ପ୍ରଥମ ଭାରତୀୟ ବକ୍ସର ଭାବେ ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିଛନ୍ତି। ହରିୟାଣାର ଯୁବ ବକ୍ସର ଅମିତ୍ ସେମିଫାଇନାଲରେ କାଜାଖସ୍ତାନର ସାକେନ ବିବୋସିନୋଭଙ୍କୁ ହରାଇ ଦେଇଛନ୍ତି। ଦ୍ୱିତୀୟ ସିଡ୍ ପଙ୍ଘାଲ ୩-୨ ବ୍ୟବଧାନରେ ମ୍ୟାଚ୍‌କୁ ଜିତି ନେଇଛନ୍ତି। ସେ ଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଉଜବେକିସ୍ତାନର ଶାଖୋବିଦ୍ଦିନ ଜୋଇରୋଭଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ଜୋଇରୋଭ ଫ୍ରାନ୍ସର ବିଲାଲ ବେନ୍ନାମାଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟତମ ଭାରତୀୟ ବକ୍ସର ମନୀଷ କୌଶିକ (୬୩ କିଗ୍ରା)ଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ ସେମିଫାଇନାଲରେ ୦-୫ରେ ଏକପାଖିଆ ଭାବେ କ୍ୟୁବାର ଆଣ୍ଡି ଗୋମେଜ କ୍ରୁଜଙ୍କ ନିକଟରୁ ହାରି ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି।

୨୩ ବର୍ଷୀୟ ପଙ୍ଘାଲଙ୍କ ଅଭିଯାନ ୨୦୧୭ରୁ ଏସିଆନ୍ ଚାମ୍ପିୟନଶିପରୁ ଆରମ୍ଭ ହୋଇଛି। ସେହିବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରି ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହାପରେ ସମ୍ମାନଜନକ ଷ୍ଟ୍ରାଣ୍ଡଜା ସ୍ମାରକୀ ଟୁର୍ଣ୍ଣାମେଣ୍ଟ (ବୁଲଗେରିଆ) ଓ ପରେ ୨୦୧୮ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅଲିମ୍ପିକ୍ସ ବକ୍ସିଂ ଇଭେଣ୍ଟର ବିଭିନ୍ନ ଓଜନ ବର୍ଗରୁ ୪୯ କେଜି ବର୍ଗ ବାଦ୍ ପଡ଼ିବା ପରେ ସେ ୫୨ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲେ। ଚଳିତବର୍ଷ ସେ ନୂଆ ଓଜନ ବର୍ଗରେ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ଉଲ୍ଲେଖଥାଉ କି, ବିଶ୍ୱ ଚାମ୍ପିୟନଶିପ୍‌ର କୌଣସି ସଂସ୍କରଣରେ ଭାରତ ଗୋଟିଏ ବ୍ରୋଞ୍ଜ ପଦକରୁ ଅଧିକ ଜିତି ପାରିନାହିଁ। ଚଳିତ ସଂସ୍କରଣରେ କିନ୍ତୁ ୨ ପଦକ ଜିତିବା ଏକପ୍ରକାର ସୁନିଶ୍ଚିତ ହୋଇସାରିଛି। ଫାଇନାଲରେ ପ୍ରବେଶ କରି ପଙ୍ଘାଲ ଇତିହାସ ରଚିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପାଇଁ କଠିନ ପ୍ରୟାସ କରିବି ବୋଲି ପଙ୍ଘାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥିପୂର୍ବରୁ ବିଜେନ୍ଦର ସିଂ (୨୦୦୯), ବିକାଶ କ୍ରିଷ୍ଣନ (୨୦୧୧), ଶିବ ଥାପ୍ପା (୨୦୧୫) ଓ ଗୌରବ ବିଧୁରୀ (୨୦୧୭) ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ।



ଅମିତ ପଙ୍ଘାଲ

# ବଜରଙ୍ଗ, ଦାହିୟାଙ୍କୁ ବ୍ରୋଞ୍ଜ



ନୁର୍-ସୁଲତାନ, ୨୦୧୯ (ପି.ଟି.)

ବିବାଦୀୟ ଭାବେ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରୁ ସେମିଫାଇନାଲରୁ ହାରିଯାଇଥିବା ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ (୬୫ କିଗ୍ରା) ଓ ରବି ଦାହିୟା (୫୭ କିଗ୍ରା) ବ୍ରୋଞ୍ଜ ପଦକ ଜିତିଛନ୍ତି। ଶୁକ୍ରବାର ଏଠାରେ ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ୨୫ ବର୍ଷୀୟ ବଜରଙ୍ଗ ୮-୭ରେ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓକ୍‌ଚିରଙ୍କ ପରାସ୍ତ କରିଛନ୍ତି। ସେହିଭଳି ରବି ଏସିଆନ ଚାମ୍ପିୟନ ଇରାନର ରେଜା ଆଟ୍ରି ନାଗାର୍ଚିଙ୍କୁ ୬-୩ରେ ହରାଇ ଦେଇଛନ୍ତି।

ଏଥିସହ ବିଶ୍ୱ ଚାମ୍ପିୟନଶିପରେ ବଜରଙ୍ଗ ନିଜର ୩ୟ ପଦକ ହାସଲ କରିଛନ୍ତି। ଏହି ମୁକାବିଲା ପ୍ରାରମ୍ଭରୁ ବଜରଙ୍ଗଙ୍କ ଉପରେ ତୁମୁର ପ୍ରଭାବ ବିସ୍ତାର କରି ଖେଳିଥିଲେ। ବଜରଙ୍ଗଙ୍କୁ ମ୍ୟାଟ୍ ବାହାରକୁ ପକାଇ ଦେବା ସହ ଆର୍ମ ଲକ୍ ଦ୍ୱାରା ୬-୦ରେ ଏକପାଖିଆ ଭାବେ ଅଗ୍ରଣୀ ନେଇଥିଲେ। ତେବେ ଏହାପରେ ସଫଳତା ସହ ପ୍ରତ୍ୟାବର୍ତ୍ତନ କରି ଏହି ହରିୟାଣା କୁସ୍ତିଯୋଦ୍ଧା ୮-୭ରେ ବିଜୟୀ ହୋଇଥିଲେ। ଏଥିପୂର୍ବରୁ ବଜରଙ୍ଗ ଗତବର୍ଷ ଏହି ପ୍ରତିଯୋଗିତାରେ ରୌପ୍ୟ ଓ ୨୦୧୩ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିଲେ। ସିଜନର ଏହା ପ୍ରଥମ ପ୍ରତିଯୋଗିତା ହୋଇଥିବାବେଳେ ବଜରଙ୍ଗ ଫାଇନାଲକୁ ପ୍ରବେଶ କରି ନ ଥିଲେ ମଧ୍ୟ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ସେମିଫାଇନାଲରେ ୨୫ ବର୍ଷୀୟ ବଜରଙ୍ଗଙ୍କୁ ବିବାଦୀୟ ପରିସ୍ଥିତିରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ସେମିଫାଇନାଲରେ ତାଙ୍କ ମୁକାବିଲା ଘରୋଇ ରେସ୍‌ଲର ଦଉଲେଟ୍ ନିୟାଜବେକୋଭଙ୍କ ସହ ହୋଇଥିଲା। ଉଭୟ ରେସ୍‌ଲର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ସମାନ ୯-୯ ପଏଣ୍ଟ ସ୍କୋର କରିଥିଲେ। ନିୟାଜବେକୋଭଙ୍କୁ ବାଉଟ୍‌ର ଏକ ଥ୍ରୋ'ରେ ଏକାଥରକେ ୪ ପଏଣ୍ଟ ମିଳିଥିବାରୁ ଶେଷରେ ତାଙ୍କୁ ରେଫରି ବିଜୟୀ ଘୋଷିତ କରିଥିଲେ।

# ଅଂଶୁ ଚାମ୍ପିୟନ, ପୁରୁ ରନର୍ସଅପ୍



ଟ୍ରଫି ସହ ଅତିଥିଙ୍କ ଗହଣରେ ଅଂଶୁ କୁମାର ଭୂୟାଁ ଓ ପୁରୁ ଉପାଧ୍ୟାୟ।

**ଏଆଇଟିଏ-ଓଟିଏ ଟେନିସ**

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସ ବିଭାଗରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୩୨ତମ ସ୍ଥାନରେ ଥିବା ଟପ୍ ସିଡ୍ ଅଂଶୁକୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ଅଂଶୁ ଫାଇନାଲରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୧୩୬ତମ ସ୍ଥାନରେ ଥିବା ୩ୟ ସିଡ୍ ଗୁଜରାଟର ପୁରୁ ଉପାଧ୍ୟାୟଙ୍କୁ ସିଧାସଳଖ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ଆୟୋଜକ ଓଡ଼ିଶାରୁ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ର୍‍ୟାଙ୍କିଙ୍ଗ୍ ଏଆଇଟିଏ ପଏଣ୍ଟ ହାସଲ କରିଛନ୍ତି। ପୁରସ୍କାର ଆକାରରେ ଅଂଶୁଙ୍କୁ ୧୨,୪୦୦ ଓ ପୁରୁଙ୍କୁ ୮,୪୦୦ଟଙ୍କା ପ୍ରଦାନ କରାଯାଇଛି। ଜେଟ୍ ଏୟାରୱେଜ୍‌ର ପୂର୍ବତନ ଉପସଭାପତି ପି.କେ. ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ, ରେଫରି ଯତୀନ ବୈଶ୍ୟ, ଗୁରୁକୁଳ ରିସର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରାବିଡ଼ଙ୍କ ସହ ସମୟ ବିତାଇଲା ଟିମ୍ ଇଣ୍ଡିଆ

ବେଙ୍ଗାଲୁରୁ,୨୦୧୯

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ୍‌ର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅପଶନାଲ ଟ୍ରେନିଂ ସେସନରେ ଯୋଗ ଦେଇଥିଲା। ଭାରତୀୟ ଦଳର ଖେଳାଳିଙ୍କ ଟ୍ରେନିଂ ଉପରେ କଡ଼ା ନଜର ରଖିଥିଲେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ। ଏହି ଅବସରରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ ପୂର୍ବତନ ଭାରତୀୟ ଅଧିନାୟକ ତଥା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ରାହୁଲ ଦ୍ରାବିଡ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଟିମ୍ ଇଣ୍ଡିଆର ସଦସ୍ୟଙ୍କୁ ଭେଟିଥିଲେ। ବିସିସିଆଇ ଏହାକୁ ନେଇ ଏକ ଫଟୋ ପୋଷ୍ଟ କରିଛି, ଯେଉଁଥିରେ ଦ୍ରାବିଡ ଓ ଶାସ୍ତ୍ରୀ ପରସ୍ପରକୁ ଭେଟୁଛନ୍ତି। ଏହାର କ୍ୟାପଶନରେ ବିସିସିଆଇ ଲେଖିଛି, ଭାରତୀୟ କ୍ରିକେଟର ଦୁଇ କିମ୍ବଦନ୍ତୀ। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ମୋହାଲିଠାରେ ଅନୁଷ୍ଠିତ ମ୍ୟାଚ୍‌କୁ ଭାରତୀୟ ଦଳ ୭ ଉଇକେଟ ଜିତିନେଇଥିଲ। ଭାରତୀୟ ଦଳ ୩ୟ ଟି୨୦ ଜିତି ସିରିଜ୍ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି।



କୋଚ୍ ରବି ଶାସ୍ତ୍ରୀଙ୍କ ସହ ରାହୁଲ ଦ୍ରାବିଡ।

# ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାର



ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାର ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲରେ ଅନୁଷ୍ଠିତ ହୋଇ ଯାଇଛି। ଓକିନଓ୍ୱା କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ଏହି ସେମିନାରକୁ ଓଡ଼ିଶା ମୁଖ୍ୟ ସେନ୍‌ସେଇ ସୌମ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ। ତାଙ୍କୁ ଜ୍ଞାନରଞ୍ଜନ ନନ୍ଦ ସହଯୋଗ କରିଥିବାବେଳେ ଟ୍ରେନିଂ ପ୍ରୋଗ୍ରାମରେ ୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଟ୍ରେନିଂ ସେସନ ପରେ ପ୍ରଦର୍ଶନ ଭିତ୍ତିରେ ପିଲାମାନଙ୍କୁ ବେଲ୍ଟ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲର ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ, ପ୍ରିନ୍ସିପାଲ ଜି. ରାମ କିଶୋର, ଭାଇସ୍ ପ୍ରିନ୍ସିପାଲ ବିଜୟ ନାୟକ, ସୋନାଲି ସିଂ ଓ ମିନତି ରଥ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କ୍ରିକେଟ ରେସ୍ତୋରାଁ ଉଦ୍‌ଘାଟନ କଲେ ଗାଙ୍ଗୁଲି

କୋଲକାତା,୨୦୧୯(ପିଟି)

ଏଠାରେ କ୍ରିକେଟ ଉପରେ ଆଧାରିତ ରେସ୍ତୋରାଁକୁ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ରେସ୍ତୋରାଁରେ ରହିଛି ଭାରତୀୟ କ୍ରିକେଟର ୧୦୦ରୁ ଅଧିକ ସ୍ମାରକୀ। ମୁଁ ଶ୍ରୀଲଙ୍କା, ଇଂଲଣ୍ଡ ଭଳି ଦେଶରେ କ୍ରିକେଟ ଉପରେ ଆଧାରିତ ରେସ୍ତୋରାଁ ଦେଖିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ବହୁ ସ୍ମରଣୀୟ ମୁହୂର୍ତ୍ତ ରହିଛି। କ୍ରିକେଟ ଫ୍ୟାନମାନଙ୍କ ପାଇଁ ଏହା ଉପଯୋଗୀ ରେସ୍ତୋରାଁ ବୋଲି ଗାଙ୍ଗୁଲି କହିଛନ୍ତି। ରେସ୍ତୋରାଁରେ ସ୍ଥାନ ପାଇଥିବା ସ୍ମାରକୀରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀ, ଶାହିଦ ଆଫ୍ରିଦୀ, କ୍ରିସ ଗେଲ, ଡେଭିଡ ୱାର୍ନରଙ୍କ ଭଳି ବହୁ କ୍ରିକେଟରଙ୍କ ହସ୍ତାକ୍ଷର ରହିଛି। ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜରେ କାର୍ଯ୍ୟ କରିଥିବା ମୋଇନ ବିନ ମକସୁଦ ଏହି ସବୁ ସ୍ମାରକୀକୁ ସଂଗ୍ରହ କରିଛନ୍ତି। ଏହି ରେସ୍ତୋରାଁରେ ପାରମ୍ପରିକ ତନ୍ଦୁର, ଇଣ୍ଡିଆନ ଓ ଚାଇନିଜ ଫୁଡ୍ ମିଳିବ।

**ମନେ ପଡ଼ନ୍ତି**
**ଏକାଦଶାହ ଉପଲକ୍ଷେ**



ସ୍ୱ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ଏଗାରଦିନ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ଶୋକସନ୍ତପ୍ତ : ରାନୁ (ପତ୍ନୀ), ମିଟୁ,ଗଣୁ (ପୁତୁରା), ମାମୁନି (ଝିଅ), ବବ୍‌ଲୁ (ନାତି), ଚୁକୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୪୪୨୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୧/୨୦୧୯ Sambalpur, Saturday, September 21 / 2019

## ■ ପଶ୍ଚିମଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ସମ୍ବଲପୁର ହିଁ ଉପଯୁକ୍ତ ସ୍ଥାନ

**ସମ୍ବଲପୁର,୧୯ ।୯ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଜାଗା ଚିହ୍ନଟ ଆଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ସଂକ୍ରାନ୍ତରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ହେଲେ ସ୍ଥାନ ପାଇଁ ଆଉ ଦ୍ୱନ୍ଦ୍ୱ ନାହିଁ । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସମ୍ବଲପୁର ହିଁ ଉପଯୁକ୍ତ ସ୍ଥାନ ବୋଲି ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି (ସିଏସି)ରେ ସାମିଲ ଥିବା ସମସ୍ତ ଓକିଲ ସଂଘ ମତପ୍ରକାଶ କରିଛନ୍ତି ବୋଲି ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଓକିଲ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏପରି କି ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ଏ ସଂକ୍ରାନ୍ତରେ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଅନ୍ୟପକ୍ଷେ ୨୦୦୭ ନଭେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯିବାକୁ ସୁପାରିସ କରିଥିଲେ। ତେଣୁ ସିଏସିର ଦାବି, ଜନତାଙ୍କ ସ୍ୱାର୍ଥ ଓ ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ଆଧାର କରି ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଶୀଘ୍ର ଘୋଷଣା କରନ୍ତୁ। କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ମଧ୍ୟ ପ୍ରଦାନ କରନ୍ତୁ। ଫଳରେ ପରବର୍ତ୍ତୀ ଲଢେଇ କେନ୍ଦ୍ର ବିରୋଧରେ କରାଯିବ। ଅନ୍ୟଥା ଗତ ବଜେଟ ଅଧିବେଶନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ଘୋଷଣା ଓ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା କେବଳ ନାମକୁ ମାତ୍ର ଥିଲା ବୋଲି ଧରି ନିଆଯିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

ତେବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଘୋଷଣା କରିବାକୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କୁ ସମୟ ଦିଆଯାଇଥିଲା। ହେଲେ ସମୟସୀମା ସରିଛି ସିନା ରାଜ୍ୟ ସରକାର ଚୁପ୍ ବସିଛନ୍ତି। ତେଣୁ ପୁଣି ଆନ୍ଦୋଳନ ହେବ। ଆସନ୍ତା ୨୬, ୨୭ ଓ ୩୦ ତାରିଖ ସାରା ପଶ୍ଚିମ ଓଡ଼ିଶାରେ ଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡିକ ବନ୍ଦ କରାଯିବ। ବୀମା କମ୍ପାନୀ, ବ୍ୟାଙ୍କ ଗୁଡିକ ମଧ୍ୟ ବନ୍ଦ ରହିବ। କେବଳ ଆମ୍ବୁଲାନ୍ସ, ଦମକଳ, ପୋଲିସ ଭଳି ଜରୁରୀ ସେବା ଓ ଶିକ୍ଷା ଅନୁଷ୍ଠାନକୁ କୋହଳ କରାଯିବ ବୋଲି ସଂଘର ବରିଷ୍ଠ ସଦସ୍ୟ ସୁରେଶ୍ୱର ମିଶ୍ର କହିଛନ୍ତି। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି , ଜିଲା ଓକିଲ ସଂଘ ଆନ୍ଦୋଳନରେ ବିଭିନ୍ନ ଅନୁଷ୍ଠାନ, କର୍ମକର୍ତ୍ତା, ସାମାଜିକ କର୍ମୀ ପୂର୍ଣ୍ଣ ସମର୍ଥନ ଦେଇ ଆସୁଛନ୍ତି। ଆଗକୁ ମଧ୍ୟ ସମସ୍ତଙ୍କ ସମର୍ଥନ ରହିବ। ଆନ୍ଦୋଳନ ପ୍ରାୟ ସଫଳ ହେବାର ଦ୍ୱାରଦେଶରେ ପହଞ୍ଚିଛି। ସରକାର ନିଷ୍ପତ୍ତି ନେବାକୁ ବାଧ୍ୟ। ନ ହେଲ ପରିଣାମ ଭୟଙ୍କର ହେବ। ଜାଗାକୁ ନେଇ ସରକାର ଯେଉଁ ବାହାନା କରୁଥିଲେ ତାହା ଦୂର ହୋଇଯାଇଛି। ଜିଲା ଓକିଲ ସଂଘ ସବୁ ସମୟରେ ଲୋକମାନଙ୍କ ସହ ରହିଛି। ଏବେ ନୂଆ ମୋଟର ଯାନ ଆଇନ ଲାଗୁ କରି ଲୋକଙ୍କୁ ହଇରାଣ କରାଯାଉଛି। ପ୍ରଥମେ ଲୋକଙ୍କୁ ସାଧାରଣ ସୁବିଧା ଦିଆଯାଉ। ରାସ୍ତା ମରାମତି କରାଯାଉ। ଟ୍ରାଫିକ ସମସ୍ୟାର ସମାଧାନ କରାଯାଉ। ପରେ ସରକାର ଜରିମାନା ଆଦାୟ କରିବେ। କର ଆଦାୟ କଲା ଭଳି ଲୋକଙ୍କ ସହ ଅନ୍ୟାୟ କରାଯାଉଛି ବୋଲି ସେ କହିଛନ୍ତି। ପ୍ରମୋଦ ରଥ କହିଛନ୍ତି, ଓକିଲ ସଂଘ ସବୁବେଳେ ଲୋକଙ୍କ ସହ ରହିଛି। ବେଞ୍ଚ ପ୍ରସଙ୍ଗରେ ହାଇକୋର୍ଟ ମୁଖ୍ୟ ବିଚାରପତି କଟକରେ କିଛି ଦିନ ତଳେ ଏକ ବୈଠକ ଡାକିଥିଲେ। ହେଲେ ହାଇକୋର୍ଟର କେତେଜଣ ଓକିଲ ଉକ୍ତ ଆଲୋଚନାରେ ଭାଗ ନ ନେଇ ଚାଲି ଯାଇଥିଲେ । ସେମାନଙ୍କ ଏଭଳି ବିଚାରଧାରା ନିନ୍ଦନୀୟ ବୋଲି ସେ କହିଛନ୍ତି। ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଦୀପ ବହିଦାର, ସୁରେନ୍ଦ୍ର ମହାନ୍ତି, ପ୍ରବୀଣ ସିଂଦେଓ, ପ୍ରାଜୋତ ଶର୍ମା, ପ୍ରମୋଦ ଡେରା ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସମ୍ବଲପୁର ଓକିଲ ସଂଘର କର୍ମକର୍ତ୍ତାମାନେ।

- ■ଜାଗାକୁ ନେଇ ଆଉ ଦ୍ୱନ୍ଦ୍ୱ ନାହିଁ
- ■ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କାର୍ଯ୍ୟକାରୀ ହେଉ
- ■ହାଇକୋର୍ଟ ଓକିଲଙ୍କ ବ୍ୟବହାରକୁ ନିନ୍ଦା
- ■୨୬, ୨୭, ୩୦ରେ ସରକାରୀ ଅଫିସ ବନ୍ଦ

## ସଂକ୍ଷେପରେ

### ପୋଷ୍ଟ ଅଫିସ୍ ସାମ୍ନାରୁ ୧.୬୦ ଲକ୍ଷ ଲୁଟ୍

**ବାହାନଗା,୨୦।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୋଷ୍ଟଅଫିସ୍ ସାମ୍ନାରୁ ଶୁକ୍ରବାର ଏକ ମଟରସାଇକେଲର ଡିକି ଭାଙ୍ଗି ଦୁଇ ଜଣ ଦୁର୍ବୃତ୍ତ ୧ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପଣ୍ଡାଶୁଣି ପଞ୍ଚାୟତ ମଙ୍ଗିଁଷାପଟା ଗ୍ରାମର ବିଜୟ ପାଣିଗ୍ରାହୀ ଷ୍ଟେଟ୍‌ବ୍ୟାଙ୍କ, ଗୋପାଳପୁର ଶାଖାରୁ ୪ଲକ୍ଷ ଟଙ୍କା ଉଠାଇ ନିଜର ମଟରସାଇକେଲ ଡିକିରେ ରଖିଥିଲେ। ଏହାପରେ ସେ ଉକ୍ତ ଟଙ୍କାକୁ ଫିକ୍ସ ଡିପୋଜିଟ୍ କରିବା ପାଇଁ ଗୋପାଳପୁର ପୋଷ୍ଟ ଅଫିସ୍‌କୁ ଆସିଥିଲେ। ପୋଷ୍ଟ ଅଫିସ୍ ସାମ୍ନାରେ ବିଜୟ ମଟରସାଇକେଲ ରଖି ଭିତରକୁ ଯାଇ କର୍ମଚାରୀଙ୍କ ସହ ଆଲୋଚନା କରୁଥିବା ବେଳେ ତାଙ୍କୁ ପିଛା କରି ଆସିଥିବା ୨ଜଣ ଯୁବକ ତାଙ୍କ ମୋଟରସାଇକେଲର ଡିକି ଭାଙ୍ଗି ଟଙ୍କା କାଢୁଥିଲେ। ଏହି ସମୟରେ ବିଜୟ ଫେରି ଆସିବାରୁ ଉକ୍ତ ଯୁବକଦ୍ୱୟ ସେଥିମଧ୍ୟରୁ କିଛି ଟଙ୍କା ଧରି ସେଠାରୁ ଚମ୍ପଟ ମାରିଥିଲେ। ତେବେ ବିଜୟ ଗାଡି ପାଖକୁ ଆସି ଟଙ୍କା ଗଣିବା ପରେ ସେମାନେ ୪ଲକ୍ଷରୁ ୧ଲକ୍ଷ ୬୦ ହଜାର ଟଙ୍କା ଧରି ଚମ୍ପଟ ମାରିଥିବା ଜାଣିବାକୁ ପାଇଥିଲେ। ଏ ବିଷୟରେ ସେ ତୁରନ୍ତ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ୍ ତଦନ୍ତ ଆରମ୍ଭ କରିଥିଲେ ମଧ ଦୁର୍ବୃତ୍ତମାନଙ୍କ ଟେର ପାଇପାରିନାହିଁ।

# ବାବୁଲାଙ୍କ ହାତରେ ଆଲୋକିତ ହୁଏ ସହର

ବାବୁଲା ସାହୁ, ବୟସ ୫୦। ଦେବଗଡ଼ ଜିଲା ପୌରାଞ୍ଚଳ ୭ ନଂ. ୱାର୍ଡ ସରତଲାର ବାସିନ୍ଦା। ୨୦୦୭ ମସିହାରୁ ଆଜି ପର୍ଯ୍ୟନ୍ତ ସେ ସୁଇଚ୍ ଟିପିଲେ ଦେବଗଡ଼ରେ ଆଲୁଅ ଜଳେ। ଆଲୋକିତ ହୁଏ ସହର । ସ୍ଥାନୀୟ ବିଦ୍ୟୁତ୍ ବିଭାଗରେ ଜଣେ ଠିକା ଶ୍ରମିକ ଭାବେ କାମ କରୁଥିବା ବାବୁଲାଙ୍କ ଆଗରେ ବୟସ ଯେପରି ହାର ମାନିଛି। ଆଜି ବି ସେ ଦିନକୁ ୧୫ରୁ ୨୦ କିଲୋମିଟର ସାଇକେଲ ଚଳାଇ ଏହି କାମ କରି ଉଦାହରଣ ସୃଷ୍ଟି କରିଛନ୍ତି। ସେ କହନ୍ତି, ପ୍ରତିଦିନ ଭୋରୁ ଉଠି ନିଜର ନିତ୍ୟକର୍ମ ସାରିବା ପରେ ସାଇକେଲ ଧରି ଦେବଗଡ ସହରର ୧୧ଟି ୱାର୍ଡରେ ବୁଲେ । ୧୪୨ରୁ ଊର୍ଦ୍ଧ୍ୱ ସାହିରେ ଲାଗିଥିବା ଷ୍ଟ୍ରିଟଲାଇଟର ସୁଇଚ୍ ବନ୍ଦ କରେ । ଫଳରେ ୧୦୦୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟଲାଇଟ ସୁଇଚ୍ ଅଫ୍ ହୁଏ। ଏହି କାମ ଶେଷ ହେବା ପରେ ମୁଁ ଘରକୁ ଫେରେ। କିଛି ଜଳଖିଆ ଖାଇବା ପରେ ଅନ୍ୟ କାମରେ ଲାଗି ଯାଏ। ଘର ପାଖରେ କାହାର ଲାଇଟ ଜଳୁ ନ ଥିଲେ, ବିଦ୍ୟୁତ୍ ଲାଇନ୍ ଖରାପ ଥିଲେ ମରାମତି କରିଦିଏ। ଯିଏ ଯାହା ଦିଏ ଖୁସିରେ ଗ୍ରହଣ କରେ। ସକାଳ କାମ ସରିଲା ପରେ ଦିନ ୯ ଟାରେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଏ। ସହରରେ କୌଣସି ସାହିରେ କାହାର କିଛି ବିଦ୍ୟୁତ୍ ସମସ୍ୟା ହେଲେ, କେଉଁଠି ଷ୍ଟ୍ରିଟ ଲାଇଟ ଖରାପ ଥିଲେ ବା ଜଳୁ ନ ଥିଲେ ମୁଁ ମୋ ସାଇକେଲରେ ଶିଡ଼ି ଧରି ବାହାରିଥାଏ ମରାମତି କରିବା ପାଇଁ। କାର୍ଯ୍ୟାଳୟରୁ ଆସିବା ପରେ ମଧ୍ୟାହ୍ନ ଭୋଜନ । ତା'ପରେ କିଛି ସମୟ ବିଶ୍ରାମ । ପୁଣି ଅପରାହ୍ନ ୫ରୁ ସନ୍ଧ୍ୟା ୭ଟା୩୦ ପର୍ଯ୍ୟନ୍ତ ସହର ସାରା ବୁଲି ବୁଲି ସୁଇଚ୍ ଅନ୍ କରେ। ରାତି ୮ଟାରେ ଘରକୁ ଫେରି ପରିବାର ସହିତ ସମୟ କାଟେ। ରାତ୍ର ଭୋଜନ ପରେ ଶୋଇବାକୁ ଯାଏ ।ବାବୁଲାଙ୍କ ପରିବାର କହିଲେ ସ୍ତ୍ରୀ ସୌଦାମିନୀ, ଗୋଟିଏ ପୁଅ ଗୋଟିଏ ଝିଅ। ଝିଅକୁ ବିବାହ କରି ସାରିଛନ୍ତି। ଦିନ ଥିଲା ବାବୁଲାଙ୍କ ଦରମା ୫୦୦ ଟଙ୍କା ଥିଲା। ଏବେ ସେ ୭୦୫୧ ଟଙ୍କା ଦରମା ପାଉଛନ୍ତି। ସେହି ଟଙ୍କାରେ ତାଙ୍କ ତେଲଲୁଣର ସଂସାର ଚାଲେ । କିଛି ଆବଶ୍ୟକତା ପୂର୍ଣ୍ଣ ହୋଇଯାଏ। ବାବୁଲା କୁହନ୍ତି, ମୁଁ ଛୋଟ ହୋଇଥାଏ। ମା,ବାପା ମୋତେ ଛାଡିଚାଲି ଗଲେ। ବଡ ବାପାଙ୍କ ପାଖରେ ବଢ଼ିଲି। ସିଲେଇ ଶିଖିଲି । ପରେ ଏକ ଛୋଟ ହୋଟେଲ କରି ଗୁଜୁରାଣ ମେଣ୍ଟାଇଲି। ହାତକୁ କିଛି ଟଙ୍କା ଆସିବା ପରେ ବାହା ହେଲି। ଦୁଃଖ କଷ୍ଟରେ ମୋର ପରିବାର ଚଳାଉଥିଲି । କିନ୍ତୁ ବିଦ୍ୟୁତ୍ କାର୍ଯ୍ୟାଳୟରେ ୨୦୦୭ରେ ଠିକା କର୍ମଚାରୀ ଭାବେ କାମ କରିବା ପରେ ବର୍ତ୍ତମାନ ସବୁ ଠିକଠାକ୍ ଚାଲିଛି।

**ଶଶାଙ୍କଶେଖର ଝାଙ୍କର**


ଶିଡ଼ି ଧରି ବାବୁଲା କାମରେ ବାହାରିଛନ୍ତି ।

ଦିନକର କାହାଣୀ

# କଫ୍ ସିରପ ବୋଝେଇ କାର ଜବତ, ୨ ଗିରଫ

**ବରଗଡ଼ ଅଫିସ/ପାଇକମାଳ,୨୦।୯**

ବରଗଡ଼ ଜିଲା ପାଇକମାଳ ପୋଲିସ ହାତରେ କଫ୍ ସିରପ୍ ବୋଝେଇ ଏକ କାର୍ (ନଂ.ଓଡି୧୫ଏ/୧୦୪୦) ଧରାପଡ଼ିଛି । ପୋଲିସ ଉକ୍ତ କାର୍ ସମେତ ସେଥିରେ ଥିବା ୧୪୨୦ ବୋତଲ କଫ୍ ସିରପ୍, ୧୦ଟି ନିଶା ବଟିକା ଆଦି ଜବତ କରିଛି। ଏହାସହିତ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଘାଗରା ଗ୍ରାମର ମୁନା ବାଗ(୨୩) ଏବଂ ସୁଦାମ ଷଣ୍ଢ(୧୯)। ସେମାନଙ୍କ ପାଖରୁ ଗୋଟିଏ ନମ୍ବର ବିହୀନ ବାଇକ୍, ୨ଟି ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୭୧/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ କହିଛନ୍ତି, ଗୁରୁବାର ଝାରମୁଣ୍ଡା ଛକ ଦେଇ ଉକ୍ତ କାର୍‌ରେ ବିପୁଳ ପରିମାଣର କଫ୍ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏଏସଆଇ ଏସ. କେ. ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଝାରମୁଣ୍ଡା ଛକରେ ଜଗି ରହିଥିଲେ। କଫ୍ ସିରପ୍ ବୋଝେଇ କାର୍ ସେଠାରେ ପହଞ୍ଚିବାବେଳେ ୨ ଅଭିଯୁକ୍ତ ଅନ୍ୟ ଏକ ବାଇକ୍ ଯୋଗେ ଆସୁଥିଲେ। ପୋଲିସ ଟିମ୍ କାର୍, ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ କାର୍‌ରେ କଫ୍ ସିରପ୍, ନିଶା ବଟିକା ରହିଥିବା ଜଣାପଡ଼ିଥିଲା। ଉକ୍ତ ୨ଅଭିଯୁକ୍ତ ଧରାପଡ଼ିଥିବା ବେଳେ ଅନ୍ୟ ୨ଜଣ ସେଠାରୁ ନିକଟସ୍ଥ ଜଙ୍ଗଲ ପଟକୁ ଖସି ପଳାଇଥିଲେ। ସେମାନଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରହିଥିବା ଏସ୍‌ପି ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ କଫ ସିରପ୍ ।

- ■କାର୍‌ରୁ ମିଳିଲା ୧୪୨୦ ବୋତଲ କଫ ସିରପ୍
- ■୨ଜଣ ଖସିଗଲେ
- ■କାର୍, ବାଇକ୍, ମୋବାଇଲ, ନିଶା ବଟିକା ଜବତ

# ସଞ୍ଜୟ ମହାନ୍ତି ଦକ୍ଷିଣ-ପୂର୍ବ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୦।୯ (ବ୍ୟୁରୋ):** ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ ଓଡ଼ିଆ ଆଇଆର୍‌ଟିଏସ୍ ଅଫିସର ସଞ୍ଜୟ କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋଲକାତାସ୍ଥିତ ମୁଖ୍ୟାଳୟରେ ମହାନ୍ତି ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି । ଏହାପୂର୍ବରୁ ସେ ରେଲୱେ ବୋର୍ଡରେ ଟ୍ରାଫିକ ଟ୍ରାନ୍ସପୋର୍ଟେଶନର ପ୍ରିନ୍ସିପାଲ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ସେ ଖୋର୍ଦ୍ଧାରୋଡ ରେଳ ଡିଭିଜନର ଡିଆର୍‌ଏମ୍ ଥିବାବେଳେ ଏହି ଡିଭିଜନକୁ ଶ୍ରେଷ୍ଠ ପଣ୍ୟ ପରିବହନ ମଣ୍ଡଳ ଭାବେ ଠିଆ କରାଇଥିଲେ। ମହାନ୍ତି ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ଡିଗ୍ରୀ ହାସଲ କରିବା ପରେ ୧୯୮୫ ବ୍ୟାଚ୍‌ରେ ଭାରତୀୟ ରେଳପଥ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ପରେ ମୁମ୍ବାଇ, ନାଗପୁର, ଝାନ୍ସି, କୋଙ୍କଣ ଜୋନ୍‌ରେ ବରିଷ୍ଠ ପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ରେଳପଥରେ ସିଷ୍ଟମ ବିଲ୍ଡର ଓ ପ୍ରଶାସନରେ ସେ ନୂତନତ୍ୱ ଆଣିଛନ୍ତି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।






ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁଶାନ୍ତ


ରାଜୁ


ରାକେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ■ ପାରାକ୍ୱେଟ୍ ବନ୍ଦ ଦାବି, ୪ ଡାକ୍ତରଙ୍କ ଅନଶନ ପରେ ଚେତା ପଶିଲା

# ରିପୋର୍ଟ ମାଗିଲେ ସରକାର

**ସମ୍ବଲପୁର, ୨୦।୯ (ବ୍ୟୁରୋ)**

ଘରୋଇ କଳିରେ ମାନସିକ ଭାରସାମ୍ୟ ହରାଇ ଲୋକେ ବିଷ ପିଇ ଦେଉଛନ୍ତି। ଫସଲହାନି ବା ଋଣବୋଝରେ ଭାରାକ୍ରାନ୍ତ ଚାଷୀ ମଧ୍ୟ ସହଜରେ ପାରାକ୍ୱେଟ କମ୍ପୋଜିଶିନର ବିଷ ପିଇ ଆତ୍ମହତ୍ୟା କରିବାର ସହଜ ଆଉ ଚରମ ବାଟ ବାଛି ନେଉଛନ୍ତି। ଏହାସହ ଅନ୍ୟାନ୍ୟ ବିଭିନ୍ନ କାରଣ ଯୋଗୁ ଲୋକେ ବିଷ ପିଇ ଜୀବନ ହାରିବା ଏକ ଚିନ୍ତାଜନକ ବିଷୟ ହୋଇଛି। ଏହି ଜାତୀୟ ବିଷ ପିଇବା ଦ୍ୱାରା ଲିଭର, କିଡ୍‌ନୀ ଖରାପ ହୋଇ ମଣିଷ ମୃତ୍ୟୁ ମୁଖକୁ ଚାଲିଯାଏ। ରୋଗୀକୁ ବଞ୍ଚାଇବାକୁ ଡାକ୍ତରମାନଙ୍କ ଉଦ୍ୟମ ବିଫଳ ହୁଏ। ଯେଉଁମାନେ ଆତ୍ମହତ୍ୟା କରୁଛନ୍ତି ସେମାନଙ୍କ ପରିବାର ଉଜୁଡି ଯାଉଛି। ଏଣୁ ସହଜରେ କୀଟନାଶକ ବିକ୍ରି ଦୋକାନରେ ମିଳୁଥିବା ଏହି ମାରାତ୍ମକ ପାରାକ୍ୱେଟକୁ ବନ୍ଦ କରିବା ବା କଟକଣା ଲଗାଇବାକୁ ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର କେତେଜଣ ଡାକ୍ତର ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଏ ନେଇ ସେମାନେ ପୂର୍ବରୁ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ମେଡିକାଲ ଅଧୀକ୍ଷକ, ନିର୍ଦ୍ଦେଶକଙ୍କୁ ଦାବିପତ୍ର ମଧ୍ୟ ଦେଇଥିଲେ। ହେଲେ ଏହାର କୌଣସି ସୁଫଳ ମିଳି ନ ଥିଲା । ଏଣୁ ସ୍ୱାସ୍ଥ୍ୟ ବିଭାଗର ଏହି ଅଣଦେଖାକୁ ବିରୋଧ କରି ଗତ ୧୩ ତାରିଖରେ ଡାକ୍ତର ଶଙ୍କର ରାମଚନ୍ଦାନୀ, ରାଜେଶ ମେହେର, ବିତନ ମହାନ୍ତି ଓ କିରଣ କେ ଭିମ୍‌ସାରରେ ଅନଶନରେ ବସିଥିଲେ । ଏହି ଘଟଣା ପରେ ଏବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଛି। ଭିମ୍‌ସାରରେ ପାରାକ୍ୱେଟ୍ ଖାଇ କେତେ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ସୁସ୍ଥ ହୋଇଛନ୍ତି ତାହା ଜାଣିବାକୁ ସରକାର ବ୍ୟସ୍ତ ହୋଇ ପଡିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହା ଜାଣିବାକୁ ଭିମ୍‌ସାର ଅଧୀକ୍ଷକ ଜୟଶ୍ରୀ ଡୋରାଙ୍କୁ ରିପୋର୍ଟ ମାଗିଛି। ସଂପୂର୍ଣ୍ଣ ତଥ୍ୟ ଦେବା ସହ ଏ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ଏହି ରିପୋର୍ଟରେ ଉଲ୍ଲେଖ ରହିଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ସଂକ୍ଷେପରେ

### ଟ୍ରେନ୍‌ରୁ ଜାଳେଣି କାଠ ଜବତ

**ଟିଟିଲାଗଡ଼୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କଶନ୍‌ରୁ ଆର୍‌ପିଏଫ୍ ପୋଲିସ ଶୁକ୍ରବାର ଜାଳେଣି କାଠ ଜବତ କରିଛି। ମିଳିଥିବା ସୂଚନା ମୁତାବକ ବିଶାଖାପାଟଣା-ରାୟପୁର ଟ୍ରେନ ନଂ. ୫୮୬୨୮ରେ ଜାଳେଣି କାଠ ଚୋରା ଚାଲାଣ ହେଉଥିବା ଆର୍‌ପିଏଫ୍ ପୋଲିସକୁ ଖବର ମିଳିଥିଲା। ଟ୍ରେନ ଶୁକ୍ରବାର ଟିଟିଲାଗଡ଼ରେ ପହଞ୍ଚିବା ପରେ ଆର୍‌ପିଏଫ ଅଧିକାରୀ ଏମ୍.ଏସ୍. କୁମାବତ, ଜେ. ବେକ ପ୍ରମୁଖ ପୋଲିସ ଫୋର୍ସ ସହ ଟ୍ରେନରେ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଅଧିକାରୀମାନେ ଟ୍ରେନରୁ ୨.୩୦ କୁଇଣ୍ଟାଲ ଜାଳେଣି କାଠ ଜବତ କରିଥିଲେ। ଜବତ ଜାଳେଣି କାଠକୁ ଟିଟିଲାଗଡ଼ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ କାହାରିକୁ ଧରିପାରି ନାହିଁ।

### ସମଲେଇ ପୂଜା ପ୍ରସ୍ତୁତି ବୈଠକ

**ଲୋଇସିଂହା,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଟେନପାଲି ପଞ୍ଚାୟତସ୍ତରୀୟ ସମଲେଇ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୁମଦୁମି ଛକ ସମଲେଇ ପୀଠରେ ଆୟୋଜିତ ବୈଠକରେ ଯତିନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଯତିନ୍ଦ୍ର କୁମାର ପଟେଲ ସଭାପତି, ପିତାମ୍ବର ଝାଙ୍କର ସମ୍ପାଦକ, ରବୀନ ପୁଟେଲ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ବୈଠକରେ ପୂଜାର ଦେହୁରୀ ଫାଲଗୁନୀ କାଲସାଏଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମ କମିଟି ସଦସ୍ୟ ଉପସ୍ଥିତ ରହି ଆସନ୍ତା ଅକ୍ଟୋବର ୧୩ ତାରିଖରେ ହେବାକୁ ଥିବା ଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଣ୍ଢା ଲଢେଇ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ମହିଳାଙ୍କୁ ଆକ୍ରମଣ ଘଟଣା ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଲୋଇସିଂହା,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝରଣିପାଲି ଗ୍ରାମର ଶ୍ରୀକାନ୍ତ ମହାନ୍ଦଙ୍କ ସ୍ତ୍ରୀ ନିପା ମହାନ୍ଦ(୩୦)ଙ୍କୁ ଏକ ପରିବାର ଲୋକେ ଗତ ୧୪ ତାରିଖ ଆକ୍ରମଣ କରିଥିଲେ। ଏନେଇ ନିପା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୀଡିତ ମହିଳା ଏସ୍‌ପି ସନ୍ଦୀପ ମଡକର ସମ୍ପତଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ମୁତାବକ, ନିପା ମହାନନ୍ଦଙ୍କ ସ୍ୱାମୀ ଶ୍ରୀକାନ୍ତ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏନେଇ ନିପା ପିଲାଛୁଆ ଧରି ଘରେ ଅଛନ୍ତି। ଏହାରି ସୁଯୋଗରେ ସ୍ଥାନୀୟ ପଡୋଶୀ ଗତ ୧୪ ତାରିଖ ଅପରାହ୍ନ ୫ଟାରେ ନିପାଙ୍କୁ ଗାଳିଗୁଲଜ କରିଥିଲେ। ନିପା ଏହାର ପ୍ରତବାଦ କରିଥିଲେ। ହେଲେ ପଡୋଶୀଙ୍କ ପରିବାର ଲୋକେ ଜୋରଜବରଦସ୍ତି ଘରେ ପସି ନିପାଙ୍କୁ ଟଣାଓଟରା କରି ତଳେ ପକାଇ ଦେଇଥିଲେ। ପରେ ଏକ ଲୁହାଛଡରେ ତାଙ୍କୁ ଆକ୍ରମଣ କରିଥିଲେ। ସେତିକିବେଳେ ନିପାଙ୍କ ଚିତ୍କାର ଶୁଣି ପଡୋଶୀ ୨ଜଣ ଦୌଡି ଆସି ତାଙ୍କୁ ରକ୍ଷା କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛି। ଏନେଇ ନିପା ଲୋଇସିଂହା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ପୋଲିସ ଏକ ମାମଲା(ନଂ. ୨୧୫/୧୯) ରୁଜୁ କରିଛି। ବର୍ତ୍ତମାନ ନିପା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### ଲାନ୍ଥ ନଦୀ କୂଳରେ ପଡିଛି ମୁଣ୍ଡବିହୀନ ମୃତଦେହ

**ସଇଁତଲା,୨୦।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବିବିନା ପଞ୍ଚାୟତର ତେତେଲପଦର ଗ୍ରାମ ନିକଟ ଦେଇ ଯାଇଥିବା ଲାନ୍ଥ ନଦୀ କୂଳରେ ମୁଣ୍ଡ ବିହୀନ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ତଳେ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ବନ୍ୟାରେ ଭାସି ଆସି ଯୁବକଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ କେତେକ ମୃତଦେହ ପଡିରହିଥିବା ଘଟଣାକୁ ସନ୍ଦେହ ପ୍ରକଟ କରିଛନ୍ତି। ହେଲେ ପୋଲିସ ମୃତଦେହ ଉଦ୍ଧାର କରି ନ ଥିବା ଜଣାପଡିଛି।

# କୃଷି ଜାତ ଦ୍ରବ୍ୟର ଠିକ୍ ବିକ୍ରିବଟା ଚାଷୀଙ୍କ ଆୟ ବୃଦ୍ଧି କରିବ

**ସୋନପୁର,୨୦।୯(ନି.ପ୍ର.)**

ନାବାର୍ଡ ସୁବର୍ଣ୍ଣପୁର ଓ ମାସ୍ସ (ଏମଏଏସଏସପି) ଅନୁଷ୍ଠାନ ପକ୍ଷରୁ ଦୁଇ ଦିନିଆ ଜିଲାସ୍ତରୀୟ କୃଷକ ଉତ୍ପାଦନ ଗୋଷ୍ଠି କର୍ମଶାଳା ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଉଲୁଣ୍ଡା ବ୍ଲକର ୩ଟି ଉତ୍ପାଦକ ଗୋଷ୍ଠିରୁ ମନୋନିତ ୨୦ ଜଣ ନିର୍ଦ୍ଦେଶକ ଓ ୫ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା । ନାବାର୍ଡର ସୁବର୍ଣ୍ଣପୁର ଜିଲା ଅଧିକାରୀ ତାପସ ଶଙ୍କର ରାଉତ ପ୍ରାରମ୍ଭିକ ସୂଚନା ଦେଇ କୃଷକ ଉତ୍ପାଦକ କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। କୃଷି ଜାତ ଦ୍ରବ୍ୟର ଠିକ୍ ବିକ୍ରିବଟା ହୋଇପାରିଲେ କମ୍ପାନୀର ପ୍ରଗତି ସହ ଚାଷୀଙ୍କ ଆୟ ବୃଦ୍ଧି କରିବ ବୋଲି କହିଥିଲେ । ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁନିଲ କୁମାର ମହାପାତ୍ର, ବୀରମହାରାଜପୁରର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତଯର୍ୟାମୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ୍ ସେନ୍, ଡିପିଡି ଆତ୍ମା ତୁଷାର ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ନିଜ ନିଜ ବିଭାଗ ପକ୍ଷରୁ ଉତ୍ପାଦକ ଗୋଷ୍ଠି ନିମନ୍ତେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଚାଷୀମାନେ ନିଜ ଅଞ୍ଚଳରେ ଉତ୍ପାଦିତ ମୁଗ, ବିରି, ହରଡ ଆଦି ଡାଲି ଜାତୀୟ ଫସଲର ବିକ୍ରିବଟା ଉତ୍ପାଦକ ଗୋଷ୍ଠି ମାଧ୍ୟମରେ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରିଲାଏନ୍‌ସ ଫାଉଣ୍ଡେସନ ବଲାଙ୍ଗୀର ସହଯୋଗ କରିଥିଲେ । ସପ୍ତଶ୍ରୀ ଉତ୍ପାଦକ ଗୋଷ୍ଠିର କାର୍ଯ୍ୟନିର୍ବାହୀ ଅଧିକାରୀ ମାନଭଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



କୃଷକ ଉତ୍ପାଦକ ଗୋଷ୍ଠି କର୍ମଶାଳାରେ ମଞ୍ଚାସିନ ଅତିଥି ବୃନ୍ଦ।

# ଖଣ୍ଡହତା ସମବାୟ ସମିତି ସଭାପତିଙ୍କ ମୃତଦେହ ଉଦ୍ଧାର

**ଅମରପାଲି,୨୦।୯(ଡି.ଏନ.ଏ)**

- ହତ୍ୟା ଅଭିଯୋଗ ଆଣିଲେ ପରିବାର ବର୍ଗ
- ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟହେବ ପୋଲିସ
- ଅଞ୍ଚଳରେ ଶୋକର ଛାୟା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତା ସେବା ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳ(୪୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ହେଲେ ପ୍ରଦୀପଙ୍କ ମୃତ୍ୟୁକୁ ପରିବାର ଲୋକେ ଗ୍ରହଣ କରି ପାରୁନାହାନ୍ତି। ଏନେଇ ପରିବାର ଲୋକେ ପ୍ରଦୀପଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ସୁବଳୟା ଥାନାରେ ଏକ ଅଭିଯୋଗ କରିଛନ୍ତି। ମୃତ ପ୍ରଦୀପଙ୍କ ଘର ଖଣ୍ଡହତା ପଞ୍ଚାୟତ ପୁଇପାଣି ଗ୍ରାମରେ। ପ୍ରଦୀପଙ୍କ ଖଣ୍ଡହତାରେ ଏକ ଘର ଥିବା ବେଳେ ତାଙ୍କର ଏକ ଔଷଧ ଦୋକାନ ମଧ୍ୟ ରହିଛି।

ମିଳିଥିବା ସୂଚନା ମୁତାବକ, ପ୍ରତିଦିନ ପରି ଗୁରୁବାର ରାତ୍ରି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ପ୍ରଦୀପ ଦୋକାନ ବନ୍ଦ କରି ପୁଇପାଣି ଘରକୁ ଏକ ବାଇକ୍(ଓଆର୍ ୦୫ କ୍ୟୁ- ୩୨୫୯) ଯୋଗେ ଯାଉଥିଲେ। ହେଲେ ସେ ଘରେ ପହଞ୍ଚି ନ ଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେତିକିବେଳେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡିଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ସୋନପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ପ୍ରଦୀପଙ୍କ ନାକ, କାନରୁ ରକ୍ତ ବାହାରିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଖବର ପାଇ ଅଞ୍ଚଳର ଶତାଧିକ ଲୋକ ସୋନପୁର ଡାକ୍ତରଖାନାରେ ପହଞ୍ଚିଥିଲେ। ଏପରି କି ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ ପାଣିଗ୍ରାହୀ, ସୁବଳୟା ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ଓ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମୃତ ପ୍ରଦୀପଙ୍କ ଭାଇ ଅଜିତ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତି କରି ସୁବଳୟା ଥାନା ପୋଲିସ ଏକ ମାମଲା(ନଂ. ୫୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏନେଇ ଥାନା ଅଧିକାରୀ ପ୍ରଧାନଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି । ପ୍ରଦୀପଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସମବାୟ ସମିତି ସଭାପତି, ବଡକିରାସିରା ରେଞ୍ଜର କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଓ ଖଣ୍ଡହତା ପଞ୍ଚାୟତର ବିଜୁ ଜନତା ଦଳର ଯୁବ ସଭାପତି ଥିଲେ। ତାଙ୍କ ମୃତ୍ୟୁରେ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ଯୁବ ବିଜେଡି ସଭାପତି ନାରାୟଣ ଲୁହା, ବିଜେଡି ବ୍ଲକ ସଭାପତି ମୃତ୍ୟୁଞ୍ଜୟ ପଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


ପ୍ରଦୀପ ବିଶ୍ୱାଳଙ୍କ ଫାଇଲ ଫଟୋ।

**ଆଜି କ'ଣ କେଉଁଠି**

ସୁବର୍ଣ୍ଣପୁର
ମେଗା ଆଇନ ସଚେତନତା ଶିବିର, ଭୀମଭୋଇ କଳା ମଣ୍ଡପ, ସକାଳ ୧୦ଟା ।

# ୟୁରିଆ ସାରର କୃତ୍ରିମ ଅଭାବ

**ରିଷିଡା,୨୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେଇଛି। ରିଷିଡା ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରାୟ ୫ଶହ କୁଇଣ୍ଟାଲ ସାରର ଆବଶ୍ୟକତା ଥିବା ବେଳେ ମାତ୍ର ୧୫୦ କୁଇଣ୍ଟାଲ ସାର ଆସିଥିବା ଯୋଗୁ ୟୁରିଆ ସାରର ଅଭାବ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବେସରକାରୀ ଡିଲରଙ୍କ ପାଖରେ ସାର ଠିକ ଭାବେ ଉପଲବ୍ଧ ହେଉନାହିଁ ବେସରକାରୀ ଡିଲରମାନେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ


ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

**ଅମରପାଲି, ୨୦।୯ (ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ କେଦାରନାଥ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଓଡିଶା ଆଦର୍ଶ ବିଦ୍ୟାଳୟ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀ ହର୍ଷିତାଶ୍ରୀ ମେହେର ପ୍ରତିଷ୍ଠା ଦିବସ ସମ୍ପର୍କିତ ଏକ କବିତା ଆବୃତ୍ତି କରିଥିଲେ । ହେମନ୍ତ ନାରାୟଣ ସିଂଦେଓ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ସୁଶାନ୍ତ ରାଉତରାୟ, ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ଅନସୂୟା ସାହୁ, ସାବିତ୍ରୀ ବର୍ମା, ବିଜୟିନୀ ବେହେରା, ସୁଶ୍ରିତା ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୁଣିଗାରେଡ଼ି ସନ୍ଦେହରେ ଘର ଭଙ୍ଗାରୁଜା

**ସଇଁତଲା,୨୦।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଲରମ୍ଭା ଥାନା ଅନ୍ତର୍ଗତ ଚିଟକାମାଲ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଡ଼ବଲ ମର୍ଡ଼ର ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣାର ସପ୍ତାହକ ମଧ୍ୟରେ ସଇଁତଲା ଥାନା ଅଧୀନ ଡେଙ୍ଗ ପଞ୍ଚାୟତ ବିଜାପଦର ଗ୍ରାମରେ ପୁଣି ଗୁଣିଗାରେଡି ଘଟଣା ପଦାକୁ ଆସିଛି। ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଗୁଣିଆ ସନ୍ଦେହ କରି ଗ୍ରାମର କେତେଜଣ ଯୁବକ ଘର ଭଙ୍ଗାରୁଜା କରିଛନ୍ତି। ଏପରିକି ଯୁବକମାନେ ଜୋରଜବରଦସ୍ତି ବ୍ୟକ୍ତିଙ୍କୁ ବିଷ ପିଆଇବାକୁ ଉଦ୍ୟମ କରିଥିବା ଜଣାପଡିଛି। ବ୍ୟକ୍ତି ଜଣକ କୌଶଳ କ୍ରମେ ଯୁବକଙ୍କ କବଳରୁ ଖସି ଆସି ଘଟଣା ସଂକ୍ରାନ୍ତରେ ସଇଁତଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉନ୍ନତ ପ୍ରଦର୍ଶନ ଉପରେ ଗୁରୁତ୍ୱ

**ସୋନପୁର,୨୦।୯(ନି.ପ୍ର.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏ ମ୍ ଜି ଏ ନ୍ ଆ ର ଇ ଜି ଏ ସ) କାର୍ଯ୍ୟକାରିତାରେ ଓଡିଶାର ଅନ୍ୟ ଜିଲାମାନଙ୍କ ଠାରୁ ସୁବର୍ଣ୍ଣପୁର ଜିଲା ପଛରେ ପଡିଛି । କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୯୫ ଦିନ କାର୍ଯ୍ୟଦିବସ ପ୍ରଦାନରେ ଏହି ଯୋଜନା ସୀମିତ ରହୁଛି । ଜଙ୍ଗଲ ଓ ଉଦ୍ୟାନ ବିଭାଗ ଯାହା କିଛି ଅର୍ଥ ଖର୍ଚ୍ଚ କରୁଛି । ଅନ୍ୟ ବିଭାଗ ଗୁଡିକ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ୨୦୧୯-୨୦ ଆର୍ଥକ ବର୍ଷରେ ଏହି ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆବଶ୍ୟକ । ଆମକୁ ଉନ୍ନତ ପ୍ରଦର୍ଶନ କରି ଆଗୁଆ ଜିଲା ଭାବେ ପ୍ରତିପାଦିତ କରିବାକୁ ପଡିବ ବୋଲି ୩ ଦିନିଆ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲାପାଳ ମୋନିଷା ବାନାର୍ଜୀ ମତବ୍ୟକ୍ତ କରିଛନ୍ତି । ଡିଆରଡିଏ ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ଏଥିରେ ଯୋଗଦେଇ ଜିଲାର ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଉପଯୋଗ କରିବାକୁ ପଡିବ । ଜିଲାରେ ପ୍ରାୟ ୧ଲକ୍ଷ ଜବ୍ କାର୍ଡଧାରୀ ଅଛନ୍ତି । ସେମାନଙ୍କୁ ନେଇ ଫାର୍ମ ପଣ୍ଡ, ପୋଖରୀ ପୁନରୁଦ୍ଧାର, ରାସ୍ତା ଓ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ପ୍ରଥମ ଦିବସରେ ସୋନପୁର, ବୀରମହାରାଜପୁର ଓ ଡୁଙ୍ଗୁରିପାଲି ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ । ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ତାଲିମ ପ୍ରଦାନ କରିଥିଲେ । ଏମଜିଏନଆରଇଜିଏସର ପ୍ରୋଗ୍ରାମ ଅଫିସର ମନୋଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୀରମହାରାଜପୁରର ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାୟକ ଓ ଏପିଡି ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ ଉପସ୍ଥିତ ଥିଲେ ।



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି ବୃନ୍ଦ ।

# ସୁବର୍ଣ୍ଣପୁରରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

**ସୋନପୁର,୨୦।୯(ନି.ପ୍ର.)**

ସୁବର୍ଣ୍ଣପୁରରେ ଏକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ଜିଲାର ୨୧ଟି ସ୍ନାତକ କଲେଜ ସମେତ ବୌଦ୍ଧ ଜିଲାର ୮ଟି ଏବଂ ଆଠମଲ୍ଲିକ ଉପଖଣ୍ଡର ୫ଟି ଏଭଳି ସର୍ବମୋଟ ୩୪ଟି କଲେଜକୁ ନେଇ ଏହି ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଉଚିତ ବୋଲି ଜନସାଧାରଣ ଅନୁରୋଧ କରିଛନ୍ତି । ଏହାଦ୍ୱାରା ପରୀକ୍ଷା ପରିଚାଳନା, ନିୟନ୍ତ୍ରଣ ସହିତ ଛାତ୍ରୀଛାତ୍ର, ଅଭିଭାବକ ଓ ଅଧ୍ୟାପକମାନଙ୍କ ସୁବିଧା ହେବ । ଛାତ୍ରୀଛାତ୍ର ସମ୍ବଲପୁର କିମ୍ବା ବଲାଙ୍ଗୀର ନ ଯାଇ ଜିଲାରେ ଉଚ୍ଚ ଶିକ୍ଷା ଓ ଗବେଷଣାର ସୁବିଧା ପାଇପାରିବେ । ବର୍ତ୍ତମାନ ଆଠମଲ୍ଲିକ ଠାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦୂରତା ୧୬୦ କିଲୋମିଟର ଓ ବୌଦ୍ଧ ଠାରୁ ୧୨୦ କିଲୋମିଟର । ସୁବର୍ଣ୍ଣପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଆଠମଲ୍ଲିକ ଓ ବୌଦ୍ଧକୁ ସାମିଲ କଲେ ଉଭୟ ବୌଦ୍ଧ ଓ ଆଠମଲ୍ଲିକ ପାଇଁ ୭୦ କିଲୋମିଟରର ଦୂରତା କମିଯିବ । ଅଞ୍ଚଳର ଜନସାଧାରଣ ସ୍ୱଳ୍ପ ଖର୍ଚ୍ଚରେ ସୁବିଧା ସୁଯୋଗ ପାଇପାରିବେ । ଏହି ବିଷୟକୁ ବିଚାରକୁ ନେଇ ସୁବର୍ଣ୍ଣପୁର ଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରି ଏକ ସର୍ବପୁରାତନ ଏବଂ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଶାସନ ନିୟନ୍ତ୍ରଣରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଆଇନଜୀବୀ ମଧୁସୂଦନ ପ୍ରଧାନ, ରତ୍ନାକର ବୁଡା, ଶରତ କୁମାର ମେହେର, ପ୍ରଫୁଲ୍ଲ କୁମାର ସାହୁ, ଲକ୍ଷ୍ମୀନାରାୟଣ ମିଶ୍ର, ରୋହିତ କୁମାର ହୋତା, ବୃନ୍ଦାବନ ମିଶ୍ର, କୃଷ୍ଣଚନ୍ଦ୍ର ବେହେରା, ସୁଦାମ ଶେଖର ଦାଶ, ନିରଞ୍ଜନ ଶତପଥୀ, ଦିଲ୍ଲୀପ କୁମାର ପ୍ରଧାନ ଓ ଶ୍ରୀନିବାସ ଦାଶ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ


ଏନ୍‌ସିସି ବାହିନୀ ପକ୍ଷରୁ ସଫା କରାଯାଉଛି।

**ଅମରପାଲି,୨୦।୯(ଡି.ଏନ.ଏ.):** ବୀରମହାରାଜପୁର କଲେଜ ଏନ୍‌ସିସ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମୁରଲିଧର ହୋତା, ଏନ୍‌ସିସି ଅଧିକାରୀ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ସୁନୀଲ ତ୍ରିପାଠୀ, ଦୟାସାଗର ଦିଗାଲଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କଲେଜ ପରିସର ଏବଂ ଚମ୍ପେଶ୍ୱର ମନ୍ଦିରରେ ସଫେଇ କରାଯାଇଥିଲା। ଏପରି କି ଏନ୍‌ସିସି ବାହିନୀ ଓ ଅଧ୍ୟାପକମାନେ ଲୋକଙ୍କୁ ପରିବେଶକୁ ସ୍ୱଚ୍ଛ ରଖିବାକୁ ସଚେତନ କରାଇଥିଲେ।

# ବିଷାକ୍ତ ଜୀବନାଶକ ବ୍ୟବହାର ସମ୍ପର୍କିତ ତାଲିମ ଶିବିର

**ଅମରପାଲି, ୨୦।୯ (ଡି.ଏନ.ଏ)** ବୀରମହାରାଜପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ଏକ ଦିବସୀୟ ବିଷାକ୍ତ ଜୀବନାଶକ ବ୍ୟବହାର ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ଶିବିରରେ ଯୋଗଦେଇ ବିଷାକ୍ତ କୀଟନାଶକର ନିରାପଦ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ । ମିତାଲି ମଧୁମିତା ବିଶ୍ୱାଳ ଜୀବନାଶକ ଜନିତ ବିଷାକ୍ତର ଲକ୍ଷଣ, ପ୍ରୟୋଗ, ସମୟରେ ସତର୍କତା ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ରୋଗପୋକ ସହ ଜୀବନାଶକ ପ୍ରୟୋଗ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା କୃଷି ଅଧିକାରୀ ବୀରମହାରାଜପୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ, କାଳନ୍ଦୀ ପରିଡା, ରାକେଶ ମାଝିଙ୍କ ସହ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ, କୃଷି ଓଭରସିଅର୍ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ଆଗାମୀ ୩୦ ତାରିଖ ସୁଦ୍ଧା ସମସ୍ତ ପଞ୍ଚାୟତସ୍ତରୀୟ ବିଷାକ୍ତ ଜୀବନାଶକର ନିରାପଦ ବ୍ୟବହାର ସମ୍ପର୍କିତ ତାଲିମ ଶିବିର କରିବାକୁ ଜିଲା କୃଷି ଅଧିକାରୀ ଶତପଥୀ ପରାମର୍ଶ ଦେଇଥିଲେ ।

# ସଚେତନ ହେଲେ ଦୁର୍ଘଟଣା ଘଟିବନି

**ନାକଟିଦେଉଳ,୨୦।୯(ଡି.ଏନ.ଏ.)** ନାକଟିଦେଉଳ ମହାବିଦ୍ୟାଳୟରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ଟ୍ରାଫିକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ଅଭିଯାନର ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ନିୟମ ଉପରେ ଆଲୋଚନା କରିଥିଲେ। ଯେଉଁ କାରଣରୁ ଦୁର୍ଘଟଣା ଘଟୁଛି ସେ ଦିଗରେ ଆଲୋକପାତ କରିଥିଲେ। ହେଲମେଟ ବ୍ୟବହାର କରିବା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ନ ଚଳାଇବା, ମୋବାଇଲରେ କଥା ହୋଇ ଗାଡ଼ି ଚାଳନାରୁ ଦୂରେଇ ରହିବା ଏବଂ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତେ ସଚେତନ ହେଲେ ଦୁର୍ଘଟଣାକୁ ରୋକି ହେବ ବୋଲି କହିଛନ୍ତି। ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ଟ୍ରାଫିକ ନିୟମ ସମ୍ପର୍କରେ ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କନିଷ୍ଠ ମହାବିଦ୍ୟାଳରେ ମଧ ଏହି ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଅଧ୍ୟାପକ ଦୀପେନ କୁମାର ପଟ୍ଟନାୟକ ଏବଂପ୍ରଶାନ୍ତ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ସ୍ୱର୍ଗଦ୍ୱାର ସାଜିଛି ନର୍କଦ୍ୱାର

ବରପାଲି, ୨୦।୯ (ଡି.ଏନ.ଏ) ୨୬ ନମ୍ବର ରାଜପଥ ବରପାଲି-ବଲାଙ୍ଗୀର ରାସ୍ତା କଡରେ ଥିବା ବରପାଲି ସହରର ଏକମାତ୍ର ପୁରାତନ ଶ୍ମଶାନ ଘାଟ ସ୍ୱର୍ଗଦ୍ୱାର ତାର ଅସ୍ତିତ୍ୱ ହରାଇବାକୁ ବସିଛି । ଗତବର୍ଷ ଏହି ସ୍ୱର୍ଗଦ୍ୱାର ଟ୍ରକ ଧକ୍କାରେ ଭାଙ୍ଗି ଚୂରମାର ହୋଇଯାଇଥିଲା। ହେଲେ ଏହାକୁ ଦୀର୍ଘଦିନ ଯାଏ କାର୍ଯ୍ୟକ୍ଷମ କରାଯାଇ ନ ଥିଲା । ଏ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କୁ ପଚାରିବାରେ ଟେଣ୍ଡର ହେଲେ କାମ ହେବ ବୋଲି କହିଥିଲେ। ଶ୍ମଶାନ ଘାଟ ନିର୍ମାଣ ସକାଶେ ପ୍ରାୟ ୪ଲକ୍ଷ ଟଙ୍କା ଟେଣ୍ଡର ହୋଇଥିବା ଏନଏସି ଜେଇ ଶିବଶଙ୍କର ଗିରି କହିଛନ୍ତି । ମାତ୍ର ଟେଣ୍ଡର ହେବାର ୮ମାସ ବିତିଯାଇଥିଲେ ମଧ କାମ ଆରମ୍ଭ ହୋଇନାହିଁ । ଫଳରେ ଶ୍ମଶାନ ଘାଟ ବର୍ଷାଋତୁରେ ଗଛଲଟାରେ ଭର୍ତ୍ତି ହୋଇଯାଉଛି । ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧକାରୀଙ୍କ ମତାମତ ମିଳିପାରିନାହିଁ ।

### ବାଇକ୍‌ରୁ ପଡ଼ି ଅଙ୍ଗନୱାଡି ସହାୟିକା ମୃତ

ଭେଡ଼େନ,୨୦।୯(ଡ଼ି.ଏନ.ଏ) ବାଇକ୍‌ରୁ ପଡିଯିବାରୁ ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବଡ଼ପିପିଲିପାଲି ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ସୁକୁମାର ନାୟକ (୫୦)ଙ୍କ ମୃତ୍ୟୁ ହୋଇଛି। ସେ ଗୁରୁବାର ସନ୍ଧ୍ୟାରେ ଢ଼େଙ୍କାନାଳରେ ହେବାକୁ ଥିବା ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିଜ ଗାଁ ପିପିଲିପାଲିରୁ ସ୍ୱାମୀ ଲକ୍ଷପତି ନାୟକଙ୍କ ସହ ଏକ ଟିଭିଏସ ଏକସେଲ ମୋପେଡ଼ରେ ଯାଉଥିଲେ । ଭେଡ଼େନ ଷ୍ଟେଟବ୍ୟାଙ୍କ ନିକଟରେ ବାଇକ୍ ଭାରସାମ୍ୟ ହରାଇ ତଳେ ଡିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ ପଛପଟେ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଭେଡ଼େନ ପୋଲିସ ଏକ ମାମଲା (ନଂ.୧୫୧/୧୯) ରୁଜୁ କରି ତଦନ୍ତ ଚଳାଇଛି । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇ ବରଗଡ଼ ପଠାଯାଇଛି।

### ଆଦିବାସୀ କଲ୍ୟାଣ ସଂଘର ବୃକ୍ଷରୋପଣ

ବରଗଡ଼ ଅଫିସ୍,୨୦।୯ ବରଗଡ଼ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ୱାର୍ଡ଼ ନଂ-୨ ନଦୀପଡ଼ାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡଃ ବିରେନ୍ଦ୍ର ବାଗ ଏବଂ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ଉପସଭାପତି ଉକ୍ତ କାର୍ଯ୍ୟକ୍ରମରେ ଯଥାକ୍ରମେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ବୃକ୍ଷଚାରା ରୋପଣ କରାଯାଇଥିଲା। ଖେଡୁ ଭୁଏ, ଜୟରାମ ମାଝି, ମଙ୍ଗଳ ବାଗ, ପୂର୍ଣ୍ଣ ଭୁଏ, ଘନ ବିଶ୍ୱାଳ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବୀମା ଅସନ୍ତୋଷ, ବାହାରିଲାନି ନିର୍ଯ୍ୟାସ

- ତ୍ରିପାକ୍ଷିକ ବୈଠକ ସରିଲା
- ସମୟ ମାଗିଲେ ଅଧିକାରୀ
- ପୁଣି ଆନ୍ଦୋଳନ ଚେତାବନୀ
- ଆଜିଠୁ ଖୋଲିବ ସ୍ୱତନ୍ତ୍ର ସେଲ୍

ବରଗଡ଼ ଅଫିସ୍,୨୦।୯

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଉପୁଜିଥିବା ଅସନ୍ତୋଷ ଥମିବା ନାଁ ନେଉନାହିଁ । ଏହାକୁ ନେଇ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନେତୃତ୍ୱରେ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇ ଆସୁଥିବାବେଳେ ଗତ ୧୦ତାରିଖରୁ ତାଲା ପକାଇ ସ୍ଥାନୀୟ ବୀମା କମ୍ପାନୀ ଅଫିସକୁ ଅଚଳ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ଫସଲବୀମାକୁ ନେଇ ଦେଖାଯାଇଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ପ୍ରତିନିଧିମାନେ ଫସଲବୀମା ନେଇ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚାଷୀଙ୍କ ବୀମା ସମସ୍ୟା ଉପରେ ଅବଗତ ହେବା ପରେ ଜିଲାପାଳ ଶନିବାରଠାରୁ ସେଭଳି ସମସ୍ୟାର ସମାଧାନ ପାଇଁ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସ୍ୱତନ୍ତ୍ର ସେଲ୍‌ରେ ଜଣେ କୃଷି ଅଧିକାରୀ ଏବଂ ବୀମା କମ୍ପାନୀର ଜଣେ ପ୍ରତିନିଧି ଉପସ୍ଥିତ ରହିବେ । ବୀମାକୁ ନେଇ ଚାଷୀ ଅଭିଯୋଗ ଆସିଲେ ୧୫ଦିନ ମଧ୍ୟରେ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।



ତ୍ରିପାକ୍ଷିକ ବୈଠକରେ ବରଗଡ଼ ଜିଲାପାଳ ଓ ଅନ୍ୟମାନେ ।

ସେହିପରି ବୀମା କମ୍ପାନୀ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟ ବଦଳରେ ସାଟେଲାଇଟ୍ ରିପୋର୍ଟ, ଏସିଏଫ (ଏରିଆ କମନ ଫେକ୍ଟର), ୱାଇସିଏଫ (ୟିଲ୍ଡ କମନ ଫେକ୍ଟର) ଆଦି ଆଳରେ ବୀମା ସହାୟତା କାଟ୍‌ଛାଟ୍ ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେଥିରୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଥିଲା । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ, ୱାଇସିଏଫ୍‌କୁ ଲାଗୁ କରାଯାଇଥିବା ବୀମା କମ୍ପାନୀର ପ୍ରତିନିଧିମାନେ କହିଥିଲେ । ସେହି ଆଳରେ ବୀମା କମ୍ପାନୀ ସମୟ ଗଡ଼ାଇ ଚୂଡ଼ାନ୍ତ ରିପୋର୍ଟ ଦେଉ ନ ଥିବା ଯୋଗୁ ଚାଷୀମାନେ କ୍ଷୋଭପ୍ରକାଶ କରିଥିଲେ । ଆସନ୍ତା ୫ଦିନ ମଧ୍ୟରେ ସେ ନେଇ ଚୂଡ଼ାନ୍ତ ରିପୋର୍ଟ କିମ୍ବା କେନ୍ଦ୍ର ସରକାରଙ୍କ ଜବାବ ବୀମା କମ୍ପାନୀ ଉପସ୍ଥାପନ କରିବାକୁ ଚାଷୀମାନେ ଦାବି କରିଥିଲେ । ଏହା କରା ନ ଗଲେ ବୀମା ଅଫିସରେ ପଡ଼ିଥିବା ତାଲାକୁ ଖୋଲାଯିବ ନାହିଁ ବୋଲି ଚାଷୀ ପ୍ରତିନିଧିମାନେ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ ।

ଅପରପକ୍ଷେ କୃଷି, ରାଜସ୍ୱ, ବୀମା ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ପରେ ପ୍ରସ୍ତୁତ ଯୁଗ୍ମ ରିପୋର୍ଟ ବିଚାରକୁ ନିଆ ନ ଯାଇ ସାଟେଲାଇଟ୍ ରିପୋର୍ଟ ଆଳ ଦେଖାଯାଉଥିବାରୁ ଚାଷୀମାନେ ତାକୁ ତୀବ୍ର ବିରୋଧ କରିଥିଲେ। ଚାଷୀଙ୍କ ସେଭଳି ଆଭିମୁଖ୍ୟ ତଥା ସାଟେଲାଇଟ୍‌କୁ ବିରୋଧ ସମ୍ପର୍କରେ ଆସନ୍ତା ୧୫ଦିନ ମଧ୍ୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଆସନ୍ତା ୨୫ତାରିଖ ମଧ୍ୟରେ ବୀମା ସମ୍ପର୍କିତ ଚାଷୀଙ୍କ ଦାବି ସମୂହ ପୂରଣ କରା ନ ଗଲେ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ । ବୈଠକରେ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ଲକ୍ଷ୍ମଣ ପ୍ରଧାନ, ସଦାନନ୍ଦ ପୂଜାରୀ, ରବିନ୍ଦ୍ର ବିଶି, ସରୋଜ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ । ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଗୁରୁକୃଷ୍ଣ ଦାସ, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ ଏବଂ ବୀମା କମ୍ପାନୀର ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ମେଲଛାମୁଣ୍ଡା କଲେଜରେ ଆଇନ ସଚେତନତା ଶିବିର

ଘେଁସ,୨୦।୯(ଡି.ଏନ.ଏ)

ବରଗଡ ଜିଲା ମେଲଛାମୁଣ୍ଡା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ତାଲୁକ ଆଇନ ସେବା ସଂସ୍ଥା ସୋହେଲା ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୋହେଲା ଜେଏମଏଫସି ଶିଶିର କୁମାର ସାହୁ ମୁଖ୍ୟଅତିଥି, ମେଲଛାମୁଣ୍ଡା ଭାରପ୍ରାପ୍ତ ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ, ଅଧ୍ୟାପକ ମିନକେତନ ବିଶ୍ୱାଳ, ଅଧ୍ୟାପକ ଡ. ସରୋଜ ଦାସ, ଅଧ୍ୟାପକ ଡ. ପ୍ରଦୀପ ପ୍ରଧାନ, ଅଧ୍ୟାପକ ସୁଶାନ୍ତ ନାୟକ, ଅଧ୍ୟାପକ ଭୂପତି କାଲୋ, ଅଧ୍ୟାପକ ମହେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସାହୁ ଆଇନ ସହାୟତା, ସ୍ୱାକ୍ଷରତା ଏବଂ ସଚେତନତା ଉପରେ ବୁଝାଇଥିଲେ। ସେହିପରି ଏସ୍‌ଆଇ ଗୋଚ୍ଛାୟତ ନାରୀ ମାନଙ୍କ ସୁରକ୍ଷା ଏବଂ ସହାୟତା ଉପରେ ବକ୍ତବ୍ୟ ରଖିଥିଲେ । ସୁନୀଲ ଜୈନ, ସୁବାଷ ପଧାନ, ରଘୁମଣି ମହାନନ୍ଦ, ହୃଷିକେଷ ସାହୁ, ସବିତା ସେଠ, ସଂଯୁକ୍ତା କାଣ୍ଡ ଓ ଉପେନ୍ଦ୍ର ଜାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ମହେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ପାଇକମାଳ,୨୦।୯(ଡି.ଏନ.ଏ)

ପାଇକମାଳ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ନୃସିଂହନାଥ ଧର୍ମଶାଳାଠାରେ ଶୁକ୍ରବାର ଅନୀଲ କୁମାର କାଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ନୂତନ ଭାବେ ଯୋଗଦେଇଥିବା କର୍ମଚାରୀ ମାନଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଇକମାଳ ବ୍ଲକସ୍ତରରେ ଥିବା ଟେମେରୀ, ମାଣ୍ଡୋସିଲ ଓ ପାଇକମାଳ ଜୋନ୍‌ର ସଭ୍ୟାସଭ୍ୟମାନଙ୍କୁ ପ୍ରଥମେ ନୂଆଖାଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବରିଷ୍ଠ ସଦସ୍ୟ ଅର୍ଜୁନ ଭିଲ ସମସ୍ତ ସଦସ୍ୟଙ୍କୁ ଦିଗଦର୍ଶନ ଦେବା ସହ ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା ପାଇଁ ଉପଦେଶ ଦେଇଥିଲେ। ସମ୍ପାଦକ ଗିରିଶ ନାୟକ ଗତ ବୈଠକର ବିବରଣୀ ପଠନ କରିଥିଲେ। କୋଷାଧ୍ୟକ୍ଷ ଶଙ୍କର ଦାସ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିବା ବେଳେ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ମତବ୍ୟକ୍ତ କରିଥିଲେ। ସେହିପରି ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଁ ଫର୍ମ ପୂରଣ କରି ଦେବାକୁ ଉପସ୍ଥିତ ବରିଷ୍ଠ ନାରିକମାନଙ୍କୁ କୁହାଯାଇଥିଲା । ଗିରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀମାନେ ।

## ବେଆଇନ କୀଟନାଶକ ବିକ୍ରି ଧରପଗଡ଼

ଝାରବନ୍ଧ, ୨୦।୯ (ଡି.ଏନ.ଏ)

ବେଆଇନ ଭାବେ କୀଟନାଶକ ଓ ସାର ବିକ୍ରି ଉପରେ ଝାରବନ୍ଧ ବ୍ଲକ କୃଷି ବିଭାଗ ତରଫରୁ ଶୁକ୍ରବାର ଧରପଗଡ କରାଯାଇଛି । ବ୍ଲକ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅଞ୍ଚଳରେ ବିପୁଳ ମାତ୍ରାରେ ବେଆଇନ ସାର ଓ କୀଟନାଶକ ବେଧଡକ ବିକ୍ରି ଚାଲିଛି । ଏଥିରେ ଚାଷୀମାନେ ବେଶ୍ କ୍ଷତି ସହିବା ସହିତ ନକଲି କୀଟନାଶକ ଯୋଗୁଁ ଫସଲ ନଷ୍ଟ ହେଉଛି । ଏହାକୁ ରୋକିବା ପାଇଁ ଏକ ଟିମ୍ ଗଠନ କରି ଚଢାଉ କରାଯାଇଥିଲା। ଚଢ଼ାଉରେ ଅନ୍ୟମାନଙ୍କ ମଧରେ ସହକାରୀ କୃଷି ଅଧିକାରୀ ମନୋଜ କୁମାର ରାଉତ ଓ ବିଭାଗର ଅନ୍ୟ ଅଧିକାରୀଙ୍କ ସମେତ ଜଗଦଲପୁର ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଚଢ଼ାଉରେ ନୂଆପା ଓ ଜଗଦଲପୁର ଅଞ୍ଚଳର ବ୍ୟବସାୟୀ ନରେଶ ସାହୁ, ଚନ୍ଦ୍ରଶେଖର ମହାକୁଡ, ତୁରମଲ ଅଗ୍ରୱାଲ, କିର୍ତ୍ତନ ସାହୁ, ତରୁଣ ସାହୁ , କିରଣ ପଟେଲ ଧରାପଡିଥିଲେ । ଏମାନଙ୍କ ବିରୁଦ୍ଧରେ ବିଭାଗ ତରଫରୁ ସମନ ଜାରି କରାଯାଇ ଏକ ସପ୍ତାହ ମଧରେ ଜବାବ ଦାଖଲ କରିବାକୁ ତାଗିଦ କରାଯାଇଛି। ଆଗାମୀ ଦିନରେ ବ୍ଲକର ସମସ୍ତ ଅଞ୍ଚଳରେ ଚଢ଼ାଉ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ

ପାଇକମାଲ,୨୦।୯(ଡି.ଏନ.ଏ)

ପାଇକମାଳ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆମ ଜଙ୍ଗଲ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ମୁହାମୁହିଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଇକମାଳ ରେଞ୍ଜର କୃଷ୍ଣଚନ୍ଦ୍ର ଦଳ ବେହେରା ସଭାପତିତ୍ୱ କରିଥିଲେ। ଜଙ୍ଗଲ ବିଭାଗ ଏସିଏଫ ଶୁଭଦତ୍ତ ଚମ୍ପତିରାୟ ମୁଖ୍ୟଅତିଥି, ଓରମାସ ବରଗଡର ରାଜଗୋପାଳ ଦାସ, ଏସିଏଫ ରଞ୍ଜନ କୁମାର ବେହେରା, ପାଇକମାଳ ବିଡିଓ ଅଶୋକ କୁମାର ପଣ୍ଡା, ଝାରବନ୍ଧ ବିଡିଓ ପ୍ରଫୁଲ୍ଲ କୁମାର ନାଏକ, ଜଳ ବିଭାଜିକା ପିଡି ଇନ୍ଦ୍ରମଣି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୦ଟି ବନ ସଂରକ୍ଷଣ ସମିତିର କର୍ମକର୍ତ୍ତାମାନଙ୍କ ସହ ମୁହାମୁହିଁ ଆଲୋଚନା କରିଥିଲେ । ଏଥିରେ ଆମ ଜଙ୍ଗଲ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜୈବିକ ଚାଷ, ସରକାର ବିଭିନ୍ନ ଯୋଜନାରେ ଚାଷୀମାନଙ୍କୁ ଯୋଗାଇ ଦେଉଥିବା ଋଣ ଏବଂ ଏହାର ସବସିଡି ମୁଖ୍ୟତଃ ଛେଳି ଓ କୁକୁଡା ଚାଷ, ଚାଷୀର ଉତ୍ପାଦନ ଜିନିଷ କିପରି ସୁଲଭ ମୂଲ୍ୟରେ ବିକ୍ରି କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । ସାରମମାଲର ବସନ୍ତ କୁମାର ସାହୁ, ଲଉଡିଦର୍ହାର ଗୌନ୍ତିଆ ଯୋଗେନ୍ଦ୍ର କୁମାର ଭୋଇ, ଟାପରର ଜିତେନ୍ଦ୍ର ବାରିକ ପ୍ରମୁଖ ବନ ସଂରକ୍ଷଣ ସମିତି ସଭାପତିମାନେ ବିଭିନ୍ନ ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ଆମ ଜଙ୍ଗଲ ଯୋଜନାର ସଂଯୋଜକ ଡୋଲାମଣି ପଧାନ, ଫରେଷ୍ଟର ରାଜୀନ୍ଦ୍ର କୁମାର ସିଂ ପ୍ରମୁଖ ସହଯୋଗ କରିଥିବା ବେଳେ ପଦ୍ମପୁର ରେଞ୍ଜର ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

■ ବ୍ଲକସ୍ତରୀୟ ଖୋଖୋ ଚୟନ ପ୍ରତିଯୋଗିତା

## ଜିଲାସ୍ତରକୁ ୪୮ ଖେଳାଳି ମନୋନୀତ

ବିଜେପୁର, ୨୦।୯ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ପଥର୍ଲା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ବ୍ଲକସ୍ତରୀୟ ଖୋଖୋ ଚୟନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ହେମସାଗର ମହାନନ୍ଦଙ୍କ ଅଧକ୍ଷତାରେ ଉଦଘାଟନୀ ସମାରୋହ ହୋଇଥିଲା । ସରପଞ୍ଚ କୁମୁଦିନୀ ସାହା ମୁଖ୍ୟଅତିଥି, ସ୍କୁଲ ଚେୟାରମ୍ୟାନ ଦିଲୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ନେହାରାଣୀ ମିଶ୍ର ଓ ସାଥି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କ୍ରୀଡା ସମ୍ପାଦକ ସୁରେନ୍ଦ୍ର ମୋହନ ପଧାନ ବିବରଣୀ ପଠନ କରିଥିଲେ। ସରୋଜ କୁମାର ପୁରୋହିତ ଉଦଘାଟନୀ ସମାରୋହ ସଂଯୋଜନା କରିଥିଲେ। ଅମୂଲ୍ୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବ୍ଲକର ବିଭିନ୍ନ ସ୍କୁଲରେ ଅଧ୍ୟୟନରତ ୧୪ ଓ ୧୭ ବର୍ଷ ବୟସରୁ କମ୍ ବାଳିକା ବାଳକ ବିଭାଗରେ ମୋଟ ୨୦୦ ଜଣ ଖେଳାଳି ପ୍ରତିଯୋଗିତାରେ ସାମିଲ ହୋଇଥିଲେ । ବିଜେପୁର, ପହଣ୍ଡି, ଖରମୁଣ୍ଡା, ସାଇପାଲିକୁ ନେଇ ୪ଟି ସବଜୋନ ମାଧମରେ ଖୋଖୋ ଚୟନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ମୋଟ ୪୮ଜଣ ଖେଳାଳି ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି । ଆଗାମୀ ୨୪ରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ସେମାନେ ତାଙ୍କର ପ୍ରତିଭା ପ୍ରଦର୍ଶନ କରିବେ ବୋଲି ବ୍ଲକ କ୍ରୀଡା ସଂସଦ ପକ୍ଷରୁ ସୂଚନା ମିଳିଛି । ଛାତ୍ର ଶ୍ରୀକାନ୍ତ ମାଝୀ ଖେଳାଳିମାନଙ୍କୁ ଶପଥ ପାଠ କରାଇଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ ଉଦଯାପନୀ ସମାରୋହରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦଶରଥ ଗଡତିଆ, ହରେକୃଷ୍ଣ ସାହୁ, ବିଶ୍ୱମ୍ବର ପ୍ରଧାନ, ସଚ୍ଚିଦାନନ୍ଦ ପଧାନ ପ୍ରମୁଖଙ୍କ ପରିଚାଳନାରେ ୩୦ଜଣ କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ ।




ଅତିଥିଙ୍କ ଗହଣରେ ଛାତ୍ରୀଗଣ ସଙ୍ଗୀତ ପରିବେଷଣ କରୁଛନ୍ତି ।

■ ବରଗଡ଼ ପଞ୍ଚାୟତ କଲେଜ ସମସ୍ୟା

## ଜିଲାପାଳଙ୍କୁ ଭେଟିଲେ ଛାତ୍ର ପ୍ରତିନିଧି

ବରଗଡ଼ ଅଫିସ୍,୨୦।୯

ବରଗଡ଼ ପଞ୍ଚାୟତ କଲେଜର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର କଲେଜର ଏକ ଛାତ୍ର ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟିଥିଲେ। ସେମାନେ ଜିଲାପାଳ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ଦେବା ସହିତ କଲେଜ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନବେଳେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିକଟ ଭବିଷ୍ୟତରେ ଜିଲାପାଳ, ବିଧାୟକ ଓ ଛାତ୍ର ପ୍ରତିନିଧିମାନଙ୍କୁ ନେଇ କଲେଜ ସମସ୍ୟା ଉପରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । କଲେଜ ସମସ୍ୟାର ତୁରନ୍ତ ସମସ୍ୟା କରା ନ ଗଲେ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ ।

ପ୍ରକାଶ ଯେ, ଗତ ସୋମବାର ଛାତ୍ରମାନେ ୧୪ଦଫା ଦାବି କରି କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପର୍ଯ୍ୟାୟକ୍ରମେ ଛାତ୍ରୀଛାତ୍ରଙ୍କ ଦାବି ସମୂହକୁ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ଅଧ୍ୟକ୍ଷା କେ.ପି କାପାନୀ ଛାତ୍ରୀଛାତ୍ରଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ସମସ୍ୟାର ସମାଧାନ ହୋଇ ପାରି ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପାନୀୟଜଳ ସମସ୍ୟାଠାରୁ ଆରମ୍ଭ କରି ଅଧ୍ୟକ୍ଷ (ଗ୍ରେଡ୍-ଏ) ସମେତ ବହୁ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । କଲେଜରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ସମସ୍ୟା ବଢ଼ିବାରେ ଲାଗିଥିବା ଛାତ୍ରମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଭଳି ସ୍ଥଳେ କଲେଜ ଅଧ୍ୟକ୍ଷାଙ୍କ ବଦଳି କରିବା ପାଇଁ ସେମାନେ ସ୍ମାରକପତ୍ରରେ ଦାବି କରିଛନ୍ତି । ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ କାହ୍ନା ବାଗ, ଏମଡ଼ି ମୋହନ ଅନସାରୀ, ପୂର୍ବତନ ଛାତ୍ରନେତା କରନ ସିକନ୍ଦର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ବରଗଡ଼ ପଞ୍ଚାୟତ କଲେଜ ଛାତ୍ର ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ଯୁବକ ମୃତ

ବୌଦ୍ଧ,୨୦।୯(ସ୍ୱ.ପ୍ର) : ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ କଣ୍ଢା ଛକ ନିକଟ ରାସ୍ତା କଡରେ ଥିବା ଏକ ପିଲରରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସାନଝାରକଟା ଗ୍ରାମର ରାଜମିସ୍ତ୍ରି ହିରଣ୍ୟ ରାଉତ (୩୦)। ହିରଣ୍ୟ ପ୍ରତିଦିନ ରାଜମିସ୍ତ୍ରି କାମ କରିବାକୁ ଯାଆନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ନିଜ କାମ ସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ କଣ୍ଢା ଛକ ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ପିଲରରେ ପିଟି ହୋଇଯାଇଥିଲା। ଫଳରେ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଦମକଳ ବାହିନୀ ଉଦ୍ଧାର କରି ବାଉଁଶୁଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଚଳାଇଛି ।

# ପ୍ଲାଷ୍ଟିକ ଆଗାମୀ ପିଢ଼ିକୁ ବିପଦ

ବୌଦ୍ଧ,୨୦।୯(ସ୍ୱ.ପ୍ର)



ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୁନଃ ବିନିଯୋଗ ନେଇ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଭଞ୍ଜ କିଶୋର ମନୋହରୀଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଟାଉନହଲ ଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ପରିବେଶ ହୋଇପାରିଲେ ଏହା ଅଗାମୀ ପିଢି ପାଇଁ ଶୁଭଙ୍କର ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ଦ୍ୱାରା ଆଗାମୀ ପିଢିର ଲୋକଙ୍କ ପାଇଁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚାଇ ଦେବା ସହିତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହ୍ରାସ କରିବା ଓ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗୃହୀତ କରି ସେଗୁଡିକର ପୁନଃ ବିନିଯୋଗ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର ସରୋଜ ପାଢ଼ି ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଂଜନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଏନଏସିର ସମସ୍ତ ୱାର୍ଡରେ ସ୍ୱଚ୍ଛ ସାଥୀ ନିଯୁକ୍ତ ସହିତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ହ୍ରାସ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ପରିଡା ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଜିଲାର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରତିଯୋଗିତା

ଘଣ୍ଟାପଡା, ୨୦।୯ (ଡି.ଏନ.ଏ)

ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କଣ୍ଟାମାଳ ବ୍ଲକ ଉମା କ୍ଲଷ୍ଟର ଅଧୀନ ଫଟାମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଗୁରୁବାର ପୁରସ୍କୃତ କରାଯାଇଛି। ଗତ ମଙ୍ଗଳବାର ହୋଇଥିବା ପ୍ରତିଯୋଗିତାର ଚିତ୍ରାଙ୍କନ, ପ୍ରଶ୍ନମଞ୍ଚ ଓ ସମ୍ଭାଷଣ ବିଭାଗରେ ବିଦ୍ୟାଳୟ ୧ମରୁ ୮ମ ଶ୍ରେଣୀର ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନରେ ନୀଳାଦ୍ରି ବାଘ, ଅଞ୍ଜନା ପାତ୍ର, ରଘୁନାଥ ପାତ୍ର, ପ୍ରଶ୍ନ ମଞ୍ଚରେ ଇତି ଭୋଇ, କ୍ଷମାନିଧି ସୁନା, ଶ୍ୟାମାନନ୍ଦ ଠେଲା, ସମ୍ଭାଷଣରେ ଇତି ଭୋଇ, ନୀଳାଦ୍ରି ବାଘ, କ୍ଷମାନିଧି ସୁନା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୁଆଦେଇ ମାଝୀ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଶାନ୍ତନୁ ସ୍ୱାଇଁ, ସ୍ମାରକ ସାହୁ ଓ ଦିଗସନ ସୁନା ମଞ୍ଚାସୀନ ଥିଲେ। ଶିକ୍ଷକ ଦିଗସନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ସୁଦାମ ଭୋଇ ସହଯୋଗ କରିଥିଲେ ।

# ବାଇକ ଚୋରି, ୫ରୁ ଅଧିକ ଅଟକ

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବୌଦ୍ଧ ସହରର ବିଭିନ୍ନ ସ୍ଥାନରୁ ଗତ ୧୫ ଦିନ ମଧ୍ୟରେ ୬ଟି ବାଇକ ଚୋରି ହୋଇଥିବାବେଳେ ଚୋରଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଗାଡି ଚୋରି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ୫ରୁ ଅଧିକ ଯୁବକଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା ଚଳାଇଛି ।

# ବିବିଏ, ବିସିଏରେ ବିକାଶର ସଫଳତା

ବରଗଡ଼ ଅଫିସ୍,୨୦।୯



ସ୍ନେହା ଅଗ୍ରୱାଲ ।



ପି. ଭବ୍ୟଶ୍ରୀ ।



ଏମ.ଚିନ୍ମୟ ନାୟକ ।



ଆଦର୍ଶ ସାହୁ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୬-୨୦୧୯ ଶିକ୍ଷାବର୍ଷର ପ୍ରକାଶିତ ପରୀକ୍ଷାଫଳରେ ବରଗଡ଼ର ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ବିସିଏ ବିଭାଗର ସ୍ନେହା ଅଗ୍ରୱାଲ ୮୧.୬୩ ପ୍ରତିଶତ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ର୍‍ୟାଙ୍କ-୨ରେ ରହିଛନ୍ତି । ସେହିପରି ବିକାଶର ପି. ଭବ୍ୟଶ୍ରୀ ୮୧.୧୯ପ୍ରତିଶତ ମାର୍କ ରଖି ର୍‍ୟାଙ୍କ-୩, ୮୧.୧୯ ପ୍ରତିଶତ ମାର୍କ ରଖି ଏମ. ଚିନ୍ମୟ ନାୟକ ର୍‍ୟାଙ୍କ-୪ରେ ଥିବାବେଳେ ବିବିଏ ବିଭାଗରେ ୭୯.୪୨ପ୍ରତିଶତ ମାର୍କ ରଖି ଆଦର୍ଶ ସାହୁ ମଧ୍ୟ ର୍‍ୟାଙ୍କ-୪ରେ ରହିଛନ୍ତି। ବିସିଏ ବିଭାଗରେ ଉକ୍ତ ଅନୁଷ୍ଠାନର ସ୍ୱର୍ଣ୍ଣ ମେହେର ୮୦.୬୭ପ୍ରତିଶତ ମାର୍କ ରଖି ର୍‍ୟାଙ୍କ-୫, ୮୦.୮୪ପ୍ରତିଶତ ମାର୍କ ରଖି ଅନିକେତ ଶର୍ମା ର୍‍ୟାଙ୍କ-୬ରେ ଅଛନ୍ତି। ବିବିଏ ବିଭାଗରେ ବିକାଶର ସୁମନ ମିଶ୍ର ୭୮.୫୪ପ୍ରତିଶତ ମାର୍କ ରଖି ର୍‍ୟାଙ୍କ-୯ରେ ରହିଛନ୍ତି । ବିବିଏ ଓ ବିସିଏ ବିଭାଗର ୭ଜଣ ଛାତ୍ରୀଛାତ୍ର ଫାଷ୍ଟକ୍ଲାସ ଅନର୍ସ ସହିତ ଡିଷ୍ଟିଙ୍କସନ୍ ପାଇଥିବାବେଳେ ୭ଜଣ ଫାଷ୍ଟକ୍ଲାସ୍ ଉଇଥ୍ ଅନର୍ସରେ କୃତିତ୍ୱ ଅର୍ଜନ କରିଛନ୍ତି । ବିକାଶର ୯୯.୫ ପ୍ରତିଶତ ଏହି ପରୀକ୍ଷାରେ ସଫଳ ହୋଇଛନ୍ତି । ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଏଡ଼ମିନିଷ୍ଟ୍ରେଟର ଆରଏସଭି କ୍ରୀଷ୍ଣା ପ୍ରମୁଖ ସଫଳ ଛାତ୍ରୀଛାତ୍ର ଏବଂ ତାଙ୍କ ମା'ବାପାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ତାଳପଦରରେ ପ୍ରତିଷ୍ଠା ହେବ ନୂତନ ପିଏଚସି

## ସ୍ଥାନ ପରିଦର୍ଶନ କଲେ ସିଡିଏମଓ

ବିଜେପୁର, ୨୦।୯ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଉପନିର୍ବାଚନ ନେଇ ଉତ୍ତପ୍ତତା ବୃଦ୍ଧି ପାଇଛି । ରାଜନୈତିକ ଦଳ ସମେତ ପ୍ରଶାସନିକ ସ୍ତରରେ ତତ୍ପରତା ମଧ ବଢ଼ିବାରେ ଲାଗିଛି । ଏହି କ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ଶୁକ୍ରବାର ଏହି ବ୍ଲକର ତାଳପଦରରେ ପ୍ରତିଷ୍ଠା ହେବାକୁ ଯୋଜନା ରହିଥିବା ନୂତନ ପ୍ରାଥମିକ ଚିକିତ୍ସାକେନ୍ଦ୍ର ପାଇଁ ସ୍ଥାନ ପରିଦର୍ଶନ କରିଥିଲେ । ଉକ୍ତ କେନ୍ଦ୍ର ନିର୍ମାଣ ସକାଶେ ସ୍ଥାନୀୟ ମହାବିଦ୍ୟାଳୟ ନିକଟରେ ତହସିଲ ପକ୍ଷରୁ ୨ ଏକର ଜମି ଯୋଗାଇ ଦିଆଯାଇଛି । ତେଣୁ ନୂତନ କୋଠା ନିର୍ମାଣ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ତାଳପଦର ଗ୍ରାମର କୌଣସି ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେବ । କେଉଁ ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲେ ଲୋକମାନେ ଉପକୃତ ହେବେ ସେ ନେଇ ସିଡିଏମଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ସାତ ଦିନ ମଧରେ ତାଳପଦର ସ୍ଥିତ ରାଜୀବ ସେବା କେନ୍ଦ୍ର କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ କୋଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ କରାଯିବାର ଯୋଜନା ରହିଥିବା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଏହି ସମୟରେ ଏଡିଏମଓ ଡା. ଭୀମ ସାହୁ, ଡିପିଏମ ଶଙ୍କର ଆଚାର୍ଯ୍ୟ, ବିପିଏମ ସୁବାଷ ନନ୍ଦ, ପିଏଚଇଓ ରୁଦ୍ର ଡନସନା ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପଦବୀରୁ ଇସ୍ତଫା ଦେବାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ପ୍ୟାକେଜ ଘୋଷଣା କରିଥିଲେ । ଏଥିରେ ବିଜେପୁର ବ୍ଲକ ତାଳପଦରରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ପର୍ଯ୍ୟାପ୍ତ ଡାକ୍ତର ନିଯୁକ୍ତି କରାଯିବାର ଘୋଷଣା ରହିଥିଲା । ଉପନିର୍ବାଚନ ପାଇଁ ଉକ୍ତ ଘୋଷଣା ବାସ୍ତବ ରୂପ ନେବାର ଆଶା ଉଜ୍ଜୀବିତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧରେ ଉତ୍କଣ୍ଠା ପ୍ରକାଶ ପାଇଛି ।

### କଳାପ୍ରେମୀଙ୍କ ପରଲୋକ



ତାରାଚାନ୍ଦ ମହାପାତ୍ର । (ଫାଇଲ ଫଟୋ)

ବରଗଡ଼ ଅଫିସ୍,୨୦।୯

ବରଗଡ଼ ଧନୁଯାତ୍ରା ମହୋତ୍ସବ କଳାକାର ସମନ୍ୱୟ ସମିତିର ଅନ୍ୟତମ ଉପଦେଷ୍ଟା ତଥା ତଳିପଡ଼ା ସମଲେଶ୍ୱରୀ ସଂଘର ବରିଷ୍ଠ ସଦସ୍ୟ ତାରାଚାନ୍ଦ ମହାପାତ୍ରଙ୍କ ଶୁକ୍ରବାର ପରଲୋକ ହୋଇଛି । ପୁନେସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରଲୋକ ଘଟିଛି । ସ୍ୱର୍ଗତ ମହାପାତ୍ରଙ୍କୁ ୭୨ବର୍ଷ ହୋଇଥିଲା । ସେ ଜଣେ ବିଶିଷ୍ଟ କଳାପ୍ରେମୀ ଥିଲେ । ତାଙ୍କ ପରଲୋକରେ ବରଗଡ଼ ସହରରେ ଗଭୀର ଶୋକପ୍ରକାଶ ପାଇଛି ।

# ଗାନ୍ଧୀ ଜୟନ୍ତୀ ପାଇଁ ବିଭିନ୍ନ ପ୍ରତିଯୋଗିତା

ବରଗଡ଼ ଅଫିସ୍,୨୦।୯

ବରଗଡ଼ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ସ୍କୁଲରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଶିକ୍ଷା ଜିଲା ଆନୁକୂଲ୍ୟରେ ଗୁରୁବାର, ଶୁକ୍ରବାର ଦୁଇଦିନ ଧରି ଏହି ପ୍ରତିଯୋଗିତା ହୋଇଥିଲା। ଆସନ୍ତା ୨୫ତାରିଖ ବ୍ଲକସ୍ତରୀୟ ଏବଂ ୩୦ତାରିଖ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବରଗଡ଼ ଜର୍ଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ରାଣାପ୍ରତାପ ସ୍କୁଲ, ସମଲେଶ୍ୱରୀ ହାଇସ୍କୁଲ ଆଦି ସ୍ଥାନରେ ଏହି ପ୍ରତିଯୋଗିତା ହୋଇଥିଲା ।



ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ଛାତ୍ର ନିଜ ବକ୍ତବ୍ୟ ରଖୁଛନ୍ତି ।

### ବିଶ୍ୱକର୍ମା ପୂଜାରେ ବିଧାୟକ

ବରଗଡ଼ ଅଫିସ୍,୨୦।୯

ବରଗଡ଼ ବ୍ଲକ ଅନ୍ତର୍ଗତ ନିଲେଶ୍ୱରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୁହାର ଯୁବ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ନାମ ସଂକୀର୍ତ୍ତନ, ବନ୍ଦିତା ନାଏକଙ୍କ ପ୍ରବଚନ, ସଙ୍ଗୀତ ଆଦି ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସରପଞ୍ଚ ସୌଭାଗ୍ୟବତୀ ବିଶ୍ୱାଳ, ଯୁବନେତା ଉମେଶ ପଣ୍ଡା, ଲିପୁ ସାହୁ, ସଞ୍ଜିବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣସାଗର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜୁହାର ଯୁବ ସଙ୍ଗଠନର ନୀଳାମ୍ବର ସାହୁ, ଦଶରଥ ସାହୁ, ମୀନକେତନ ସାହୁ, କୈଳାସ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଗଣନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତ କଲେଜରେ ସ୍ୱାଗତ ସମାରୋହ



ସ୍ୱାଗତ ସମାରୋହରେ କଲେଜ ଅଧ୍ୟକ୍ଷା ଓ ଅନ୍ୟମାନେ ।

ବରଗଡ଼ ଅଫିସ୍,୨୦।୯

ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗରେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ସିପୁନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କଲେଜ ଅଧ୍ୟକ୍ଷା କେ. ପି କପାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଶୋଭନ ସ୍ୱାଇଁ, ଉଦୟ ଶଙ୍କର ପ୍ରଧାନ, ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ସିଦ୍ଧି ସାକ୍ଷୀ ଶୁକ୍ଲା ଓ ବର୍ଷାରାଣୀ ଝାଙ୍କର ସରସ୍ୱତୀ ବନ୍ଦନା ଗାନ କରିଥିଲେ । ସେମିନାର ସମ୍ପାଦନ ରିଙ୍କୁ କିଶାନ ବିବରଣୀ ପାଠ କରିଥିଲେ । ସ୍ମୃତି ଦାଶ ସଭା ସଂଯୋଜନା କରିଥିଲେ। ବେଦପ୍ରକାଶ ମେହେର ଓ ପ୍ରକାଶ ପୋଢ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ରଫେସର ମାନସ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ: ପୁଟୁରୁପାଲି, ଲେଣ୍ଡା ବିଜୟୀ

ବରଗଡ଼ ଅଫିସ୍,୨୦।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ପୁଟୁରୁପାଲି ଓ ଗୁଡ଼େଶିରା ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ପୁଟୁରୁପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଲେଣ୍ଡା ଓ ଡୁମେରପାଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଲେଣ୍ଡା ବିଜୟୀ ହୋଇଥିଲା । ପ୍ରତିଯୋଗିତାର ଉଦଘାଟନୀ ଅବସରରେ ଫାଇଟ୍ ଅନ୍ ରାଇଟ୍‌ର ଆବାହକ ଇଂ ଦେବବ୍ରତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରାଜକୁମାର ବନଛୋର, ରୂପବନ୍ତ କୁମ୍ଭାର, ନରୋତ୍ତମ କୁମ୍ଭାର, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଉଁଶୁଣୀ, ୨୦।୯ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ଶୁକ୍ରବାର ହାଇସ୍କୁଲର ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା, ଜିଲା ଶାରିରୀକ ଅଧିକାରୀ ନିରଞ୍ଜନ ବେହେରା, ସୁରେନ୍ଦ୍ର ଦାଶ, ସଚଳା ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ତୋଷ ସେନାପତି, ଖଗେଶ୍ୱର ମେହେର, ଲିଙ୍ଗରାଜ ମେହେର, ନୟନ ମହାନ୍ତି, ଶୁଭଶ୍ରୀ ଡାଙ୍ଗ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୪୦ ଜଣ କ୍ରୀଡା ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କର ଫୁଟବଲ, ଭଲିବଲ, ଖୋଖୋ, କବାଡି ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାର ଯୋଗ୍ୟ ପ୍ରତିଯୋଗୀ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଶେଷରେ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ବୋଡେନ,୨୦୧୯(ଡି.ଏନ.ଏ.)**- ନୂଆପଡ଼ା ଜିଲା ବୋଡେନ ବ୍ଲକ ଆଦିବାସୀ ଅଧୁସିତ ପଞ୍ଚାୟତ ଭଇଁସାଦାନିଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଇଁସାଦାନି, ରୁଣ୍ଡି, ପାଟଦରହା, କାଟଫାର, କୋପଟିଆମ, ରେଡାମାଳ, ସିଆଲଟି, ଧୋବେଇ, କୋଟଗାଁ ଆଦି ଗାଁଗୁଡିକର ୨୧୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ ଅଧୀକାରୀ ପ୍ରଦିପ ଠାକୁର, ସରପଞ୍ଚ ଭୋଲାନାଥ ନାଗ, ଜିଆରଏସ ରାଜେସ ସାହୁ, ଗାଁ ସାଥୀ କୈଳାଶ ମାଝିପ୍ରମୁଖଙ୍କ ସହ ପଞ୍ଚାୟତ ସମସ୍ତ କର୍ମଚାରୀ ଏବଂ ୱାର୍ଡ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ତଳେ ଚିକିତ୍ସିତ ହେଉଛନ୍ତି ରୋଗୀ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୨୦୧୯ (ଡି.ଏନ.ଏ.)**

ନୂଆପଡା ଜିଲାର ସବୁଠାରୁ ଏକ ଜନବହୁଳ ସହର ଭାବେ ଖଡିଆଳ ଜଣାଶୁଣା । ବିଭିନ୍ନ ସମୟରେ ନେତା ଅଧିକାରୀମାନେ ଏଠିକାର ଉନ୍ନତି ସକାଶେ ଅଣ୍ଟା ଭିଡୁଥିବା କୁହାଯାଉଥିବାବେଳେ ପ୍ରକୃତପକ୍ଷେ କୌଣସି ସୁଫଳ ମିଳିପାରୁନାହିଁ। ଖଡିଆଳ ସରକାରୀ ହସ୍ପିଟାଲ ଏହାର ଏକ ନଗ୍ନ ନମୁନା ମାତ୍ର । ସରକାରୀ ହସ୍ପିଟାଲ ନାଁକୁ ମାତ୍ର ଛିଡା ହୋଇରହିଛି । ଲୋକେ ସୁବିଧା ନ ପାଇ ବାଧ୍ୟ ହୋଇ ବାହାରର ବେସରକାରୀ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରେ ଜନଅସନ୍ତୋଷ ଦାନା ବାନ୍ଧୁଛି ।

ଖଡିଆଳ ସହର ମଧ୍ୟରେ ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଏଠାକୁ ଖଡିଆଳ ସହର ସମେତ ପଡୋଶୀ ବୋଡେନ, ସିନାପାଲି ଏବଂ ବଲାଙ୍ଗୀର ଜିଲାର ବଙ୍ଗୋମୁଣ୍ଡା ଆଦି ବ୍ଲକର ଶତାଧିକ ରୋଗୀ ଆସି ଚିକିତ୍ସା ସେବା ପାଇଥାନ୍ତି । ଏଥିସକାଶେ ସରକାର ବାର୍ଷିକ ବହୁ ଟଙ୍କାର ଯୋଜନା କରିଛନ୍ତି । ମୁକ୍ତରେ ଔଷଧ, ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ହେଲେ ଏଠାରେ ରୋଗୀଙ୍କ ସକାଶେ ଶଯ୍ୟା କି ସାଲାଇନ ଷ୍ଟାଣ୍ଡ ମଧ୍ୟ ଉପଲବ୍ଧ ହେଉ ନ ଥିବାରୁ ଲୋକେ ନାକ ଟେକୁଛନ୍ତି । ରୋଗୀମାନେ ବାଧ୍ୟ ହୋଇ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖାଯାଉଛି । ଏପରିକି ରୋଗୀଙ୍କୁ ମୁକ୍ତରେ ଔଷଧ ମିଳୁ ନ ଥିବାରୁ ବାଧ୍ୟ ହୋଇ ବାହାରୁ କିଣୁଥିବା ଅଭିଯୋଗ ହୋଇଛି । ଏହା ଉପରେ ଜିଲା ଦଳିତ ଏକତା ମନଚ ସଭାପତି କମଳ ଚରଣ ତାଣ୍ଡି ଅଭିଯୋଗ ଆଣିଥିବାବେଳେ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।





**ଖଡ଼ିଆଳ ହସ୍ପିଟାଲର ଦୁଇଟି ଭିନ୍ନ ଚିତ୍ର :** ପ୍ରଥମଟିରେ ରୋଗୀମାନେ ଶଯ୍ୟା ଅଭାବରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ଦ୍ୱିତୀୟ ଚିତ୍ରରେ ସାଲାଇନ ଷ୍ଟାଣ୍ଡ ଅଭାବରୁ ଖଟର ଆଧାର ଲୁହାରେ ସାଲାଇନ ଖଞ୍ଜାହୋଇଛି।

**ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଶଯ୍ୟା ନାହିଁ କି ସାଲାଇନ ଷ୍ଟାଣ୍ଡ ନାହିଁ

## ଜଙ୍ଗଲରେ ପଡ଼ିଛି ଅଜଣା ମହିଳାଙ୍କ ମୃତଦେହ

**ସିନାପାଲି,୨୦୧୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍‌ସ୍ଥିତ କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ ଧୁଙ୍ଗିଆମୁଣ୍ଡା ଗ୍ରାମ ଜଙ୍ଗଲରେ ଏକ ଅଜଣା ମହିଳାଙ୍କ ମୃତଦେହ ଦୀର୍ଘ ୩ ଦିନ ଧରି ପଡିରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପହଞ୍ଚି ପାରିନାହିଁ । ସୂଚନାଯୋଗ୍ୟ ଯେ, କୌଣସି ଏକ ଅପରିଚିତ ବ୍ୟକ୍ତି କିଛିଦିନ ଧରି ଆଖପାଖ ଅଞ୍ଚଳରେ ଘୁରି ବୁଲୁଥିଲା । ହେଲେ ତିନିଦିନ ତଳେ ନିକଟସ୍ଥ ଜଙ୍ଗଲରେ ମରି ପଡିଥିବା ଧୁଙ୍ଗିଆମୁଣ୍ଡା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଭୟରେ ଗ୍ରାମବାସୀ ପୋଲିସକୁ ଖବର ଦେଉ ନ ଥିବା ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି। ବର୍ତ୍ତମାନ ମୃତଦେହ ଜଙ୍ଗଲି ପଶୁଙ୍କ ଆହାର ପାଲଟିଛି। ମୃତଦେହକୁ ବନ୍ୟଜନ୍ତୁ କିଛି ଦୂର ଗାଁ ନିକଟକୁ ଟାଣି ଆଣିଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ସିନାପାଲି ସବ୍‌ଇନ୍‌ସ୍‌ପେକ୍ଟର କୁଳମଣି ବୁର୍ଦାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଶୁକ୍ରବାର ଖବର ପାଇବା ପରେ ଏହାର ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ।

### ଆନ୍ତଃ ଜିଲା ସିଂଗଝର ଫୁଟ୍‌ବଲ୍ ଟୁର୍ନାମେଣ୍ଟ

# ପ୍ରଥମ ଦିନରେ କାପସି, ମାନିଗାଁ ବିଜୟୀ

**ସିନାପାଲି,୨୦୧୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ସିଂଗଝର ଫୁଟବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କାପସି ବନାମ ଚଟିଆଗୁଡା ଓ ମାନିଗାଁ ବନାମ ଜାମଗାଁ ମଧ୍ୟରେ ମୁକାବିଲା ହୋଇଥିଲା । ପ୍ରଥମେ କାପସି ଓ ଚଟିଆଗୁଡା ଏକାଦଶ ମଧ୍ୟରେ ଟ୍ରାଇବାଇକ୍ ମାଧ୍ୟମରେ କାପସି ଏକାଦଶ ୧-୦ ଗୋଲରେ ବିଜୟୀ ଲାଭ କରିଥିଲା । ଦ୍ୱିତୀୟ ମ୍ୟାଚରେ ମାନିଗାଁ ଏକାଦଶ ଟ୍ରାଇବାଇକ୍ ମାଧ୍ୟମରେ ୫-୩ ଗୋଲ୍‌ରେ ଜାମଗାଁ ଏକାଦଶକୁ ହରାଇ ବିଜୟ ଲାଭ କରିଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସିଂଗଝର ସରପଞ୍ଚ ରୀନା ବୈଠାରୁ, ଜଇତରାମ ନାଏକ, ବୈକୁଣ୍ଠ ମାଝି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ରେଫରୀ ଭାବେ କୁସୁମଯୋର ଖେଳ ଶିକ୍ଷକ ସନ୍ତୋଷ ବୈଠାରୁ ଓ ଅନ୍ୟ ଏକ ମ୍ୟାଚରେ ପୁଷ୍ପାକାନ୍ତ ନିଆଲ ଖେଳ ପରିଚାଳନା କରିଥିଲେ । ପିଓଜ କଶ୍ୟପ, ଦିଲୀପ ନିଆଲ ଲାଇନ୍ ମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳାଳି।

## ର୍‍ୟାଗିଂ ନେଇ ସଚେତନତା କାର୍ଯ୍ୟକ୍ରମ

**ସିନାପାଲି,୨୦୧୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ମହାବିଦ୍ୟାଳୟରେ ର୍‍ୟାଗିଂ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିନାପାଲି କଲେଜ ଅଧକ୍ଷ ମୋହନ ସାହୁ, ଅଧାପକ କ୍ଷେତ୍ରମୋହନ ଦୁରିଆ, ପ୍ରତୁଳ ପଣ୍ଡା, ଯଜ୍ଞ କୁମାର ସିଂ, ଏ.ବି. ଡୁଙ୍ଗ ଡୁଙ୍ଗ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟ ଓ କଲେଜଗୁଡିକରେ ଦିନକୁ ଦିନ ର୍‍ୟାଗିଂ ବଢିଚାଲିଥିବା ବେଳେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଗଲେ ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ସୁରକ୍ଷିତ ରହିବେ। ଏପରି କି ର୍‍ୟାଗିଂକୁ ନେଇ ଥିବା ବିଭିନ୍ନ ଆଇନ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ।

## ଫୁଟବଲ : ପୁଟୁରୁପାଲି, ଲେଣ୍ଡା ବିଜୟୀ

**ବରଗଡ଼ ଅଫିସ୍,୨୦୧୯**

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ପୁଟୁରୁପାଲି ଓ ଗୁଢ଼େଶିରା ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ପୁଟୁରୁପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଲେଣ୍ଡା ଓ ଡୁମେରପାଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଲେଣ୍ଡା ବିଜୟୀ ହୋଇଥିଲା । ପ୍ରତିଯୋଗିତାର ଉଦଘାଟନୀ ଅବସରରେ ଫାଇଟ୍ ଅନ୍ ରାଇଟ୍‌ର ଆବାହକ ଇଂ ଦେବବ୍ରତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ବୌଦ୍ଧ,୨୦୧୯(ସ୍ୱ.ପ୍ର)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା କଣ୍ଟା ଛକ ନିକଟ ରାସ୍ତା କଡରେ ଥିବା ଏକ ପିଲରରେ ପିଟି ହେବାରୁ ଶୁକ୍ରବାର ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାନଖାରକଟା ଗ୍ରାମର ରାଜମିସ୍ତ୍ରି ହିରଣ୍ୟ ରାଉତ। ହିରଣ୍ୟ ସନ୍ଧ୍ୟାରେ କାମ ସାରି ଯୋଗେ ଘରକୁ ବାଇକ ଫେରୁଥିବା ବେଳେ କଣ୍ଟା ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡ ଏକ ପିଲରରେ ପିଟି ହୋଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଦମକଳ ବାହିନୀ ଉଦ୍ଧାର କରି ବାଉଁଶୁଣୀ ମେଡିକାଲରେ ଭର୍ତ୍ତି କରିଥିଲେ ।

## ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ, ପୁନଃ ବିନିଯୋଗ କର୍ମଶାଳା

**ବୌଦ୍ଧ,୨୦୧୯ (ସ୍ୱ.ପ୍ର)**

ବୌଦ୍ଧ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୁନଃ ବିନିଯୋଗ ନେଇ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଭଞ୍ଜ କିଶୋର ମନୋହରୀଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଟାଉନହଲ ଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ପରିବେଶ ହୋଇପାରିଲେ ଏହା ଅଗାମୀ ପିଢି ପାଇଁ ଶୁଭଙ୍କର ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ଦ୍ୱାରା ଆଗାମୀ ପିଢିର ଲୋକଙ୍କ ପାଇଁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚାଇ ଦେବା ସହିତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହ୍ରାସ କରିବା ଓ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗୃହୀତ କରି ସେଗୁଡିକର ପୁନଃ ବିନିଯୋଗ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର ସରୋଜ ପାଢି ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଂଜନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଏନଏସିର ସମସ୍ତ ୱାର୍ଡରେ ସ୍ୱଚ୍ଛ ସାଥୀ ନିଯୁକ୍ତ ସହିତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ହ୍ରାସ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ପରିଡା ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ।

## ବାଇକ ଚୋରି, ୫ରୁ ଅଧିକ ଅଟକ

**ବୌଦ୍ଧ,୨୦୧୯(ସ୍ୱ.ପ୍ର)**

ବୌଦ୍ଧ ସହରର ବିଭିନ୍ନ ସ୍ଥାନରୁ ଗତ ୧୫ ଦିନ ମଧ୍ୟରେ ୬ଟି ବାଇକ ଚୋରି ହୋଇଥିବାବେଳେ ଚୋରଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଗାଡି ଚୋରି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ୫ରୁ ଅଧିକ ଯୁବକଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା ଚଳାଇଛି ।



ବୈଠକରେ ଯୋଗ ଦେଇଥିବା ଅମଲା ସଂଘର ସଦସ୍ୟବୃନ୍ଦ।

## ଘରଭଡା, ବକେୟା ୬୦ % ବେତନ ଦେବା ପାଇଁ ଦାବି

**ଭବାନୀପାଟଣା,୨୦୧୯(ଡି.ଏନ.ଏ.)**

**ସପ୍ତମ ବେତନ କମିଶନ**

କଳାହାଣ୍ଡି ଜିଲା ଅମଲା ସଂଘ ତରଫରୁ ସ୍ଥାନୀୟ ଅମଲା ଭବନଠାରେ ଏକ ଜରୁରି ବୈଠକ ସଂଘ ସଭାପତି ସୁକାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟ ସରକାରୀ କର୍ମଚାରୀଙ୍କୁ ତୁରନ୍ତ ସପ୍ତମ ବେତନ କମିସନ ମୁତାବକ ତୁରନ୍ତ ଘରଭଡା ଓ ବକେୟା ୬୦ ପ୍ରତିଶତ ବେତନ ତା.୧।୧।୨୦୧୬ ତାରିଖଠାରୁ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ନଚେତ ଆଗାମୀ ଦିନରେ ସମଗ୍ର ଜିଲାରେ ଅମଲାମାନେ ବାଧ୍ୟ ହୋଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ ସୁନିଲ କାନୁନଗୋ, ଉପଦେଷ୍ଟା ରୂପ କିସୋର ଦଳେଇ, ଅଭିମନ୍ୟୁ ମହାନନ୍ଦ, ପ୍ରଶନ୍ନ ପଟ୍ଟନାୟକ, ଭାବଗ୍ରାହୀ ନାୟକ ପ୍ରମୁଖ ଆଲୋଚନାର ଭାଗନେଇଥିବା ବେଳେ କୋଷାଧକ୍ଷ ମନୋରଞ୍ଜନ ଛତ୍ରପାଳ ଧନ୍ୟବାଦ ଦେଇଥିଲେ।

### ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଷଷ୍ଠ ଦିବସ

## ଇଣ୍ଡିଆନ୍ କ୍ଲବ ୨-୧ ଗୋଲରେ ବିଜୟୀ

**ଭବାନୀପାଟଣା,୨୦୧୯(ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ଶୁକ୍ରବାର ଷଷ୍ଠ ମ୍ୟାଚ୍ ଇଣ୍ଡିଆନ୍ କ୍ଲବ ବନାମ ଶ୍ରୀକ୍ରିଷ୍ଣା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ୍ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା। ଇଣ୍ଡିଆନ୍ କ୍ଲବ ତରଫରୁ ଶ୍ରୀଦେବ ଓ ଆକାଶ ୧ ଲେଖାଏଁ ଗୋଲ ଦେଇଥିବା ବେଳେ ଶ୍ରୀକ୍ରିଷ୍ଣା କ୍ଲବ ତରଫରୁ କିଷନ ଗୋଟାଏ ଗୋଲ ଦେଇଥିଲେ। ଫଳରେ ଇଣ୍ଡିଆନ୍ କ୍ଲବ ବିଜୟୀ ହୋଇଥିଲା। ଷଷ୍ଠ ଦିବସର ମ୍ୟାଚ୍‌ରେ ଅତିଥି ଭାବେ କ୍ରୀଡା ସଙ୍ଗଠକ ତଥା ଜୁନିୟର ଏନ୍‌ସିସି ଅଫିସର ରବିପ୍ରଶାଦ କାକନୁଗୋ ଯୋଗଦେଇଥିଲେ। ଜିତେନ୍ଦ୍ର କୁମାର ରଥ, ପି.ଭି. ରାଓ, ରଞ୍ଜନ କୁମାର ଦାସ ହରପ୍ରଶାଦ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ଶନିବାର ସପ୍ତମ ମ୍ୟାଚ୍ ଷ୍ଟାର ଇଲେଭେନ ବନାମ ଇଭିନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



୬ଷ୍ଠ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି।

# ଜିଲାର ବିବିଧ ସମସ୍ୟା ଉପରେ ଆଲୋଚନା

**ନୂଆପଡା ଅଫିସ,୨୦୧୯**

ନୂଆପଡା ଜିଲା ଗଠନ ହେବାଠାରୁ ପଚିଶ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନାରେ ଟଙ୍କା ବରାଦ ହେଉଛି। ତଥାପି ସମସ୍ୟା ଯଥା ପୂର୍ବଂ ତଥା ପର ହୋଇ ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ଯୋଜନା ପ୍ରସ୍ତୁତ ହେଉଛି, ହେଲେ ପରବର୍ତ୍ତି ସମୟରେ କାର୍ଯ୍ୟାନ୍ୱୟନ ହେଉ ନ ଥିବାରୁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭାଗୃହରେ ଆୟୋଜିତ ଜିଲା ପରିଷଦ ବୈଠକରେ ଯୋଗଦେଇ ପ୍ରତିନିଧିମାନେ ଏହା କହିଛନ୍ତି ।

ପୂର୍ବାହ୍ନ ୧୧ଟାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମଧୁସ୍ମିତା ସାହୁ, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କ୍ରମାନ୍ୱୟରେ ଜିଲାର ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା। ଜିଲାରେ ଗତ ଦିନରେ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପ୍ରତିନିଧିମାନେ ଯୋଗାଣ ବିଭାଗ ଉପରେ ବର୍ଷିଥିଲେ। ବିଭାଗୀୟ ଅଧିକାରୀ ଏବଂ ମିଲର୍ସଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ହରଡଘଣାରେ ପଡୁଥିବା ନେଇ ଚର୍ଚ୍ଚା ହୋଇଥିଲା। ତଥାପି ବିଭାଗ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହିଭଳି ଜିଲାରେ ୟୁରିଆ ସାରର କଳାବଜାରୀ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ପ୍ରତିନିଧିମାନେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପ୍ରାଣୀ ଚିକିତ୍ସା, ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା । ସେହିଭଳି ଆଗାମୀ ଦିନରେ ଜିଲା ପାଇଁ କଅଣ ସବୁ ବ୍ୟବସ୍ଥା କରାଯିବ ସେ ଉପରେ ମଧ୍ୟ ପ୍ରସ୍ତାବ ଆସିଥିଲା। ଜିଲ୍ଲାପାଳ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ତତ୍ପରତା ପ୍ରକାଶ କରି ତୃଣମୂଳସ୍ତରକୁ ଯାଇ କାମ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ଖାନ, ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଅଶୋକ ଦାସ, ଜିଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ଅଭିଯାନ ଆଦିକନ୍ଦ ଦାସ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ପ୍ରମୁଖ ଯୋଗଦେଇଥିବାବେଳେ ସମସ୍ତ ବିଡିଓ, ତହସିଲଦାର, ପଞ୍ଚାୟତିରାଜ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲାପାଳ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଜିଲା ପରିଷଦ ବୈଠକରେ ଯୋଗଦେଇଥିବା ଅତିଥିଗଣ।

**ଜିଲା ପରିଷଦ ବୈଠକ**



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କୃଷି କାର୍ଯ୍ୟାଳରେ କର୍ମଚାରୀ ଅଭାବ

ବୋଡେନ,୨୦୧୯(ଡି.ଏନ.ଏ.): ବର୍ତ୍ତମାନ ଖରିଫ ଚାଷ କାର୍ଯ୍ୟ ଚାଲିଥିବା ବେଳେ ନୂଆପଡା ଜିଲା ବୋଡେନ ବ୍ଲକ କୃଷି କାର୍ଯ୍ୟାଳୟରେ କୃଷି ଗ୍ରାମ ସେବକ ବର୍ତ୍ତମାନ ୧୫ଟି ପଞ୍ଚାୟତରେ କେବଳ ୬ ସେବକ କାର୍ଯ୍ୟ କରି ଆସୁଛନ୍ତି। ହେଲେ ଜଣକୁ ୩ଟି ଲେଖାଏ ପଞ୍ଚାୟତ ଦାୟିତ୍ୱ ପଡୁଥିବା ବେଳେ ପ୍ରତେକ ଗ୍ରାମର ଚାଷୀଙ୍କ ନିକଟକୁ ପହଞ୍ଚି ପାରୁ ନ ଥିବାରୁ ଚାଷ କାର୍ଯ୍ୟ ଦେଖିବାରେ ଅସୁବିଧା ହେଉଛି। ଦିନକୁ ଦିନ ଧାନ ଚାଷରେ ନାନା ପ୍ରକାର ରୋଗପୋକ ପ୍ରାଦୁର୍ଭାବ ଦେଖାଦେଉଛି। ଫଳରେ ଚାଷୀମାନେ ଠିକ ସମୟରେ ଔଷଧ ବିନିଯୋଗ କରି ନ ପାରି ଧାନ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି । କୃଷି କାର୍ଯ୍ୟାଳୟକୁ ଚାଷୀମାନେ କିଟନାଶକ ଔଷଧ ପାଇଁ ଆସୁଥିବା ବେଳେ କାର୍ଯ୍ୟାଳୟରେ ଅନେକ ସମୟରେ କୌଣସି ଅଧିକାରୀମାନେ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ରଙ୍କୁ ପଚାରିବାରୁ ସମସ୍ତ ଅଧିକାରୀମାନଙ୍କୁ ଚାଷୀମାନଙ୍କ ସମସ୍ୟ ବୁଝିବା ସହ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ରହିବାକୁ କୁହାଯାଇଛି ବୋଲି କହିଥିଲେ। ବୋଡେନ ବ୍ଲକ ଓ ଖରିଆଳ ବ୍ଲକକୁ ନେଇ ଜଣେ ସହକାରୀ କୃଷି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବାରେ ଅସୁବିଧା ହେଉଛି। ଏଣୁ ବୋଡେନ ବ୍ଲକକୁ ସ୍ୱତନ୍ତ୍ର ସହକାରୀ କୃଷି ଅଧିକାରୀ ଦିଆଯିବାକୁ ଚାଷୀ ମହଲରେ ଦାବି ହେଉଛି।

### ବିରୋଧୀଦଳ ନେତାଙ୍କ ବୋର୍ଡା ଅଞ୍ଚଳ ଗସ୍ତ

ଭବାନୀପାଟଣା,୨୦୧୯ (ଡି.ଏନ.ଏ.): ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଗୁରୁବାର ବୋର୍ଡା ଅଞ୍ଚଳ ଗସ୍ତ କରିଛନ୍ତି। ସେ ଗୁରୁଜୁଙ୍ଗ ପଞ୍ଚାୟତ ବାଲିପଦର ଗାଁରେ ଦେଖାଦେଇ ଥିବା ପାନୀୟ ଜଳ ସମସ୍ୟା, ଗୁରୁଜୁଙ୍ଗ ଗାଁରେ ବିଜୁଳି ସମସ୍ୟା ସମାଧାନ ସହ ଏକ ନୂତନ ପୋଖରୀ ଖୋଳାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କର୍ଲାପିଟା, ଡୁଙ୍ଗାପଖାନ, ଖୋଲପାଲା ଗାଁ ବୁଲିବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଜୟରାମ ଗହିର, ଯୁବମୋର୍ଚ୍ଚା ଜିଲା ଉପସଭାପତି ବିଭିଶଣ ସାହୁ, ବରିଷ୍ଠ ନେତା ଆଶିଷ ସାହୁ, ଗୁରୁଜୁଙ୍ଗ ସରପଞ୍ଚ ରିନା ସାହୁ, କିଶୋର ଚନ୍ଦ୍ର ମିଶ୍ର, ଆଦିବାସୀ ନେତା ସାଗର ମାଝି, ରାଘବ ଛତ୍ରିଆ, ନିଳାଞ୍ଚଳ ସାହୁ, ଅଶ୍ୱିନୀ ପ୍ରଧାନ, ଟଙ୍କଧର ଭାଟ୍ଟୀ, ସମ୍ପାଦକ ଭିଖ୍ୟ ସେନାପତି, ଭଞ୍ଜକିଶୋର ପ୍ରଧାନ, ଅଶ୍ୱିନ ଭୋଇ, ଏସସି ମୋର୍ଚ୍ଚା ଜିଲା ସମ୍ପାଦକ କୋଦଣ୍ଡ ମହାନନ୍ଦ, ବଡମଣ୍ଟୁ ନାଏକଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲା।

### ଜମି ନେଇ କ୍ଷତିପୂରଣ ଦେଉନି ଆଦିତ୍ୟ ଆଲୁମିନିୟମ

ସମ୍ବଲପୁର,୨୦୧୯ (ବ୍ୟୁରୋ): ଆଦିତ୍ୟ ଆଲୁମିନିୟମ କମ୍ପାନୀ ୫ ବର୍ଷ ହେଲା ଜମି ଅଧିଗ୍ରହଣ କରି ନେଇଛି। ବିସ୍ଥାପିତମାନଙ୍କୁ ଘର ଜମି ଓ ଚାକିରି ଦେବା ପାଇଁ ନିୟମ ରହିଛି। ଏହି ସୁବିଧା ନ ଦେଲେ ବଦଳରେ ଆର୍ଥିକ ରାଶି ପ୍ରଦାନ କରିବାକୁ ସ୍ଥିର ହୋଇଥିଲା । ହେଲେ କମ୍ପାନୀ ଜାଣିଶୁଣି ଅବହେଳା କରି କ୍ଷତିପୂରଣ ରାଶି ପ୍ରଦାନ କରୁନି। ରେଙ୍ଗାଲି ତହସିଲ ଜମଲା ପଞ୍ଚାୟତ ଲାରିପାଲି ଗ୍ରାମର ଦୁଇ ଭାଇ ମହେନ୍ଦ୍ର ଖମାରୀ ଓ ସୁରଥ ଖମାରୀ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଏଭଳି ଅଭିଯୋଗ କରିଛନ୍ତି ।

ବଲାଙ୍ଗୀର ସିନିୟର ଫୁଟବଲ ଲିଗ୍ ଉଦ୍‌ଯାପିତ

# ଏପିଜେ ଲୋଇସିଂହା ଚାମ୍ପିୟନ

ବଲାଙ୍ଗୀର ଅଫିସ,୨୦୧୯

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲା ସିନିୟର ଫୁଟବଲ ଲିଗ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଏପିଜେ ଲୋଇସିଂହା ଦଳ ପ୍ରତିପକ୍ଷ ସଦାଇପାଲି ସାଇଟ ସ୍ପୋର୍ଟସ ସୋସାଇଟିକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ବିବେଚିତ ହୋଇଛି। ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିବା ଫାଇନାଲ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପ୍ରତିପକ୍ଷଙ୍କୁ ୨ଟି ଲେଖାଏଁ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଲୋଇସିଂହା ପକ୍ଷରୁ ପ୍ରେମରାଜ ପଧାନ ଓ ଶାନ୍ତନୁ ବେହେରା ଗୋଲ ସ୍କୋର କରିଥିବାବେଳେ ସାଇଟ ଦଳ ପକ୍ଷରୁ କାହ୍ନା ଭୋଇ ଓ ସୌରଭ ହନୁମାନ ଗୋଲ ଦେଇଥିଲେ। ପରେ ଟ୍ରାଇବ୍ରେକର ଜରିଆରେ ୩-୦ ଗୋଲରେ ଲୋଇସିଂହା ଏପିଜେ ଦଳ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରି ଅବଦୁଲ ମୁଜିବ, ସୁଧାଂଶୁ ସେଠ, ଦେବାଶିଷ ବାଗ, ସୁଶାନ୍ତ ନାଗ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ଚାମ୍ପିୟନ୍ ଏପିଜେ ଲୋଇସିଂହା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଫାଓ ଓଡ଼ିଶା ତଥା ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ବିଜେତା ଲୋଇସିଂହା ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ସାଇଟ୍ ଦଳଙ୍କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ସଂସଦ ଉପସଭାପତି ତଥା ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ସଙ୍ଗଠକ ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ଜିଲାର ୯ଟି ଜୋନ୍‌ରେ ଲିଗ୍ ମ୍ୟାଚ୍ ଖେଳାଇଥିବା ସହଯୋଗୀ ସାଇଟ ସ୍ପୋର୍ଟସ ସୋସାଇଟି, ଖୁଜେନପାଲି, ଲୋଇସିଂହା, ଟୁଡାପାଲି, ପାଟଣାଗଡ଼, ଟିଟିଲାଗଡ, ଖୋଲାନ, ଜରାସିଂହା ଓ ହୋମଗାର୍ଡ ସ୍ପୋର୍ଟିଂକୁ ସମ୍ମାନିତ କରାଯାଇଥିଲା । ଖେଳ ପରିଚାଳନା କରିଥିବା ୫୦ଜଣ ରେଫରିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ କାହ୍ନା ଭୋଇ (ସାଇଟ), ଶ୍ରେଷ୍ଠ ଉଦୀୟମାନ ଖେଳାଳି ରଞ୍ଜନ ମାଝି(ମହୀପୁର), ଶ୍ରେଷ୍ଠ ଅଲରାଉଣ୍ଡର ପ୍ରଦୀପ ଧରୁଆ(ଚଡ଼ାପାଲି), ଶ୍ରେଷ୍ଠ ମଧ୍ୟଭାଗ ଖେଳାଳି ମିଥୁନ ନାଏକ(ଲୋଇସିଂହା), ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ଗୋବିନ୍ଦ ମାଝି(ସାଇଟ), ଶ୍ରେଷ୍ଠ ଗୋଲକିପର୍ ଭାବେ ମଧୁ ନାଏକ(ଲୋଇସିଂହା), ଶ୍ରେଷ୍ଠ ସ୍କୋର୍‌ର ମୁନା ବାରିକ (ସାଇଟ), ଶ୍ରେଷ୍ଠ ଉଦୀୟମାନ ଗୋଲ କିପର କହ୍ନେଇ ଆଡଭୁଏଡ୍ (ସ୍ପୋର୍ଟସ ଏକାଡେମୀ), ଶ୍ରେଷ୍ଠ ଉଦୀୟମାନ ଡିଫେଣ୍ଡର ଭାବେ ହିମାଂଶୁ ପଟେଲ (ଖଲିଆପାଲି) ଓ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ସ୍ପୋର୍ଟସ ଏକାଡେମୀ ବଲାଙ୍ଗୀର ଦଳକୁ ମୁଖ୍ୟଅତିଥି ମିଶ୍ର ପୁରସ୍କୃତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ୩୧ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ବଲାଙ୍ଗୀର ଜିଲାର ୯୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳକୁ ଶତାଧିକ ଖେଳପ୍ରେମୀ, କ୍ରୀଡ଼ାବିତ, କ୍ରୀଡ଼ା ସଂସଦ ସଦସ୍ୟ ଉପଭୋଗ କରିଥିଲେ।



ବିଧାୟକ ସରୋଜ ମେହେର ଶୁକ୍ରବାର ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ବିଧାୟକଙ୍କ ଲାଠୋର ଅଞ୍ଚଳ ପରିଦର୍ଶନ

ଲାଠୋର,୨୦୧୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାୟକ ସରୋଜ ମେହେର ଶୁକ୍ରବାର ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ବିଧାୟକ ମେହେର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ସମସ୍ୟାର କିଭଳି ସାମଧାନ ହୋଇପାରିବ ସେନେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ମେହେର ଗ୍ରାମର କଲେଜ, ବିଦ୍ୟାଳୟ ପରିଦର୍ଶନରେ ଯାଇ କର୍ମଚାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନା ବେଳେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଧାୟକ ମେହେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତର ପଦବୀ ଖାଲି ପଡିଥିବା ଜାଣିବାକୁ ପାଇଥିଲେ। ଡାକ୍ତର ପଦବୀ ପୂରଣ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ବିଧାୟକ ମେହେର ଲାଠୋର ଗ୍ରାମର ବାଗପଡ଼ାର ୩ଜଣ କିଡ୍‌ନୀ ରୋଗୀଙ୍କୁ ଭେଟି ଉଚ୍ଚତର ଚିକିତ୍ସା କରାଯିବ ବୋଲି ପରିବାର ଲୋକଙ୍କୁ କହିଥିଲେ। ସରକାରୀ ଯୋଜନାରେ ସାମିଲ ହୋଇ ପାରି ନ ଥିବା ଅଞ୍ଚଳର ହିତାଧିକାରୀମାନେ ବିଧାୟକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ଉପରେ ପଚାରି ବୁଝିଥିଲେ। ଏହି ଅବସରରେ ଖପ୍ରାଖୋଲ ବ୍ଲକ ନୋମିନି ପଞ୍ଚୁଦେବ ସାହୁ, ଯୁବ ସଂଗଠକ ନରେନ୍ଦ୍ର ଭୋଇ, କର୍ମୀ ସୁଶିଲ କୁମାର ଅଗ୍ରୱାଲ, ବିମଳ ଅଗ୍ରୱାଲ, ବାଲେଶ୍ୱର ମେହେର, ଲହେଶ୍ୱର ରାଏ, ପଦ୍ମନାଭ ନାଏକ, ସହଦେବ ଭଇଁଷାଏ, ଅନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭାଜପା ମଣ୍ଡଳ ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ

ପଲମ,୨୦୧୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ମାଣ୍ଡେଲ ଗ୍ରାମରେ ଶୁକ୍ରବାର ଭାଜପା ନର୍ଲା ମଣ୍ଡଳ ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମାଗଣା ଚିକିତ୍ସା ଶିବିର, ଚାରା ରୋପଣ ଓ ସ୍ୱଚ୍ଛ ଭାରତ ସଚେତନ ପାଇଁ ରାଲି ହୋଇଥିଲା। ନର୍ଲା ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ ତଥା ଭାଜପା ନର୍ଲା ମଣ୍ଡଳ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ।

## ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତୁଣ୍ଡଲା,୨୦୧୯ (ଡି.ଏନ.ଏ.)

କେସିଙ୍ଗା ବ୍ଲକ ବେଲଖଣ୍ଡି ଯୁକ୍ତ ତିନି ମହାବିଦ୍ୟାଳୟଠାରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦୁର୍ଯ୍ୟୋଧନ ବିଶୋଇ, ସମ୍ମାନିତ ଅତିଥି ଭାବେ ନୀରଞ୍ଜନ ମାଝି, ଭକ୍ତବନ୍ଧୁ ପଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରୀବନ୍ତି ଗହୀର, ଦୀପାଞ୍ଜଳି ଚୌଧୁରୀ, ପାର୍ବତୀ ବିଭାର ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାଇ ସମସ୍ତଙ୍କ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତି ହୋଇ କର୍ତ୍ତବ୍ୟ ନିଷ୍ଠା ହେବାକୁ ଅଧ୍ୟାପକମାନେ ପରାମର୍ଶ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ କର୍ମଚାରୀ ଚଉବନ ପଧାନ, ବୁଦ୍ଧଦେବ ପଧାନ ଏବଂ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚଳାନା କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟ୍ ଉପରେ ଆଲୋଚନାଚକ୍ର

ଭବାନୀପାଟଣା,୨୦୧୯ (ଡି.ଏନ.ଏ.)

ସ୍ଥାନୀୟ ଯୋଜନା ବୋର୍ଡ କାର୍ଯ୍ୟାଳୟ ସଭାଗୃହରେ କଳାହାଣ୍ଡି ଜିଲା ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ଧୂମଧାମରେ ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରିଥିଲେ। ବରିଷ୍ଠ ନାଗରିକ ସଂଘ କଳାହାଣ୍ଡି ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପ୍ରଫେସର ଗୋପବନ୍ଧୁ ବେହେରା, ଡ. ଅକ୍ଷୟ କୁମାର ନନ୍ଦ, ସମାଜସେବୀ ସୁଧାଂଶୁ ନେଗୀ, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।

ନୂଆଁଖାଇ ଭେଟ୍‌ଘାଟ୍‌ର ଆବଶ୍ୟକତା ଏବଂ ଭାଇଚାରା, ଏକତା ସୃଷ୍ଟି କରିବାରେ ଏହି ପର୍ବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଭାଗୀରଥୀ ଭୋଇଙ୍କ ସଂଯୋଜନାରେ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନୂଆଁଖାଇ ଭେଟଘାଟ ସମାପ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଂଘର ସଦସ୍ୟ ଭାରତ ଚଲାନ, ସନ୍ତୋଷ ଦାସ, ସୁବାଷ ପଣ୍ଡା, ଶାନ୍ତନୁ ମୁଣ୍ଡ, ଦିନବନ୍ଧୁ ମୁଣ୍ଡ, ବିଦ୍ୟାଧର ପଣ୍ଡା, ଜଗଦିସ୍ ପଣ୍ଡା, ସୁନିଲ କୁମାର ବେହେରା, ସଂଘମିତ୍ରା କାନୁନଗୋ ଓ ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମରେ ଡାକ୍ତରମାନେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଖମଗଡ଼ାରେ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ

ଟିକ୍ରାପଡ଼ା,୨୦୧୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖମଗଡ଼ା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଆନୁକୁଲ୍ୟରେ ମ୍ୟାଲେରିଆ ଦମନ ସଂକ୍ରାନ୍ତରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମୀନାକୁମାରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡା. ସୁଜାତା ପରିଚ୍ଛା, ଡା.ବିଶ୍ୱଜିତ ମିଶ୍ର ଗ୍ରାମର ୪୭୧ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏମ୍‌ପିଏଚ୍‌ଡବ୍ଲୁ ସଂଯୁକ୍ତା ସାହୁ, ଅକ୍ଷୟ କୁମାର ପ୍ରଧାନ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ୧୭ ମାସ ହେଲା ଆକାଉଣ୍ଟକୁ ଯାଉନି ଶିକ୍ଷକଙ୍କ ଇପିଏଫ୍ ଟଙ୍କା

ଭବାନୀପାଟଣା,୨୦୧୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ କନିଷ୍ଠ ଶିକ୍ଷକମାନଙ୍କ ୧୭ ମାସର ଇପିଏଫ୍ ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ସୋମବାର ସନ୍ଧ୍ୟାରେ ବିଆର୍‌ସିସିଙ୍କୁ ସାକ୍ଷାତ କରି ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଟଙ୍କା ଜମା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବାରୁ ଚେତାବନୀ ଦିଆଯାଇଛି। ସୂଚନା ମୁତାବକ, ଜୟପାଟଣା ଶିକ୍ଷା ବିଭାଗରେ କାର୍ଯ୍ୟରତ ୭୬ ଜଣ ଠିକା କନିଷ୍ଠ ଶିକ୍ଷକ, ୫୫ ଜଣ କନିଷ୍ଠ ଶିକ୍ଷକ ଏବଂ ୧୩ ଜଣ ଶିକ୍ଷା ସହାୟକ ମୋଟ ୧୫୪ ଜଣ ଶିକ୍ଷକଙ୍କ ଦରମାର ୧୨% ପ୍ରତିଶତ ଇପିଏଫ୍ ଟଙ୍କା ସେମାନଙ୍କ ଇପିଏଫ୍ ଖାତାରେ ୧୭ ମାସ ଧରି ଜମା ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଆରସିସି କରୁଣାକର ବାଗଙ୍କୁ ପଚାରିବାରୁ ଆଗାମୀ ୧୦ ଦିନ ମଧ୍ୟରେ ସମସ୍ତ ସମସ୍ୟା ସମାଧାନ ହେବ ବୋଲି ପ୍ରକାଶ କରିଥିଲେ । ସଭାପତି ଶୁଭେନ୍ଦୁ ପଣ୍ଡା, ସମ୍ପାଦକ ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ୫୦ରୁ ଅଧିକ ଶିକ୍ଷକ ଦାବିପତ୍ର ପ୍ରଦାନ କରିଥିଲେ।

# ଆଧାର ସଂଯୋଗୀକରଣ ଶେଷ ଦିନ କହି ହିତାଧିକାରୀଙ୍କୁ ଲୁଟ୍ ଅଭିଯୋଗ

ଜୁନାଗଡ,୨୦୧୯ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କଲେଇ ଗାଁ ପଞ୍ଚାୟତରେ କଚ୍ଚା (ମାଟି)ଘରେ ବାସ କରୁଥିବା ହିତାଧିକାରୀଙ୍କୁ ଆଗାମୀ ଦିନରେ ଅନଲାଇନରେ ସାମିଲ କରିବା ପାଇଁ ପରିବାରର ସମସ୍ତଙ୍କ ଆଧାର କାର୍ଡ, ବ୍ୟାଙ୍କ ଖାତା ସଂଯୋଗୀକରଣ କରିବାକୁ ହେବ। ଏଥିପାଇଁ ସୋମବାର ଶେଷ ତାରିଖ ବୋଲି ପଞ୍ଚାୟତରେ କାର୍ଯ୍ୟ କରୁଥିବା ପ୍ରେରକ କହିଥିଲେ। ଫଳରେ ସୋମବାର ପ୍ରାୟ ୧୭ଜଣ ହିତାଧିକାରୀ ଆବଶ୍ୟକ କାଗଜାତ ଜେରକ୍ସ ଦେବା ପାଇଁ ଆସିଥିଲେ। ପଞ୍ଚାୟତ ଅଫିସରେ ଥିବା ଜେରକ୍ସରେ ହିଁ ଜେରକ୍ସ କଲେ ଅନଲାଇନ କରାଯିବ ବୋଲି ପ୍ରେରକ ଫାଲଗୁନି ପଟେଲ କହିବାରୁ ହିତାଧିକାରୀମାନେ ଉପାୟ ଶୁନ୍ୟ ହୋଇ ପଞ୍ଚାୟତରେ ଜେରକ୍ସ କରିଥିଲେ। ଏଥିପାଇଁ ସେ



କଲେଇ ଗାଁ ପଞ୍ଚାୟତରେ ପ୍ରେରକ ଲୋକଙ୍କ ଜେରକ୍ସ କରୁଛନ୍ତି ।

ବିନା ରସିଦରେ ଟଙ୍କା ମଧ୍ୟ ନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ପ୍ରେରକଙ୍କୁ ପଚାରିବାରୁ ଗ୍ରାମରେ ଇଲେକ୍ଟ୍ରିକ ନ ଥିବାରୁ ସାହାଯ୍ୟ ଉଦ୍ଦେଶରେ ପଞ୍ଚାୟତରେ ସୋଲାର ବ୍ୟବସ୍ଥା ସହ ଜେରକ୍ସ ମେଶିନ ଥିବାରୁ ହିତାଧିକାରୀଙ୍କ ଜେରକ୍ସ କରିଥିଲି ବୋଲି କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବାନାମ୍ବର ଦାଶଙ୍କୁ ପଚାରିବାରୁ ସେ ବଣିଜରା ପଞ୍ଚାୟତ ଇନଚାର୍ଜ ଥିବା ଯୋଗୁ ସେଠାରେ ଅଛନ୍ତି। ହିତାଧିକାରୀମାନେ ପ୍ରାୟତଃ ବେପରୁଆ ଭାବେ ରହୁଥିବା ବେଳେ ଶେଷ ତାରିଖ ବୋଲି ଘୋଷଣା କଲେ ହିତାଧିକାରୀ ତୁରନ୍ତ ସେହି କାମ କରନ୍ତି। ଯଥାଶୀଘ୍ର ସଂଯୋଗୀକରଣ କାମ ସାରିବା ପାଇଁ ପ୍ରେରକ ଶେଷ ତାରିଖ ବୋଲି କହିଥାଇ ପାରନ୍ତି। ଘଟଣାର ଅନୁସନ୍ଧାନ କରିବି ବୋଲି କହିଥିଲେ। ଅନ୍ୟପକ୍ଷରେ ଜଣେ ପ୍ରେରକ କିଭଳି ପଞ୍ଚାୟତରେ ଥିବା ମେଶିନ ବ୍ୟବହାର କରିବା ସହିତ ସେଥିପାଇଁ ବିନା ରସିଦରେ ଶୁଳ୍କ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ହାତୀନଦୀ-ଆଟିଗାଁ ପିଡବ୍ଲ୍ୟୁଡି ରାସ୍ତା କାମରେ ବ୍ୟାପକ ଅନିୟମିତତା

# ମରାମତି ପରେ ରାସ୍ତା ଅବସ୍ଥା ଶୋଚନୀୟ

ଜୁନାଗଡ,୨୦୧୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତୀନଦୀ-ଆଟିଗାଁ ପୂର୍ତ୍ତ ବିଭାଗ(ପିଡବ୍ଲ୍ୟୁଡି)ରାସ୍ତା ମରାମତି କାମ ଗତ କିଛି ମାସ ତଳେ ଶେଷ ହୋଇଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ପରିଲକ୍ଷିତ ହୋଇଛି। ମରାମତିର କିଛି ମାସ ପରେ ନିମ୍ନମାନର କାମ ଯୋଗୁ ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁସାରେ ଗତ ଜାନୁୟାରୀରେ ରାସ୍ତା ମରାମତି ଚାଲୁଥିବା ବେଳେ ନିମ୍ନମାନର କାମ ଯୋଗୁ ବାଗଡୋଙ୍ଗରୀ, ଭେଜିପଦର ଗ୍ରାମ ନିକଟରେ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେବା ବଦଳରେ ଅତି ହାଲୁକା ଭାବେ ନେଇ ଠିକାଦାରଙ୍କୁ ଅନୁକମ୍ପା ଦେଖାଇଥିଲା। ଫଳରେ ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରି ଚାଲିଯାଇଥିଲେ। ଫଳସ୍ୱରୁପ ମରାମତିର କିଛି ମାସ ମଧ୍ୟରେ ଏହି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତା

**ନିଦାବିଷ୍ଟ ପୂର୍ତ୍ତ ବିଭାଗ, ଭିଜିଲାନ୍ସ ତଦନ୍ତ ଦାବି**



ମିଚାଗାଁ ପୁରୁଣାପଡାଠାରେ ରାସ୍ତା ଶୋଚନୀୟ ହୋଇପଡିଛି।

ମରାମତି ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାକୁ ଲଡୁଗାଁ ଅଞ୍ଚଳର ଜଣେ ଠିକାଦାର କରିଥିବା ଜଣାପଡିଛି। ବର୍ତ୍ତମାନ ଏହି ରାସ୍ତାର ମିଚାଗାଁ ପୁରୁଣାପଡା ନିକଟରେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏଠାରେ ପିଚୁ ସବୁ ଉଠିଯାଇ ରାସ୍ତା ଦବିଯାଇ ଖାଲଖମା ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବାରମ୍ବାର ଏପରି ଘଟଣା ଘଟୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ନିଦାବିଷ୍ଟ ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଏକ ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ କରି ଠିକାଦାରଙ୍କ ପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଶାଳକାଠ ଜବତ

ଭବାନୀପାଟଣା,୨୦।୯(ଡି.ଏନ.ଏ.)- କଳାହାଣ୍ଡି ଉତ୍ତର ବନଖଣ୍ଡ ଭବାନୀପାଟନା ସଦର ରେଞ୍ଜ ପକ୍ଷରୁ ଶୁକ୍ରବାର ସକାଳେ ଚଢ଼ାଉ କରି ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ମୂଲ୍ୟବାନ ଶାଳକାଠ ଜବତ କରାଯାଇଛି। ଉତ୍ତରବନଖଣ୍ଡ ଡିଏଫୋ ନିତେଶ କୁମାରଙ୍କ ନିର୍ଦ୍ଦେଶରେ ସହରର ଶିବ ମନ୍ଦିର ନିକଟରେ ଥିବା ବ୍ୟାଙ୍କ କଲୋନୀ ଲେନ୍ ନଂ.୨ ରେ ଏକ ନିର୍ମାଣାଧୀନ କୋଠା ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ସାଇଜ ଶାଳ କାଠ ଜବତ୍ କରିଥିଲେ। ଉକ୍ତ ନିର୍ମାଣାଧୀନ କୋଠାଟି ଅମିତ୍ ପଟ୍ଟନାୟକଙ୍କ ବୋଲି ଜଣାପଡିଛି। ଏହି ଚଢ଼ାଉରେ ଏସିଏଫ୍ ବଂଶିଧର ସ୍ୱାଇଁ, ସଦର ରେଞ୍ଜର ପ୍ରଶନ୍ନ କୁମାର ମିଶ୍ର, ଫରେଷ୍ଟର ଡମ୍ବରୁଧର ରଣା, ରତ୍ନାକର ଧରୁଆ, ଲୋକାଚନ୍ଦ୍ର ପୋଢ, ଫରେଷ୍ଟଗାର୍ଡ ଭବାନୀଶଙ୍କର ପରିଚ୍ଛା, ଭାଗବତ୍ ବେହେରାଙ୍କ ସମେତ ମୋବାଇଲ ଷ୍ଟାଫ୍ ଯୋଗଦେଇଥିଲେ।

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ରିଷିଡା,୨୦।୯(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ସଲଣ୍ଡିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ବାବୁଲି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ନରୋତ୍ତମ ସେଲମା, ସଭ୍ୟ ହେମନ୍ତ ଭୋଇ, ଦୟାନିଧି ଭୋଇ, ଲଳିତ ଦାସ, ବିଭୁତି ଭୂଷଣ ସେଠ, ସୁନୀଲ ବେହେରା, ବାସୁଦେବ ସେଲମା, ହୃଷିକେଶ ଭୋଇ, ଦିବାକର ଭୋଇ, ତାରାଚନ ପେଢ଼, ଜିତୁ ଭୋଇ, ରଞ୍ଜନ ନାଏକ, ପାର୍ଥ ସାହୁ, ଲୋଚନ ଭୋଇ ପ୍ରମୁଖ ଭାଗ ନେଇ ଆଗାମୀ ପୂଜା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

### ପୀରବତୀ ମହିଳା କଲେଜରେ ସ୍ୱାଗତ ସଭା

ରିଷିଡା,୨୦।୯(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ତେରେସିଂହାସ୍ଥିତ ପୀରବତୀ ମହିଳା ଯୁକ୍ତ ୨ କଲେଜରେ ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷୀକେଶ ଗହୀର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପରିଚାଳନା କମିଟି ସଭ୍ୟ ମାଧବ ରଣା, ଲୋକନାଥ ଗହିର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ବିଷ୍ଣୁଲାଲ ମହାନନ୍ଦ, ଅଧାପକ ଯଶୋବନ୍ତ ରଣା, ଅଜୟ ମହାନନ୍ଦ, ହୃଦେଶ୍ୱରୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀ ଦିପ୍ତିମୟୀ ରଣା ସଭା ସଂଯୋଜନା କରିଥିଲେ।

## ଆଟି ଗାଁ ଛାୟାକାନ୍ତ ହତ୍ୟାର ବର୍ଷେ ବିତିଲା

# ପୂରଣ ହୋଇନି ପ୍ରଶାସନ ପ୍ରତିଶ୍ରୁତି, ମିଳିନି ସହାୟତା

ଜୁନାଗଡ,୨୦।୯ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଆଟି ଗାଁ ପଞ୍ଚାୟତରେ ଗତ ବର୍ଷ ଜୁନ ୧୪ ତାରିଖରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ହତ୍ୟା କାଣ୍ଡରେ ଶିକାର ହୋଇଥିଲେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିବା ଛାୟାକାନ୍ତ ଦଣ୍ଡସେନା। ସେତେବେଳେ ଏହା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଛାୟାକାନ୍ତ ୧୦ ବର୍ଷ ଧରି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ଭାବେ କାମ କରିଥିବାରୁ ସରକାର ପକ୍ଷରୁ ଏପରି କି ତହସିଲଦାର ନିଜେ ପରିବାରର ଜଣଙ୍କୁ ଚାକିରି ପାଇଁ ବ୍ୟବସ୍ଥା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମୃତ୍ୟୁର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଛାୟାକାନ୍ତ ପରିବାରକୁ କୌଣସି ସହୟତ ମିଳି ନ ଥିବା ବେଳେ ପରିବାର ଅତି ଦୟନିୟ



ଛାୟାକାନ୍ତଙ୍କ ସ୍ତ୍ରୀ ସହ ଦୁଇ ପୁଅ ନିଜ ଘର ପାଖରେ ଛିଡା ହୋଇଛନ୍ତି।

**ଆର୍ଥିକ ଅଭାବ ଯୋଗୁ ୨ ପୁଅଙ୍କ ଉଚ୍ଚଶିକ୍ଷାରୁ ଡୋରି**

ଅବସ୍ଥାରେ ଜୀବନ କାଟୁଛନ୍ତି । ୨ ପୁଅ ଆର୍ଥିକ ଅନାଟନ ଯୋଗୁ ଉଚ୍ଚଶିକ୍ଷାରେ ଡୋରି ପକାଇଥିବା ବେଳେ ସାନ ପୁଅ ମାଟ୍ରିକ ପଢୁଛନ୍ତି। ମାଟ୍ରିକ ପରେ ସାନ ପୁଅର ପାଠ ପଢାଇବା କଷ୍ଟସାଧ ବୋଲି ଛାୟାକାନ୍ତଙ୍କ ସ୍ତ୍ରୀ କହିଛନ୍ତି। ସ୍ତ୍ରୀ ବିଧବା ଭତ୍ତା ପାଉଥିବା ବେଳେ ଦୁଇ ପୁଅ କାମ ଅନ୍ୱେଷଣରେ ଅଛନ୍ତି।

ଘଟଣାରୁ ପ୍ରକାଶ ଛାୟାକାନ୍ତଙ୍କୁ ହତ୍ୟା କରିଥିବା ରାଧୁ ଦଣ୍ଡସେନା ପରିବାର ପକ୍ଷରୁ ଅଭିଯୋଗ ଥିଲା କି ରାଧୁ ଏକ ଇନ୍ଦିରା ଆବାସ ଗୃହ ପାଇଥିଲା। ଘର ତୋଳିବା ପାଇଁ ରାଧୁଙ୍କୁ ରାଜସ୍ୱ ନିରୀକ୍ଷକ ଗାଁ ମୁଣ୍ଡରେ ଥିବା ଏକ ଜମିକୁ ଚିହ୍ନଟ କରି ଦେଖାଇଥିଲେ। ଅନ୍ୟପକ୍ଷରେ ଗ୍ରାମ ମଝିରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପଛ ପଟରେ ଥିବା ସ୍ଥାନ ଖାଲି ଥିବାରୁ ରାଧୁ ସେହି ଜମି ଦେବା ପାଇଁ ଦାବି କରିବା ସହ ଯୋରଜବରଦସ୍ତ ସେହି ସ୍ଥାନରେ ନିଅ ଖୋଳିବା ଆରମ୍ଭ କଲେ। ଉକ୍ତ ଜମି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବାରୁ ସେହି ସ୍ଥାନରେ ନିଅ ଖୋଳା ବନ୍ଦ କରିବାକୁ ନୋଟିସ ଜାରି କରାଯାଇଥିଲା। ଉକ୍ତ ନୋଟିସ ଜାରି ପାଇଁ ଛାୟାକାନ୍ତଙ୍କ ହାତ ଥିବା ଦର୍ଶାଇ ରାଧୁ ପରିବାରର ଚାରିଜଣ ହତ୍ୟାକାଣ୍ଡ ଦିନ ସକାଳୁ ସଂଘବଦ୍ଧ ଭାବେ ଯାଇ ଛାୟାକାନ୍ତଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଛାୟାକାନ୍ତଙ୍କ ଘଟଣା ଦିନ ହିଁ ମୃତ୍ୟୁ ଘଟିଥିଲା। ଛାୟାକାନ୍ତଙ୍କ ମଝିଆ ପୁଅ ଭବାନୀଙ୍କ ଲିଖିତ ଅଭିଯୋଗ ପରେ ଜୁନାଗଡ ଥାନାରେ ଏକ ମାମଲା (ନଂ. ୧୬୯/୨୦୧୮) ରୁଜୁ କରି ରାଧୁଙ୍କ ସମେତ ସହେଯୋଗୀ ପିତ ଦଣ୍ଡସେନା, ଜଦୁ ଦଣ୍ଡସେନା ଓ କୁଞ୍ଜିତ ବେୱାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବର୍ଷେ ଜେଲରେ ରହିବା ପରେ ସେମାନେ ବେଲରେ ଆସି ପୁଣି ଛୟାକାନ୍ତ ପରିବାରଙ୍କୁ ଧମକ ଦେଉଛନ୍ତି। ଏ ନେଇ ଛାୟାକନ୍ତ ପରିବାର ପକ୍ଷରୁ ମଙ୍ଗଳବାର ଜୁନାଗଡ ପୋଲିସରେ ସୁରକ୍ଷା ଦେବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜୁନାଗଡ ତହସିଲଦାର ଉପେନ୍ଦ୍ର କୁମାର ଲୁହାଙ୍କୁ ପଚାରିବାରୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ କରାଯାଇଥିବା ବେଳେ ତାହା ଜିଲାପାଳ କାର୍ଯ୍ୟାଳୟରେ ଥିବା କହିଛନ୍ତି। ସେହିଭଳି ଚାକିରି ଦେବା ଅଧିକାର ତାଙ୍କର ନ ଥିବା ବେଳେ ବାପା ଭଳି ସ୍ୱେଚ୍ଛାକୃତ କାମ କରିବା ପାଇଁ କହିଥିଲେ ମଧ୍ୟ ପୁଅମାନେ ରାଜି ହେଉ ନ ଥିବା କହିଥିଲେ।

### ମାନବିକତା ଦେଖାଇ ଶବ ସତ୍କାର କଲା ପୋଲିସ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

ଆଜି ବି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଅନ୍ଧ ଭଳି ବ୍ୟବହାର କରୁଛି। ସାମାଜିକ ପ୍ରତିବନ୍ଧକକୁ ନେଇ ଗତ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହକୁ କେହି ଛୁଇଁବାକୁ ମଧ୍ୟ ଆସି ନ ଥିଲେ। ଫଳରେ ମୃତଦେହ ଘଣ୍ଟା ଘଣ୍ଟା ପଡି ରହିବା ପରେ ପୋଲିସ ଏହାର ସତ୍କାର କରିଛି। ଏଭଳି ଏକ ଅଭାବନୀୟ ଘଟଣା ଚର୍ଚ୍ଚା ପରିସରକୁ ଆସିଛି କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକ କର୍ମେଲି ପଞ୍ଚାୟତର ମାଲଗୁଣ୍ଡି ଗାଁରେ। ମାଲଗୁଣ୍ଡି ଗାଁର ଭୁବନ ମାଝିଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ଗତ ବୁଧବାର ମୃତ୍ୟୁ ଘଟିଥିଲା। ଭୁବନ ମାଲଗୁଣ୍ଡି ଗାଁରେ ରହୁଥିବା ବେଳେ ତାଙ୍କର ସମସ୍ତ ଘରବାଡି ସମାଜକୁ ନ ଦେଇ ଅନ୍ୟ କାହାକୁ ବିକ୍ରି କରି ଦେଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଜୀବନର ଶେଷ ସମୟରେ ଭୁବନ ଏକୁଟିଆ ରହୁଥିଲେ। ସମାଜକୁ ଜମି ଦେଇ ନ ଥିବାରୁ ସମାଜର ଲୋକେ କିମ୍ବା ସମ୍ପର୍କୀୟମାନେ ଶବ ସତ୍କାର ପାଇଁ ଆସି ନ ଥିଲେ। ସେମିତି ମୃତଦେହ ପଡି ରହିଥିଲା । ଶେଷରେ ଗତ ଗୁରୁବାର ଜୟପାଟଣା ପୋଲିସ ଏକ ଟ୍ରାଇସାଇକେଲରେ ଭୁବନଙ୍କ ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ବୋହି ନେଇ ଅନ୍ତିମ ସଂସ୍କାର କରିଥିଲା।

## ମହିଳା ଚାଷୀଙ୍କୁ ତାଲିମ ପ୍ରଦାନ

ଭବାନୀପାଟଣା,୨୦।୯ (ଡି.ଏନ.ଏ.)

ବିଭିନ୍ନ ଫସଲର ରୋଗପୋକ ଚିହ୍ନଟ ପ୍ରତିଶେଧକ ଏବଂ ପ୍ରତିରୋଧକ ନିୟନ୍ତ୍ରଣ ପରିଚାଳନା ସମ୍ପର୍କରେ କେୟାର ଇଣ୍ଡିଆ ତରିନା ପ୍ରକଳ୍ପ ପକ୍ଷରୁ ଏକ ଦିନିକିଆ ତାଲିମ ଶିବିର ସ୍ଥାନୀୟ କୃଷି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରକୁ ଡ. ଶାନ୍ତନୁ କୁମାର ମହାନ୍ତି ଏସୋସିଏଟ ଡିନ୍ ଉଦ୍‌ଘାଟନ କରିଥିବା ବେଳେ ବରିଷ୍ଠ ଅଧାପକ ପ୍ରଫେସର ଉତ୍ତମ ବେହେରା, ପ୍ରଫେସର ନିରାକାର ରଣସିଂ, ପ୍ରଫେସର ରାଜିବଲୋଚନ ମହାରଣା ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଜିଲାସ୍ତରୀୟ ପ୍ରଶିକ୍ଷଣ ପାଇଁ ତରିନା ପ୍ରକଳ୍ପ ତରଫରୁ ଭବାନୀପାଟଣା, ଜୁନାଗଡ ଏବଂ ନର୍ଲା ବ୍ଲକର ୩୯ ଜଣ ମହିଳା ଚାଷୀ ଭାଗ ନେଇଥିଲେ। ଚାଷୀମାନେ ନିଜ ଅଞ୍ଚଳର ଚାଷରେ ଦେଖାଦେଉଥିବା ବିଭିନ୍ନ ରୋଗପୋକ ଆକ୍ରାନ୍ତ ଉପରେ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀମାନେ ସେମାନଙ୍କ ଅଞ୍ଚଳର ଚାଷରେ ଲାଗୁଥିବା ରୋଗପୋକ ସମ୍ପର୍କରେ ପ୍ରକାଶ କରିବା ସହ ସେମାନେ ଆଣିଥିବା ରୋଗପୋକ ମଧ୍ୟ ଦେଖାଇଥିଲେ। ଏହା ପରେ ବିଶେଷଜ୍ଞମାନେ ଉକ୍ତ ରୋଗପୋକକୁ ପରୀକ୍ଷା ଗାରରେ ପରୀକ୍ଷା କରିବା ସହ ଏହାର ନିରାକରଣ ବିଷୟରେ ବୁଝାଇଥିଲେ। ଏହି ତାଲିମ ଶିବିରକୁ ସୁଧାଂଶୁ ଶେଖର ନାଏକ ଫିଲ୍ଡ ଅଫିସର ଏଗ୍ରିକଲଚର (ତରିନା) ଆୟୋଜନ କରିଥିଲେ । ଅଶିତ କୁମାର ରାଉତ, ବିପ୍ଲବ ଜେନା, ଇରଫାନ ଅଲ୍ଲିଖାନ, ପାର୍ବତି ସାହୁ, ଫଗୁନୁ ମାଝି, ସତ୍ୟ ହରିଜନ ସହାୟତା କରିଥିଲେ।



ମହିଳା ଚାଷୀଙ୍କୁ ତାଲିମ ଦିଆଯାଉଛି।



### ଭାଜପା ନେତା ରବି ନାରାୟଣ ପାତ୍ରଙ୍କ ପରଲୋକ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭାଜପା ଶାଖାର ପୂର୍ବତନ ଉପସଭାପତି ତଥା ବରିଷ୍ଠ ଭାଜପା ନେତା ରବି ନାରାୟଣ ପାତ୍ରଙ୍କର ଗତ ଗୁରୁବାର ପରଲୋକ ଘଟିଛି। ପାତ୍ର ଦୀର୍ଘ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପୁଅ ନବକୃଷ୍ଣ ପାତ୍ର, ପୁତ୍ରବଧୂ ବିନୋଦିନୀ ପାତ୍ର, ଦୁଇ ଝିଅ, ଚାରି ନାତି, ଜ୍ୱାଇଁ, ବଡଭାଇ, ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପାତ୍ର ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାଜପା କଳାହାଣ୍ଡି ଜିଲା ଶାଖାର ଉପସଭାପତି ଥିଲେ। ତାଙ୍କର ଶେଷ ଦର୍ଶନ କରିବା ପାଇଁ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଭାଜପା ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ପୂର୍ବତନ ଉପନଗରପାଳ ଚିତ୍ତରଞ୍ଜନ ମଣ୍ଡଳ, ସ୍ୱର୍ଗତ ପାତ୍ରଙ୍କ ଭଣଜା ସୁଶାନ୍ତ ସାମନ୍ତରାୟଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ଥାନୀୟ ଲାଲ୍‌ପୁଲିଆସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ନବକୃଷ୍ଣ ମୁଖାଗ୍ନି ଦେଇଥିଲେ।

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ

କେସିଙ୍ଗା,୨୦।୯ (ଡି.ଏନ.ଏ.)

- ଅବକାରୀ ବିଭାଗ କାର୍ଯ୍ୟାଳୟଠାରୁ ୩୦୦ ମିଟର ଦୂରରେ ଚାଲିଥିଲା କାରବାର
- ୧ ଲକ୍ଷ ଟଙ୍କା, ୨ଟି ମୋବାଇଲ, ଓଜନ ମେଶିନ ଜବତ

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ଲଇତରା ଗ୍ରାମପଞ୍ଚାୟତର ଖ୍ରୀଷ୍ଟିଆନ୍‌ପଡାରେ ପୋଲିସ ଶୁକ୍ରବାର ଚଢ଼ାଉ କରି ୨ କୁଇଣ୍ଟାଲ ଗଞ୍ଜେଇ ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଜୁଏଲ ସେନାପତି (୪୧) ଏବଂ ସିନ୍ଧିବାହାଲି ଗ୍ରାମର ମିଲିକ୍ଷା ତାଣ୍ଡି (୨୮) ମାଷ୍ଟର ମାଇଣ୍ଡ ବୋଲି ଜଣାପଡିଛି । ଏସପିଙ୍କ ନିର୍ଦ୍ଦେଶକ୍ରମେ ଗତ ଗୁରୁବାର ସନ୍ଧ୍ୟା ୭ଟାରୁ ଖ୍ରୀଷ୍ଟିଆନ୍‌ପଡାକୁ ଟ୍ରାଗେର୍ଟ୍ କରି ପୋଲିସ ସାଧା ପୋଷାକରେ ଯାଇ ଚାରିପଟେ ଘେରି ରହିଥିଲା । ଗୁରୁବାର ଓ ଶୁକ୍ରବାର ଖୋଜ ଖବର କରି ଜୁଏଲଙ୍କ ଘରେ ଚଢ଼ାଉ କରିଥିଲା । ଘର ବାସନକୁସନରେ ୨ କୁଇଣ୍ଟାଲ ୮ କେଜି ୭୫୦ ଗ୍ରାମ ଗଞ୍ଜେଇ ଜବତ କରି ଶୁକ୍ରବାର ଭୋର ୪ଟାରେ କେସିଙ୍ଗା ଆଣିଥିଲା । ଚଢ଼ାଉ ବେଳେ ୧ ଲକ୍ଷ ଟଙ୍କା, ୨ଟି ମୋବାଇଲ ଓ ଓଜନ ମେଶିନ ଜବତ କରିଛି । ଗଞ୍ଜେଇ କାରବାର ଅବକାରୀ ବିଭାଗ କାର୍ଯ୍ୟାଳୟରୁ ୩୦୦ ମିଟର ଦୂରରେ ଚାଲୁଥିବା ଜଣାପଡିଛି । ଏହି ଚୋରା ଗଞ୍ଜେଇ କାରବାର ବ୍ରହ୍ମପୁର ଓ ରାୟଗଡାରୁ ଗଞ୍ଜେଇ ଆଣି ମୁମ୍ବାଇ ପର୍ଯ୍ୟନ୍ତ ଚାଲାଣ ହେଉଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଜିଲା ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଡମ୍ବରୁଧର ଖଣ୍ଡାଙ୍କୁ ପଚାରିବାରୁ ଅବକାରୀ ବିଭାଗ ଚଢ଼ାଉ ନ କରି କେସିଙ୍ଗା ପୋଲିସ ଚଢ଼ାଉ କରିବାର କ'ଣ ଉଦ୍ଦେଶ୍ୟ ବୋଲି ପଚାରିବାରୁ ମୁଁ ତଦନ୍ତ କରୁଛି ବୋଲି ପ୍ରକାଶ କରିଥିଲେ । ଚଢ଼ାଉରେ କଳାହାଣ୍ଡି ଜିଲା ଅତିରିକ୍ତ ଏସପି ଗୋପୀନାଥ ମଣିପାତ୍ର, କେସିଙ୍ଗା ଡିଏସପି ଗୁପ୍ତେଶ୍ୱର ଭୋଇ, କେସିଙ୍ଗା ବଡିଓ ଭୀମସେନ ଶବର, ଆଇଆଇସି ଏକେ ମହାପାତ୍ର, ଅତିରିକ୍ତ ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ, ଏସଆଇ ବିକେ ରାଓ, କୁଶ ସାହୁ, ପ୍ରେମରାଜ କରୁଆଁ ପ୍ରମୁଖ ସାମିଲ ଥିଲେ । କେସିଙ୍ଗା ଥାନାରେ ଏକ ମାମଲା (ନଂ. ୨୫୭/୧୯) ରୁଜୁ ହୋଇଛି ।



ଗିରଫ ୨ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ ।

## ଭାଜପା କର୍ମକର୍ତ୍ତାଙ୍କ ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୨୦।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟିଠାରେ ଭାଜପାର ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ, ଗୋଦବରିଶ ପାତ୍ର, ଆମପାଣି ମଣ୍ଡଳ ସଭାପତି ଘନଶ୍ୟାମ ନାଏକ, କୋକସରା ମଣ୍ଡଳ ସଭାପତି ପ୍ରମୋଦ ପଣ୍ଡା, ଜିଲା ପରିଷଦ ସଭ୍ୟା ଜାହ୍ନବୀ ବାଗ, ହେମାଙ୍ଗିନୀ ହଂସ, ଗଣେଶ କୁମାର ନନ୍ଦ, ବନମାଳି ବାଗ, ଶଙ୍କର ଚୌଧୁରୀ, ନିରନ ଛତ୍ରିଆ, ଚକ୍ରଧର ବେଶ୍ରାଙ୍କ ସମେତ ଅନ୍ୟ ଭାଜପା କର୍ମୀମାନେ ଯୋଗଦେଇଥିଲେ । ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରେ କେମିତି ମଜଭୁତ କରି ସାଧାରଣ ଲୋକଙ୍କ ସୁଖ ଓ ଦୁଃଖରେ ସାମିଲ ହୋଇ ସେମାନଙ୍କ ନିକଟବର୍ତ୍ତୀ ହେବା ସହ ମୋଦିଙ୍କ ସୁନାର ଭାରତକୁ ଆଗେଇ ନେବା ପାଇଁ ଶପଥ ନେଇଥିଲେ। ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଦଳିୟ କର୍ମକର୍ତ୍ତାମାନେ ପରସ୍ପର ମଧ୍ୟରେ ନୂଆଁଖାଇର ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ ।

## ଆମେରିକାରେ ପ୍ରବାସୀ ଓଡ଼ିଆଙ୍କ ନୂଆଁଖାଇ

ଭବାନୀପାଟଣା,୨୦।୯ (ଡି.ଏନ.ଏ.)

ଆମେରିକାର ସିଟଲ ସହରର ଟୋଲ୍ଟ ମ୍ୟାକଡୋନାଲ୍ଟ ପାର୍କଠାରେ ପ୍ରବାସୀ ଓଡିଆଙ୍କ ନୂଆଁଖାଇ ଅନୁଷ୍ଠିତ ହୋଇଯାଇଛି । ୧୬ଟି ପରିବାରର ୬୦ରୁ ଅଧିକ ଲୋକ ଏକାଠି ହୋଇ ନୂଆଁଖାଇ ଥିଲେ । ପ୍ରଥମେ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ନବାନ୍ନ ଭୋଗ ବିଧି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ପରେ ସମସ୍ତେ ଏକାଠି ନୂଆଁଖାଇ ଥିଲେ । ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜୁନିୟର ବିଭାଗରେ ଆହାନ ବେହେରା, ସାନଭି ଦାଶ, ଇଷାନ ମେହେର, ଇଷିକା ମେହେର, ସିନିୟର ବିଭାଗରେ ଲିଜା ନାଏକ ଓ ଶ୍ରାବଣୀ ନାଏକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଏଠାରେ ନୂଆଁଖାଇ ୭ ବର୍ଷ ଧରି ପାଳନ ହୋଇଆସୁଛି । ଏହି କାର୍ଯ୍ୟକ୍ରମରେ ଆଲୋକ ମହାପାତ୍ର, ଅମନ ହୋତା, ବିକାଶ ବେହେରା, ବିଭାସ ନାଗ, ବିକ୍ରମ ମହାନ୍ତି, ସୁମିତ୍ର କୁମାର ପଟେଲଙ୍କ ପରିବାର ସାମିଲ ହୋଇଥିଲେ। ସେହିଭଳି ଭାରତକୁ ଯାଇଥିବା କ୍ରୀଷ୍ଣା ପାତ୍ର, ପ୍ରଶାନ୍ତ ପଟ୍ଟଯୋଷୀ ଓ ରବିନାରାୟଣ ଦାଶ ପରିବାର ମଧ୍ୟ ଏଥିରେ ଯୋଗଦେଇଥିଲେ। ଆମେରିକାରେ ନୂଆଖାଇଁ ପାଳନ ପ୍ରବାସୀ ଓଡିଆମାନଙ୍କୁ ବେଶ ଉତ୍ସାହିତ କରିଥିଲା ।

## କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,୨୦।୯ (ଡି.ଏନ.ଏ.)

ସ୍ଥାନୀୟ ଏକ ହୋଟେଲରେ କଳାହାଣ୍ଡି ଶିକ୍ଷା ବିକାଶ ପରିସଦ ତରଫରୁ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ସହିତ ଜିଲାର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇବା ସହିତ ତାର ସମାଧାନ ଉପରେ ଗୁରୁତ୍ୱ ସହିତ ବିଚାର କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ଅଧ୍ୟକ୍ଷ ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷା ବିକାଶ ପରିଷଦ ସମ୍ପାଦକ କୃଷ୍ଣାବତାର ଦେଓ ଓ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଜିଲାର ବିଭିନ୍ନ ଉନ୍ନୟନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଚାରବାହାଲସ୍ଥିତ ବରିଷ୍ଠ ଆଇନଜୀବୀ ଲଳିତ୍ କିଶୋର ପଣ୍ଡା ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ନନ୍ଦ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ, କୃଷି ବିଶ୍ୱ ବିଦ୍ୟାଳୟ, ଭେଷଜ ମହାବିଦ୍ୟାଳୟ, ଭବାନୀପାଟଣା ମହିଳା ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ, ଧର୍ମଗଡ ମହିଳା ମହାବିଦ୍ୟାଳକୁ ସରକାରୀ ମହାବିଦ୍ୟାଳୟ ଭାବେ କରିବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ବିପିନ ବିହାରୀ ପଣ୍ଡା, ସୁରଜିତ୍ ସିଂହ, ଜଗଦିସ୍ ପଣ୍ଡା, ପଦ୍ମ କିଶୋର ପୂଜାରୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଭାଗରଥି ଭୋଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ମିଶ୍ର ନିଜ ମନ୍ତବ୍ୟରେ ପ୍ରକାଶ କରିଥିଲେ ଯେ, କଳାହାଣ୍ଡିର ସାମୁହିକ ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ଆଦି ସମସ୍ୟାର ସମାଧାନ ପାଇଁ ସେ ଯଥାସାଧ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ସହଯୋଗରେ କାମନା କରିଥିଲେ। କାର୍ଯ୍ୟକ୍ରମ ପ୍ରେଫେସର ରଜନୀକାନ୍ତ ବେହେରା ଏବଂ ମହେଶ୍ୱରୀ ପ୍ରସାଦ ଦାଶ ପରିଚାଳନା କରିଥିଲେ। ଜୁନାଗଡ ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର ଧନ୍ୟବାଦ ଦେବା ସହିତ ଜିଲାର ଭବାନୀପାଟଣା, କେସିଙ୍ଗା, ଜୁନାଗଡ ବାଇପାସ୍ ରାସ୍ତା, ପର୍ଯ୍ୟଟନସ୍ଥଳିର ବିକାଶ ଆଦି ଉପରେ ଆଲୋଚନା କରିବା ସହିତ ଏହାର ବିକାଶ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଅନ୍ୟମାନେ।

## ଗାଁରେ ଯୁଡ଼ା ବିହା ମନା

# ରଏନଗୁଡ଼ାବାସୀଙ୍କୁ ଘାରୁଛେ ଅଭିଶାପ ଭଏ

ପର୍ଲା, ୨୦।୯ ( ଡି.ଏନ୍.ଏ.)

ବିଜ୍ଞାନର ବଢ଼ତି ସଂଗେ ସମାଜରେ ବଡ଼ଭାରି ପରିବରତନ ଦେଖ୍‌ବାକେ ମିଲୁଛେ। ହେଲେ ଆଏଜ୍ ବି ଆମର ରାଏଜ୍‌ରେ ଏନ୍‌ତା ଅନେକ ଗାଁଗଁଡ଼ା ଅଛେ ଯେନ୍‌ନେ ପରିବରତନ୍ କି ବିକାଶର ଛାପ୍ ଦେଖ୍‌ବାକେ ନାଇଁ ମିଲବାର। ଯେନ୍‌ଥିରଲାଗି ଇ ଗାଁଗଁଡ଼ାମାନକେ ଲୋକ୍ ସେ ପୁରନାକାଲିଆ ଅଁଧ୍‌ବିଶୁଆସକେ ଆବରି କରି ଧରିଛନ୍। ଜରତପ୍ ହେଲେ ଉଷୋକଷା ଜାଗାରେ ଫୁଙ୍କାଝରା, ଗୁଣିଗାରେଡ଼ି, ପୂଜାପାଠ୍ କରୁଛନ୍। ସେନ୍‌ତା ଅଁଧ୍‌ବିଶୁଆସର ଭଏରେ ଅନେକ ପରମ୍ପରାକେ ପାଲୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ଆଦିବାସୀ ବହୁଲ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଜୟନ୍ତପୁର ପଁଚେତ୍‌ର ରଏନଗୁଡ଼ା ଗାଁରେ।

ସୂଚନା ଅନ୍‌ସାରେ ଧର୍ମଗଡ଼ ବ୍ଲକ ସଦରରୁ ୨୨ କି.ମି. ଦୂରେ ରହିଛେ ରଏନଗୁଡ଼ା ଗାଁ। ଇ ଗାଁରେ ଆଏଜ୍‌କେ ୭ ପୁରୁଷା ହେଲା ଯୁଡ଼ା ବିହା ନାଇଁହେଇ। ସେ ଗୁଟେ ପରିବାରର ଦୁଇ ଭାଇ ହେଉନ୍ କି ଉନିଆ ଜାତି, ଧରମ୍‌ର ଅଲଗ୍ ଅଲଗ୍ ପରିବାରର ଦୁଇ ଝନ୍ ହେଉନ୍। ଗାଁରେ ଗୁଟେ ଦିନେ ଦୁଇଝନ୍‌କର ବିହା ନାଇଁ ହେବାର ଗୁଟେ ପରଥା ଚଲିଆସୁଛେ। ଲୁକ୍‌କର କହେବାର ହିସାବେ ପୁରଖାପାତିକଁର ଅଭିଶାପରୁ ଇ ଗାଁରେ ଯୁଡ଼ା ବିହାକେ ବାରନ୍ କରାଯାଇଛେ। ଆଗ୍‌ରୁ ଇ ଗାଁରେ ଝନେ ଆଦିବାସୀ ସମାଜର ଗଉଁଟିଆ ଥିଲେ। ସେ ଗୁଟେ ଦିନେ ୩ ଝନ୍‌କର ବିହା କରେଇଥିଲେ। ହେଲେ ବିହାର ଆରଦିନ ସଖାଲ ପାଏଲାବେଲେ ଗୁଟେ ପରିବାରରେ ବରପିଲା ମରିଗଲା। ସେନ୍‌ତା ଉନିଆ ଦୁଇ ପରିବାରର ବହୁଟୁକେଲମାନେ ପହଁଚିଆରୁ ଫେରାର ହେଇଯାଇଥିଲେ। ଇ କଥା ଜନାଗଲା ଉତାରୁ ଗାଁରେ ଗୁଟେ ସଭା ହେଇଥିଲା। ସଭାରେ ଗଉଁଟିଆ ଗ୍ରାମଦେବତୀକୁଁ ସାଖି ରଖି ଗୁଟେ ଅଭିଶାପ ଦେଇଥିଲେ। ତାକର ଅଭିଶାପ ହିସାବେ ଗାଁରେ ଯୁଡ଼ା ବିହା ହେଲେ ବର କି କନିଆଁର ମୁରୁତୁ ହେବା, ନାଇଁହେଲେ ଛାଡ଼ପତର ହେବା କି ସେ ଦମ୍ପତି ଅଁଟ୍କୁରା ହେବେ। ଇଟା ଅଁଧ୍‌ବିଶୁଆସ ହେଉ କି ଅଭିଶାପ ଭଏ ଗାଁବାସୀ ଆଏଜ୍ ବି ଇ କଥାଟା ମାନିକରି ଚଲୁଛନ୍। ଅନେକ ଲୋକ୍ ଅମାନ୍ତିଆ ହେଇ ଯୁଡ଼ା ବିହା କରି ଦୁରଦଶା ଭୋଗ୍ କରିଥିବାର ଗାଁର ପୁରଖା ଲୋକ ଦେବେନ୍ଦ୍ର ନାଏକ, ଅଖିଲ ମାଝି, କରୁଣା ଦୁରିଆ, ତ୍ରିନାଥ ଦୁର୍ଗା ପରମୁଖ କହିଛନ୍।



ରଏନଗୁଡ଼ା ଗାଁ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।

-ସକ୍ରେଟିସ୍



## ସଂକ୍ଷେପରେ

### ଟ୍ରେନ୍‌ରୁ ଜାଳେଣି କାଠ ଜବତ

**ଟିଟିଲାଗଡ଼,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କଶନ୍‌ରୁ ଆର୍‌ପିଏଫ୍ ପୋଲିସ ଶୁକ୍ରବାର ଜାଳେଣି କାଠ ଜବତ କରିଛି। ମିଳିଥିବା ସୂଚନା ମୁତାବକ ବିଶାଖାପାଟଣା-ରାୟପୁର ଟ୍ରେନ ନଂ. ୫୮୬୨୮ରେ ଜାଳେଣି କାଠ ଚୋରା ଚାଲାଣ ହେଉଥିବା ଆର୍‌ପିଏଫ୍ ପୋଲିସକୁ ଖବର ମିଳିଥିଲା। ଟ୍ରେନ ଶୁକ୍ରବାର ଟିଟିଲାଗଡ଼ରେ ପହଞ୍ଚିବା ପରେ ଆର୍‌ପିଏଫ ଅଧିକାରୀ ଏମ୍.ଏସ୍. କୁମାବତ, ଜେ. ବେକ ପ୍ରମୁଖ ପୋଲିସ ଫୋର୍ସ ସହ ଟ୍ରେନରେ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଅଧିକାରୀମାନେ ଟ୍ରେନରୁ ୨.୩୦ କୁଇଣ୍ଟାଲ ଜାଳେଣି କାଠ ଜବତ କରିଥିଲେ। ଜବତ ଜାଳେଣି କାଠକୁ ଟିଟିଲାଗଡ଼ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ କାହାରିକୁ ଧରିପାରି ନାହିଁ।

### ସମଲେଇ ପୂଜା ପ୍ରସ୍ତୁତି ବୈଠକ

**ଲୋଇସିଂହା,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଟେନପାଲି ପଞ୍ଚାୟତସ୍ତରୀୟ ସମଲେଇ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଦୁମଦୁମି ଛକ ସମଲେଇ ପୀଠରେ ଆୟୋଜିତ ବୈଠକରେ ଯତିନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଯତିନ୍ଦ୍ର କୁମାର ପଟେଲ ସଭାପତି, ପିତାମ୍ବର ଝାଙ୍କର ସମ୍ପାଦକ, ରବୀନ ପୁଟେଲ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ବୈଠକରେ ପୂଜାର ଦେହୁରୀ ଫାଲଗୁନୀ କାଲସାଏଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମ କମିଟି ସଦସ୍ୟ ଉପସ୍ଥିତ ରହି ଆସନ୍ତା ଅକ୍ଟୋବର ୧୩ ତାରିଖରେ ହେବାକୁ ଥିବା ଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଣ୍ଢା ଲଢେଇ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ମହିଳାଙ୍କୁ ଆକ୍ରମଣ ଘଟଣା ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ୟ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଲୋଇସିଂହା,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝରଣିପାଲି ଗ୍ରାମର ଶ୍ରୀକାନ୍ତ ମହାନ୍ଦଙ୍କ ସ୍ତ୍ରୀ ନିପା ମହାନ୍ଦ(୩୦)ଙ୍କୁ ଏକ ପରିବାର ଲୋକେ ଗତ ୧୪ ତାରିଖ ଆକ୍ରମଣ କରିଥିଲେ। ଏନେଇ ନିପା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୀଡିତ ମହିଳା ଏସ୍‌ପି ସନ୍ଦୀପ ମଡକର ସମ୍ପତଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ମୁତାବକ, ନିପା ମହାନନ୍ଦଙ୍କ ସ୍ୱାମୀ ଶ୍ରୀକାନ୍ତ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏନେଇ ନିପା ପିଲାଛୁଆ ଧରି ଘରେ ଅଛନ୍ତି। ଏହାରି ସୁଯୋଗରେ ସ୍ଥାନୀୟ ପଡୋଶୀ ଗତ ୧୪ ତାରିଖ ଅପରାହ୍ନ ୫ଟାରେ ନିପାଙ୍କୁ ଗାଳିଗୁଲଜ କରିଥିଲେ। ନିପା ଏହାର ପ୍ରତିବାଦ କରିଥିଲେ। ହେଲେ ପଡୋଶୀଙ୍କ ପରିବାର ଲୋକେ ଜୋରଜବରଦସ୍ତି ଘରେ ପସି ନିପାଙ୍କୁ ଟଣାଓଟରା କରି ତଳେ ପକାଇ ଦେଇଥିଲେ। ପରେ ଏକ ଲୁହାଛଡରେ ତାଙ୍କୁ ଆକ୍ରମଣ କରିଥିଲେ। ସେତିକିବେଳେ ନିପାଙ୍କ ଚିତ୍କାର ଶୁଣି ପଡୋଶୀ ୨ଜଣ ଦୌଡି ଆସି ତାଙ୍କୁ ରକ୍ଷା କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛି। ଏନେଇ ନିପା ଲୋଇସିଂହା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ପୋଲିସ ଏକ ମାମଲା(ନଂ. ୨୧୫/୧୯) ରୁଜୁ କରିଛି। ବର୍ତ୍ତମାନ ନିପା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ବିଧାନସଭା ଷ୍ଟାଣ୍ଡିଂ ଉପକମିଟି ପକ୍ଷରୁ ସମୀକ୍ଷା

# ସମବାୟ, ଖାଦ୍ୟ ଯୋଗାଣ ବିଭାଗରେ ଅନିୟମିତତା ନେଇ ଆଲୋଚନା

**ବଲାଙ୍ଗୀର ଅଫିସ, ୨୦।୯**




ବିଧାନସଭା ଷ୍ଟାଣ୍ଡିଂ କମିଟିର ଉପକମିଟି ସଦସ୍ୟମାନେ ଶାନ୍ତିପଡାକୁ ଯାଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବିଧାନସଭା ଷ୍ଟାଣ୍ଡିଂ କମିଟି-୬ର ଉପକମିଟି-୧ ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସଭ୍ୟ କନ୍ଧମାଳ ବିଧାୟକ ମହୀଧର ରଣା, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସହ ଜିଲାସ୍ତରୀୟ ଅଧିକାରୀ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବୟନ, ହସ୍ତତନ୍ତ, ହସ୍ତଶିଳ୍ପ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ପ୍ରଥମେ କମିଟି ବୟନ, ହସ୍ତତନ୍ତ, ହସ୍ତଶିଳ୍ପ ଉପରେ ସମୀକ୍ଷା କରିଥିଲେ। ବୁଣାକାରମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମାଗଣାରେ ମଙ୍ଗା, ଲଣ୍ଠନ, ସୋଲାର ଲାଇଟ ତଥା ରଙ୍ଗ ଉପକରଣ ସରକାରଙ୍କ ଦ୍ୱାରା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଖାଦ୍ୟଯୋଗଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗର ଆଲୋଚନା ହୋଇଥିଲା। ଧାନର ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ ନେଇ ଅଧ୍ୟକ୍ଷ ମିଶ୍ର ପ୍ରଶ୍ନ କରିଥିଲେ। ସମବାୟ ଅଧିକାରୀମାନେ ଏନେଇ ଠିକ୍ ଉତ୍ତର ଦେଇପାରି ନ ଥିଲେ । ଜିଲାର କୌଣସି ପ୍ୟାକ୍ସରେ ଏଫ୍ଏକ୍ୟୁମାନ ନିର୍ଦ୍ଧାରଣ ମେଶିନ୍ ନ ଥାଇ ଭୁଲ ତଥ୍ୟ ଦେଇଥିବା ଧରାପଡି ଥିଲା। ଏପରି କି ଧାନବସ୍ତାଗୁଡିକ ଚାଷୀମାନଙ୍କୁ ଫେରାଯାଉ ନ ଥିବାରୁ ଏହା ଏକ ରାଜ୍ୟସ୍ତରୀୟ ବଡ ସ୍କାମ ବୋଲି ଆଲୋଚନା ହୋଇଥିଲା। ସମବାୟ ବିଭାଗର ଅନେକ ଅନିୟମିତତାକୁ ନେଇ ଉପକମିଟି ସଦସ୍ୟ ଆଲୋଚନା କରିଥିଲେ। ଜରାସିଂହା ସମବାୟ ବ୍ୟାଙ୍କ କିପରି ଚାଷୀମାନଙ୍କୁ କେବଳ ପେପର ଟ୍ରାଞ୍ଜେକ୍ସନ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଶୋଷଣ କରୁଛି ସେ ବାବଦରେ ଅନେକ ଚାଷୀ ଉପକମିଟି ସମ୍ମୁଖରେ ଅଭିଯୋଗ କରିଥିଲେ । ଅଞ୍ଚଳର ଜଣେ ଚାଷୀ ତାଙ୍କ ଋଣକୁ ସରକାର ମାଫ୍ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଋଣ କେବଳ ମିଥ୍ୟା ପେପର ଟ୍ରାଞ୍ଜେକ୍ସନ ମାଧ୍ୟମରେ ସୁଧ ମୂଳ ସହିତ ୬୦ ହଜାର ଟଙ୍କାରେ ପହଞ୍ଚି ଥିବା ଅଭିଯୋଗ କରିଥିଲେ। ଏପରି ଋଣି ଚାଷୀମାନଙ୍କ ବ୍ୟାଙ୍କ ଖାତା ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ରଖି ମନମୁତାବକ ଜାଲିଆତି କରି ଚାଲିଥିବା ଅଭିଯୋଗ ହୋଇଥିଲା। ଏସବୁ ଆଲୋଚନା ପରେ ଉପକମିଟି ସମବାୟ ବ୍ୟାଙ୍କ ଜାଲିଆତିକୁ ଗୁରୁତ୍ୱର ସହ ନେଇ ଏହାକୁ ଷ୍ଟାଣ୍ଡିଂ

**ଭିଜିଲାନ୍ସସ୍ତରୀୟ ତଦନ୍ତ ପାଇଁ ସୁପାରିସ କରିବ କମିଟି**

କମିଟି-୬ ସମ୍ମୁଖରେ ପୁଙ୍ଖାନୁପୁଙ୍ଖ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଏକ ନକଲ ଜିଲାପାଳ ତଥା ବିଧାନସଭାକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆବଶ୍ୟକ ପଡିଲେ ଏହି ଜାଲିଆତି ଉପରେ ଗୃହ କମିଟି ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିବ ବୋଲି ଗୃହ କମିଟି ପକ୍ଷରୁ କୁହାଯାଇଛି। ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଡୁମେରପିଟାଠାରେ ଇନ୍‌ସୁରାନ୍ସ ଟଙ୍କା ହେରଫେର ନେଇ ଅନେକ ଚାଷୀ ଅଭିଯୋଗ କରିଥିଲେ। ସରକାରଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ଅନୁସାରେ ବିମା ଟଙ୍କା କେବେ ମଧ୍ୟ ଚାଷୀଙ୍କ ଋଣରୁ କଟାଯାଇପାରିବ ନାହିଁ। ହେଲେ ଅଞ୍ଚଳରେ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିକାରୀମାନେ ଚାଷୀ ପାଇଥିବା କୃଷିବୀମା କ୍ଷତିପୂରଣ ଟଙ୍କାରୁ ଋଣ କାଟ କରାଯାଉଥିବା ଅଭିଯୋଗକୁ ନେଇ କମିଟି ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ କମିଟି କ୍ଷେତ୍ର ପରିଦର୍ଶନରେ ଶାନ୍ତିପଡା ଅଞ୍ଚଳକୁ ଯାଇ ଉପଭୋକ୍ତାଙ୍କୁ ଭେଟି ରାଶନ ଅନିୟମିତତା ନେଇ ଆଲୋଚନା କରିଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଅମରପାଲି,୨୦।୯(ଡି.ଏନ.ଏ.)**

ବୀରମହାରାଜପୁର କଲେଜ ଏନ୍‌ସିସ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମୁରଲିଧର ହୋତା, ଏନ୍‌ସିସି ଅଧିକାରୀ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ସୁନୀଲ ତ୍ରିପାଠୀ, ଦୟାସାଗର ଦିଗାଲଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କଲେଜ ପରିସର ଏବଂ ଚମ୍ପେଶ୍ୱର ମନ୍ଦିରରେ ସଫେଇ କରାଯାଇଥିଲା। ଏପରି କି ଏନ୍‌ସିସି ବାହିନୀ ଓ ଅଧ୍ୟାପକମାନେ ଲୋକଙ୍କୁ ପରିବେଶକୁ ସ୍ୱଚ୍ଛତା ରଖିବାକୁ ସଚେତନ କରାଇଥିଲେ।

### ୟୁରିଆ ସାରର କୃତ୍ରିମ ଅଭାବ

**ରିଷିଡା,୨୦।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେଇଛି। ରିଷିଡା ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରାୟ ୫ଶହ କୁଇଣ୍ଟାଲ ସାରର ଆବଶ୍ୟକତା ଥିବା ବେଳେ ମାତ୍ର ୧୫୦ କୁଇଣ୍ଟାଲ ସାର ଆସିଥିବା ଯୋଗୁ ୟୁରିଆ ସାରର ଅଭାବ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବେସରକାରୀ ଡିଲରଙ୍କ ପାଖରେ ସାର ଠିକ ଭାବେ ଉପଲବ୍ଧ ହେଉନାହିଁ। ବେସରକାରୀ ଡିଲରମାନେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

## ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ଉତ୍ସବ

**ଖପ୍ରାଖୋଲ,୨୦।୯(ଡି.ଏନ.ଏ.)**

ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଶିକ୍ଷକ ଦିବାକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ବୀରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନି ଭୋଇ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ନମିତା ନାଏକ, ବିମଲ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପୋଷାକ ଓ ଜୋତା ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରମା ନାଏକ, ନମିତା ମଣ୍ଡଳ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




ଅତିଥିମାନେ ଜଣେ ଛାତ୍ରଙ୍କୁ ପୋଷାକ ବଣ୍ଟନ କରୁଛନ୍ତି।

### ଲାନ୍ଥ ନଦୀ କୂଳରେ ପଡିଛି ମୁଣ୍ଡବିହୀନ ମୃତଦେହ

**ସଇଁତଲା,୨୦।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବିବିନା ପଞ୍ଚାୟତର ତେତେଲପଦର ଗ୍ରାମ ନିକଟ ଦେଇ ଯାଇଥିବା ଲାନ୍ଥ ନଦୀ କୂଳରେ ମୁଣ୍ଡ ବିହୀନ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ତଳେ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ବନ୍ୟାରେ ଭାସି ଆସି ଯୁବକଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ କେତେକେ ମୃତଦେହ ପଡିରହିଥିବା ଘଟଣାକୁ ସନ୍ଦେହ ପ୍ରକଟ କରିଛନ୍ତି। ହେଲେ ପୋଲିସ ମୃତଦେହ ଉଦ୍ଧାର କରି ନ ଥିବା ଜଣାପଡିଛି।

## ଗୁଣିଗାରେଡ଼ି ସନ୍ଦେହରେ ଘର ଭଙ୍ଗାରୁଜା

**ସଇଁତଲା,୨୦।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା ଅନ୍ତର୍ଗତ ଚିଟକାମାଲ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ର୍ଦ୍ଦବଲ ମଡ଼ର ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣାର ସପ୍ତାହକ ମଧ୍ୟରେ ସଇଁତଲା ଥାନା ଅଧୀନ ଡେଙ୍ଗ ପଞ୍ଚାୟତ ବିଜାପଦର ଗ୍ରାମରେ ପୁଣି ଗୁଣିଗାରେଡି ଘଟଣା ପଦାକୁ ଆସିଛି। ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଗୁଣିଆ ସନ୍ଦେହ କରି ଗ୍ରାମର କେତେଜଣ ଯୁବକ ଘର ଭଙ୍ଗାରୁଜା କରିଛନ୍ତି। ଏପରିକି ଯୁବକମାନେ ଜୋରଜବରଦସ୍ତ ବ୍ୟକ୍ତିଙ୍କୁ ବିଷ ପିଆଇବାକୁ ଉଦ୍ୟମ କରିଥିବା ଜଣାପଡିଛି। ବ୍ୟକ୍ତି ଜଣକ କୌଶଳକ୍ରମେ ଯୁବକଙ୍କ କବଳରୁ

**ସଇଁତଲା ଥାନାରେ ଏତଲା**

ଖସି ଆସି ଘଟଣା ସଂକ୍ରାନ୍ତରେ ସଇଁତଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୨୯୪, ୪୨୭, ୫୦୬, ୫୦୯, ୩୪ରେ ଏକ ମାମଲା ଏକ ମାମଲା(ନଂ.୨୧୪/୧୯) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ହେଲେ ପୋଲିସ କାହାରିକୁ ଗିରଫ କରି ନାହିଁ। ଅନ୍ୟପକ୍ଷେ ଶୁକ୍ରବାର ମଧ୍ୟାହ୍ନରେ ବିଜାପଦର ଗ୍ରାମର ଶତାଧିକ ମହିଳା ପୁରୁଷ ସଇଁତଲା ଥାନାରେ ପହଞ୍ଚି ବ୍ୟକ୍ତିଙ୍କ ପୂଜାପାଠ ସନ୍ଦେହଜନକ ଥିବା ବେଳେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି।

## ସୁବର୍ଣ୍ଣପୁରରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

**ସୋନପୁର,୨୦।୯(ନି.ପ୍ର.)**

ସୁବର୍ଣ୍ଣପୁରରେ ଏକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଜିଲାର ୨୧ଟି ସ୍ନାତକ କଲେଜ ସମେତ ବୌଦ୍ଧ ଜିଲାର ୮ଟି ଏବଂ ଆଠମଲ୍ଲିକ ଉପଖଣ୍ଡର ୫ଟି ଏଭଳି ସର୍ବମୋଟ ୩୪ଟି କଲେଜକୁ ନେଇ ଏହି ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଉଚିତ ବୋଲି ଜନସାଧାରଣ ଅନୁରୋଧ କରିଛନ୍ତି। ଏହାଦ୍ୱାରା ପରୀକ୍ଷା ପରିଚାଳନା, ନିୟନ୍ତ୍ରଣ ସହିତ ଛାତ୍ରୀଛାତ୍ର, ଅଭିଭାବକ ଓ ଅଧ୍ୟାପକମାନଙ୍କ ସୁବିଧା ହେବ। ଛାତ୍ରୀଛାତ୍ର ସମ୍ବଲପୁର କିମ୍ବା ବଲାଙ୍ଗୀର ନ ଯାଇ ଜିଲାରେ ଉଚ୍ଚ ଶିକ୍ଷା ଓ ଗବେଷଣାର ସୁବିଧା ପାଇପାରିବେ। ବର୍ତ୍ତମାନ ଆଠମଲ୍ଲିକ ଠାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦୂରତା ୧୬୦ କିଲୋମିଟର ଓ ବୌଦ୍ଧ ଠାରୁ ୧୨୦ କିଲୋମିଟର । ସୁବର୍ଣ୍ଣପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଆଠମଲ୍ଲିକ ଓ ବୌଦ୍ଧକୁ ସାମିଲ କଲେ ଉଭୟ ବୌଦ୍ଧ ଓ ଆଠମଲ୍ଲିକ ପାଇଁ ୭୦ କିଲୋମିଟରର ଦୂରତା କମିଯିବ । ଅଞ୍ଚଳର ଜନସାଧାରଣ ସ୍ୱଳ୍ପ ଖର୍ଚ୍ଚରେ ସୁବିଧା ସୁଯୋଗ ପାଇପାରିବେ । ଏହି ବିଷୟକୁ ବିଚାରକୁ ନେଇ ସୁବର୍ଣ୍ଣପୁର ଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରି ଏକ ସର୍ବପୁରାତନ ଏବଂ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଶାସନ ନିୟନ୍ତ୍ରଣରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ଦେଶାନ୍ତର ବନ୍ଦ ଲାଗି ସଚେତନତା କାର୍ଯ୍ୟକ୍ରମ

## ଭିଟାମାଟିରେ କାମ କରି ଚଳିବାକୁ ଆହ୍ୱାନ

**ଖପ୍ରାଖୋଲ,୨୦।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ପରିସରରେ ଲୋକ ଉନ୍ନତି ସଂଗଠନ ପକ୍ଷରୁ ଦେଶାନ୍ତର ବନ୍ଦ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସଂଯୋଜକ ଆଶିଷ କୁମାର ରାଜହଂସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ଭାବେ ବିଡିଓ ତରଣୀ ସୁନା, ଜିଲା ଯୋଜନା ବୋର୍ଡ ସଭ୍ୟ ତଥା ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ଭୋଇ, ମହରାପଦର ସରପଞ୍ଚ ନଳିନୀ ମେହେର, ଟିମ୍ ଲିଡର ବିଶ୍ୱନାଥ ବାଗ ପ୍ରମୁଖ ଯୋଗଦେଇ ନିଜ ଭିଟାମାଟିରେ କାମ କରି ଚଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଏପରି କି ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାରେ ସାମିଲ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁପାଧର ପୁଟା, ଅରକ୍ଷିତ ମାଝି, ଶାନ୍ତିଲତା ନାଏକ, ଗୀତାଞ୍ଜଳି ବାଗ, ମମତା ପାଣିଗ୍ରାହୀ, ପିତାମ୍ବର ପଧାନ, ବିକ୍ରମ ସାହୁ, ସୁଶିଲ ମହାନନ୍ଦ, ବିଦ୍ୟାଧର ଜାଲ, ନରେଶ ନାଗ, ସେବତୀ ଭୋଇ ପ୍ରମୁଖଙ୍କ ସହ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ସଚେତନତା ପଦଯାତ୍ରା ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରିବାକୁ ସଂଗଠନ ପକ୍ଷରୁ ସଂକଳ୍ପ ନିଆଯାଇଥିବା କର୍ମକର୍ତ୍ତାମାନେ କହିଛନ୍ତି।




ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ଗୋପବନ୍ଧୁ ପାର୍କ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ବସିଥିବା ହାଟରେ ଲୋକେ କିଣାବିକା କରୁଛନ୍ତି।

## ନିଶାସକ୍ତ ହୋଇ ଶିକ୍ଷକ ସ୍କୁଲକୁ ଆସୁଥିବା ଅଭିଯୋଗ

**ଗୁଡ଼ଭେଲା,୨୦।୯(ଡି.ଏନ୍.ଏ.)**

- ମଧ୍ୟାହ୍ନଭୋଜନ ପରେ ରହୁନାହାନ୍ତି ଶିକ୍ଷକ
- ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି

ସରକାର ମଦୁଆ ଡ୍ରାଇଭରମାନଙ୍କୁ ଦଣ୍ଡିତ କରୁଥିବାବେଳେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ନିଶାସକ୍ତ ହୋଇ କେତେଜଣ ଶିକ୍ଷକ ବିଦ୍ୟାଳୟକୁ ଆସୁଛନ୍ତି। ହେଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ବିଭାଗ ପକ୍ଷରୁ ଅନୁକମ୍ପା ଦିଆଯାଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏପରି କି ବ୍ଲକରେ ୧୧୩ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ହେଲେ ବ୍ଲକ ଅଧୀନ ଭୁନା, ବିରାମୁଣ୍ଡା, ଜାମୁଟ, ନୂଆପଡ଼ା ପଞ୍ଚାୟତ ତଳି ଅଞ୍ଚଳରେ ଥିବା ସ୍କୁଲରେ କେତେଜଣ ଶିକ୍ଷକ ମଧ୍ୟାହ୍ନ ଭୋଜନ ପରେ ଘରକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ଏପରି କି ଶିକ୍ଷକ ମଦ ପିଇ ସ୍କୁଲକୁ ଆସୁଥିବା ବେଳେ ଅଭିଭାବକଙ୍କ ଶିକାର ହେଉଥିବା ନଜିର ରହିଛି। ଏଭଳି ଅଭିଯୋଗ ହେଉଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଗୁଡଭେଲା ବ୍ଲକ ଅନ୍ତର୍ଗତ ଦେଓଗୁଡି ପଞ୍ଚାୟତ ଅଧୀନ ମୁଣ୍ଡାପଲା ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କୁ ବୁଧବାର ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ମୁଣ୍ଡାପଲା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୮୭ ଜଣ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବିଦ୍ୟାଳୟରେ ୪ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ପ୍ରତିଦିନ ସ୍କୁଲକୁ ଆସୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା କହିଥିଲେ। ଏନେଇ ସମ୍ପୃକ୍ତ ଶିକ୍ଷକଙ୍କ ମତାମତ ନେଇ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ସୁଇଚ ଅଫ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ୟୁରିଆ ସାରର କୃତ୍ରିମ ଅଭାବ

ରିଷିଡା,୨୦୧୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେଇଛି। ରିଷିଡା ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରାୟ ୫ଶହ କୁଇଣ୍ଟାଲ ସାରର ଆବଶ୍ୟକତା ଥିବା ବେଳେ ମାତ୍ର ୧୫୦ କୁଇଣ୍ଟାଲ ସାର ଆସିଥିବା ଯୋଗୁ ୟୁରିଆ ସାରର ଅଭାବ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବେସରକାରୀ ଡିଲରଙ୍କ ପାଖରେ ସାର ଠିକ ଭାବେ ଉପଲବ୍ଧ ହେଉନାହିଁ। ବେସରକାରୀ ଡିଲରମାନେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

# ୧୫ଦିନ ହେଲା ପଡ଼ିଛି ତାଲା

**ସିନ୍ଧିବାହିଲି ଅଙ୍ଗନୱାଡି କେନ୍ଦ୍ର**

■ ବାରଣ୍ଡାରେ ବସୁଛନ୍ତି ଶିଶୁ

ଭବାନୀପାଟଣା,୨୦୧୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବସନ୍ତପଡା ପଞ୍ଚାୟତ ଅଧୀନ କଂସାରୀ ଗାଁରେ ଥିବା ସିନ୍ଧିବାହିଲି ଅଙ୍ଗନୱାଡି କେନ୍ଦ୍ରରେ ୧୫ ଦିନ ହେଲା ତାଲା ପଡିଛି । ଫଳରେ କୁନି କୁନି ପିଲାମାନେ ଖରା ଓ ବର୍ଷାରେ ବାରଣ୍ଡାରେ ବସି ବହୁ କଷ୍ଟରେ ପାଠ ପଢୁଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ସିନ୍ଧିବାହିଲି ସେଣ୍ଟରରେ ଦାୟିତ୍ୱ ତୁଲାଉଥିବା ଅଙ୍ଗନୱାଡି କର୍ମୀ ମଞ୍ଜୁଳା ମହାପାତ୍ରଙ୍କ ଗତ ଜୁନ ମାସରେ ମୃତ୍ୟୁ ଘଟିବା ପରେ ଅନ୍ୟ ଜଣେ କର୍ମୀଙ୍କୁ କିଛି ଦିନ ଉକ୍ତ କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିଲା । ହେଲେ କଂସାରୀ ଗ୍ରାମର କର୍ଣ୍ଣ ମାଝିଙ୍କ ସ୍ତ୍ରୀ ମଙ୍ଗୁଳି ମାଝି ଦୁଇ ବର୍ଷ ପୂର୍ବରୁ ଏହି କେନ୍ଦ୍ରରେ ଅଙ୍ଗନୱାଡି ହେଲପର ଦାୟିତ୍ୱରେ ଥିଲେ। କିନ୍ତୁ ଚଳିତବର୍ଷ ପଞ୍ଚାୟତ ନିର୍ବାଚନରେ ମୁଙ୍ଗୁଳିଙ୍କୁ ସରପଞ୍ଚ ପଦରେ ଠିଆ ହେବାକୁ ଲୋକେ ଜିଦ ଧରି ବସିବା ଯୋଗୁ ବାଧ୍ୟ ହୋଇ ବସନ୍ତପଡା ପଞ୍ଚାୟତରେ ଠିଆ ହୋଇ ବିଜୟୀ ହୋଇଥିଲେ । ସେ ୨ ବର୍ଷ ହେଲା ସରପଞ୍ଚ ରହିଛନ୍ତି । ଅନ୍ୟପକ୍ଷେ ମଞ୍ଜୁଳାଙ୍କ ମୃତ୍ୟୁ ପରେ ସିନ୍ଧିବାହାଲି କେନ୍ଦ୍ରରେ ଉକ୍ତ ପଦବୀ ଖାଲି ପଡିଥିବାରୁ ମୁଙ୍ଗୁଳି ସରପଞ୍ଚ ପଦରୁ ଇସ୍ତଫା ଦେଇ ଅଙ୍ଗନୱାଡି କର୍ମୀ ପାଇଁ ଚେଷ୍ଟା କରିଥିଲେ। ଯୋଗ୍ୟତା ଅନୁସାରେ ଗତ ଅଗଷ୍ଟ ୨୧ ତାରିଖରେ ସରକାରଙ୍କ ତରଫରୁ ସିନ୍ଧିବାହାଲି ସେଣ୍ଟରରେ ଅଙ୍ଗନୱାଡି କର୍ମୀ ପାଇଁ ସେ ଚିଠି ପାଇଥିଲେ। ହେଲେ ସ୍ଥାନୀୟ ଲୋକେ ତାଙ୍କ ନିଯୁକ୍ତିକୁ ବିରୋଧ କରିବା ସହିତ ଉକ୍ତ କେନ୍ଦ୍ରରେ ତାଲା ପକାଇ ଦେବାକୁ ଚେତବାନୀ ଦେଇଥିଲେ ।

ଅନ୍ୟପକ୍ଷଷର ମୁଙ୍ଗୁଳି ଅନ୍ୟ ଅଙ୍ଗନୱାଡି କର୍ମୀଙ୍କଠାରୁ ଉକ୍ତ କେନ୍ଦ୍ରର ଦାୟିତ୍ୱ ନେବା ପରଠାରୁ ଗ୍ରାମବାସୀ ଗତ ୪ ତାରିଖରୁ ସିନ୍ଧିବାହିଲି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି । ଫଳରେ ୧୫ ଦିନ ହେଲା କୁନି କୁନି ପିଲାମାନେ ଅଙ୍ଗନୱାଡି ବାରଣ୍ଡାରେ ପାଠ ପଢୁଛନ୍ତି । ଏ ନେଇ ମୁଙ୍ଗୁଳି ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହ ଲାଞ୍ଜିଗଡ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଲାଞ୍ଜିଗଡ ପୋଲିସ ଗାଁକୁ ଯାଇ ଲୋକଙ୍କ ସହିତ କଥାବାର୍ତ୍ତା କରିଥିବା ମୁଙ୍ଗୁଳି କହିଛନ୍ତି। ତୁରନ୍ତ ବିବାଦର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ଭାଜପା ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ।

# ଭାଜପା ମଣ୍ଡଳ ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ

ପଲମ,୨୦୧୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ମାଣ୍ଡେଲ ଗ୍ରାମରେ ଶୁକ୍ରବାର ଭାଜପା ନର୍ଲା ମଣ୍ଡଳ ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମାଗଣା ଚିକିତ୍ସା ଶିବିର, ଚାରା ରୋପଣ ଓ ସ୍ୱଚ୍ଛ ଭାରତ ସଚେତନ ପାଇଁ ରାଲି ହୋଇଥିଲା। ନର୍ଲା ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ ତଥା ଭାଜପା ନର୍ଲା ମଣ୍ଡଳ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଅକ୍ଷୟ କୁମାର ଗୋଛାୟତଙ୍କ ଦ୍ୱାରା ଶତାଧିକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା।



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ।

# ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତୁଣ୍ଡଲା,୨୦୧୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଯୁକ୍ତ ତିନି ମହାବିଦ୍ୟାଳୟଠାରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଅଧାପକ ଦୁର୍ଯ୍ୟୋଧନ ବିଶୋଇ, ସମ୍ମାନିତ ଅତିଥି ଭାବେ ନୀରଞ୍ଜନ ମାଝି, ଭକ୍ତବନ୍ଧୁ ପଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରୀବନ୍ତି ଗହୀର, ଦୀପାଞ୍ଜଳି ଚୌଧୁରୀ, ପାର୍ବତୀ ବିଭାର ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାଇ ସମସ୍ତଙ୍କ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଧକ୍ଷ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତି ହୋଇ କର୍ତ୍ତବ୍ୟ ନିଷ୍ଠା ହେବାକୁ ଅଧାପକମାନେ ପରାମର୍ଶ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ କର୍ମଚାରୀ ଚଉବନ ପଧାନ, ବୁଦ୍ଧଦେବ ପଧାନ ଏବଂ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚଳାନା କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋକସରା,୨୦୧୯ (ଡି.ଏନ.ଏ.)



ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥି ।

**କୋକସରା ବ୍ଲକ**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ପରିସରଠାରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୋକସରା ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, ବିଡିଓ ବସନ୍ତ କୁମାର ସେଠୀ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ବ୍ଲକ ଭିନ୍ନକ୍ଷମ ସଂଘ ସଭାପତି ମାନ ପୁଞ୍ଜି ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨୨ଟି ପଞ୍ଚାୟତରୁ ଶତାଧିକ ଭିନ୍ନକ୍ଷମ ଶିଶୁ, ପୁରୁଷ, ମହିଳାମାନେ ଆସି ନାମ ପଞ୍ଜୀକରଣ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ଅନଲାଇନରେ ନାମ ପଞ୍ଜୀକରଣ କରି ପ୍ରମାଣପତ୍ର ଓ ଚିକିତ୍ସା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ମୋଟ ୨୧୨ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ବେଳେ ୧୩୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୫ ଜଣଙ୍କୁ ହ୍ୱିଲ ଚେୟାର, ୩ ଜଣଙ୍କୁ ଟ୍ରାଇସାଇକେଲ ଓ ୩୩ ଜଣଙ୍କଠାରୁ ପେନସନ ପାଇଁ ଆବେଦନ ଫର୍ମ ଗ୍ରହଣ କରାଯାଇଥିଲା। ଭବାନୀପାଟଣାରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଡ. ସୁନୀଲ କୁମାର ପାଢୀ, ଡ. ପ୍ରତାପ କୁମାର ପଟ୍ଟନାୟକ, ଡ. ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଡ. ପ୍ରିୟଙ୍କା ଗାଭାଲି, ବାଦଲ କୁମାର ପଟ୍ଟନାୟକ, ରମେଶ କୁମାର ଜେନା, ନିବେଦିତା ସାହୁ, ଲକ୍ଷ୍ୟପତି ପୂଜାରୀ, ଅପୂର୍ବ ସତନାମୀ ପ୍ରମୁଖ ଶିବିରରେ ଭିନ୍ନକ୍ଷମମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୭ ମାସ ହେଲା ଆକାଉଣ୍ଟକୁ ଯାଉନି ଶିକ୍ଷକଙ୍କ ଇପିଏଫ୍ ଟଙ୍କା

ଭବାନୀପାଟଣା,୨୦୧୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ କନିଷ୍ଠ ଶିକ୍ଷକମାନଙ୍କ ୧୭ ମାସର ଇପିଏଫ୍ ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ସୋମବାର ସନ୍ଧ୍ୟାରେ ବିଆର୍‌ସିସିଙ୍କୁ ସାକ୍ଷାତ କରି ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଟଙ୍କା ଜମା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବାରୁ ଚେତାବନୀ ଦିଆଯାଇଛି । ସୂଚନା ମୁତାବକ, ଜୟପାଟଣା ଶିକ୍ଷା ବିଭାଗରେ କାର୍ଯ୍ୟରତ ୭୬ ଜଣ ଠିକା କନିଷ୍ଠ ଶିକ୍ଷକ, ୫୫ ଜଣ କନିଷ୍ଠ ଶିକ୍ଷକ ଏବଂ ୧୩ ଜଣ ଶିକ୍ଷା ସହାୟକ ମୋଟ ୧୫୪ ଜଣ ଶିକ୍ଷକଙ୍କ ଦରମାର ୧୨% ପ୍ରତିଶତ ଇପିଏଫ୍ ଟଙ୍କା ସେମାନଙ୍କ ଇପିଏଫ୍ ଖାତାରେ ୧୭ ମାସ ଧରି ଜମା ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଆରସିସି କରୁଣାକର ବାଗଙ୍କୁ ପଚାରିବାରୁ ଆଗାମୀ ୧୦ ଦିନ ମଧ୍ୟରେ ସମସ୍ତ ସମସ୍ୟା ସମାଧାନ ହେବ ବୋଲି ପ୍ରକାଶ କରିଥିଲେ । ସଭାପତି ଶୁଭେନ୍ଦୁ ପଣ୍ଡା, ସମ୍ପାଦକ ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ୫୦ରୁ ଅଧିକ ଶିକ୍ଷକ ଦାବିପତ୍ର ପ୍ରଦାନ କରିଥିଲେ।

# ବିରୋଧୀଦଳ ନେତାଙ୍କ ବୋର୍ଡା ଅଞ୍ଚଳ ଗସ୍ତ

ଭବାନୀପାଟଣା,୨୦୧୯ (ଡି.ଏନ.ଏ.)

ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଗୁରୁବାର ବୋର୍ଡା ଅଞ୍ଚଳ ଗସ୍ତ କରିଛନ୍ତି। ସେ ଗୁରୁଜୁଙ୍ଗ ପଞ୍ଚାୟତ ବାଲିପଦର ଗାଁରେ ଦେଖାଦେଇ ଥିବା ପାନୀୟ ଜଳ ସମସ୍ୟା, ଗୁରୁଜୁଙ୍ଗ ଗାଁରେ ବିଜୁଳି ସମସ୍ୟା ସମାଧାନ ସହ ଏକ ନୂତନ ପୋଖରୀ ଖୋଳାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କର୍ଲାପିଟା, ଡୁଙ୍ଗାପଖାନ, ଖୋଲପାଲା ଗାଁ ବୁଲିବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଜୟରାମ ଗହିର, ଯୁବମୋର୍ଚ୍ଚା ଜିଲା ଉପସଭାପତି ବିଭିଶଣ ସାହୁ, ବରିଷ୍ଠ ନେତା ଆଶିଷ ସାହୁ, ଗୁରୁଜୁଙ୍ଗ ସରପଞ୍ଚ ରିନା ସାହୁ, କିଶୋର ଚନ୍ଦ୍ର ମିଶ୍ର, ଆଦିବାସୀ ନେତା ସାଗର ମାଝି, ରାଘବ ଛତ୍ରିଆ, ନିଳାଞ୍ଚଳ ସାହୁ, ଅଶ୍ୱିନୀ ପ୍ରଧାନ, ଟଙ୍କଧର ଭାଟ୍ଟୀ, ସମ୍ପାଦକ ଭିଖ୍ୟ ସେନାପତି, ଭଞ୍ଜକିଶୋର ପ୍ରଧାନ, ଅଶ୍ୱିନ ଭୋଇ, ଏସସି ମୋର୍ଚ୍ଚା ଜିଲା ସମ୍ପାଦକ କୋଦଣ୍ଡ ମହାନନ୍ଦ, ବଡମଣ୍ଟୁ ନାଏକ, ଗୁଣନିଧି ବେହେରା ଓ ସତ୍ୟନାରାୟଣ ଗହିରଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲା।



ବୋର୍ଡା ଅଞ୍ଚଳ ଗସ୍ତବେଳେ ବିରୋଧୀ ଦଳ ନେତାଙ୍କ ସହ ଅନ୍ୟମାନେ ।



ଜିଲା ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଆଲୋଚନାଚକ୍ର।

# ନୂଆଁଖାଇ ଭେଟ୍‌ଘାଟ୍ ଉପରେ ଆଲୋଚନାଚକ୍ର

ଭବାନୀପାଟଣା,୨୦୧୯ (ଡି.ଏନ.ଏ.)

**ଜିଲା ବରିଷ୍ଠ ନାଗରିକ ସଂଘ**

ସ୍ଥାନୀୟ ଯୋଜନା ବୋର୍ଡ କାର୍ଯ୍ୟାଳୟ ସଭାଗୃହରେ କଳାହାଣ୍ଡି ଜିଲା ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ଧୂମଧାମରେ ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରିଥିଲେ। ବରିଷ୍ଠ ନାଗରିକ ସଂଘ କଳାହାଣ୍ଡି ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପ୍ରଫେସର ଗୋପବନ୍ଧୁ ବେହେରା, ଡ. ଅକ୍ଷୟ କୁମାର ନନ୍ଦ, ସମାଜସେବୀ ସୁଧାଂଶୁ ନେଗୀ, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।

ନୂଆଁଖାଇ ଭେଟ୍‌ଘାଟ୍‌ର ଆବଶ୍ୟକତା ଏବଂ ଭାଇଚାରା, ଏକତା ସୃଷ୍ଟି କରିବାରେ ଏହି ପର୍ବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଭାଗୀରଥୀ ଭୋଇଙ୍କ ସଂଯୋଜନାରେ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନୂଆଁଖାଇ ଭେଟଘାଟ ସମାପ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଂଘର ସଦସ୍ୟ ଭାରତ ଚଲାନ, ସନ୍ତୋଷ ଦାସ, ସୁବାଷ ପଣ୍ଡା, ଶାନ୍ତନୁ ମୁଣ୍ଡ, ଦିନବନ୍ଧୁ ମୁଣ୍ଡ, ବିଦ୍ୟାଧର ପଣ୍ଡା, ଜଗଦିସ୍ ପଣ୍ଡା, ସୁନିଲ କୁମାର ବେହେରା, ସଂଘମିତ୍ରା କାନୁନଗୋ ଓ ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# କୃଷି କାର୍ଯ୍ୟାଳରେ କର୍ମଚାରୀ ଅଭାବ, ଚାଷ କାମରେ ବାଧାପ୍ରାପ୍ତ

ବୋଡେନ,୨୦୧୯(ଡି.ଏନ.ଏ.)

ବର୍ତ୍ତମାନ ଖରିଫ ଚାଷ କାର୍ଯ୍ୟ ଚାଲିଥିବା ବେଳେ ନୂଆପଡା ଜିଲା ବୋଡେନ ବ୍ଲକ କୃଷି କାର୍ଯ୍ୟାଳୟରେ କୃଷି ଗ୍ରାମ ସେବକ ବର୍ତ୍ତମାନ ୧୫ଟି ପଞ୍ଚାୟତରେ କେବଳ ୬ ସେବକ କାର୍ଯ୍ୟ କରି ଆସୁଛନ୍ତି। ହେଲେ ଜଣକୁ ୩ଟି ଲେଖାଏ ପଞ୍ଚାୟତ ଦାୟିତ୍ୱ ପଡୁଥିବା ବେଳେ ପ୍ରତେକ ଗ୍ରାମର ଚାଷୀଙ୍କ ନିକଟକୁ ପହଞ୍ଚି ପାରୁ ନ ଥିବାରୁ ଚାଷ କାର୍ଯ୍ୟ ଦେଖିବାରେ ଅସୁବିଧା ହେଉଛି। ଦିନକୁ ଦିନ ଧାନ ଚାଷରେ ନାନା ପ୍ରକାର ରୋଗପୋକ ପ୍ରାଦୁର୍ଭାବ ଦେଖାଦେଉଛି। ଫଳରେ ଚାଷୀମାନେ ଠିକ ସମୟରେ ଔଷଧ ବିନିଯୋଗ କରି ନ ପାରି ଧାନ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି । କୃଷି କାର୍ଯ୍ୟାଳୟକୁ ଚାଷୀମାନେ କିଟନାଶକ ଔଷଧ ପାଇଁ ଆସୁଥିବା ବେଳେ କାର୍ଯ୍ୟାଳୟରେ ଅନେକ ସମୟରେ କୌଣସି ଅଧିକାରୀମାନେ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଶଶିଭୁଷଣ ମହାପାତ୍ରଙ୍କୁ ପଚାରିବାରୁ ସମସ୍ତ ଅଧିକାରୀମାନଙ୍କୁ ଚାଷୀମାନଙ୍କ ସମସ୍ୟ ବୁଝିବା ସହ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ରହିବାକୁ କୁହାଯାଇଛି ବୋଲି କହିଥିଲେ। ବୋଡେନ ବ୍ଲକ ଓ ଖରିଆଳ ବ୍ଲକକୁ ନେଇ ଜଣେ ସହକାରୀ କୃଷି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବାରେ ଅସୁବିଧା ହେଉଛି। ଏଣୁ ବୋଡେନ ବ୍ଲକକୁ ସ୍ୱତନ୍ତ୍ର ସହକାରୀ କୃଷି ଅଧିକାରୀ ଦିଆଯିବାକୁ ଚାଷୀ ମହଲରେ ଦାବି ହେଉଛି।

# ଆଧାର ସଂଯୋଗୀକରଣ ଶେଷ ଦିନ କହି ହିତାଧିକାରୀଙ୍କୁ ଲୁଟ୍ ଅଭିଯୋଗ

ଜୁନାଗଡ,୨୦୧୯ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କଲେଇ ଗାଁ ପଞ୍ଚାୟତରେ କଚ୍ଚା (ମାଟି)ଘରେ ବାସ କରୁଥିବା ହିତାଧିକାରୀଙ୍କୁ ଆଗାମୀ ଦିନରେ ଅନଲାଇନରେ ସାମିଲ କରିବା ପାଇଁ ପରିବାରର ସମସ୍ତଙ୍କ ଆଧାର କାର୍ଡ, ବ୍ୟାଙ୍କ ଖାତା ସଂଯୋଗୀକରଣ କରିବାକୁ ହେବ। ଏଥିପାଇଁ ସୋମବାର ଶେଷ ତାରିଖ ବୋଲି ପଞ୍ଚାୟତରେ କାର୍ଯ୍ୟ କରୁଥିବା ପ୍ରେରକ କହିଥିଲେ। ଫଳରେ ସୋମବାର ପ୍ରାୟ ୧୭ଜଣ ହିତାଧିକାରୀ ଆବଶ୍ୟକ କାଗଜାତ ଜେରକ୍ସ ଦେବା ପାଇଁ ଆସିଥିଲେ। ପଞ୍ଚାୟତ ଅଫିସରେ ଥିବା ଜେରକ୍ସରେ ହିଁ ଜେରକ୍ସ କଲେ ଅନଲାଇନ କରାଯିବ ବୋଲି ପ୍ରେରକ ଫାଲଗୁନି ପଟେଲ କହିବାରୁ ହିତାଧିକାରୀମାନେ ଉପାୟ ଶୁନ୍ୟ ହୋଇ ପଞ୍ଚାୟତରେ ଜେରକ୍ସ କରିଥିଲେ। ଏଥିପାଇଁ ସେ



କଲେଇ ଗାଁ ପଞ୍ଚାୟତରେ ପ୍ରେରକ ଲୋକଙ୍କ ଜେରକ୍ସ କରୁଛନ୍ତି ।

ବିନା ରସିଦରେ ଟଙ୍କା ମଧ ନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ପ୍ରେରକଙ୍କୁ ପଚାରିବାରୁ ଗ୍ରାମରେ ଇଲେକ୍ଟ୍ରିକ ନ ଥିବାରୁ ସାହାଯ୍ୟ ଉଦ୍ଦେଶରେ ପଞ୍ଚାୟତରେ ସୋଲାର ବ୍ୟବସ୍ଥା ସହ ଜେରକ୍ସ ମେଶିନ ଥିବାରୁ ହିତାଧିକାରୀଙ୍କ ଜେରକ୍ସ କରିଥିଲି ବୋଲି କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବାନାମ୍ବର ଦାଶଙ୍କୁ ପଚାରିବାରୁ ସେ ବଣିଜରା ପଞ୍ଚାୟତ ଇନଚାର୍ଜ ଥିବା ଯୋଗୁ ସେଠାରେ ଅଛନ୍ତି। ହିତାଧିକାରୀମାନେ ପ୍ରାୟତଃ ବେପରୁଆ ଭାବେ ରହୁଥିବା ବେଳେ ଶେଷ ତାରିଖ ବୋଲି ଘୋଷଣା କଲେ ହିତାଧିକାରୀ ତୁରନ୍ତ ସେହି କାମ କରନ୍ତି। ଯଥାଶୀଘ୍ର ସଂଯୋଗୀକରଣ କାମ ସାରିବା ପାଇଁ ପ୍ରେରକ ଶେଷ ତାରିଖ ବୋଲି କହିଥାଇ ପାରନ୍ତି। ଘଟଣାର ଅନୁସନ୍ଧାନ କରିବି ବୋଲି କହିଥିଲେ। ଅନ୍ୟପକ୍ଷରେ ଜଣେ ପ୍ରେରକ କିଭଳି ପଞ୍ଚାୟତରେ ଥିବା ମେଶିନ ବ୍ୟବହାର କରିବା ସହିତ ସେଥିପାଇଁ ବିନା ରସିଦରେ ଶୁଳ୍କ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ହାତୀନଦୀ-ଆଟିଗାଁ ପିଡବ୍ଲୁଡି ରାସ୍ତା କାମରେ ବ୍ୟାପକ ଅନିୟମିତତା

# ମରାମତି ପରେ ରାସ୍ତା ଅବସ୍ଥା ଶୋଚନୀୟ

ଜୁନାଗଡ,୨୦୧୯ (ଡି.ଏନ.ଏ.)

**ନିଦାବିଷ୍ଟ ପୂର୍ତ୍ତ ବିଭାଗ, ଭିଜିଲାନ୍ସ ତଦନ୍ତ ଦାବି**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତୀନଦୀ-ଆଟିଗାଁ ପୂର୍ତ୍ତ ବିଭାଗ(ପିଡବ୍ଲୁଡି)ରାସ୍ତା ମରାମତି କାମ ଗତ କିଛି ମାସ ତଳେ ଶେଷ ହୋଇଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ପରିଲକ୍ଷିତ ହୋଇଛି। ମରାମତିର କିଛି ମାସ ପରେ ନିମ୍ନମାନର କାମ ଯୋଗୁ ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁସାରେ ଗତ ଜାନୁୟାରୀରେ ରାସ୍ତା ମରାମତି ଚାଲୁଥିବା ବେଳେ ନିମ୍ନମାନର କାମ ଯୋଗୁ ବାଗଡୋଙ୍ଗରୀ, ଭେଜିପଦର ଗ୍ରାମ ନିକଟରେ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେବା ବଦଳରେ ଅତି ହାଲୁକା ଭାବେ ନେଇ ଠିକାଦାରଙ୍କୁ ଅନୁକମ୍ପା ଦେଖାଇଥିଲା। ଫଳରେ ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରି ଚାଲିଯାଇଥିଲେ। ଫଳସ୍ୱରୁପ ମରାମତିର କିଛି ମାସ ମଧ୍ୟରେ ଏହି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ମରାମତି ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାକୁ ଲଢୁଗାଁ ଅଞ୍ଚଳର ଜଣେ ଠିକାଦାର କରିଥିବା ଜଣାପଡିଛି। ବର୍ତ୍ତମାନ ଏହି ରାସ୍ତାର ମିଚାଗାଁ ପୁରୁଣାପଡା ନିକଟରେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏଠାରେ ପିଚୁ ସବୁ ଉଠିଯାଇ ରାସ୍ତା ଦବିଯାଇ ଖାଲଖମା ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବାରମ୍ବାର ଏପରି ଘଟଣା ଘଟୁଥିଲେ ମଧ ପୂର୍ତ୍ତ ବିଭାଗ ନିଦାବିଷ୍ଟ ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଏକ ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ କରି ଠିକାଦାରଙ୍କ ପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।



ମିଚାଗାଁ ପୁରୁଣାପଡାଠାରେ ରାସ୍ତା ଶୋଚନୀୟ ହୋଇପଡିଛି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ
ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବାଲିଶଙ୍କରା, ୨୦।୯ (ଡି.ଏନ.ଏ)- କିଞ୍ଜିରକେଲା ଥାନା ଅନ୍ତର୍ଗତ କିଞ୍ଜରକେଲା ଗୋସାଇଁପଡାରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତ୍ରି ୧୨ଟାରେ ସପରିବାର ଖଟ ଉପରେ ଶୋଇଥିବା ବେଳେ ସଂଯୁକ୍ତା ଟପ୍ପୋ (୨୮)ଙ୍କୁ ବିଷଧର ସାପ କାମୁଡି ଦେଇଥିଲା। ସେ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ଦୌଡି ଆସି ସାପକୁ ଦେଖିଥିଲେ।ସଂଯୁକ୍ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। କିଞ୍ଜିରକେଲା ଥାନା ପୋଲିସ ଖବରପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଦ୍ମପୁର ପଞ୍ଚାୟତରେ ଦେଶୀ ମଦ କାରବାର ବୃଦ୍ଧି

କୁଆଁରମୁଣ୍ଡା, ୨୦।୯(ଡି.ଏନ.ଏ.)- କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଅଧିକାଂଶ ଗ୍ରାମରେ ଏବେ ଘରେ ଘରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହେଉଛି। ପଞ୍ଚାୟତର ଜଗଦୀଶପୁର, ଚାନ୍ଦିପୋଷ, ଲାଞ୍ଜିବେର୍ଣ୍ଣା ଗ୍ରାମରେ ଦେଶୀ ମଦ କାରବାର ବହୁଳ ପ୍ରସାର ହୋଇଚାଲିଛି। ଦେଶୀ ମଦ ଅଳ୍ପ ଦାମ୍‌ରେ ଘର ପାଖରେ ସହଜରେ ମିଳିଯାଉଥିବାରୁ ସମସ୍ତେ ଏହାକୁ ପିଉଛନ୍ତି। ଦେଶୀ ମଦ ପିଇବା ଫଳରେ ଯୁବକମାନେ ଅନେକ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ହେଲେ ଏହି ବେଆଇନ ମଦ କାରବାରକୁ ରୋକିବା ଦିଗରେ ଅବକାରୀ ଓ ପୋଲିସ ବିଭାଗର ଅଚାନକ ଚଢାଉର ଜରୁରୀ ଆବଶ୍ୟକତା ରହିଛି। ଅନ୍ୟ ପକ୍ଷରେ ଉକ୍ତ ଗ୍ରାମଗୁଡିକରେ ଦେଶୀ ମଦ ବିକ୍ରେତାଙ୍କୁ ଜନୈକ କୁଜି ନେତା ବୋଲାଉଥିବା ବ୍ୟକ୍ତି ଭିତିରି ସାହାଯ୍ୟ କରୁଥିବାରୁ ମଦ କାରବାର କମିବା ବଦଳରେ ବଢି ଚାଲୁଛି। ପଞ୍ଚାୟତ ଅଞ୍ଚଳରେ ଯଦି କୌଣସି ଦେଶୀ ମଦ ବିକ୍ରେତା ପୋଲିସ ଅବା ଅବକାରୀ ବିଭାଗ ଦ୍ୱାରା ଧରାପଡିଥାଏ, ତେବେ ତାଙ୍କୁ ମୁକୁଳାଇବା ପାଇଁ ସମ୍ପୃକ୍ତ କୁଜି ନେତା ଜଣଙ୍କ ବିଭିନ୍ନ ପ୍ରକାରର ଚେଷ୍ଟା ମଧ୍ୟ କରିଥାଆନ୍ତି। ଏଥିପାଇଁ ସେ କୁଆଡେ ମଦ ବେପାରୀଙ୍କ ଠାରୁ ମାସିକିଆ ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ଆମେରିକାରେ ପାଳିତ ହେଲା ନୂଆଁଖାଇ

ସୁନ୍ଦରଗଡ଼, ୨୦।୯ (ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମହକ ସୁଦୂର ଆମେରିକାର ସିଆଟେଲଠାରେ ପ୍ରବାସୀ ଓଡ଼ିଆ ଅନୁଭବ କରିଛନ୍ତି। ଦୂରରେ ଥିଲେ ମଧ୍ୟ ଏ ମାଟିର ସନ୍ତାନମାନେ ଭୂଲିନାହାନ୍ତି ନିଜର ପ୍ରଥା, ପରମ୍ପରା ଓ ସଂସ୍କୃତିକୁ। ଆମେରିକାର ସିଆଟେଲ ସହରରେ କାର୍ଯ୍ୟରତ ୧୬ ଓଡ଼ିଆ ପରିବାରର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏକାଠି ହୋଇ ସହରର ଟୋଲ୍ଟ ମ୍ୟାକଡୋନାଲାଡ୍ ପାର୍କ ଠାରେ ଏହି ନୂଆଁଖାଇ ପର୍ବକୁ ଧୂମଧାମରେ ପାଳନ କରିଛନ୍ତି। ପ୍ରାରମ୍ଭରେ ମା' ସମଲେଶ୍ୱରୀରଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ନବାନ୍ନ ଲାଗି ପରେ ସମସ୍ତେ ଏକାଠି ବସି ନୂଆଁ ଖାଇଥିଲେ। ଏହି ନୂଆଖାଇ ପର୍ବପାଳନ ଅବସରରେ ପାରମ୍ପାରିକ ପିଠା, ପଣା, ଖିରୀ ତଥା ବିଭିନ୍ନ ବ୍ୟଞ୍ଜନର ପ୍ରସ୍ତୁତ ଖାଦ୍ୟକୁ ସମସ୍ତେ ଏକାଠି ବସି ଖାଇଥିଲେ। ଏହା ପରେ ପରସ୍ପର ମଧ୍ୟରେ ନୂଆଁଖାଇ ଜୁହାରଭେଟ ମାଧ୍ୟମରେ ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଜୁନିୟର ବିଭାଗରେ ଆହାନା ବେହେରା, ସାନଭି ଦାଶ, ସାନଭି ପାତ୍ର, ଆହାନା ମହାପାତ୍ର, ରକ୍ଷିତ ବେହେରା, ରୋନିତ ବେହେରା, ଯଶ ବେହେରା, ଇଶାନ ମେହେର, ଇଶିକା ମେହେର, ସିନିୟର ବିଭାଗରେ ଲିଜା ନାଏକ ଓ ଶ୍ରାବଣୀ ନାଏକ ସମ୍ବଲପୁରୀ ନୃତ୍ୟ ପରିବେଷଣରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ। ଆଲୋକ ମହାପାତ୍ର, ଅମନ ହୋତା, ସନ୍ତୋଷ ଦାଶ, ବିଭାସ ନାଗ, ଈଶ୍ୱର ପଟେଲ, ବିପ୍ଲବ ମେହେର, ରଞ୍ଜିତ ଠାକୁର, ସୁମିତ୍ର କୁମାର ପଟେଲ, ସୁଜିତ ପାତ୍ର, ନଚିକେତା ହୋତା, ଲକ୍ଷ୍ମୀନାରାୟଣ କୋରଡା, ସ୍ୱରାଜ ପଟେଲ, ଗୋପାଳ ପାଢୀ, ସମୀର ସ୍ୱାଇଁ, ସାଇକୁମାର, ବିକାଶ ବେହେରା, ବିକ୍ରମ ମହାନ୍ତି, ବିଶ୍ୱ ବେହେରା ପ୍ରମୁଖଙ୍କ ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହିତ ଓଡିଶାରୁ ଯାଇଥିବା କ୍ରୀଷ୍ଣା ପାତ୍ର, ପ୍ରଶାନ୍ତ ପାଟଯୋଶୀ ଓ ରବିନାରାୟଣ ଦାଶଙ୍କ ପରିବାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୂଆଁଖାଇ ଉତ୍ସବରେ ସାମିଲ ହୋଇ ନିଜ ମାଟିର ନୂଆଁଖାଇକୁ ଅନୁଭବ କରିଥିଲେ। ନିଜ ଗାଁ ମାଟି ଦେଶ ବାହାରେ ପ୍ରବାସ ଆମେରିକାରେ ବସବାସ କରୁଥିବା ଏହି ଓଡିଆମାନେ ଗତ ୭ବର୍ଷ ହେବ ନୂଆଁଖାଇ ପର୍ବକୁ ଧୂମଧାମରେ ପାଳନ କରିଆସୁଛନ୍ତି। କେବଳ ନୂଆଖାଇ ନୁହେଁ, ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ଯଥା ରଜ, ରଥଯାତ୍ରା ଆଦି ଏକାଠି ପାଳନ କରିଆସୁଛନ୍ତି।



ନୂଆଁଖାଇ ପାଳନ ଅବସରରେ ସମସ୍ତେ ଏକାଠି ହୋଇଛନ୍ତି।

### ଏକାକୀ ମହିଳାଙ୍କ ସମସ୍ୟା ନେଇ ଆଲୋଚନା

# ସ୍ୱତନ୍ତ୍ର ଯୋଜନା, ନୀତି ପ୍ରଣୟନ ଦାବି

ସୁନ୍ଦରଗଡ, ୨୦।୯ (ଡି.ଏନ୍.ଏ)

ବର୍ତ୍ତମାନ ସମାଜରେ ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଏକାକୀ ମହିଳାମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏଥିସହିତ ଏକାକୀ ମହିଳାମାନଙ୍କ ସମସ୍ୟା ମଧ୍ୟ ବଢିବାରେ ଲାଗିଛି। ତେଣୁ ଏକାକୀ ମହିଳାଙ୍କ ସମସ୍ୟା ଓ ସମାଧାନ ଦିଗରେ ସରକାରୀସ୍ତରରେ ଆଲୋଚନା କରିବା ଓ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ଉଦ୍ଦେଶ୍ୟରେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ତରଫରୁ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ସହିତ ଏକ ଆଲୋଚନା ହୋଇଥିଲା। ଏକାକୀ ମହିଳା ଯଥା ସ୍ୱାମୀ ପରିତ୍ୟକ୍ତା, ୩୦ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତା ମହିଳା, କୁମାରୀ ମା ଓ ବିଧବା ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ବଞ୍ଚିବା କଷ୍ଟକର ହେଉଥିବା ବେଳେ ସରକାରୀ ସ୍ତରରେ ଏ ଦିଗରେ ସ୍ୱତନ୍ତ୍ର ଯୋଜନା କିମ୍ବା ନୀତିନିୟମ ପ୍ରଣୟନ ହେଉ ନାହିଁ । ଏଣୁ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଯୋଜନା ଓ ନିୟମ ପ୍ରଣୟନ ସକାଶେ ଆଠକୋଶିଆ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ବିଧାୟକ ଭୋଇ ଏ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ଜନସଙ୍ଗଠନର ଆବ୍ରାହାମ ଲାକ୍ରା, ଶାସ୍ତ୍ରୀ ଷଣ୍ଡ, ବେର୍ଥା ଯାତାର୍ମା, ରବିଦାନ କେରକେଟା ପ୍ରମୁଖ ୪୦ଜଣ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ବିଧାୟକଙ୍କ ସହିତ ଆଲୋଚନା କରିଥିଲେ।



ଆଦିବାସୀ ଏକତା ମଞ୍ଚ ତରଫରୁ ବିଧାୟକଙ୍କ ସହିତ ଆଲୋଚନା ଚାଲିଛି।



ଡୁଡ଼ାଲଗା କନ୍ୟାଶ୍ରମରେ ନାପକିନ ଡେଷ୍ଟ୍ରୟର ସ୍ଥାପନ କରାଯାଉଛି।

# ନାପକିନ୍ ଡେଷ୍ଟ୍ରୟର ସ୍ଥାପନ

ବଡଗାଁ, ୨୦।୯ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁ ସ୍ଥିତ ଉଚ୍ଚ ବିଦ୍ୟାଳୟ ଓ ଡୁଡାଲଗା ସ୍ଥିତ କନ୍ୟାଶ୍ରମରେ ବୁଧବାର ସୁନ୍ଦରଗଡର ଅମୂଲ୍ୟ ବିଶେଶ୍ୱର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନେପକିନ୍ ଡେଷ୍ଟ୍ରୟର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଅମୂଲ୍ୟ ପ୍ରଧାନ, ଟ୍ରଷ୍ଟର ସଦସ୍ୟ ବେଣୁମାଧବ ତ୍ରିପାଠୀ, ସତ୍ୟନାରାୟଣ ପଣ୍ଡା, ସୁଧିର କୁମାର ବିଶି ଓ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସ୍ୱଚ୍ଛ ପରିମଳ ପାଇଁ ଏହି ଯନ୍ତ୍ର ବା ଉପକରଣ ସହାୟକ ହେବ।

### ପାଣିରେ ବୁଡି ଛାତ୍ରଙ୍କ ମୃତ୍ୟୁ

ହେମଗିର, ୨୦।୯ (ଡି.ଏନ.ଏ)

ହେମଗିର ଥାନା କଳାମେଘା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗ୍ରାମର ଅଲେଖପଡାରେ ଯୋଗେନ୍ଦ୍ର ଧରୁଆଙ୍କ ପରିବାର ରହୁଥିଲେ। ସବୁଦିନ ପରି ପୁଅ ରାହୁଲ ସ୍କୁଲରୁ ପାଠପଢ଼ି ଘରକୁ ଫେରିଥିଲା। ଗୁରୁବାର ଅପରାହ୍ନରେ ନିକଟସ୍ଥ ନାଳର କାଦୋଦର୍ହକୁ ମାଆ ଓ ଅନ୍ୟ ଛାତ୍ରଙ୍କ ସହ ଗାଧୋଇବା ପାଇଁ ଯାଇଥିଲା । ଗାଧୋଇବାବେଳେ ରାହୁଲ ପାଣିରେ ବୁଡି ଯାଇଥିଲା। ପରେ ଖୋଜାଖୋଜି କରି ପାଣିରୁ ବାହାର କରି ହେମଗିର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

### ଯୁବକଙ୍କ ଆତ୍ମହତ୍ୟା

ବାଲିଶଙ୍କରା, ୨୦।୯(ଡି.ଏନ.ଏ.)

କିଞ୍ଜିରିକେଲା ଥାନା ବିରକାଳଡ଼ିହ ପଞ୍ଚାୟତର ଧମକପୁର ଗ୍ରାମରେ ଘରେ କେହି ନ ଥିବାବେଳେ ସଦାନନ୍ଦ ସିଂ ନିଜ କୋଠରି ଭିତରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ।

# ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୩ତମ ଦିବସ

ସୁନ୍ଦରଗଡ଼ , ୨୦।୯ (ଡି.ଏନ୍.ଏ)

ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୩ତମ ଦିବସରେ ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ ଓ ଜିଲା କ୍ରୀଡା ସଂସଦର ଟେନିସ ଓ ବ୍ୟାଡମିଣ୍ଟନ ସମ୍ପାଦକ ପ୍ରସନ୍ନ ବେହେରା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଗୋପବନ୍ଧୁ କ୍ଲବ ଗାଏଯୋର ଏବଂ ଲିଟିଲ ଷ୍ଟାର କ୍ଲବ କିରପସିରା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ଗୋପବନ୍ଧୁ କ୍ଲବ ୨-୧ ଗୋଲରେ ଲିଟିଲ ଷ୍ଟାର କ୍ଲବକୁ ପରାସ୍ତ କରିଥିଲା।

ଦ୍ୱିତୀୟ ମ୍ୟାଚ୍ କ୍ରିପଟନ୍ କ୍ଲବ କୁମବାହାଲ ସହିତ ବିଜେଆର ଏଲ କ୍ଲବ ଜପଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିପଟନ କ୍ଲବ ୪-୦ ଗୋଲରେ ବିଜେଆରଏଲ କ୍ଲବ ଜପଙ୍ଗାକୁ ପରାସ୍ତ କରିଥିଲା । ରେଫରୀ ମହମ୍ମଦ ସଫାରତ, ହେମନ୍ତ ଦାସ, ପ୍ରସନ୍ନ ଭୋଇ, ଦେବେନ୍ଦ୍ର କିଷାନ ପରିଚାଳନା କରିଥିଲେ। ଆସନ୍ତା ଶନିବାର ଆକ୍ସନ କ୍ଲବ ସୁନ୍ଦରଗଡ ସହିତ ଗୋପବନ୍ଧୁ କ୍ଲବ ଗାଏଜୋର ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ଦ୍ୱିତୀୟ ମ୍ୟାଚ୍ ଏସଟି କ୍ଲବ ଟାଙ୍ଗରମୁଣ୍ଡା ସହିତ ନିଉ ଜେନେରେସନ କ୍ଲବ କିଞ୍ଜିରିକେଲା ମଧ୍ୟରେ ଅନୁଷ୍ଠିତ ହେବ।



ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୩ତମ ଦିବସରେ ଅତିଥିଙ୍କ ସହ ଖେଳାଳି।

### ଆଦିବାସୀ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଘଟଣା

# ଭାଜପା ମହିଳା ମୋର୍ଚ୍ଚା ସହ ଆସି ଥାନାରେ ଦେଲେ ଏତଲା

ରାଜଗାଙ୍ଗପୁର, ୨୦।୯ (ଡି.ଏନ.ଏ)

ରାଜଗାଙ୍ଗପୁରସ୍ଥିତ ସରବତୀଦେବୀ ମହିଳା ମହାବିଦ୍ୟାଳୟରେ ଜନୈକା ଆଦିବାସୀ ମହିଳା କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ସୁନ୍ଦରଗଡ଼ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏସ୍‌ପି ତଦନ୍ତ ପାଇଁ କୁତ୍ରା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଭାଜପା ମହିଳା ମୋର୍ଚ୍ଚା ଉଦ୍‌ବେଗ ପ୍ରକାଶ କରିଛି। ମହିଳା ମୋର୍ଚ୍ଚାର ସଦସ୍ୟଙ୍କ ଗହଣରେ ପୀଡ଼ିତା ମହିଳା କୁତ୍ରା ଥାନାକୁ ଆସି ଲିଖିତ ଏତଲା ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଘଟଣାକୁ ନେଇ ଆଦିବାସୀ ସଂଘ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛି। କୁତ୍ରା ଅଞ୍ଚଳର ଜନୈକା ଆଦିବାସୀ ଯୁବତୀ ୨୦୧୪ ରେ ଏହି ମହିଳା ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ସେ ନିଯୁକ୍ତି ପାଇଲା ପରେ ମହାବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ମାନସିକ ନିର୍ଯାତନା ଦେଇଚାଲିଥିଲେ। ଏପରିକି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ଚାପ ସୃଷ୍ଟି କରୁଥିଲେ। ଏନେଇ କର୍ମଚାରୀ ଜଣକ ଅଧ୍ୟକ୍ଷଙ୍କୁ ମୌଖିକ ଆକାରରେ ଜଣାଇଥିଲେ। କିନ୍ତୁ ଏବାବଦରେ ସେ କୌଣସି ନିଷ୍ପତ୍ତି ନେଇ ନ ଥିଲେ। ପରେ ଉକ୍ତ କର୍ମଚାରୀ ନିଜ ଅଭିଯୋଗକୁ ଅନଲାଇନ ମାଧ୍ୟମରେ ଗତ ୪ ତାରିଖରେ ଏସପିଙ୍କ ନିକଟକୁ ପଠାଇ ଦେଇଥିଲେ। ଏସ୍‌ପି ସୌମ୍ୟା ମିଶ୍ର ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କୁ ଦାୟୀତ୍ୱ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡିଛି।

# ଡାଲମିଆ ସିମେଣ୍ଟର ଡେଙ୍ଗୁ ନିରାକରଣ ଅଭିଯାନ

ରାଜଗାଙ୍ଗପୁର, ୨୦।୯ (ଡି.ଏନ.ଏ)

ଅଞ୍ଚଳରେ ଚାଲିଥିବା ଡେଙ୍ଗୁ ପ୍ରାଦୁର୍ଭାବରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍ଗପୁର ତରଫରୁ ଏକ ଅଭିଯାନ ଆରମ୍ଭ ହୋଇଛି । ଏହା ଅଧିନରେ ଆଖପାଖ ଅଞ୍ଚଳରେ କମ୍ପାନୀ ତରଫରୁ ମଶାମରା ଧୂଆଁ ପ୍ରୟୋଗ କରାଯିବା ସହିତ ଅଞ୍ଚଳରେ ବ୍ଲିଚିଂ ପାଉଡର ଏବଂ ଫିନାଇଲ ଛିଞ୍ଚା ଯାଇଛି । ଖତକୁରବାହାଲ ପଞ୍ଚାୟତ ଏବଂ ଆମ୍ବଗଭା ପଞ୍ଚାୟତରେ ଫୋଗିଂ ମେସିନ ଦ୍ୱାରା ମଶା ମରା ଧୂଆଁ ଦିଆଯାଇଥିଲା । ଖତକୁରବାହାଲ ଅଞ୍ଚଳରେ ପ୍ରାୟ ୫୦ ଜଣ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ଏବଂ ଦୁଇ ଜଣଙ୍କର ମୃତ୍ୟୁ ପରେ ଲୋକମାନେ ଗାଁ ଛାଡି ଅନ୍ୟତ୍ର ଚାଲି ଯାଉଥିବା ଖବର ଆଗକୁ ଆସିବା ପରେ ଡାଲମିଆ ସିମେଣ୍ଟର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ ଗୁପ୍ତା ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅଞ୍ଚଳରେ କିପରି ଡେଙ୍ଗୁ ମଶାକୁ ସମ୍ପୂର୍ଣ୍ଣ ଭାବରେ ହଟା ଯାଇପାରିବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀ ଅଧିକାରୀ ଗୁରୁପ୍ରସାଦ ଚୌଧୁରୀ, ସମୀର ଅଗ୍ରୱାଲ, ଅମରେଶ ପଣ୍ଡା ଏବଂ ସଂଜୀବ ସାହୁଙ୍କ ନେତୃତ୍ୱରେ ଯୋଜନାବଦ୍ଧ ଭାବେ ବିଭିନ୍ନ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ମଶାମରା ଧୂଆଁ ପ୍ରୟୋଗ କରାଯାଇଥିଲା । ଗୁପ୍ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଜାରି ରଖାଯିବ । ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପଙ୍କଜ ପଟେଲ ଏହି ଅବସରରେ ଖତକୁରବାହାଲରେ ଉପସ୍ଥିତ ରହି ଡାଲମିଆ ସିମେଣ୍ଟର ଏହି କାର୍ଯ୍ୟର ପ୍ରଶଂସା କରିଥିଲେ ଏବଂ ଆଗକୁ ଜାରିରଖିବା ପାଇଁ ଅନୁରୋଧ କରିଥିଲେ।

# ସରକାରୀ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ସୁନ୍ଦରଗଡ଼, ୨୦।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଇଂରାଜୀ, ଓଡିଆ ଓ ସଂସ୍କୃତ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଥାୟନ ତତ୍ତ୍ୱ ଶୀର୍ଷକ ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧେଶ୍ୟାମ ଓତା ଉଦ୍‌ଘାଟନ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ବୀରେନ୍ଦ୍ର ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଥାୟନ ବା କାହାଣୀ ମାନବର ଜ୍ଞାନ, ବିଦବତ୍ତା, ସୂଚନା, ଶିକ୍ଷା, ମୂଲ୍ୟବୋଧର ଅଭିବୃଦ୍ଧି ଦିଗରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମ୍ବଲପୁରର ଭୀମଭୋଇ ଚେୟାରର ପ୍ରଫେସର ଡ. ସନ୍ତୋଷ କୁମାର ରଥ କଥାୟନ ତତ୍ତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣା ଧାଙ୍ଗଡାମାଝୀ ଯୋଗଦେଇ ମାର୍କ୍ସବାଦୀତତ୍ତ୍ୱ ଶୀର୍ଷକ ସନ୍ଦର୍ଭରେ ମାକ୍ସବାଦୀ ଚିନ୍ତାଧାରାର ଏକ ଚମତ୍କାର ଉପସ୍ଥାପନା କରିଥିଲେ। ଏହି ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ରାଉରକେଲା ସୁଶୀଳାବତୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ତଥା ବିଶିଷ୍ଟ ଗାଳ୍ପିକା ମହାଶ୍ୱେତା ସାହୁ ଯୋଗଦେଇ କାହାଣୀର ଗଠନ ଶୈଳୀ ଓ ଓଡିଆ ଗଳ୍ପର ବିବର୍ତ୍ତିତ ଧାରାରେ ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପଠାରୁ ଗୋଦାବରୀଶ ମିଶ୍ର, ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ଅସ୍ତିତ୍ୱ ବାଦ, ବାସ୍ତବ ବାଦ ସମ୍ପର୍କରେ ଏକ ତାତ୍ତ୍ୱିକ ଅବତାରଣା କରିଥିଲେ। ଅନ୍ୟତମ ଆଲୋଚକ ଏସ.ଜି ମହିଳା ମହାବିଦ୍ୟାଳୟ ରାଉରକେଲାର ସହକାରୀ ପ୍ରଫେସର ଡ. ସଞ୍ଜୟ ଦତ୍ତ କାହାଣୀର ବର୍ଣ୍ଣନା ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପିତାମ୍ବର ବେହେରା, ଓଡିଆ ଓ ସମ୍ବଲପୁରୀ ଭାଷାର ଏକ ତୁଳନାତ୍ମକ ଅଧ୍ୟୟନ ଶୀର୍ଷକ ସନ୍ଦର୍ଭ ପାଠ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ନୂତନ ଖମାରୀ ଏକବିଂଶ ଶତାବ୍ଦୀର ଓଡିଆ ଔପନ୍ୟାସିକାର ବର୍ଣ୍ଣନା ଓ ବୈଚିତ୍ର୍ୟ ଶୀର୍ଷକ ସନ୍ଦର୍ଭ ପାଠ କରିଥିଲେ। ଛାତ୍ର ଯଶ ଶ୍ରୀବାସ୍ତବ, ନୟନ ଲାକ୍ରା ଓ ରକି ନେଲସନ ଲାକ୍ରା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଡ. ବିନୋଦ ବିହାରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଅତିଥି ଓ ଭାରପ୍ରାପ୍ତ ଅଧକ୍ଷ ମଞ୍ଚାସୀନ।

# ରାଜାମୁଣ୍ଡା ବାଇପାସ୍-ଲହୁଣୀପଡ଼ା ରାସ୍ତା ଶୋଚନୀୟ

■ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି

ଲହୁଣୀପଡା, ୨୦।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରୁ ପିଚୁ ଉଠିଯାଇ ବିଭିନ୍ନ ସ୍ଥାନରେ ବଡବଡ ଗର୍ତ୍ତ ହୋଇ ପାଣି ଜମି ରହୁଛି। ଏହା ସହିତ ରାସ୍ତାରୁ ଗେଟି ଉଠିଯାଇ ଛୋଟବଡ ଦୁର୍ଘଟଣା ଘଟୁଛି। ବର୍ଷା ପାଣି ଶୁଖିଗଲା ପରେ ପ୍ରବଳ ଧୂଳି ଉଡି ଜନଜୀବନ ଅସ୍ତବ୍ୟସ୍ତ କରୁଛି। ଯେଉଁ ରାସ୍ତା ଲୋକମାନଙ୍କ ପାଇଁ ଓ ପରିବହନ ନିମନ୍ତେ ଥିଲା, ଆଜି ସେହି ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟି ଯାଇଛି। ସ୍ଥାନୀୟ ପ୍ରଶାସନ ସବୁ ଦେଖି ନ ଦେଖିଲା ଭଳି ନୀରବ ଦ୍ରଷ୍ଟା ପାଲଟିଛି। ଅସହ୍ୟ ଧୂଳି ଯୋଗୁ ଶ୍ୱାସ ଯକ୍ଷ୍ମା ଭଳି ମାରାତ୍ମକ ରୋଗରେ ଲୋକମାନେ ପୀଡିତ ହେଉଛନ୍ତି। ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗ୍ରାମ ଓ ଦୋକାନଗୁଡିକ ଧୂଳି ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଘର ଭିତରକୁ ଧୂଳି ପଶି ଯାଉଛି। ବରସୁଆଁ, କୋଇଡା ଖଣି ଅଞ୍ଚଳରୁ ଶହ ଶହ ଭାରିଯାନ ବିଭିନ୍ନ କାରଖାନାକୁ ଏହି ଏକମାତ୍ର ରାସ୍ତା ଦେଇ ଯାତାୟତ କରିଥାନ୍ତି। ଏହି ରାସ୍ତାଦେଇ ଯାତ୍ରୀବାହୀ ବସ ବିଭିନ୍ନ ଅଞ୍ଚଳକୁ ଯିବା ଆସିବା କରିଥାନ୍ତି । ଶହ ଶହ ଲୋକ ଏହି ରାସ୍ତା ଦେଇ ନିଜ କାମ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବାବେଳେ ଏହି ରାସ୍ତାର ପାର୍ଶ୍ୱରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ପ୍ରଶାସନର ନଜରକୁ ନ ଆସିବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତା ଦେଇ ଲହୁଣୀପଡାର ଏକମାତ୍ର ଡାକ୍ତରଖାନାକୁ ପ୍ରତ୍ୟେକ ଦିନ ଶହଶହ ରୋଗୀ ଆସୁଥିବା ବେଳେ ରୋଗୀଙ୍କୁ ଆମ୍ବୁଲାନ୍ସରେ ଆଣିବା ମଧ ବହୁ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି। ଉକ୍ତ ରାସ୍ତା ଅବସ୍ଥା ଦେଖିଲେ ପ୍ରଶାସନିକ ଅଧିକାରୀ ତଥା ଦାୟୀତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାୟୀ ସମାଧାନ ନିମନ୍ତେ ରାସ୍ତା ନିର୍ମାଣ କାର୍ଯ୍ୟକୁ ପ୍ରାଥମିକତା ଦେବା ସହିତ ଯଥାଶୀଘ୍ର କାମ ଆରମ୍ଭ କରିବା ଏବଂ ରାସ୍ତା ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରତ୍ୟେକ ଦିନ ଏହି ରାସ୍ତାର ଜନଗହଳିପୂର୍ଣ୍ଣ ସ୍ଥାନରେ ପର୍ଯ୍ୟାନ୍ତ ଜଳ ସିଞ୍ଚନ କରିବା ପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



**ସଂକ୍ଷେପରେ**

## ମାନବିକତା ଦେଖାଇ ମୃତଦେହ ସତ୍କାର କଲା ପୋଲିସ

ଭବାନୀପାଟଣା,୨୦।୯(ଡି.ଏନ.ଏ.) ଆଜି ବି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଅନ୍ଧ ଭଳି ବ୍ୟବହାର କରୁଛି। ସାମାଜିକ ପ୍ରତିବନ୍ଧକକୁ ନେଇ ଗତ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହକୁ କେହି ଛୁଇଁବାକୁ ମଧ ଆସି ନ ଥିଲେ। ଫଳରେ ମୃତଦେହ ଘଣ୍ଟା ଘଣ୍ଟା ପଡି ରହିବା ପରେ ପୋଲିସ ଏହାର ସତ୍କାର କରିଛି। ଏଭଳି ଏକ ଅଭାବନୀୟ ଘଟଣା ଚର୍ଚ୍ଚା ପରିସରକୁ ଆସିଛି କଳାହାଣ୍ଡି ଜିଲା ଥୁଆମପୁର ବ୍ଲକ କର୍ମେଲି ପଞ୍ଚାୟତର ମାଲଗୁଣ୍ଡି ଗାଁରେ। ମାଲଗୁଣ୍ଡି ଗାଁର ଭୁବନ ମାଝିଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ଗତ ବୁଧବାର ମୃତ୍ୟୁ ଘଟିଥିଲା। ଭୁବନ ମାଲଗୁଣ୍ଡି ଗାଁରେ ରହୁଥିବା ବେଳେ ତାଙ୍କର ସମସ୍ତ ଘରବାଡି ସମାଜକୁ ନ ଦେଇ ଅନ୍ୟ କାହାକୁ ବିକ୍ରି କରି ଦେଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଜୀବନର ଶେଷ ସମୟରେ ଭୁବନ ଏକୁଟିଆ ରହୁଥିଲେ। ସମାଜକୁ ଜମି ଦେଇ ନ ଥିବାରୁ ସମାଜର ଲୋକେ କିମ୍ବା ସମ୍ପର୍କୀୟମାନେ ଶବ ସତ୍କାର ପାଇଁ ଆସି ନ ଥିଲେ। ସେମିତି ମୃତଦେହ ପଡି ରହିଥିଲା । ଶେଷରେ ଗତ ଗୁରୁବାର ଜୟପାଟଣା ପୋଲିସ ଏକ ଟ୍ରାଇସାଇକେଲରେ ଭୁବନଙ୍କ ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ବୋହି ନେଇ ଅନ୍ତିମ ସଂସ୍କାର କରିଥିଲା।

### ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ

# ସରକାର ଘରୋଇକରଣ ନିଶା ଛାଡନ୍ତୁ

**ଇସ୍ପାତ ଶ୍ରମିକଙ୍କ ବୋନସ ଘୋଷଣା ଦାବି**

ରାଉରକେଲା ଅଫିସ,୨୦।୯

ବିଭିନ୍ନ ଦାବି ନେଇ ଶୁକ୍ରବାର ଅପରାହ୍ନରେ ବିଶ୍ରା ଛକରେ ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାର ନୀତି ଆୟୋଗଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ ଉଦ୍ୟୋଗଗୁଡିକରୁ ବ୍ୟାପକ ପୁଞ୍ଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି। ସରକାରୀ ଉଦ୍ୟୋଗରେ ଅଂଶଧନ ୫୧ ପ୍ରତିଶତରେ ସୀମିତ ରଖିବା ପାଇଁ ପୂର୍ବରୁ ଠିକ୍ ହୋଇଥିଲା। ଏହାଦ୍ୱାରା କମ୍ପାନୀ ଗୁଡିକର ମାଲିକାନା ସରକାରଙ୍କ ହାତରେ ରହୁଥିଲା। ଏବେ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହି ଅଂଶଧନକୁ ୨୫ ପ୍ରତିଶତକୁ ଖସାଇ ଦିଆଯାଇଛି। ଏଭଳି ତ୍ରୁଟିପୂର୍ଣ୍ଣ ପଦକ୍ଷେପ ଦ୍ୱାରା ଦେଶର ପ୍ରାୟ ୨୭୫ଟି ସରକାରୀ ଉଦ୍ୟୋଗ ସରକାରଙ୍କ ଅଧୀନରୁ ଖସିଯାଇ ପୁଞ୍ଜିପତିଙ୍କ ହାତରେ ରହିବ। ଫଳରେ ଶ୍ରମିକ ସମାଜ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହେବେ ବୋଲି ବିଏମ୍ଏସ୍ ନେତୃମଣ୍ଡଳୀ ଏହି ଅବସରରେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ସରକାର ବ୍ୟାପକ ରାଜସ୍ୱ ହରାଇବେ। କରଦାତାଙ୍କ ଅର୍ଥରେ ନିର୍ମାଣ କରାଯାଇଥିବା କଳକାରଖାନା ମାଲିକ ପାଲଟିବେ ପୁଞ୍ଜିପତି ଓ ଲାଭଖୋର ବ୍ୟବସାୟୀ। କଳ କାରଖାନା ପ୍ରତିଷ୍ଠା କରାଯାଇ ଥିଲା ନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟରେ। ବିଦେଶରୁ ଆମଦାନୀ ନ କରି ଦେଶୀୟ ଉତ୍ପାଦ ଉପରେ ଆମେ ନିର୍ଭରଶୀଳ ହେବା। ବୈଦେଶିକ ମୁଦ୍ରା ମଧ ଅର୍ଜନ କରିବା। ଏବେ ସେଦିନର ଲକ୍ଷ୍ୟ ଧୂଳିସାତ୍ ହେବାକୁ ବସିଛ ବୋଲି ବିଏମ୍ଏସ୍ ଅଭିଯୋଗ କରିଛି। ଏବେ ସରକାରୀ ବିଧି ବ୍ୟବସ୍ଥାକୁ ବିଭିନ୍ନ ଆଳରେ ସଙ୍କୁଚିତ କରି ଦିଆଯାଉଛି। ଏହାକୁ ବେସରକାରୀ ଉଦ୍ୟୋଗ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ରାସ୍ତା ସଫା କରାଯାଉଛି। ଏହି କାରଣରୁ ଆଜି ସରକାରୀ ଉଦ୍ୟୋଗ ବ୍ୟାପକ କ୍ଷତିର ସମ୍ମୁଖୀନ ହେବ। ଏଭଳି ଉଦ୍ୟୋଗରୁ ସରକାର ଲାଭାଂଶ ଉଠାଇ ସାରିବା ପରେ ଅଂଶଧନ ବିକ୍ରି ନିଷ୍ପତ୍ତି ନେବା ଠିକ୍ ନୁହେଁ ବୋଲି ମତପ୍ରକାଶ ପାଇଥିଲା।

ଚଳିତ ଆର୍ଥିକ ବର୍ଷରେ ସରକାର ଏସବୁ ଉଦ୍ୟୋଗଗୁଡିକର ଅଂଶଧନ ବିକ୍ରି କରି ୧. ୦୫ଲକ୍ଷ କୋଟି ଆଦାୟ ଲକ୍ଷ୍ୟ ରଖିଛନ୍ତି। ୨୦୧୮-୧୯ରେ ସରକାରଙ୍କ ଆର୍ଥିକ ରିପୋର୍ଟ କହୁଛି ସରକାରୀ ଉଦ୍ୟୋଗରୁ ୩. ୫ଲକ୍ଷ କୋଟି ଆଦାୟ କରାଯାଇଛି। ଏପରି ଅବସ୍ଥାରେ ସରକାର ଲାଭାନ୍ୱିତ ହେବା ପରିବର୍ତ୍ତେ ଏହାକୁ ବିକ୍ରି ଯୋଜନା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଏମଏସ କହିଛି। ଗତ ୮୦ ଦଶକରେ ସରକାର ସେବା କ୍ଷେତ୍ରରୁ ଓହରି ଯାଇଥିବା ବେଳେ ଏବେକାର ସରକାର ମାନୁଫାକ୍ଚରିଂ କ୍ଷେତ୍ରରୁ ଓହରି ଯିବାକୁ ପଦକ୍ଷେପ ନେଇଛନ୍ତି। ଆସନ୍ତା ନଭେମ୍ବର ୧୫ରେ ନୂଆଦିଲ୍ଲୀରେ ସମସ୍ତ ପବ୍ଲିକ ସେକ୍ଟର ୟୁନିଟ କର୍ମଚାରୀଙ୍କୁ ନେଇ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ନିଆଯିବ। ଦରକାର ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଆସନ୍ତା ପାର୍ବଣ ଋତୁ ପୂର୍ବରୁ ସେଲ କର୍ତ୍ତୃପକ୍ଷ ବୋନସ ଘୋଷଣା କରିବାକୁ ଏହି ଅବସରରେ ଦାବି କରାଯାଇ ଥିଲା। ଦୁର୍ଗା ପୂଜା ୪ ତାରିଖରେ ପଡୁଥିବା ବେଳେ ୩ ତାରିଖରେ ନୂଆଦିଲ୍ଲୀଠାରେ ବୈଠକ ଡାକିବା ହାସ୍ୟାସ୍ପଦ ବୋଲି ବିଏମ୍ଏସ୍ କର୍ମକର୍ତ୍ତା କହିଛନ୍ତି। ଏହି ବିକ୍ଷୋଭରେ ୟୁନିୟନ ନେତା ତଥା ସଭାପତି ବିବେକାନନ୍ଦ ମହାନ୍ତ, ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଜେନ୍ଦ୍ର ନାଥ ମହାନ୍ତ, ପ୍ରଦୋଷ ପଣ୍ଡା, ଜ୍ଞାନେଶ ପଣ୍ଡା, ବିକାଶ ହାଲଦାର, ପ୍ରଭାତ ବେହେରା, ସମରେନ୍ଦ୍ର ମହାନ୍ତ, ରାଜେଶ ଦାସ, ସତ୍ୟାନନ୍ଦ ଦାସ, ଅଜିତ୍ ପୃଷ୍ଟି, ଅମର ଜୟସ୍ୱାଲ. ସରୋଜ ପ୍ରଧାନ, ରାମଚନ୍ଦ୍ର ହାଁସଦା, ବିଶ୍ୱନାଥ କର, ସୁବାସ ପାଢ଼ୀ, ତ୍ରିଲୋଚନ ନାୟକ, ଅକ୍ଷୟ ଧଳ, ପୀତବାସ ମୁନି, ସଞ୍ଜୟ ଦାସ, ଲଳିତ ଜେନା, ରୀତାରାଣୀ ସ୍ୱାଇଁ ଓ ଶ୍ରଦ୍ଧା ପତିଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଗୟାରେ ଧର୍ମ ପ୍ରସାର ବୈଠକ

## ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ଶାନ୍ତନୁ

ରାଉରକେଲା ଅଫିସ,୨୦।୯

ବିଶ୍ୱ ହିନ୍ଦୁ ପରିଷଦ ଜାତୀୟ ଧର୍ମପ୍ରସାର ବୈଠକ ଚଳିତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ବିହାରର ଗୟା ନିକଟସ୍ଥ ଦେହେରିଅଂଶନଠାରେ ଅନୁଷ୍ଠିତ ହେଉଛି। ଏଥିରେ ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ଶାନ୍ତନୁ କୁସୁମ। ସେ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର କୁସୁମ ଗୟା ଯାତ୍ରା କରିଛନ୍ତି। ଏହି ଅବସରରେ ସେ ଖବରଦାତାଙ୍କୁ କହିଥିଲେ ସାଂପ୍ରତିକ ପରିସ୍ଥିତିରେ ଦେଶରେ ଦେଖା ଦେଇଥିବା ପ୍ରମୁଖ ସମସ୍ୟା ଏହି ଧର୍ମ ପ୍ରସାର ସଭାରେ ଆଲୋଚନା କରାଯିବ। ଧର୍ମାନ୍ତରୀକରଣ ବିରୋଧରେ କଠୋର ଆଇନ, ସାଧୁ ସନ୍ଥ ଓ ମଠ ମନ୍ଦିର ସୁରକ୍ଷା ନେଇ ମଧ ବିସ୍ତୃତ ଆଲୋଚନା କରାଯିବ। ହିନ୍ଦୁ ଧାର୍ମିକ ଅଧିକାରର ସୁରକ୍ଷା ନେଇ ନିଷ୍କର୍ଷ ବାହାର କରାଯିବ। ୩ ଦିନ ବ୍ୟାପୀ ଆୟୋଜିତ ଆଲୋଚନାରେ ଦେଶର ବିଭିନ୍ନ ଭାଗରୁ ୩୦୦ ପ୍ରତିନିଧି ଏଥିରେ ଯୋଗ ଦେବେ। ଏହି ଅବସରରେ କୁସୁମ ପଶ୍ଚିମ ଓଡ଼ିଶା ହିନ୍ଦୁ ସମାଜର ସମସ୍ୟା ଉପରେ ଆଲୋକପାତ କରିବେ ବୋଲି ପ୍ରକାଶ କରିଛନ୍ତି।

## ଟ୍ରକ୍ ଟର୍ମିନାଲକୁ ବିରୋଧ, ହୋଇପାରିଲାନି ଜନଶୁଣାଣି

ରାଉରକେଲା ଅଫିସ/ ବେଦବ୍ୟାସ (ଡି.ଏନ୍.ଏ.)୨୦।୯

ଲାଠିକଟା ବ୍ଲକ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହିଠାରେ ପ୍ରସ୍ତାବିତ ଟ୍ରକ ଟର୍ମିନାଲ ପ୍ରତିଷ୍ଠା ନେଇ ଶୁକ୍ରବାର ହେବାକୁ ଥିବା ଜଣ ଶୁଣାଣି ବାତିଲ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତହସିଲଦାର ନ ଆସିବାରୁ ଶୁଣାଣି ସମ୍ଭବ ହୋଇପାରିନି। ଆଗୁଆ ନୋଟିସ ପାଇ ଏଠାରେ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଲୋକେ ଏହାକୁ ବିରୋଧ କରିବାରୁ କୌଣସି ଆଲୋଚନା ହୋଇପାରି ନ ଥିଲା । ଏଠାରେ ଟ୍ରକ ଟର୍ମିନାଲ କରାଇ ଦିଆଯିବ ନାହିଁ ବୋଲି ପୂର୍ବରୁ ସ୍ଥାନୀୟ ବାସିନ୍ଦା ବିରୋଧ କରି ଆସୁଥିଲେ। କାରଣ ସେହି ଜମି ଉପରେ ୩ଟି ସଂପ୍ରଦାୟଙ୍କ ଶ୍ମଶାନ ରହିଛି। ବାରମ୍ବାର ବିରୋଧ ଯୋଗୁ ଲାଠିକଟା ତହସିଲଦାର ଜନ ଶୁଣାଣି କରିବାକୁ ନିଷ୍ପତ୍ତି ନେଇଥିଲେ। ନୋଟିସ ପାଇଥିବା ଲୋକେ ଉପସ୍ଥିତ ରହି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷ ଯାଏ ତହସିଲଦାର ଆସିଲେ ନାହିଁ। ସେ କାହିଁକି ଆସିଲେନି ସେନେଇ ଲୋକଙ୍କୁ ଅବଗତ କରାଗଲାନି। ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଫେରି ଯାଇଥିଲେ। ବେଲଡିହିଠାରେ ରହିଥିବା ଜମିରେ ଟ୍ରକ ଟର୍ମିନାଲ ପରିବର୍ତ୍ତେ ଏହାକୁ କୌଣସି ଜନମଙ୍ଗଳ କାର୍ଯ୍ୟରେ ବ୍ୟବହାର କରିବାକୁ ସ୍ଥାନୀୟ ବାସିନ୍ଦା ଅଡି ବସିଛନ୍ତି। ଯେଉଁ କାରଣରୁ ଦୀର୍ଘଦିନ ହେବ ଟର୍ମିନାଲ ପ୍ରତିଷ୍ଠା ସମ୍ଭବ ହୋଇପାରୁନି। ଏନେଇ ତହସିଲଦାର ମୋନେଶ୍ୱରୀ ଦାସଙ୍କୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ସେ ଫୋନ ଉଠାଇ ନ ଥିଲେ।


ଜନଶୁଣାଣିରେ ଏକତ୍ରିତ ହୋଇଥିବା ଗ୍ରାମବାସୀ।

## ଆର୍ଏସ୍ପି ଠିକା ଶ୍ରମିକଙ୍କ ପାଇଁ 'ପ୍ରୟାସ' ର ସ୍ୱତନ୍ତ୍ର ଅଧିବେଶନ

ରାଉରକେଲା ଅଫିସ, ୨୦।୯

ଠିକା ଶ୍ରମିକଙ୍କ ପାଇଁ 'ପ୍ରୟାସ'ର ଏକ ସ୍ୱତନ୍ତ୍ର ଅଧିବେଶନ ଇସ୍ପାତ ଜେନେରାଲ ଡାକ୍ତରଖାନାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଜିଏଚ୍ ଅଞ୍ଚଳରେ କାର୍ଯ୍ୟରତ ୩୭ଜଣ ମହିଳା ଠିକା ଶ୍ରମିକ ଭାଗ ନେଇଥିଲେ। ଏହାର ଉଦ୍‌ଘାଟନୀ ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ.ଏସ୍.ଏସ୍.ପତି ଅଧକ୍ଷତା କରିଥିଲେ। କାର୍ମିକ ଠିକା ଶ୍ରମିକ ସେଲ ଓ ପ୍ରକଳ୍ପ ବିଭାଗର ଡିଜିଏମ୍ ଟି.ଜି.କାନେକର ଶ୍ରମିକମାନଙ୍କ ଇଏସ୍ଆଇ ଓ ଭବିଷ୍ୟନିଧି ପାଣ୍ଠି ବିଷୟରେ ବୁଝାଇଥିଲେ। ଡେପୁଟି ମ୍ୟାନେଜର ଅବିନାଶ ଠିକା ଶ୍ରମିକଙ୍କ ବ୍ୟବହାରଗତ ସୁରକ୍ଷା ସନ୍ଦର୍ଭରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। କାର୍ମିକ ସିଏଲ୍ସି ବିଭାଗର ଶ୍ରମ ନିରୀକ୍ଷକ ଟି.ଏ.କେ. ପାତ୍ର ଠିକା ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ସୁବିଧା, ଦାୟିତ୍ୱ, ମଜୁରୀ ଢାଞ୍ଚା, ବ୍ୟାଙ୍କ ଜରିଆରେ ମଜୁରି ପ୍ରଦାନ,ପେ ସ୍ଲିପ୍ ଏବଂ ମେଡିକାଲ ସୁବିଧା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ସହକାରୀ କାର୍ଯ୍ୟନିର୍ବାହୀ ସାବିତ୍ରୀ ସାହୁ ଏସଏ ୮୦୦୦ର ବିଭିନ୍ନ ନିୟମ ଯଥା ଶିଶୁ ଶ୍ରମିକ, ଗୋତି ଶ୍ରମିକ,ସ୍ୱାସ୍ଥ୍ୟ, ଅବହେଳା, କାର୍ଯ୍ୟ ନିର୍ଘଣ୍ଟ, ସୁରକ୍ଷା, ମଜୁରି ଏବଂ ଅପମାନଜନକ ଭାଷା ଆଦି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଆରଏସ୍ପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କଲ୍ୟାଣ ପାଇଁ 'ପ୍ରୟାସ' ଆରଏସ୍ପି ଦ୍ୱାରା ପ୍ରାୟୋଜିତ ଏକ ଯୋଗାଯୋଗ ବୈଠକ ଅଟେ। ଅଦ୍ୟାବଧି ପ୍ରୟାସ ଅଧୀନରେ ୧୩୪୭ଜଣ ଠିକା ଶ୍ରମିକ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇସାରିଛନ୍ତି।



ପ୍ରୟାସର ସ୍ୱତନ୍ତ୍ର ଅଧିବେଶନରେ ମଞ୍ଚାସୀନ ଅଧିକାରୀ ଓ ସମବେତ ମହିଳା ଠିକା ଶ୍ରମିକ।

## ଏନ୍ସିସି ଶିକ୍ଷାର୍ଥୀଙ୍କ ଦ୍ୱାରା ମେଗା ସ୍ୱଚ୍ଛତା ପକ୍ଷ ପାଳିତ

ରାଉରକେଲା ଅଫିସ, ୨୦।୯

ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ନବମ ଓଡିଶା ବାଟାଲିଆନ(ଏନସିସି)ର ଶିକ୍ଷାର୍ଥୀମାନେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମେଗା ସ୍ୱଚ୍ଛତା ପକ୍ଷ ପାଳନ କରୁଛନ୍ତି। ଗତ ୧୭ ତାରିଖ ଦିନ ପ୍ରଥମେ ବାଟାଲିଆନର କମାଣ୍ଡିଂ ଅଫିସର ଡି.ଏସ୍. ପିଟରସିଙ୍କ ଦ୍ୱାରା ଉଦଘାଟନ ସମାରୋହ ଅନୁଷ୍ଠିତ ହେବା ସହ ସେକ୍ଟର-୫ ଟ୍ରେନିଜ ହଷ୍ଟେଲ ପଡ଼ିଆରେ ମେଗା ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ୧୮ ତାରିଖ ଦିନ ଏକ ସ୍ୱଚ୍ଛତା ଶୋଭାଯାତ୍ରା ସେକ୍ଟର-୫ ଗୋଲଗର ବସ୍ତିରେ ବିଭିନ୍ନ ପୋଷ୍ଟର ଧରି ଜନ ସଚେତନତା ସୃଷ୍ଟି କରିଥିଲେ।୧୯ ତାରିଖ ଦିନ ଆମେ ସହରକୁ କିପରି ସ୍ୱଚ୍ଛ ରଖିପାରିବା ତା'ଉପରେ ଶିକ୍ଷାର୍ଥୀମାନେ ବକ୍ତବ୍ୟ ଦେବା ସହିତ ଅନ୍ୟମାନଙ୍କୁ ଜାଗ୍ରତ କରିଥିଲେ। ଏହି ଅଭିଯାନକୁ ସଫଳ କରିବାରେ କଲୋନେଲ.ଭେଙ୍କଟେଶ, କ୍ୟାପଟେନ ସତ୍ୟନାରାୟଣ ରାଉତ, ଏଫ/ଓ ୟୁ.କରଣ, ମିତାଲି କର୍ମକାର, ଏସ୍/ଓ ପ୍ରଦୀପ ରାଉତ, ଟିଓ ପି.ସେଠୀ ତଥା ପିଆଇ କର୍ମଚାରୀଙ୍କ ସହଯୋଗରେ ପାଳନ କରାଯାଉଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।


ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଅଧିକାରୀମାନଙ୍କ ସହ ଶିକ୍ଷାର୍ଥୀମାନେ।

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

## ଦେଶୀ ମଦ, ପୋଚ ଜବତ: ୮ ଗିରଫ

ରାଉରକେଲା ଅଫିସ, ୨୦।୯

ସୁନ୍ଦରଗଡ଼ ଜିଲା ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ରାଉରକେଲା ଅବକାରୀ ବିଭାଗର ଅଧିକାରୀମାନେ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହ ଦେଶୀ ରନ୍ଧାମଦ, ମହୁଲ ପୋଚ ଓ ବହୁ ଡ୍ରମ ଜବତ କରାଯାଇଛି। ଏହାସହ ଅବକାରୀ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ଅବକାରୀ ବିଭାଗ ୭୫୫ ଲିଟର ଦେଶୀ ରନ୍ଧା ମଦ, ୮୫୦୦କେଜି ମହୁଲ ପୋଚ,୨୫୦ କେଜି ହାଣ୍ଡିଆ ପୋଚ ଏବଂ ୫୦ଟି ଡ୍ରମ ଜବତ କରିଛି। ଶୁକ୍ରବାର ରାଉରକେଲା ଅବକାରୀ ବିଭାଗ ଅଧିକାରୀ ମିହିର ସେଠୀ,ଅବନୀ ମହାପାତ୍ର, ପ୍ରମୋଦ ଚୌଧୁରୀ ଓ ବୀରମିତ୍ରପୁର ଏସଆଇ ନାରାୟଣ ଜେନା ସଦଳବଳେ ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର,ଭାଲୁଲତା ଭୁଲ୍କାବାହାଲ, ଜରେଇକେଲା, ମାକରକନ୍ଦ, ଟିକମଗଡ଼ ଇତ୍ୟାଦି ଗ୍ରାମରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଟିକମଗଡ଼ ଗ୍ରାମର ମନୋଜ ସିଂ, ମିଥୁନ କୁମାର, ଜରେଇକେଲା ମାକରକନ୍ଦ ଗ୍ରାମର ଅର୍ଜୁନ ମାହାତୋ ଏବଂ ସନ୍ତୋଷପୁର ଗ୍ରାମର ମୁନା ଧନକାର, ସୁମନ କୁଜୁର, ଶୁକ୍ର ଟପ୍ପୋ, ବିଧାନ ଟପ୍ପୋ ଓ ଫୁଲମଣୀ ଲାକ୍ରାଙ୍କୁ ଗିରଫ କରିଛି।

## ବିଶିଷ୍ଟ ନାଗରିକ ସମ୍ମାନ ପାଇଁ ପ୍ରସ୍ତୁତି

ରାଉରକେଲା ଅଫିସ, ୨୦।୯

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ମାହାଙ୍ଗା ବିଧାୟକ ତଥା ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଶିଷ୍ଟ ନାଗରିକ ସମ୍ମାନ ପ୍ରଦାନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସଂସଦ ସଭାପତି ଅରୁଣ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୨୨ ତାରିଖ ରବିବାର ଦିନ ମନ୍ତ୍ରୀ ଜେନାଙ୍କୁ ସମ୍ମାନ ପ୍ରଦାନ କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, ସମ୍ପାଦକ ମନୋଜ ସାମଲ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ସଚଳା ପଣ୍ଡା, ହରିହର ବେହେରା, ରେଣୁବାଳା ସାମଲ, ବିଶ୍ୱରଞ୍ଜନ କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଂସଦର କର୍ମକର୍ତ୍ତାବୃନ୍ଦ।

### ଜନ ଆଲାପଟ୍ଟଙ୍କୁ ଶ୍ରଦ୍ଧାଞ୍ଜଳି

## ସାମାଜିକ ପରିବର୍ତ୍ତନରେ ଫାଦରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା ଅଫିସ,୨୦।୯

କମ୍ୟୁନିଟି ୱେଲଫେୟାର ସୋସାଇଟି (ସିଡବ୍ଲୁଏସ୍) ପରିବାର ପକ୍ଷରୁ ଫାଦର ଜନ ଆଲାପଟ୍ଟଙ୍କୁ ସିଭିକ ସେଣ୍ଟରଠାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା। ଏଥିରେ ବିଭିନ୍ନ ବର୍ଗର ଧର୍ମାବଲମ୍ବୀ ଯଜ୍ଞପ୍ରସାଦ ଦାସ, ମୌଲାନା ଗୁଲାମ ମୁସ୍ତାଫା, ସୁଖବିନ୍ଦର ସିଂ, ଫାଦର ଷ୍ଟିଫେନ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଫାଦର ଆଲାପଟ୍ଟଙ୍କ ଉପରେ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦାସ କହିଥିଲେ ଆଲାପଟ୍ଟ ଜଣେ ସଚ୍ଚୋଟ ସମାଜସେବୀ ଥିଲେ। ସେ ଯେଉଁ କାମ କରୁଥିଲେ ତାକୁ ନିଷ୍ଠାର ସହ ଶେଷ କରୁଥିଲେ। ତାଙ୍କୁ ଯେତେ ପ୍ରଶଂସା କଲେ କମ ହେବ ବୋଲି ଦାସ ମତବ୍ୟକ୍ତ କରିଥିଲେ। ସିଡବ୍ଲୁଏସ୍ ପରିଚାଳନା କମିଟି ସମ୍ପାଦକ ବେନିଚାନ ପିଟର କହିଥିଲେ ଫାଦର ଆଲାପଟ୍ଟ ଥିଲେ ପ୍ରେରଣାର ଉତ୍ସ। ତାଙ୍କ ନୀତି ଆଦର୍ଶ ଅନ୍ୟମାନଙ୍କୁ ପ୍ରଭାବିତ କରିଥିଲା। ସାମାଜିକ ପରିବର୍ତ୍ତନରେ ତାଙ୍କ ଭୂମିକ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଥିଲା। ଏଥିରେ ପରିବେଷିତ ନାଟକ ଦୂରଦର୍ଶୀ ବେଶ୍ ଆକର୍ଷଣୀୟ ହୋଇଥିଲା। ରାଉରକେଲା ବିଧାୟକ ସାରଦା ନାୟକ ଆଲାପଟ୍ଟଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ କର୍ମମୟ ଜୀବନ ଉପରେ ଆଲୋପାତ କରିଥିଲେ। ଦୀର୍ଘ ୩୦ ବର୍ଷ ପୂର୍ବେ ଆଲାପଟ୍ଟ ରାଉରକେଲାବାସୀଙ୍କ ପାଇଁ କରିଯାଇଥିବା କର୍ମ ଆମ ପାଇଁ ଅଭୁଲା ହୋଇ ରହିବ ବୋଲି ନାୟକ କହିଥିଲେ। ଏଥିରେ ଆବ୍ରାହମ କୁରିଅନ, ସାମାଜିକ କର୍ମୀ ଗୋପାଳ ଦାସ, ରାଜ ଶେଖର, ହର୍ମନ ମିଂଜ, ଅନୁପମା ଟପୋ, ଡାକ୍ତର ପି.କେ.ପରିଡା, ସୁମନ ଦତ୍ତ, ରାଜେଶ ଗୋସାଇଁ, ଉମା ଜେନା ଓ ନାରାୟଣ ପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବହୁ ସଂଘ, ସଂଗଠନ କର୍ମକର୍ତ୍ତା ଉପସ୍ଥିତ ରହି ଫାଦର ଆଲାପଟ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


ଫାଦର ଜନ ଆଲାପଟ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ୍

## ସଂକ୍ଷେପରେ

### ଯୌତୁକ ଜୁଇରେ ରୁବିନା ବାରିକ

**ବ୍ରଜରାଜନଗର, ୨୦।୯ (ଡି.ଏନ୍.ଏ.)-** କାଳୀନଗର କଲୋନୀ ପାଖରେ ବୁଧବାର ଆତ୍ମହତ୍ୟା କରିଥିବା ରୁବିନାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା କୈଳାଶ ଚନ୍ଦ୍ର ବାରିକ ଓରିଏଣ୍ଟ ଥାନାରେ ଅଭିଯୋଗ କରିଛନ୍ତି। ବର୍ଷେ ତଳେ ପ୍ରେମ ବିବାହ କରିଥିବା ସୁଜିତ ପୃଷ୍ଟେଠ୍ ରୁବିନାକୁ ବିଭିନ୍ନ ସମୟରେ ଯୌତୁକ ଆଣିବାକୁ କହି ହଇରାଣ କରୁଥିଲେ। ଏ କଥା ରୁବିନା ତାଙ୍କୁ କହିଥିବା ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଓରିଏଣ୍ଟ ଥାନା ପୋଲିସ କେସ୍ ନଂ. ୯୫/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ବି. ଦଲାଇ ପ୍ରକାଶ କରିଛନ୍ତି।

### ବିବାହିତ ମହିଳାଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର, ୨୦।୯ (ଡି.ଏନ୍.ଏ.)-** ବ୍ରଜରାଜନଗର ଥାନା ଅନ୍ତର୍ଗତ ହରିଓମ୍ ବିହାରର ଜଣେ ବିବାହିତା ମହିଳା ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରଶ୍ମିତା ବେହେରା (୨୫) ଓ ଘର କଟକ ଜିଲା ନରସିଂହପୁରରେ ବୋଲି ଜଣାପଡ଼ିଛି। ତାଙ୍କର ଗୋଟିଏ ୫ ବର୍ଷର ପୁଅ ମଧ ଥିବା ଜଣାଯାଇଛି। ସ୍ୱାମୀ ସୁବଲ ବେହେରା (୩୪)ଙ୍କ କହିବା କଥା ଗୁରୁବାର ରାତ୍ରିରେ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ସେ ଖାଇପିଇ ଶୋଇ ପଡିଥିଲେ। ସକାଳ ୭ଟାରେ ଉଠି ଦେଖିଲା ବେଳକୁ ରଶ୍ମିତା ବେକରେ ଶାଢ଼ି ଦେଇ ଛାତ ହୁକ୍‌ରେ ଝୁଲୁଛନ୍ତି। ସୁବଲ ରଶ୍ମିତା କାଳେ ବଞ୍ଚିଥିବ ଭାବି ସେ ଝୁଲୁଥିବା ଶାଢ଼ିକୁ କାଟି ଦେଇ ତଳକୁ ଓହ୍ଲାଇ ଥିଲେ। ପରେ ଘଟଣା ସମ୍ପର୍କରେ ଥାନାକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ଘଟଣାର ତଦନ୍ତ କରୁଛି।

ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ଶ୍ରମିକ ଆହତ ଘଟଣା

### ଚିକିତ୍ସା ପାଇଁ ନର୍ସିଂହୋମରେ ଭର୍ତ୍ତି

**ଲଖନପୁର, ୨୦।୯ (ଡି.ଏନ୍.ଏ.)-** ଗତ ବୁଧବାର ଲଖନପୁର ବ୍ଲକ ପଲସଦା ପଞ୍ଚାୟତର ନିର୍ମାଣାଧୀନ ମାର୍କେଟ୍ କମ୍ପ୍ଲେକ୍ସ ଛାତ ଉପରେ କାର୍ଯ୍ୟରତ ନାଚେନମୁରା ଗ୍ରାମର ମହିଳା ଶ୍ରମିକ ସରସ୍ୱତୀ ମରେଇ(୪୨) ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ଗୁରୁବାର ସନ୍ଧ୍ୟାରେ ପଞ୍ଚାୟତ କର୍ତ୍ତୃପକ୍ଷ ଝାରସୁଗୁଡ଼ାର ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତରିତ କରିଛନ୍ତି। ନର୍ସିଂହୋମରେ ଚିକିତ୍ସା ଆରମ୍ଭ ହେବାପରେ ଆହତ ମହିଳା ଶ୍ରମିକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିବା ଜଣାଯାଇଛି। ଆହତ ମହିଳା ଶ୍ରମିକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ପଞ୍ଚାୟତ ତରଫରୁ ବହନ କରାଯାଉଥିବା ଜଣାଯାଇଛି। ମହିଳାଙ୍କ ଚିକିତ୍ସା ପାଇଁ ପଞ୍ଚାୟତ ସାହାଯ୍ୟ ସହଯୋଗ କରିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶିକାନ୍ତ ଚାନ୍ଦ କହିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ଲଖନପୁର ଯୁବ ସଂଗଠନ ସଦସ୍ୟ ଡ.ଗିରିଶ ରାଉତ ଶୁକ୍ରବାର ସକାଳେ ନର୍ସିଂହୋମରେ ପହଞ୍ଚି ଆହତ ମହିଳା ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହିତ ବିଚାର ବିମର୍ଶ କରିଥିଲେ।

# ଦୁର୍ଗାପୂଜା ଉପଲକ୍ଷେ ଜିଲାସ୍ତରୀୟ ଶାନ୍ତି କମିଟି ବୈଠକ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୦।୯(ଡି.ଏନ୍.ଏ.)**

ଆଗକୁ ଆସୁଛି ପାର୍ବଣ ଦୁର୍ଗାପୂଜା। ଜିଲାରେ ଏହି ପାର୍ବଣ କିଭଳି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ଏନେଇ ଶୁକ୍ରବାର ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ

■ ପଲିଥିନ୍, ଥର୍ମକୋଲ୍, ଡିଜେ ନିଷିଦ୍ଧ

■ ୯ ଓ ୧୦ ତାରିଖରେ ହେବ ଭସାଣି

ଜିଲାପାଳ ପ୍ରଦୀପ କୁମାର ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି,ଏସ୍‌ଡିପିଓ କୈଳାଶ ଆଚାର୍ଯ୍ୟ ଓ ବିଭିନ୍ନ ପୂଜାକମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂଜା ସମୟରେ ବିଶେଷ



ଶାନ୍ତି କମିଟି ବୈଠକରେ ଜିଲାପାଳ ସରୋଜ କୁମାର ସାମଲଙ୍କ ସହିତ ଅନ୍ୟମାନେ।

ଭାବେ ସହରମାନଙ୍କରେ ଲୋକଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ, ରାସ୍ତାଘାଟ ଆଲୋକୀକରଣ, ସ୍ୱଚ୍ଛ ପରିମଳ ଆଦି ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତ୍ୟେକ ପୂଜା କମିଟିର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀଙ୍କ ନାମ ସହିତ ମୋବାଇଲ ନମ୍ବରର ତାଲିକା ଉଦ୍ଦିଷ୍ଟ ଥାନାମାନଙ୍କରେ ଦାଖଲ କରିବେ। ପୋଲିସ ତରଫରୁ ସେମାନଙ୍କୁ ପରିଚୟପତ୍ର ଓ ବ୍ୟାଜ୍ ପ୍ରଦାନ କରାଯିବ। ସେହିପରି ଭସାଣି ଉତ୍ସବ ଆସନ୍ତା ୯ ଓ ୧୦ ତାରିଖ ରାତି ୧୦ ମଧ୍ୟରେ ନିର୍ଦ୍ଧାରିତ ନୀତିନିୟମରେ ସମ୍ପନ୍ନ କରିବେ। ଏଥିରେ ଡିଜେ ସାଉଣ୍ଡ୍ ବ୍ୟବହାର ନ କରିବା, ମାଦକଦ୍ରବ୍ୟ ସେବନ ନ କରିବା, ପୋଲିସ ସହିତ ସମନ୍ୱୟ ରକ୍ଷା କରିବା, ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ରକ୍ଷା କରିବା, ପୂଜା ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର, ସିଲିଣ୍ଡର ଗ୍ୟାସ୍, ବାଲି, ପାଣି ଆଦି ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଏହା ସହିତ ପୂଜାମଣ୍ଡପରେ ପଲିଥିନ୍ ଓ ଥର୍ମକୋଲ୍ ବ୍ୟବହାର ନ କରିବା ପାଇଁ ଜିଲାପାଳ ସାମଲ ଅନୁରୋଧ କରିଛନ୍ତି। ଜିଲାପାଳଙ୍କ ଉପରୋକ୍ତ ପରାମର୍ଶକୁ ପୂଜାକମିଟି କର୍ମକର୍ତ୍ତାମାନେ ସ୍ୱାଗତ କରିବା ସହ ସହମତି ପ୍ରକାଶ କରିଥିଲେ।

# ୪୦ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

**କୋଲାବିରା,୨୦।୯ (ଡି.ଏନ୍.ଏ.)**

କୋଲାବିରା ଥାନା ଅନ୍ତର୍ଗତ ଶିରିଆପାଲି ନିକଟସ୍ଥ କାପୁଟିକରା ଗ୍ରାମରୁ ୪୦ ଲିଟର ଦେଶୀମଦ ସହ ପୋଲିସ ଜଣକୁ ଗିରଫ କରିଛି। କୋଲାବିରା ଅଞ୍ଚଳରେ ବିଭିନ୍ନ ଢାବା, ଛୋଟମୋଟ ଦୋକାନ ସମେତ ଅନେକ ଗ୍ରାମରେ ବେଧଡ଼କ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଛାପାମାରି ମଦ ବେପାରୀଙ୍କୁ ଗିରଫ ମଧ୍ୟ କରାଯାଉଛି। ହେଲେ ଅଞ୍ଚଳରେ ଦେଶୀ ମଦ ତିଆରି ଓ ବିକ୍ରି କମିବା ବଦଳରେ ବଢୁଥିବା ପରିଲକ୍ଷିତ ହେଉଛି। ଆଜି କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ଗିରିଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଛାପାମାରିଥିଲା। ଏହି ସମୟରେ ଶିରିଆପାଲି ନିକଟସ୍ଥ କାପୁଟିକ୍ରା ଗ୍ରାମରେ ଦେଶୀ ମଦ ତିଆରି ଓ ବିକ୍ରି



ଜବତ ମଦ ସହ ଅଭିଯୁକ୍ତ।

କରୁଥିବା ଅଭିଯୋଗରେ ଗ୍ରାମର ପ୍ରକାଶ କିଶାନ(୩୨)ଙ୍କୁ ଗିରଫ କରିଛି। ପ୍ରକାଶ ପାଖରୁ ପୋଲିସ ପାଖାପାଖି ୪୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। କୋଲାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ଆସନ୍ତାକାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛି।



ଜିଲାର କଳାକାରମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ଅବସରରେ।

■ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

# ୭ମାସ ହେଲା ୫୭୨ଜଣ କଳାକାର ଭତ୍ତାରୁ ବଞ୍ଚିତ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୦।୯(ଡି.ଏନ୍.ଏ.)**

ଦୀର୍ଘ ୭ ମାସ ହେଲା କଳାକାର ଭତ୍ତା ମିଳି ନ ଥିବାରୁ ଝାରସୁଗୁଡ଼ା ଜିଲାର କଳାକାରମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଜିଲାର ସମୁଦାୟ ୫୭୨ଜଣ କଳାକାର ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବିଷୟ ଉଲ୍ଲେଖ ରହିଛି। ଏହି କଳାକାରମାନେ ଗତ ନଭେମ୍ବର ମାସରୁ ୪ ମାସଧରି ଭତ୍ତା ପାଇଥିଲେ। ପରେ ୭ ମାସ ହେଲା କଳାକାରମାନଙ୍କୁ ଭତ୍ତା ମିଳିନାହିଁ। କଳାକାରମାନଙ୍କ ମଧ୍ୟରୁ କେତେକ କଳାକାର ପୂର୍ବରୁ ଅନ୍ୟାନ୍ୟ ଭତ୍ତା ପାଉଥିଲେ। ଏମାନେ କଳାକାର ସହାୟତା ଯୋଜନାରେ ସାମିଲ ହେଲାପରେ ପୂର୍ବରୁ ମିଳୁଥିବା ଅନ୍ୟାନ୍ୟ ଯୋଜନା ସବୁରୁ ବାଦ ପଡିଛନ୍ତି। ଫଳରେ କଳାକାରମାନେ ସରକାରୀ ସହାୟତା(ଭତ୍ତା)ରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ଆର୍ଥିକ ଅନଟନ ଦେଇ ଗତିକରୁଛନ୍ତି। ଯଥାଶୀଘ୍ର ବକେୟା ଭତ୍ତା ସହ ନିୟମିତ ଭତ୍ତା ଯୋଗାଇ ଦେବାପାଇଁ କଳାକାରମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଅଜଣା ବୃଦ୍ଧଙ୍କ ମୃତ୍ୟୁ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୦।୯(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଜଣା ବୃଦ୍ଧ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ତାଳପଟିଆ ଫାଣ୍ଡି ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ବୃଦ୍ଧଙ୍କ ମୃତଦେହ ଜବତ କରିଛି। ପରିଚୟ ଜାଣିବା ପାଇଁ ପୋଲିସ୍ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖିଛି। ଏନେଇ ପୋଲିସ୍ ଝାରସୁଗୁଡା ଥାନାରେ ଅପମୃତ୍ୟୁ କେସ (ନଂ.୪୧/୧୯)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାନୁସାରେ ବୃଦ୍ଧ ଜଣକ କିଛିଦିନ ହେଲା ଝାରସୁଗୁଡ଼ା ରେଳ ଷ୍ଟେଶନରେ ବୁଲାବୁଲି କରି ମାଗିଯାଚି ଖାଉଥିଲେ। ଏଭଳି ସ୍ଥିତିରେ ତାଙ୍କ ଗୋଡ଼ରେ ଘା' ହୋଇ ସଂକ୍ରମଣ ହୋଇଥିଲା। ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଷ୍ଟେଶନ କର୍ତ୍ତୃପକ୍ଷ ଗତ ୯ ତାରିଖରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସମୟରେ ବୃଦ୍ଧ ଜଣକ ସ୍ୱଳ୍ପ କଥା କହିପାରୁଥିବାରୁ ତାଙ୍କ ନାମ ସନ୍ଦିପ ଗୌଡ଼ ବୋଲି କହିପାରିଥିଲେ। ଫଳରେ ବୃଦ୍ଧଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ବିଭିନ୍ନ ଥାନାକୁ ସୂଚନା ଦେଇଥିବା ଜଣାଯାଇଛି।

# ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଅଧିବେଶନ

**କୋଲାବିରା, ୨୦।୯ (ଡି.ଏନ୍.ଏ.)**

ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଅଧିବେଶନ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଚଳିତ ବର୍ଷ ହେବାକୁଥିବା ବାର୍ଷିକ ଉତ୍ସବର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହା ସହିତ ସଂସଦର ମୁଖପତ୍ର 'ଅଗ୍ନିତୀର୍ଥ' ଏବଂ ଅର୍ଜୁନ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ରଚିତ 'ସୀତାଦେବୀଙ୍କର ବାଲିପିଣ୍ଡଦାନ' ଉନ୍ମୋଚନ ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ୧୦।୧୧।୧୯ରେ କୋଲାବିରାଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅବସରରେ ଉକ୍ତ ପୁସ୍ତକ ଉନ୍ମୋଚନ ସହିତ ସଭାରେ ସମ୍ବର୍ଦ୍ଧନା ପ୍ରତିଭା ଚୟନ କରାଯାଇଥିଲା। ସେହିପରି ଉତ୍ସବ ଦିନ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସଭାସ୍ଥଳୀକୁ ଜ୍ୟୋତି ଅଣାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମାଟିପୁତ୍ର ସୁବାସ ଚନ୍ଦ୍ର ନାଏକ, ସଂଯୋଜକ ତ୍ରୈଲୋକ୍ୟ ନାଥ ମହାପାତ୍ର, ପ୍ରଜ୍ଞାନିଧି ଅଭିମନ୍ୟୁ ପଟେଲ, ସଂପାଦକ କୀର୍ତ୍ତି ଚନ୍ଦ୍ର ବହିଦାର, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତିଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶାର ଏହି ଅଗ୍ରଣୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ଏହି ଅବସରରେ ସଂସଦର କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୌସୁମୀ କବିତା ଆସର ଓ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କବିତା ଆସରରେ କବି ଶୋଭାଚନ୍ଦ୍ର ନାଏକ, ତ୍ରୈଲୋକ୍ୟନାଥ ମହାପାତ୍ର, ଅଭିମନ୍ୟୁ ପଟେଲ, ଲଳିନ୍ଦ୍ର ଗୋଖରା ପ୍ରମୁଖ କବିତା ପାଠ କରିଥିଲେ।




ବୈଠକରେ ଉପସ୍ଥିତ ସଂସଦର କର୍ମକର୍ତ୍ତାମାନେ।

# ସ୍ୱାଭାବିକ ହେଲା ପାନୀୟ ଜଳ ଯୋଗାଣ

**କୋଲାବିରା, ୨୦।୯ (ଡି.ଏନ୍.ଏ.)**

ମୋଟର ପୋଡ଼ି ଯୋଗୁ ଗତ ଶନିବାରଠାରୁ କୋଲାବିରା ଗ୍ରାମକୁ ୫ ଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି କୋଲାବିରା ବିଡିଓ ଯୁଦ୍ଧକାଳୀନଭିତ୍ତିରେ ନୂତନ ମୋଟର ଲଗାଇ ଜଳ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଗ୍ରାମ୍ୟ ପାନୀୟ ଜଳ ଯୋଗଣ ବିଭାଗ ତରଫରୁ ନୂତନ ମୋଟର ଖଞ୍ଜାଯାଇ ଗୁରୁବାର ଜଳ ଯୋଗାଣକୁ ସ୍ୱାଭାବିକ କରାଯାଇଛି। ପଞ୍ଚାୟତ ପ୍ରଶାସନ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସମନ୍ୱୟ ଅଭାବରୁ ଏପରି ଅଭାବନୀୟ ଘଟଣା ବାରମ୍ବର ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

■ ରପ୍ତାନିରେ ଉତ୍କୃଷ୍ଟତା

# ଟିଆର୍‌ଏଲ୍ କ୍ରୋସାକିକୁ କାପକ୍ସିଲ ପୁରସ୍କାର

**ବେଲପାହାଡ଼,୨୦।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜକୁ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କାପକ୍ସିଲ ପୁରସ୍କାର ପ୍ରଦାନ କରାଯାଇଛି। ସିରାମିକ୍ସ, ରିଫ୍ରାକ୍ଟୋରିଜ୍ ଓ ସମବର୍ଗୀ ଉତ୍ପାଦର ରପ୍ତାନି ଉତ୍କୃଷ୍ଟତା ପାଇଁ କମ୍ପାନୀକୁ ୨୦୧୮-୨୦୧୯ ବର୍ଷର କାପକ୍ସିଲ ପୁରସ୍କାର ମିଳିଛି। ଗତ ବୁଧବାର ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡାଙ୍କୁ ଏହି ପୁରସ୍କାର



କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ ସମୟରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଉପସଭାପତି (ଆନ୍ତର୍ଜାତିକ ବ୍ୟବସାୟ) ସୁମିତ ଘୋଷଲ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ୨୦୧୦-୨୦୧୧ ବର୍ଷ ପାଇଁ ଟିଆର୍‌ଏଲ କ୍ରୋସାକିକୁ କାପକ୍ସିଲ ପୁରସ୍କାର ମିଳିଥିଲା। କମ୍ପାନୀ ୨୦୧୮-୨୦୧୯ ବର୍ଷରେ ଭାରତର ଏକ ନମ୍ବର ରିଫ୍ରାକ୍ଟୋରିଜ୍ ଉତ୍ପାଦ କମ୍ପାନୀ ଭାବରେ ପରିଗଣିତ ହୋଇ ବିଦେଶକୁ ୨୧୨ କୋଟି ମୂଲ୍ୟର ରିଫ୍ରାକ୍ଟୋରିଜ ଉତ୍ପାଦ ରପ୍ତାନି କରିଛି। ଏହା ଭାରତରୁ ରପ୍ତାନି ହୋଇଥିବା ରିଫ୍ରାକ୍ଟୋରିଜ୍ ଉତ୍ପାଦର ୩୫ ପ୍ରତିଶତ ପାଖାପାଖି ହେବ ବୋଲି କମ୍ପାନୀର ସହକାରୀ ମହାପ୍ରବନ୍ଧକ ସନ୍ତୋଷ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା ରାଲି

**ବେଲପାହାଡ଼,୨୦।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ପ୍ଲାଷ୍ଟିକ୍ ବର୍ଜନକୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାଲିରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ପୌରପରିଷଦର ସଫେଇ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ସଚେତନତା ରାଲି ଗୁମାଡ଼େରା ଶହୀଦସ୍ତମ୍ଭ ନିକଟରୁ ବାହାରି ବେଲପାହାଡ଼ ଫାଟକସ୍ଥିତ ଆହାର କେନ୍ଦ୍ର ନିକଟରେ ଶେଷ ହୋଇଥିଲା। ରାଲିରେ ଯୋଗଦେଇଥିବା ଶତାଧିକ ମହିଳା ଓ ପୁରୁଷ ହାତରେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ରାଲିରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ପୂର୍ତ୍ତ ବିଭାଗ ଏସଡିଓ ଗାୟତ୍ରୀ ପଟେଲ ଓ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍‌ର ଜନସମ୍ପର୍କ ଅଧିକାରୀ ଶଶାଙ୍କ ଦୀକ୍ଷିତଙ୍କ ସମେତ କେତେଜଣ କାଉନସିଲର ଯୋଗ ଦେଇଥିଲେ। ପୂର୍ବରୁ ସରକାର ୫୦ ମାଇକ୍ରୋନରୁ କମ ମୋଟେଇ ପଲିଥିନ୍ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ପଲିଥିନ୍ ବ୍ୟବହାର ଯୋଗୁ ଏହାର କୁପ୍ରଭାବ ପରିବେଶ ଓ ଜୀବଜନ୍ତୁଙ୍କ ଉପରେ ପଡୁଛି। ଏହା ବ୍ୟତୀତ ବର୍ଷ ବର୍ଷ ଧରି ବିଘଟନ ହେଉ ନ ଥିବା ପଲିଥିନ୍ ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ଗାଈଗୋରୁ ଏହାକୁ ଆହାର ଭାବି ଖାଇ ଆକାଳ ମୃତ୍ୟୁମୁଖରେ ପଡୁଛନ୍ତି। ଏବେ ମଧ୍ୟ ଜନସଚେତନତା ଅଭାବରୁ ହାଟ, ବଜାର ଓ ଦୋକାନଗୁଡ଼ିକରେ ପଲିଥିନ୍‌ର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି।




ପୂର୍ତ୍ତ ବିଭାଗ ଓ ପୌରପରିଷଦ ଦ୍ୱାରା ଆୟୋଜିତ ପ୍ଲାଷ୍ଟିକ୍ ବର୍ଜନ ସଚେତନତା ରାଲି।

■ ଇବ୍‌ଥର୍ମାଲ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ନୋଟିସ୍

# ଅଭିଯୋଗ ଶୁଣାଣି କରିବ ପ୍ରଶାସନ

**ଲଖନପୁର, ୨୦।୯(ଡି.ଏନ୍.ଏ.)**

ଓପିଜିସିର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ କେତେକ ସୁବିଧା ସୁଯୋଗ ପାଇଥିବାବେଳେ ଆଉକେତେ ଦୀର୍ଘବର୍ଷ ହେଲା ବଞ୍ଚିତ ହୋଇ ରହିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଇବ୍‌ଥର୍ମାଲ ସଂଗ୍ରାମ ସମିତି ମାଧ୍ୟମରେ ନିଜର ହକ୍ ପାଇଁ ଲଢ଼େଇ ଜାରିରଖିଛନ୍ତି। ଏ ସମ୍ପର୍କରେ ସଂଗ୍ରାମ ସମିତି ବହୁବାର କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛି। ହେଲେ ଆଜି ବି ଅନେକ ବିସ୍ଥାପିତ, କ୍ଷତିଗ୍ରସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ଫଳରେ ସଂଗ୍ରାମ ସମିତି ହକ୍ ପାଇଁ ନିଜର ଲଢ଼େଇ ଜାରି ରଖି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ପୂର୍ବକ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲା। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ଗତ ଜୁଲାଇ ୨୨ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ବୈଠକର ଆୟୋଜନ କରିଥିଲା। ବୈଠକରେ ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଂଗ୍ରାମ ସମିତି ବୈଠକରେ ନିଜର ଦାବି ଉପସ୍ଥାପନା କରିଥିଲା। ଏହା ଦୀର୍ଘଦିନର ସମସ୍ୟା ହୋଇଥିବାରୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ବ୍ୟକ୍ତିଗତଭାବେ ପୁନର୍ବାର ଜିଲା ପ୍ରଶାସନ ନିକଟରେ ଦାବି ଜଣାଇବା ପାଇଁ ଉପଜିଲାପାଳ ଶିବ ଟପ୍ପୋ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ପ୍ରଶାସନ ନିକଟରେ ବ୍ୟକ୍ତିଗତଭାବେ ନିଜର ଦାବି ଜଣାଇଛନ୍ତି। ଏହାର ବିଚାର ପାଇଁ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ଜିଲା ପ୍ରଶାସନ ନୋଟିସ୍ ଜାରିକରିଛି। ଆସନ୍ତା ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ ଏହାର ଶୁଣାଣି ହେବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଏଥିରେ ସମୁଦାୟ ୩୪ ଜଣ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ବ୍ୟକ୍ତି ରହିଥିବା ବିଷୟ ସଂଗ୍ରାମ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ ଗଣମାଧ୍ୟମକୁ ଜଣାଇଛନ୍ତି। ଜିଲା ପ୍ରଶାସନର ହସ୍ତକ୍ଷେପ ଫଳରେ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ ବୋଲି ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ଆଶା ରଖିଛନ୍ତି।